ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୧/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, November 11/2021 | ★★★★★★

୪୭ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସଂକ୍ଷେପରେ

### ନିର୍ବାଚନ ହାରିଲେ ଯୋଗୀ ସନ୍ଥ ହୋଇଯିବେ

ବାଲିଆ(ୟୁପି), ୧୦।୧୧: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯଦି ଆଗାମୀ ବିଧାନସଭା ନିର୍ବାଚନରେ ହାରିଯାନ୍ତି, ତେବେ ସେ ପୁଣିଥରେ ସନ୍ଥ ହୋଇଯିବା। ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ରାମ ଇକ୍‌ବାଲ ସିଂ ବୁଧବାର ଏହା କହିଛନ୍ତି। ଯୋଗୀ ଗୋରଖନାଥ ମନ୍ଦିରର ମୁଖ୍ୟ ପୂଜକ ଅଛନ୍ତି। ସେ ଯଦି ମୁଖ୍ୟମନ୍ତ୍ରୀ ପଦରୁ ବିଦା ହୁଅନ୍ତି, ତେବେ କ୍ରୋଧିତ ହୋଇ ପୁଣିଥରେ ସନ୍ୟାସ ଜୀବନ ଆରମ୍ଭ କରିବେ ବୋଲି ସିଂ କହିଛନ୍ତି। ଚାଷୀମାନଙ୍କ ଦୁର୍ଦ୍ଦଶା ପାଇଁ ସେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଛନ୍ତି। ମୁଦ୍ରାସ୍ଫୀତି ଯୋଗୁ ଚାଷ କାର୍ଯ୍ୟ ପାଇଁ ଖର୍ଚ୍ଚ ବହୁତ ବଢ଼ିଯାଇଛି। ୟୁପିରେ ଭାଜପା ସରକାରଙ୍କ କାର୍ଯ୍ୟକୁ ମଧ ସେ ସମାଲୋଚନା କରିଛନ୍ତି। ଏହି ସରକାରଙ୍କ ମହାମାରୀ ପରିଚାଳନାକୁ ନେଇ ସେ ପୂର୍ବରୁ ପ୍ରଶ୍ନ ଉଠାଇଥିଲେ।

### ଖଣିମନ୍ତ୍ରୀଙ୍କୁ କେନ୍ଦୁଝରରେ ବିରୋଧ

କେନ୍ଦୁଝର,୧୦।୧୧(ସ୍ୱ.ପ୍ର.): ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ କେନ୍ଦୁଝର ଗସ୍ତ ବେଳେ ବୁଧବାର ନେକଡ଼ାଘର ନିକଟସ୍ଥ ଏନ୍‌ଏଚ୍ ୨୦ରେ ଭାଜପା କର୍ମୀମାନେ କଳା ପତାକା ପ୍ରଦର୍ଶନ କରିଥିଲେ। ଜିଲା ଯୋଜନା ବୋର୍ଡ ବୈଠକରେ ଯୋଗଦେବା ପାଇଁ ମନ୍ତ୍ରୀ କେନ୍ଦୁଝର ଆସିଥିବା ବେଳେ ଏଭଳି ଘଟଣା ଘଟିଛି। ଭାଜପାର ଦୀପକ ଜେନା, ରୂପକ ମହାନ୍ତ, ସବିର ଦାଶ, ଯଶୋବନ୍ତ ମହାରଣା, ଲକ୍ଷ୍ମଣ ମହାନ୍ତ, ଅକ୍ଷୟ ମହାରଣା ପ୍ରମୁଖ ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି କଳା ପତାକା ପ୍ରଦର୍ଶନ କରିଥିଲେ। ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ତଥା କେନ୍ଦୁଝର ଜିଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ କଳା ପତାକା ପ୍ରଦର୍ଶନ କରାଯାଇଥିବା ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି।

### ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ନୂଆପଡ଼ା ଅଫିସ,୧୦।୧୧: ନୂଆପଡା ଜିଲା କୋମନା ବ୍ଲକ ଜିଲା ପରିଷଦ ଜୋନ ନଂ-୧ ର ମିଛାପାଲିଠାରେ ବୁଧବାର ଭାରତୀୟ ଜନତା ପାର୍ଟିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଅଞ୍ଚଳର ଅନ୍ୟ ଦଳର ଶତାଧିକ କର୍ମୀ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଥିବା ସେମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ, ମା' ସୁନାଦେଈ ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗ, ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର ପ୍ରମୁଖ ଉପସ୍ଥିତ ରହି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ବିଷଦ ଆଲୋଚନା ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା

## ନବୀନଙ୍କ ଗସ୍ତକୁ ବିରୋଧ ବେଳେ ଭାଜପା-କଂଗ୍ରେସ ସହ ବିଜେଡି କର୍ମୀଙ୍କ ମୁହାଁମୁହିଁ

କଟକ ଅଫିସ, ୧୦।୧୧

କଟକ ଜିଲାର ଅରିଲୋଠାରେ ଓମ୍‌ଫେଡର ଅତ୍ୟାଧୁନିକ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ଭାଜପା ବିରୋଧ କରିଥିଲା। କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ବହୁସଂଖ୍ୟକ କର୍ମୀ ଶୋଭାଯାତ୍ରାରେ ଆସି ନାରାବାଜି ଦେବା ସହ ନରାଜ ପୋଲ ମୁଣ୍ଡରେ କଳାପତାକା ପ୍ରଦର୍ଶନ କରିଥିଲେ। ମମିତା ମେହେର ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଉଦାସୀନତା ଓ ଦୋଷୀଙ୍କୁ ସାଙ୍ଗରେ ଧରି ବୁଲିବା ଘଟଣାକୁ ନେଇ ଭାଜପା କର୍ମୀମାନେ ନିନ୍ଦା କରିଥିଲେ। ତେବେ ଭାଜପା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲି, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ରଞ୍ଜିତା ନାଏକ, ଜୟକୃଷ୍ଣ ସ୍ୱାଇଁ, ସବ୍ୟସାଚୀ ମହାପାତ୍ର, ସୁବାସ ମହାନ୍ତି,ସଞ୍ଜୀବ ଚିନାରା, ଅମ୍ବିକା ସାମଲ, ସଞ୍ଜୟ ଜେନା, ମହମ୍ମଦ ସବିରଙ୍କ ସମେତ ଅନ୍ୟ କର୍ମୀଙ୍କୁ ପୋଲିସ ଗିରଫ କରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା।

ସେହିପରି ଭାଜପା ଓ କଂଗ୍ରେସର କେତେଜଣ କର୍ମକର୍ତ୍ତା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ସମୟରେ ବିଜେଡି କର୍ମୀ ପହଞ୍ଚି ଅଟକାଇବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ସେଠାରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିଥିଲା। ଏଥିସହ ଭାଜପା ଓ କଂଗ୍ରେସର ପ୍ରାୟ ୭୦ଜଣ କର୍ମୀଙ୍କୁ ଗିରଫ କରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିବା ଏସିପି ଚନ୍ଦନ ଘଡେଇ କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଳାପତାକା ପ୍ରଦର୍ଶନ କରୁଥିବା ଭାଜପା କର୍ମୀଙ୍କୁ ପୋଲିସ ଗିରଫ କରିନେଉଛି।

# ଦିଲ୍ଲୀରେ ପହଞ୍ଚିଲା ଯୁବ କଂଗ୍ରେସର ଆନ୍ଦୋଳନ

**ମମିତା ହତ୍ୟା ଘଟଣା**

- ଓଡ଼ିଶା ସରକାରଙ୍କ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଘେରିଲା
- ଆଜି ଯନ୍ତରମନ୍ତରଠାରେ ଧାରଣା, ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ କରିବା ସହ ମାମଲାର ନିରପେକ୍ଷ ତଦନ୍ତ ଦାବିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତା'ର ଆନ୍ଦୋଳନକୁ ଜାତୀୟ ସ୍ତରକୁ ନେଇଛି। ବୁଧବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ମମିତା ହତ୍ୟା ମାମଲାରେ ମୁଖ୍ୟ ଅଭିଯୋଗଗୁଡିକୁ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଲେଙ୍କା କହିଛନ୍ତି, ରାଜ୍ୟରେ ଅପରାଧ ମାତ୍ରା ଏତେ ବଢ଼ିଯାଇଛି ଯେ ସାରା ଦେଶରେ ଓଡ଼ିଶା ନାରୀ ନିର୍ଯାତନା ମାମଲାରେ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅପରାଧୀମାନେ ହତ୍ୟା ଓ ବଳାତ୍କାର ଭଳି ଜଘନ୍ୟ ଅପରାଧ ଘଟାଉଛନ୍ତି। ମମିତା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସ୍କୁଲ ସଭାପତି ଗୋବିନ୍ଦ ସାହୁଙ୍କ ସହିତ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଓ ପୋଲିସ ପ୍ରଶାସନ ଜାଣିଶୁଣି ଏହି ମାମଲାର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ତଦନ୍ତ କରୁ ନ ଥିବା ଲେଙ୍କା ଅଭିଯୋଗ କରିଛନ୍ତି। ଏନେଇ ସାରା ରାଜ୍ୟରେ ଆନ୍ଦୋଳନ ଓ ଜନ ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ ରାଜ୍ୟ ସରକାର କୌଣସି ଉତ୍ତର ଦାୟିତ୍ୱ ନିର୍ବାହ କରୁନାହାନ୍ତି। ହେଲେ ଯୁବ କଂଗ୍ରେସ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ। ପ୍ରତିବାଦ ସ୍ୱରୂପ ୧୧ ତାରିଖ ଗୁରୁବାର ଯନ୍ତରମନ୍ତରଠାରେ ଗଣଧାରଣା ଦିଆଯିବ। ପରେ ଘଟଣାରେ ରାଷ୍ଟ୍ରପତିଙ୍କ ଦୃଷ୍ଟିଆକର୍ଷଣ କରାଯାଇ ସ୍ମାରକପତ୍ର ଦିଆଯିବ ବୋଲି ଲେଙ୍କା କହିଛନ୍ତି। ଏହି ବିକ୍ଷୋଭରେ ମହମ୍ମଦ ଅଲିମ, ଜ୍ଞାନେନ୍ଦ୍ର ମହାନ୍ତି, ରମଜାନ ଅଲ୍ଲି, ଶେଖ ଗୁଲାମୁହିଦ୍ଦିନ, ମହେଶ୍ୱର ପ୍ରଧାନ, ଆର୍ଯ୍ୟବୀର ଲେଙ୍କା, ବସନ୍ତ ପାଢ଼ୀ, ସତ୍ୟପ୍ରିୟ ସାମଲ, ଶ୍ରୀକାନ୍ତ ବିଶ୍ୱାଳ, ଅମ୍ରିତା ଦାସ, ନିକିତ ପରବିନ, ବଳରାମ ରାଉତ, ସତ୍ୟାନନ୍ଦ ରାଉତ ପ୍ରମୁଖ କଂଗ୍ରେସ ଯୁବ ନେତା ସାମିଲ ଥିଲେ।



ଓଡ଼ିଶା ଯୁବ କଂଗ୍ରେସର ଶତାଧିକ କର୍ମୀ ବୁଧବାର ଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ପୁଣି ମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼

ଭବାନୀପାଟଣା,୧୦।୧୧(ସ୍ୱ.ପ୍ର.)

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗକରି ତାଙ୍କର ବହିଷ୍କାର ଦାବିରେ କଳାହାଣ୍ଡି ଜିଲାରେ ବିରୋଧ ଜାରି ରହିଥିବା ଦେଖିବାକୁ ମିଳିଛି। ଏଭଳିସ୍ଥଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ବଣ୍ଟନ ପାଇଁ ଆସିଥିବା ମନ୍ତ୍ରୀଙ୍କୁ ବୁଧବାର ଜିଲାରେ ଅଣ୍ଡାମାଡ଼ କରାଯାଇଛି। ଜିଲାର ଥୁଆମୂଳ ରାମପୁର ବ୍ଲକ ଡୁମେରପଦର ଗାଁରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଗାଡ଼ି ଉପରେ ଅଣ୍ଡାମାଡ଼ ସହ କଳାପତାକା ପ୍ରଦର୍ଶନ କରିଛନ୍ତି କଂଗ୍ରେସ କର୍ମୀ। ମନ୍ତ୍ରୀ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ ପାଇଁ ଯାଉଥିବା ବେଳେ କଂଗ୍ରେସ କର୍ମୀମାନେ ବିରୋଧ ପ୍ରଦର୍ଶନ କରିଥିଲେ।

# 'ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ'

**ବରଗଡ଼ରେ ଭାଜପାର ଓଡ଼ିଶା ପ୍ରଭାରୀ**

- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବେନି ବରଗଡ଼ ଏମ୍‌ପି

ବରଗଡ଼ ଅଫିସ,୧୦।୧୧

ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ତଥା ଦଳର ଓଡ଼ିଶା ପ୍ରଭାରୀ ଡି. ପୁରେନ୍ଦଶ୍ୱରୀ ବୁଧବାର ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ ବରଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ରବି ନାରାୟଣ ଦାଶଙ୍କ ସଂଯୋଜନାରେ ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ସାଙ୍ଗଠନିକ ମଣ୍ଡଳଗୁଡ଼ିକୁ ସଶକ୍ତ କରିବା ସହିତ ପ୍ରତ୍ୟେକ ବୁଥ୍ କମିଟିକୁ ସକ୍ରିୟ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ପୁରେନ୍ଦଶ୍ୱରୀ ପରାମର୍ଶ ଦେଇଥିଲେ। ସେହିପରି ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ନବୀନ ସରକାର ବିଫଳ ହୋଇଥିବା ଯୋଗୁ ଏହାର ପ୍ରତିବାଦକୁ ଜୋର୍‌ଦାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଏମ୍‌ପି ସୁରେଶ ପୂଜାରୀ ବରଗଡ଼ରେ ପୋଲିସ ହେପାଜତରେ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଏବଂ କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ, ହତ୍ୟା ଘଟଣାରେ ରାଜ୍ୟ ସରକାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରିଥିଲେ। ଏହା ସହ ୧୩ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସୁଥିବା ଯୋଗୁ ସେ ଏହି ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବେ ବୋଲି ପୂଜାରୀ ଘୋଷଣା କରିଥିଲେ। ବୈଠକରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ମାନସ ମହାନ୍ତି, ରବି ନାଏକ, ରେଙ୍ଗାଲି ବିଧାୟକ ନାଉରି ନାଏକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ସମେତ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଭାଜପାର ଓଡ଼ିଶା ପ୍ରଭାରୀ ଡି. ପୁରେନ୍ଦଶ୍ୱରୀ।

# ଭାରତ ଆସିବା ଅଧିକାର ସବୁ ହିନ୍ଦୁଙ୍କର ରହିଛି: ହିମନ୍ତ

ନୂଆଦିଲ୍ଲୀ, ୧୦।୧୧(ପି.ଟି.)

ହିନ୍ଦୁମାନେ ବିଶ୍ୱର ଯେକୌଣସି ସ୍ଥାନରେ ରହିଲେ ମଧ ଅସୁବିଧାର ସମ୍ମୁଖୀନ ହେଲେ ସେମାନଙ୍କର ଭାରତ ଆସିବା ଅଧିକାର ରହିଛି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବୁଧବାର କହିଛନ୍ତି। କେବଳ ଗୋଟିଏ ପରିବାର ପାଇଁ ଦେଶରେ ଅଧିକାଂଶ ସମସ୍ୟା ସୃଷ୍ଟି ହୋଇଥିବା ସେ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି। ଟାଇମ୍ସ ନାଓ ସମିଟ୍‌ରେ ଯୋଗଦେଇ ଶର୍ମା କହିଥିଲେ, ଭାରତ ହିନ୍ଦୁମାନଙ୍କର ଏବଂ ଏହା ସେମାନଙ୍କ ସ୍ୱାଭାବିକ ବାସସ୍ଥାନ। ଏହା ସନାତନ ଓ ହିନ୍ଦୁ ସଭ୍ୟତାର ଦେଶ। ଭାଜପାକୁ ପରାଜିତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଲାଗି ଉଦ୍ୟମ ଚଳାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ନେତୃତ୍ୱ ନେବେ କି ପ୍ରଶ୍ନରେ ଶର୍ମା କହିଥିଲେ, ତାଙ୍କ ମତରେ ଯେତେବେଳେ ଜଣେ ନେତା ବା ନେତ୍ରୀ ନିଜେ ନିର୍ବାଚନ ହାରିଯାନ୍ତି, ସେତେବେଳେ ଉକ୍ତ ଦଳର ପରାଜୟ ହୋଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀରୁ ନିର୍ବାଚନ ହାରିଗଲେ, ଭାଜପା ବିଜୟୀ ହେଲା ବୋଲି କେହି କହିବେ ନାହିଁ ବୋଲି ଶର୍ମା କହିଥିଲେ।

# ଓଡ଼ିଶା ବନ୍ଦ ସଫଳ କରିବାକୁ ନିବେଦନ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ମମିତା ମେହେର ଅପହରଣ ଓ ହତ୍ୟା ମାମଲାକୁ ନେଇ ଆସନ୍ତା ୧୨ ତାରିଖ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ୬ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ। ଏହାକୁ ରାଜ୍ୟବ୍ୟାପୀ ସଫଳ କରିବା ତଥା ରାଜଧାନୀର ସବୁ ସ୍ଥାନରେ ଜୋର୍‌ଦାର ଆନ୍ଦୋଳନ କରିବା ପାଇଁ କଂଗ୍ରେସ ପୂରା ପ୍ରସ୍ତୁତ ରହିଛି। ବୁଧବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶ କହିଛନ୍ତି, ମମିତା ମେହେର ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ତୁରନ୍ତ ଗିରଫ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓଡ଼ିଶା ବନ୍ଦ ଡାକରାକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ଭୁବନେଶ୍ୱରର ସବୁ ଛକରେ ପିକେଟିଂ କରି ରାସ୍ତାରୋକୋ କରାଯିବ। ବନ୍ଦ ପାଳନବେଳେ ଜରୁରିକାଳୀନ ସେବାକୁ ବାଦ ଦିଆଯିବ। ଜନସାଧାରଣ ଏହି ବନ୍ଦ ପାଳନରେ ସାମିଲ ହେବା ସହ ସମସ୍ତ ସହଯୋଗ କରିବାକୁ ଦାଶ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀ ପୂର୍ବରୁ ୧୨ ତାରିଖ ଓଡ଼ିଶା ବନ୍ଦ ଓ ୧୯ ତାରିଖ ଜିଲା କାର୍ଯ୍ୟକାରିଣୀ ପାଇଁ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।




ମମିତା ମେହେର ହତ୍ୟା ଘଟଣାର ତଦନ୍ତ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୁଧବାର ଭୁବନେଶ୍ୱର ଶିଶୁଭବନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପୋଲିସ ଉପରକୁ ଅଣ୍ଡାମାଡ଼

## ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ ବେଳେ ଉତ୍ତେଜନା

ବାରିପଦା ଅଫିସ,୧୦।୧୧

ମୟୂରଭଞ୍ଜ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ବାରିପଦା ସ୍ଥିତ ଏସ୍‌ପି ଅଫିସ ଘେରାଉ ସମୟରେ ଅଭାବନୀୟ ଘଟଣା ଘଟିଛି। ଭାଜପା କର୍ମୀମାନେ ପୋଲିସ ଉପରକୁ ଅଣ୍ଡାମାଡ଼ କରିଥିବା ବେଳେ ଠେଲାପେଲାରେ ୨ଜଣ କର୍ମୀ ଆହତ ହୋଇଛନ୍ତି। ପୋଲିସ ଉପରକୁ ଏଭଳି ଅଣ୍ଡାମାଡ଼ ଘଟଣାକୁ ଜିଲାର ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଭାଜପା ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିବା ବେଳେ ଜିଲା ରାଜନୀତି ସରଗରମ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ ସମୟରେ ଭାଜପା କର୍ମୀଙ୍କୁ ବିଜେଡି କର୍ମୀମାନେ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦୋଷୀଙ୍କ ଗିରଫ ଦାବି ଓ ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଭାଜପା ଯୁବ ମୋର୍ଚ୍ଚାର ଶତାଧିକ କର୍ମକର୍ତ୍ତା ମଧୁବନଠାରୁ ଏକ ରାଲିରେ ଆସି ଏସ୍‌ପି ଅଫିସ ସମ୍ମୁଖରେ ପହଞ୍ଚିଥିଲେ। କାର୍ଯ୍ୟାଳୟଠାରୁ ଶହେ ମିଟର ଦୂର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ କରାଯାଇ ପୋଲିସ ଛାଉଣି କରାଯାଇଥିଲା। ଫଳରେ ବିକ୍ଷୋଭକାରୀମାନେ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିପାରି ନ ଥିଲେ। ବାରିପଦା, ସାରସକଣା, ଉଦଳା ଓ ବଡ଼ସାହି ବିଧାୟକଙ୍କ ସହ ବରିଷ୍ଠ ଭାଜପା ନେତୃବୃନ୍ଦ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି କହିବାରୁ ପୋଲିସ କର୍ମଚାରୀମାନେ ପ୍ରତିରୋଧ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସହ ଠେଲାପେଲା ପରେ ଭାଜପା କର୍ମୀମାନେ ଅଣ୍ଡା ମାଡ଼ କରିଥିଲେ। ତେବେ ଏହି ଅଣ୍ଡା ମାଡ଼ ଘଟଣାକୁ ଭାଜପା ପକ୍ଷରୁ ଖଣ୍ଡନ କରାଯାଇଛି। ଭାଜପା ଜିଲା (ପୂର୍ବ) ସଭାପତି କାନ୍ଦରା ସୋରେନ କୁହନ୍ତି ଶାନ୍ତିଶୃଙ୍ଖଳାର ସହ ଦାବିପତ୍ର ଦେବାକୁ ଯାଉଥିବା ଭାଜପା କର୍ମୀମାନେ ଅଣ୍ଡା ମାଡ଼ ଘଟଣାରେ ଜଡ଼ିତ ନାହାନ୍ତି। ଅବସରପ୍ରାପ୍ତ ଏସ୍‌ପି ବ୍ରହ୍ମାନନ୍ଦ ଦଣ୍ଡପାଟ କୁହନ୍ତି, କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଉପରକୁ ଅଣ୍ଡାମାଡ଼ କରିବା ଅତ୍ୟନ୍ତ ନିନ୍ଦନୀୟ। ପୋଲିସ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଅଣ୍ଡା ମାଡ଼ କରି ଆନ୍ଦୋଳନକାରୀ କେବେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିପାରିବେ ନାହିଁ। ଆଇନଜୀବୀ ପରମାନନ୍ଦ ଷଡ଼ଙ୍ଗୀ କୁହନ୍ତି, ପ୍ରତ୍ୟେକ ଘଟଣାକୁ ନେଇ ଆଇନ ବ୍ୟବସ୍ଥା ରହିଥିବା ବେଳେ ପୋଲିସ ନିରପେକ୍ଷ ଭାବେ କାର୍ଯ୍ୟ କରୁଛି। ମମିତା ମେହେର ହତ୍ୟା ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆଇନର ରକ୍ଷକଙ୍କ ଉପରେ ଏପରି ଅଶୋଭନୀୟ ଆଚରଣକୁ ସେ ନିନ୍ଦା କରିଛନ୍ତି।



ବିକ୍ଷୋଭ ବେଳେ ଭାଜପା କର୍ମୀ– ପୋଲିସ ଠେଲାପେଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୧/୨୦୨୧ Bhubaneswar, Thursday, November 11/2021





# ୧୫ରୁ ଖୋଲିବ ଷଷ୍ଠ, ସପ୍ତମ

- ତିନିଘଣ୍ଟା ପାଠପଢ଼ା
- ସ୍କୁଲ ଖୋଲିବା ପୂର୍ବରୁ ତଦାରଖ ନିର୍ଦ୍ଦେଶ
- ହଷ୍ଟେଲ ଖୋଲିବାକୁ ଅନୁମତି



**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୧୫ ତାରିଖରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ। ଏହି ଦୁଇ ଶ୍ରେଣୀର ପିଲାମାନେ ଏବେ ଅଫ୍‌ଲାଇନ୍‌ରେ ପାଠ ପଢ଼ିବେ। ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍କୁଲ୍ ଖୋଲା ରହିବ। ଏହି ସମୟ ମଧ୍ୟରେ ତିନିଘଣ୍ଟା ପାଠପଢ଼ା ହେବ। ତେବେ କରୋନା କଟକଣାକୁ କଡ଼ାକଡ଼ି ଭାବେ ପାଳନ କରି ସ୍କୁଲ ଖୋଲିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। କରୋନା ସଂକ୍ରମଣ କମିଯାଇଥିବାରୁ ଏବେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଏହା ଲାଗୁ ହେବ। ଏ ନେଇ ବୁଧବାର ବିଭାଗର ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ର ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ଛାତ୍ରୀଛାତ୍ର ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ପାଠପଢ଼ି ପାରିବେ। କିନ୍ତୁ ଏଥିପାଇଁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କଠାରୁ ପରାମର୍ଶ ଆଣିବାକୁ ପଡ଼ିବ। କାହାକୁ ଅଫ୍‌ଲାଇନ୍ ପଢ଼ିବା ପାଇଁ ବାଧ୍ୟ କରାଯିବ ନାହିଁ। ଯେଉଁମାନେ ଅଫ୍‌ଲାଇନ୍‌ରେ ପାଠ ପଢ଼ିବେ, ସେମାନଙ୍କ ପାଇଁ ଉପସ୍ଥାନ ମଧ୍ୟ ବାଧ୍ୟତାମୂଳକ ନୁହେଁ। ସ୍କୁଲ ଖୋଲିବା ସହିତ ଏହି ପିଲାଙ୍କ ପାଇଁ ହଷ୍ଟେଲ ଖୋଲିବାକୁ ମଧ୍ୟ ଅନୁମତି ଦିଆଯାଇଛି। ହଷ୍ଟେଲରେ ଯେପରି ପିଲାମାନେ ଏକତ୍ର ହୋଇ ନ ଖାଇବେ ଏବଂ ଶୌଚାଳୟକୁ ବାରମ୍ବାର ସାନିଟାଇଜ କରାଯିବ ସେଥିପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ। ଏସ୍‌ଟି ଆଣ୍ଡ ଏସ୍‌ସି, ଏସ୍‌ଏସ୍‌ଇପିଡି ବିଭାଗ ଏବଂ ଘରୋଇ ସ୍କୁଲଗୁଡ଼ିକ ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଅତିରିକ୍ତ ଗାଇଡ୍‌ଲାଇନ ଜାରି କରିପାରିବେ। ସ୍କୁଲ ଖୋଲିବା ପୂର୍ବରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ, ବିଆର୍‌ସିସି, ସିଆର୍‌ସିସିମାନେ ସ୍କୁଲ ପରିଦର୍ଶନ କରିବେ। ସ୍କୁଲ ପରିସରରେ ସ୍ୱଚ୍ଛତା, କ୍ଲାସ୍ ରୁମ୍‌ରେ ବେଞ୍ଚ, ଡେସ୍କ ଭଲ ଭାବେ ସାନିଟାଇଜ୍ ହୋଇଛି କି ନାହିଁ ତଦାରଖ କରିବେ। ବିଭାଗ ପକ୍ଷରୁ ଗତ ଅକ୍ଟୋବର ୧୫ରେ ଜାରି ଗାଇଡ୍‌ଲାଇନ୍ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ଯୋଗୁ ପାଖାପାଖି ଦୁଇବର୍ଷ ଧରି ସ୍କୁଲ ବନ୍ଦ ରହିଥିଲା। ଅନ୍‌ଲାଇନ୍ କ୍ଲାସ୍‌ର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସ୍ମାର୍ଟ ଫୋନ୍‌ର ଅଭାବ ଓ ନେଟ୍‌ୱର୍କ ସମସ୍ୟା ଯୋଗୁ ସବୁ ପିଲା ଏହାର ସୁଯୋଗ ☞ପୃଷ୍ଠା-୨

# ରାଜ୍ୟ ସରକାରଙ୍କ ବିରୋଧରେ ହେବନି କାର୍ଯ୍ୟାନୁଷ୍ଠାନ

**ସାରଦା ମାଇନ୍ସ ମାମଲା: ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ**

**ନୂଆଦିଲ୍ଲୀ,୧୦।୧୧**

କେନ୍ଦୁଝର ଜିଲା ଜୋଡ଼ା ଖଣି ମଣ୍ଡଳ ଅଧୀନ ଠାକୁରାଣୀ-ବି ଖଣିରେ ଲୁହାପଥର ଖନନ ଓ ଉତ୍ତୋଳନ ପାଇଁ ସାରଦା ମାଇନ୍ସକୁ ଓଡ଼ିଶା ହାଇକୋର୍ଟ ଦେଇଥିବା ଅନୁମତିକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରୁ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ(ଏସ୍‌ଏଲ୍‌ପି) ଦାଖଲ କରିଥିଲେ। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ଉକ୍ତ ଆବେଦନର ଶୁଣାଣି କରି ଓଡ଼ିଶା ସରକାର ଏବଂ ଜୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକଙ୍କ ବିରୋଧରେ ଅଦାଲତ ଅବମାନନା ଭଳି କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ହାଇକୋର୍ଟଙ୍କୁ ପରାମର୍ଶ ଦେଇଛନ୍ତି। ସାରଦା ମାଇନ୍ସ ଠାକୁରାଣୀ ବ୍ଲକ୍-ବି’ ଖଣି ଅଞ୍ଚଳରେ ପୂର୍ବରୁ ଗଛିତ ଥିବା ସମସ୍ତ ଲୁହାପଥରର ପରିମାଣ ଜୋଡ଼ା ଖଣି ଉପନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଚିହ୍ନଟ କରିବା ସହ ଏହାର ରେକର୍ଡ ରଖିବାକୁ ରାଜ୍ୟ ସରକାର ଚାହୁଁଥିଲେ। ଗତ ୩ ତାରିଖରେ ହାଇକୋର୍ଟରେ ହୋଇଥିବା ଶୁଣାଣିରେ ଉଭୟ ରାଜ୍ୟ ସରକାର ଓ ସାରଦା ମାଇନ୍ସ ଏନେଇ ସହମତି ମଧ୍ୟ ପ୍ରକାଶ କରିଛନ୍ତି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଡେମୋକ୍ରାଟଙ୍କ ପରାଜୟ**

# ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର ଗିରଫ

- ୧୪ କୋଟି ୮୭ ଲକ୍ଷ ଆୟ ବହିର୍ଭୂତ ସମ୍ପତ୍ତି ଠାବ
- ଜାମିନ ନାମଞ୍ଜୁର ପରେ ଜେଲ ଗଲେ
- ସ୍ତ୍ରୀଙ୍କ ନାମରେ ମାମଲା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି) ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ପ୍ରତାପ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ୧୪.୮୭କୋଟି ଟଙ୍କାର ସମ୍ପତ୍ତି ଠାବ କରାଯିବା ପରେ ବୁଧବାର ପ୍ରତାପଙ୍କୁ ଗିରଫ କରାଯାଇଛି। ଠାବ



ପ୍ରତାପ କୁମାର ସାମଲ

ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରତାପଙ୍କ ପ୍ରକୃତ ଆୟର ୧୦୨୧ ପ୍ରତିଶତ ହେବ। ଏଥିସହ ପ୍ରତାପ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୬୧ ଲକ୍ଷ ୩୫ ହଜାର ୮୧୨ ଟଙ୍କା ମିଳିଛି। ୫୭ ଲକ୍ଷ ୭୨ ହଜାର ୧୫୦ ଟଙ୍କା ବୀମାରାଶି ଜବତ ହୋଇଛି। ପ୍ରତାପଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଭିଜିଲାନ୍ସ ଫ୍ରିଜ୍ କରିଛି। ଭିଜିଲାନ୍ସ ପ୍ରତାପ ଓ ସ୍ତ୍ରୀ ସସ୍ମିତା ସାମଲଙ୍କ ନାମରେ (ନଂ. ୩୪/୨୧) ଏକ ମାମଲା ରୁଜୁ କରିଛି। ପ୍ରତାପଙ୍କ ଜାମିନ ନାମଞ୍ଜୁର ହେବାରୁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟ ତାଙ୍କୁ ୨୩ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପ୍ରତାପଙ୍କ ପାଖରୁ ଏତେ ପରିମାଣର ସମ୍ପତ୍ତି ଠାବ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ରାଜ୍ୟରେ ଜଣେ ସରକାରୀବାବୁଙ୍କ ଠାରୁ ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବହେବା ପ୍ରଥମ ବୋଲି କୁହାଯାଉଛି। ଏନେଇ ଭିଜିଲାନ୍ସ ଅଧିକ ଅନୁସନ୍ଧାନ ଜାରି ରଖିଛି।

ପ୍ରତାପଙ୍କୁ ଭିଜିଲାନ୍ସ ରିମାଣ୍ଡରେ ଆଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳର ଖିଅ ଖୋଜିବାକୁ ଚେଷ୍ଟା କରିପାରେ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ପ୍ରତାପଙ୍କ ସ୍ତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ଭିଜିଲାନ୍ସ ପଚରାଉଚରା କରିବ। ପ୍ରତାପଙ୍କ ସହ କେତେଜଣ ବଡ଼ ଅଧିକାରୀ, କଣ୍ଟ୍ରାକ୍ଟର ଓ ପୋଲିସ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା କୁହାଯାଉଛି। ସେହିମାନଙ୍କ ଦ୍ୱାରା ହିଁ ପ୍ରତାପ ଏତେ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ତେଣୁ ଭିଜିଲାନ୍ସ ଅଧିକ ଅନୁସନ୍ଧାନ କଲେ ପ୍ରତାପଙ୍କ ପଛରେ ଲୁଚିଥିବା ଏକାଧିକ ବ୍ୟକ୍ତିଙ୍କ ଚେହେରା ପଦାକୁ ଆସିବ ବୋଲି ଆଲୋଚନା ହେଉଛି। ଅପରପକ୍ଷରେ ଭିଜିଲାନ୍ସ ନିର୍ଦ୍ଦେଶକ ☞ପୃଷ୍ଠା-୨

# ଦର ବୃଦ୍ଧି ପ୍ରତିବାଦରେ ୧୪ରୁ କଂଗ୍ରେସର ଆନ୍ଦୋଳନ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.)**

ମୁଦ୍ରାସ୍ଫୀତି ଓ ଆକାଶଛୁଆଁ ମୂଲ୍ୟବୃଦ୍ଧି ପ୍ରତିବାଦରେ ଆସନ୍ତା ୧୪ ତାରିଖରୁ କଂଗ୍ରେସ ଦେଶବ୍ୟାପୀ ୧୫ ଦିନିଆ ଆନ୍ଦୋଳନ ଆରମ୍ଭ କରିବାକୁ ଯାଉଛି। ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଦରଦାମ୍ ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଦେଇଛି। ଦେଶର ଅର୍ଥନୀତି ଧ୍ୱଂସ ହୋଇଛି। ମାନ୍ଦାବସ୍ଥା ବଢ଼ିବା, ବେରୋଜଗାରି ସର୍ବୋଚ୍ଚ ସ୍ତରରେ ପହଞ୍ଚିବା, କୃଷି କ୍ଷେତ୍ରରେ ସଙ୍କଟ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବେଣୁଗୋପାଳ କହିଛନ୍ତି। ବର୍ଷକ ମଧ୍ୟରେ ସୋରିଷ ଓ ଅନ୍ୟାନ୍ୟ ଖାଇବା ତେଲ ଦର ଦୁଇଗୁଣା ହୋଇଛି। ପନିପରିବା ଦର ମାସକ ମଧ୍ୟରେ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଛି। ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ୍ ବର୍ଷକ ମଧ୍ୟରେ ୫୦ ପ୍ରତିଶତ ବୃଦ୍ଧି ପାଇ ୯୦୦ରୁ ୧୦୦୦ ଟଙ୍କାରେ ପହଞ୍ଚିଲାଣି। ସେହିପରି ଗତ ୧୮ ମାସ ମଧ୍ୟରେ ପେଟ୍ରୋଲ ୩୪ ଟଙ୍କା ୩୮ ପଇସା ବୃଦ୍ଧି ପାଇ ୧୦୩ ଟଙ୍କା ୯୭ ପଇସାରେ ପହଞ୍ଚିଥିବାବେଳେ ଡିଜେଲ ୨୪.୩୮ ଟଙ୍କା ବଢ଼ି ୮୬ଟଙ୍କା ୬୭ ପଇସା ହୋଇଛି। ନରେନ୍ଦ୍ର ମୋଦିଙ୍କ ସମୟରେ ବଜାର ସବୁଠୁ ମହଙ୍ଗା ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଜେୱାଲା କହିଛନ୍ତି।

କୋଭିଡ୍ ସମୟରେ ୧୪ କୋଟି ଲୋକ ନିଯୁକ୍ତି ହରାଇଥିଲେ। କୋଟିକୋଟି ଦିନ ମଜୁରିଆ ଏବଂ କର୍ମଚାରୀଙ୍କ ବେତନ କଟାଯାଇଥିଲା। ବେରୋଜଗାରି ହାର ସର୍ବୋଚ୍ଚ ୮-୯ ପ୍ରତିଶତରେ ପହଞ୍ଚିଛି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ୧୦ ବର୍ଷ କାର୍ଯ୍ୟକାଳ ମଧ୍ୟରେ ୨୭ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା (ବିପିଏଲ୍)ରୁ ମୁକ୍ତ ହୋଇଥିଲେ। ମୋଦି ସରକାର ଦୁଇ ବର୍ଷ ମଧ୍ୟରେ ୨୩ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ମଧ୍ୟକୁ ନେଇଯାଇଥିବା କଂଗ୍ରେସ ନେତା କହିଛନ୍ତି। ୧୫ ଦିନିଆ ଜନ ଜାଗରଣ ଅଭିଯାନରେ ଦଳୀୟ କର୍ମୀମାନେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ଦରବୃଦ୍ଧି ବିରୋଧରେ ସେମାନଙ୍କ ସ୍ୱରକୁ ଜୋରଦାର କରିବେ ବୋଲି କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଛନ୍ତି।



କୋଭିଡ୍ ମହାମାରୀ କଟକଣା ଯୋଗୁ ଭୁବନେଶ୍ୱର ୟୁନିଟ୍-୩ର ଏକ ଘର ଛାତ ଉପରେ ବିହାରୀ ମହିଳାମାନେ ବୁଧବାର ଛଟ୍‌ପୂଜା କରୁଛନ୍ତି।

# ପ୍ରେମ କରିବାରୁ ଥାନାରେ ଟାଙ୍ଗିଦେଲେ

**ଫେକ୍ ଏନ୍‌କାଉଣ୍ଟର, ନିରୀହଙ୍କ ଉପରେ ଦାଦାଗିରି, ଥାନାରେ ନିର୍ଯାତନା ଭଳି ଦୁର୍ନାମ ମୁଣ୍ଡେଇଥିବା ଉତ୍ତର ପ୍ରଦେଶ ପୋଲିସର ଖାକି ପୋଷାକରେ ପୁଣି ଲାଗିଛି କଳଙ୍କ। ଜଣେ ହିନ୍ଦୁ ଝିଅଙ୍କୁ ପ୍ରେମ କରୁଥିବା ମୁସଲମାନ ଯୁବକଙ୍କୁ ଥାନାକୁ ଜେରା ପାଇଁ ଉଠାଇନେଇ ପୋଲିସ ହତ୍ୟା କରିଥିବା ଅଭିଯୋଗ ହୋଇଛି। ନିର୍ବାଚନମୁହାଁ ୟୁପିରେ ପୋଲିସ ବଳର ଏଭଳି ବର୍ବରତା ବାରମ୍ବାର ଦେଖିବାକୁ ମିଳୁଥିବାରୁ ଯୋଗୀ ସରକାରଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରାଇଛନ୍ତି ବିରୋଧୀ। ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ମଧ୍ୟ ଉଷ୍ମତା ଭରିଦେଇଛି।**

- ମୁସଲମାନ ଯୁବକଙ୍କୁ ଉଠାଇନେଇଥିଲା ପୋଲିସ
- ୱାଶ୍‌ରୁମ୍‌ରେ ଘଟିଲା ସନ୍ଦେହଜନକ ମୃତ୍ୟୁ
- ପରିବାର ଆଣିଲା ହତ୍ୟା ଅଭିଯୋଗ
- ୫ ପୋଲିସ କର୍ମଚାରୀ ନିଲମ୍ବିତ
- ହିନ୍ଦୁ ନାବାଳିକା ହଠାତ୍ ନିଖୋଜ

**ଲକ୍ଷ୍ନୌ,୧୦।୧୧**

ଉତ୍ତର ପ୍ରଦେଶର କାସଗଞ୍ଜ ଜିଲା ଅହିରୌଲି ଗ୍ରାମରେ ପରିବାର ସହ ରୁହନ୍ତି ୨୨ ବର୍ଷୀୟ ଅଲତାଫ୍। ସେ ମୂଲ ଲାଗି ପରିବାର ଚଳାନ୍ତି। ଅଲତାଫ୍ କୁଆଡ଼େ ନଗ୍‌ଲା ସୟଦ ଏରିଆର ଜଣେ ହିନ୍ଦୁ ନାବାଳିକାଙ୍କୁ ପ୍ରେମ କରୁଥିଲେ। ଏହାକୁ ନେଇ ଝିଅଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ଅଲତାଫ୍‌ଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୩୬୩ (ଅପହରଣ) ଓ ୩୬୬ (ବିବାହ ପାଇଁ ମହିଳାଙ୍କୁ ବାଧ୍ୟ କରିବା)ରେ ମାମଲା ରୁଜୁ ହୋଇଥିଲା। କାସଗଞ୍ଜ ପୋଲିସ ଏଥିପାଇଁ ସୋମବାର ତାଙ୍କୁ ଥାନାକୁ ଜେରା କରିବା ଲାଗି



ଅଲତାଫ୍

ଉଠାଇନେଇଥିଲା। ମଙ୍ଗଳବାର ରାତିରେ କାସଗଞ୍ଜ ଥାନାର ୱାଶ୍‌ରୁମରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ପୋଲିସ ଥାନା ହାଜତରେ ରଖି ପୁଅକୁ ହତ୍ୟା କରିବା ପରେ ଟାଙ୍ଗିଦେଇଥିବା ମୃତକଙ୍କ ବାପା ଚାହତ୍ ମିଆଁ ଅଭିଯୋଗ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ୫ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ☞ପୃଷ୍ଠା-୨

## ୟୁପିରେ ସର୍ବାଧିକ ହାଜତ ମୃତ୍ୟୁ

ଉତ୍ତର ପ୍ରଦେଶରେ ଦେଶର ସର୍ବାଧିକ ହାଜତ ମୃତ୍ୟୁ ଘଟୁଛି। ୨୦୨୦-୨୧ରେ ଭାରତରେ ମୋଟ ୧୮୪୦ ହାଜତ ମୃତ୍ୟୁ ଘଟିଥିବାବେଳେ ୟୁପିର ସ୍ଥାନ ସର୍ବାଗ୍ରେ ରହିଛି। ୨୦୨୦ ଜଲାଇ ୨୭ରେ ମୌସୁମୀ ଅଧିବେଶନ ଚାଲିଥିବାବେଳେ ସ୍ୱରଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଲୋକ ସଭାକୁ ଏହି ବିଷୟ ଅବଗତ କରାଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟାନୁସାରେ ୨୦୧୯ରେ ୟୁପିରେ ୪୦୦ ଜୁଡିସିଆଲ ☞ପୃଷ୍ଠା-୨

# ପୁଣି ଆରମ୍ଭ ହେବ ଏମ୍‌ପିଲାଡ୍

**କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି**

**ନୂଆଦିଲ୍ଲୀ, ୧୦।୧୧(ପି.ଟି.)**

କୋଭିଡ୍-୧୯ ମହାମାରୀ ଯୋଗୁ ବନ୍ଦ କରିଦିଆଯାଇଥିବା ଏମ୍‌ପିମାନଙ୍କ ଆଞ୍ଚଳିକ ବିକାଶ ଯୋଜନା (ଏମ୍‌ପିଲାଡ୍)କୁ ପୁନର୍ବାର କାଏମ ଓ ଜାରି ରଖିବା ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଏମ୍‌ପିଲାଡ୍ ଯୋଜନା କାଏମ ରଖିବା ସହ ୨୦୨୫-୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି। ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଏମ୍‌ପିମାନଙ୍କୁ ଗୋଟିଏ କିସ୍ତିରେ ୨ କୋଟି ଟଙ୍କା ମିଳିବ। ୨୦୨୨-୨୩ରୁ ୨୦୨୫-୨୬ ପାଇଁ ବାର୍ଷିକ ୫ କୋଟି ଲେଖାଏ ମିଳିବ। ଏହାକୁ ୨.୫ କୋଟି ଲେଖାଏ ଦୁଇଟି କିସ୍ତିରେ ଯୋଗାଇ ଦିଆଯିବ ବୋଲି ଅନୁରାଗ କହିଛନ୍ତି। କରୋନା ମହାମାରୀ ଯୋଗୁ ଗତବର୍ଷ ଏପ୍ରିଲରେ ସରକାର ଏମ୍‌ପିଲାଡ୍‌କୁ ବନ୍ଦ କରିଦେଇଥିଲେ। ଏହି ପାଣ୍ଠିକୁ ସ୍ୱାସ୍ଥ୍ୟସେବା ପରିଚାଳନା ଏବଂ ମହାମାରୀ ପ୍ରତିକୂଳ ପ୍ରଭାବର ସୁଧାର ପାଇଁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ସୂଚନାଯୋଗ୍ୟ, ନିର୍ବାଚନ ମଣ୍ଡଳୀର ବିକାଶ ଲାଗି ଏମ୍‌ପିମାନଙ୍କୁ ଏହି ଯୋଜନାରେ ପ୍ରତିବର୍ଷ ୫ କୋଟି ଟଙ୍କା ଲେଖାଏ ମିଳିଥାଏ। ସେମାନେ ନିଜ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଉକ୍ତ ଅର୍ଥ ଖର୍ଚ୍ଚ କରିବାକୁ ସୁପାରିସ କରିଥାନ୍ତି।

## ଅପହରଣ ପରେ ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ସାରସକଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ବାରିପଦା ସଦର ଥାନା ଅଧୀନ ଶିଖରଘାଟି ଗ୍ରାମର ପୂର୍ଣଚନ୍ଦ୍ର ସୋରେନଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୨୪୨/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### ମୁରୁଗେସେନ ଓମ୍ୱାଡସି ସିଇଓ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ମେମ୍ବର ସେକ୍ରେଟାରି ତଥା ୧୯୯୪ ବ୍ୟାଚର ବରିଷ୍ଠ ଆଇଏଫ୍‌ଏସ୍ ଅଫିସର କେ. ମୁରୁଗେସେନଙ୍କୁ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତି ଦିଆଯାଇଛି। ଓଏମ୍‌ବିଏଡିସିର ସିଇଓ ଥିବା ଉମା ନନ୍ଦୁରୀ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଆଜାଦୀ କା ଅମୃତ ମହୋତ୍ସବ ଯୁଗ୍ମ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାର ନନ୍ଦୁରୀଙ୍କୁ ଏନେଇ ଅନୁମତି ଦେଇଛନ୍ତି। ନନ୍ଦୁରୀ କେନ୍ଦ୍ର ସରକାରଙ୍କ ଅଧୀନକୁ ଯାଉଥିବାରୁ ମୁରୁଗେସେନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଓମ୍ୱାଡସିରେ ଥିବା ୧୯ ହଜାର ୫୩୭ କୋଟି ପାଣ୍ଠିରୁ ୧୪,୯୯୦ କୋଟି ଟଙ୍କା ଖଣି ଅଞ୍ଚଳ ଜିଲାଗୁଡ଼ିକର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁମୋଦନ କରାଯାଇଛି।

### ହାତୀଦାନ୍ତ ଜବତ ଘଟଣା: ଆଉ ୩ ଗିରଫ

କେନ୍ଦୁଝର, ୧୦।୧୧ (ସ୍ୱ.ପ୍ର.): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ୍‌ର ଲୁଣଘର ଗ୍ରାମରେ ହାତୀ ଦାନ୍ତ ଚୋରା କାରବାର ଘଟଣାରେ ବନ ବିଭାଗ ଆଉ ତିନି ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲା ଧାତିକା ଗ୍ରାମର ସୁଭାଷ ହେମ୍ବ୍ରମ୍, ନେଲୁଙ୍ଗ ଗ୍ରାମର ପାରେଶ୍ୱର ନାୟକ ଓ ଲୁଣଘର ଗ୍ରାମର ଗୋପାଳ ମୁଣ୍ଡା। ଗତ ମଙ୍ଗଳବାର ହାତୀ ଦାନ୍ତ କିଣାବିକା ବେଳେ (ଡାକ୍ତର ମୁଣ୍ଡା ଓ ଚିତ୍ତରଞ୍ଜନ ବୈଠ) ୨ ଜଣଙ୍କୁ ଗିରଫ କରି ସେମାନଙ୍କୁ ଜେରା ବେଳେ ଅନ୍ୟ ତିନି ଜଣଙ୍କୁ ଚିହ୍ନଟ କରି ଗିରଫ କରିଛି। ଏହି ଘଟଣାରେ ସମୁଦାୟ ୫ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ଠାରୁ ତିନି ବାଇକ ଜବତ ହୋଇଥିବା ଜଣାପଡିଛି । ତେବେ ସେମାନେ ଏହି ଦାନ୍ତ କେଉଁଠୁ ଆଣିଲେ ସେ ନେଇ ବନ ବିଭାଗ ସ୍ପଷ୍ଟ କରିନାହିଁ । ହାତୀ ଶିକାର କରି ଆଣିଛନ୍ତି ନା ଆଉ କେଉଁଠୁ ଆଣିଛନ୍ତି ତାହାର ତଦନ୍ତ ହେବା ଜରୁରୀ। ତେବେ ଅଦ୍ୟାବଧି ଗଳିତ ହାତୀର ମୃତଦେହ ମିଳିନାହିଁ। ଏଠାରେ ସୂଚନା ଯୋଗ୍ୟ ଯେ, ପୂର୍ବରୁ ବିଭିନ୍ନ ଅଞ୍ଚଳରୁ ଗଳିତ ହାତୀର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା। ଏଣୁ ଏହି ଦାନ୍ତ ସେହି ହାତୀର ନା ଅନ୍ୟ ଏକ ହାତୀର ତାହା ତଦନ୍ତ ସାପେକ୍ଷ।

# ସୁପ୍ରିମକୋର୍ଟରେ ବଂଶଧାରା ଜଳବିବାଦ ଶୁଣାଣି ଆଜି

ନୂଆଦିଲ୍ଲୀ, ୧୦।୧୧

ବଂଶଧାରା ଜଳବିବାଦ ମାମଲାର ଶୁଣାଣି ଗୁରୁବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ଏହି ନଦୀ ଉପରେ ନେରେଡି ବ୍ୟାରେଜ ନିର୍ମାଣ କରିବା ଲାଗି ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଅନୁମତି ଦେଇଥିଲେ। ଟ୍ରିବ୍ୟୁନାଲଙ୍କ ଏହି ରାୟ ବିରୋଧରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟକାନ୍ତ ଏବଂ ବିକ୍ରମ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ। ଓଡ଼ିଶା ସରକାରଙ୍କ ପିଟିଶନର ଜବାବରେ



ପୂର୍ବରୁ ଆନ୍ଧ୍ରପ୍ରଦେଶ ସରକାର ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ କୁହାଯାଇଥିଲା, ଓଡ଼ିଶା ସରକାରଙ୍କ ଆବେଦନର କୌଣସି ଆଧାର ନ ଥିବାରୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରିବାର କାରଣ ନାହିଁ। ଟ୍ରିବ୍ୟୁନାଲ ଓଡ଼ିଶା ସରକାରଙ୍କ ସମସ୍ତ ଆପତ୍ତି ଅଭିଯୋଗକୁ ବିଚାରକୁ ନେବା ସହ ବିଶେଷଜ୍ଞଙ୍କ ରିପୋର୍ଟକୁ ଅନୁଧ୍ୟାନ କରିଥିଲେ। ଓଡ଼ିଶାର ଅଭିଯୋଗ ସମର୍ଥନରେ କୌଣସି ମୌଖିକ ପ୍ରମାଣ କିମ୍ବା ଦସ୍ତାବିଜ ମିଳି ନ ଥିଲା। ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୨୪ରେ ଉକ୍ତ ଆନ୍ତଃରାଜ୍ୟ ବିବାଦକୁ ଅନୁଧ୍ୟାନ କରିବା ସହ ଦୀପାବଳି ଛୁଟି ପରେ ଚୂଡ଼ାନ୍ତ ଶୁଣାଣି କରିବାକୁ ସମୟ ଧାର୍ଯ୍ୟ କରିଥିଲେ।

ସୂଚନାଯୋଗ୍ୟ, ଗତ ଜୁନ୍‌ରେ ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ ନେରେଡି ବ୍ୟାରେଜ୍ ନିର୍ମାଣ ଲାଗି ଆନ୍ଧ୍ରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାରେଜ୍‌ରେ ୮୦୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ଦକ୍ଷିଣପାର୍ଶ୍ୱ ସ୍ଲୁଇସ୍ ଆନ୍ଧ୍ରପ୍ରଦେଶର ଆବଶ୍ୟକତା ପୂରଣ କରିବ ଏବଂ ବାମ ହେଡ୍ ସ୍ଲୁଇସ୍ (ଏଲ୍‌ଏଚ୍‌ଏସ୍) ନେରେଡି ବ୍ୟାରେଜ୍ ତଳମୁଣ୍ଡରେ ଓଡ଼ିଶାର ଆବଶ୍ୟକତା ପୂରଣ କରିବ। ଏଲ୍‌ଏଚ୍‌ଏସ୍ ପାଇଁ ଓଡ଼ିଶା ସରକାର ବ୍ୟୟ ବହନ କରିବେ। ଯେଉଁ ବର୍ଷ ପାଣି ଅଭାବ ଦେଖାଦେବ ସେହି ଅନୁପାତରେ ଉଭୟ ରାଜ୍ୟ ପରସ୍ପର ମଧ୍ୟରେ କମ୍ ପାଣି ବ୍ୟବହାର କରିବେ ଏବଂ ଅଧିକ ପାଣି ହେଲେ ସେହି ଅନୁପାତରେ ବଢ଼ାଇବେ ବୋଲି ଟ୍ରିବ୍ୟୁନାଲ କହିଥିଲେ। ଏହାକୁ ବିରୋଧ କରି ଓଡ଼ିଶା ସରକାରଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଅନ୍ୟ ଏକ ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର ହୋଇଥିଲା।

## ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କଲେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ



ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଆଧ୍ୟାତ୍ମିକ ବାଣୀ ପ୍ରଚାରକ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ବୁଧବାର ଲୋକସେବା ଭବନକୁ ଆସି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ପୂର୍ଣ୍ଣମାସୀ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ନୂଆଦିଲ୍ଲୀରେ ପଦ୍ମଶ୍ରୀ ସମ୍ମାନ ଗ୍ରହଣ କରିଥିଲେ। ପଦ୍ମଶ୍ରୀ ପୂର୍ଣ୍ଣମାସୀ କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନାହାନ୍ତି। ଜନଜାତି ମହିଳାଙ୍କ ପରି ସରଳ ଓ ନିରାଡ଼ମ୍ବର ଜୀବନଶୈଳୀ ଆଦରି ନେଇଥିବା ପୂର୍ଣ୍ଣମାସୀ ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଆଧ୍ୟାତ୍ମିକ ବାଣୀ ପ୍ରଚାର କରିଆସୁଛନ୍ତି। ଜିଜ୍ଞାସୁମାନଙ୍କ ଆଧ୍ୟାତ୍ମିକ ପ୍ରସଙ୍ଗ ସମ୍ବଳିତ ପ୍ରଶ୍ନର ଉତ୍ତର ଦେବାବେଳେ ସେ ଭଜନ ଓ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରିଥାନ୍ତି। କୁଇ ଭାଷାରେ ସେ ବହୁ ଭଜନ ଓ ଆଧ୍ୟାତ୍ମିକ ବାଣୀ ପରିବେଷଣ କରି ଆସୁଛନ୍ତି। ତାଙ୍କର ବହୁଅନୁଗାମୀ ମଧ୍ୟ ରହିଛନ୍ତି। ୨୦୨୦-୨୧ ବର୍ଷ ପାଇଁ ୪ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଶାରୁ ସୋମବାର ୧୧ ଓ ମଙ୍ଗଳବାର ୬ଜଣ ପଦ୍ମ ସମ୍ମାନରେ ସମ୍ମାନିତ ହୋଇଥିଲେ।

## ଆନ୍ଧ୍ରପ୍ରଦେଶ ରାଜ୍ୟପାଳ, ଚନ୍ଦ୍ରାବାବୁଙ୍କୁ ଭେଟିଲେ ମୁକ୍ତିକାନ୍ତ

ଭୁବନେଶ୍ୱର,୧୦।୧୧

ଓଡ଼ିଶା-ଆନ୍ଧ୍ର ପ୍ରଦେଶ ସୀମା ବିବାଦର ସମାଧାନ ବାର୍ତ୍ତା ନେଇ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ପଦଯାତ୍ରାରେ ଯାଇଥିବା ରାଉରକେଲାର ମୁକ୍ତିକାନ୍ତ ବିଶ୍ୱାଳ ଗତ ୭ ତାରିଖ ରବିବାର ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀରେ ପହଞ୍ଚିଥିଲେ। ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଓ ବିରୋଧୀ ଦଳ ନେତା ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଭେଟି ଆଲୋଚନା ପାଇଁ ଅନୁମତି ଲୋଡିଥିଲେ। ତେବେ ରାଜ୍ୟପାଳ ଓ ବିରୋଧୀ ଦଳ ନେତାଙ୍କ ସହ ସାକ୍ଷାତ୍ ପାଇଁ ଅନୁମତି ମିଳିବା ପରେ ମୁକ୍ତିକାନ୍ତ ଉଭୟଙ୍କୁ ମଙ୍ଗଳବାର ଭେଟି ସୀମା ସମସ୍ୟା ନେଇ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଆନ୍ଧ୍ର-ଓଡ଼ିଶା ମୁଖ୍ୟମନ୍ତ୍ରୀ ଆଲୋଚନାରୁ ସୀମା ବିବାଦ ସମାଧାନ ପ୍ରକ୍ରିୟାକୁ ଆଗେଇନେବାକୁ ମୁକ୍ତିକାନ୍ତ ରାଜ୍ୟପାଳ ଓ ବିରୋଧୀ ନେତାଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ରକ୍ଷକ' ଉଦ୍‌ଘାଟିତ

### ସଡ଼କ ଦୁର୍ଘଟଣା ରୋକିବାକୁ ତାଲିମ ନେବେ ୩୦ ହଜାର ଫାଷ୍ଟ ରେସ୍‌ପଣ୍ଡର

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ସଡ଼କ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ ତାଲିମ ପାଇବେ। ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ ଜିଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ। ଏହାଦ୍ୱାରା ସଡ଼କ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ସେବା ମିଳିବା ସହ ଅନେକ ଜୀବନ ବଞ୍ଚାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଡ଼କ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ। ଏହା ସମାଜର କ୍ଷତି। ଅର୍ଥନୀତିର ମଧ୍ୟ ବଡ଼ କ୍ଷତି। ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏ କ୍ଷେତ୍ରରେ ଡ୍ରାଇଭରମାନଙ୍କ ଯେତିକି ଦାୟିତ୍ୱ ସଡ଼କ ବ୍ୟବହାର କରୁଥିବା ବ୍ୟକ୍ତିର ମଧ୍ୟ ସେତିକି ଦାୟିତ୍ୱ। ଏହା ସହିତ ଦୁର୍ଘଟଣାସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କ ମଧ୍ୟ ବିଶେଷ ଦାୟିତ୍ୱ ରହିଛି। ତେଣୁ ସେମାନେ ସାହାଯ୍ୟ ସହଯୋଗ କଲେ ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବ ବୋଲି ସେ କହିଛନ୍ତି। ତାଲିମରେ ଯୋଗଦେଇଥିବା ଫାଷ୍ଟ ରେସ୍‌ପଣ୍ଡରମାନଙ୍କୁ କିଟ୍ ଓ ଟି-ଶାର୍ଟ ବଣ୍ଟନ କରିଥିଲେ। ବିଭାଗୀୟ ମନ୍ତ୍ରୀ ପଦ୍ମନାଭ ବେହେରା ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିବହନ କମିଶନର ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ସୁନ୍ଦରଗଡ,୧୦।୧୧(ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଗଣବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ପାର୍ଥସାରଥି ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ପାଣ୍ଡୁକା କିଶାନ (୭୦)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ରାୟରେ ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୩ ମାର୍ଚ୍ଚ ୨୫ ତାରିଖରେ ପୀଡିତା ନାବାଳିକା ଜଣକ ପରିବାର ସହ ନିଜ ଅଜାଘରକୁ ଯାଇଥିଲେ । ଘଟଣା ଦିନ ରାତି ପ୍ରାୟ ୮ଟା ବେଳେ ଅଜା ଘର ନିକଟ ଅଞ୍ଚଳର ପାଣ୍ଡୁକା ୬ ବର୍ଷର ବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଘରୁ ଡାକିନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଝିଅକୁ ଖୋଜାଖୋଜି କରି ପାଇବା ପରେ ସେ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ । ଏହା ପରେ ପୀଡିତାଙ୍କ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ଜଣାଇବା ପରେ ପୋଲିସ ବୀରମିତ୍ରପୁର ଥାନାରେ ନଂ୪୨/୨୬-୩-୨୦୧୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ପରେ କୋର୍ଟ ବୁଧବାର ଶୁଣାଣି କରି ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ମାମଲା ପରିଚାଳନା କରିଥିଲେ।

## ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗ

ଝାରସୁଗୁଡ଼ା ଅଫିସ,୧୦।୧୧

ଝାରସୁଗଡ଼ା ଜିଲା ବନହରପାଲି ଥାନା ପୂଜାରୀପାଲି ଗ୍ରାମରୁ ପୋଲିସ ବୁଧବାର ଜଣେ ବୃଦ୍ଧାଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି । ମୃତକ ହେଲେ ଉକ୍ତ ଗ୍ରାମର ସବିତା ପଣ୍ଡା(୬୦)। ମୃତକଙ୍କ ସମ୍ପର୍କୀୟ ପୁତୁରା ସୁମନ୍ତ କୁମାର ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ୧୮୪/୨୧) ରୁଜୁକରି ତଦନ୍ତ ଚଳାଇଛି। ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ରଶ୍ମିତା ବେହେରା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତକରି ଫେରିଛନ୍ତି। ପୋଲିସ ତଦନ୍ତରୁ ଜଣାପଡିଛି ବୃଦ୍ଧା ଜଣଙ୍କ ଘରେ ଏକାକି ରହୁଥିଲେ। ମଙ୍ଗଳବାର ରାତିରେ ସେ ଖାଇଥିବାବେଳେ ଘରେ ଅଇଁଠା ବାସନ ପଡିଥିଲା। ଘରର ସମ୍ମୁଖ କବାଟ ବନ୍ଦ ରହିଥିବାବେଳେ ବାଡି କବାଟ ଖୋଲା ଥିଲା। ବୃଦ୍ଧାଙ୍କ ମୃତଦେହ ଘର ବାରିପଟେ ପଡିରହିଥିଲା। ତାଙ୍କ ମୁଣ୍ଡକୁ କେହି ବାରମ୍ବାର ଆକ୍ରମଣ କରିଥିବାରୁ ଗଭୀର କ୍ଷତ ସୃଷ୍ଟି ହୋଇଛି। ବୃଦ୍ଧାଙ୍କୁ କିଏ ଓ କାହିଁକି ବୀଭତ୍ସ ଭାବେ ହତ୍ୟାକଲା ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

### ବିଛଣାରୁ ବାହାରିଲା ଚନ୍ଦ୍ର ବୋଡ଼ା

ବାରିପଦା ଅଫିସ,୧୦।୧୧- ବାରିପଦା ସହର ଦେଉଳସାହି ସ୍ଥିତ ପରିବେଶବିତ୍ ସନ୍ତୋଷ ମହାନ୍ତିଙ୍କ ଭଡାଘରେ ରହୁଥିବା ଜନୈକ ବ୍ୟକ୍ତିଙ୍କ ବିଛଣାରୁ ଏକ ଚନ୍ଦ୍ର ବୋଡ଼ା ସାପ(ରୋସଲ ଭାଇପର)କୁ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନର ସଦସ୍ୟ କୃଷ୍ଣଚନ୍ଦ୍ର ଗୋଚ୍ଛାୟତ ପହଞ୍ଚି ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସାପଟିର ଲମ୍ବ ୬ଫୁଟ ହେବ ବୋଲି ସୂଚନା ମିଳିଛି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୫୨ ତା:୧୬।୧୦।୨୧
ବିଜ୍ଞାପନ
No. CAD-1766: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କମର୍ସିଆଲ୍ କମ୍ପ୍ଲେକ୍ସ, ଛେଣ୍ଡ, ତୃତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଦୋକାନ ଗୃହ ନଂ. ବି-୧୦୫ (B-105)କୁ କାମାକ୍ଷା ପ୍ରସାଦ ସିଂ, ପି.- ୰ହରିଲାଲ୍ ସିଂହ, ଗ୍ରା: ଝୁମିଲା ବଜାର, ପୋ/ଥା: ଧୋବାଉଲି, ଜି: ଗୋରଖପୁର (ଉତ୍ତରପ୍ରଦେଶ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ କାମାକ୍ଷାପ୍ରସାଦ ସିଂହ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଅଜିତ୍ କୁମାର ପଣ୍ଡା, ପି.- ୰ମୁରଲୀଧର ପଣ୍ଡା, ଗ୍ରା/ପୋ: ମହାନ୍ତିପାଟଣା, ଥା: ମଙ୍ଗଳପୁର, ଜି: ଯାଜପୁରଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଦୋକାନ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0184/2122

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୪୯ ତା:୦୪।୧୦।୨୧
ବିଜ୍ଞାପନ
No. CAD-1764: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଧନୁର୍ଜୟପୁର, କେନ୍ଦୁଝର ହାଉସିଂ ପ୍ରକଳ୍ପରେ ଘର ନଂ. ଇ.ଡବ୍ଲ୍ୟୁ.ଏସ୍.-୧୪ (EWS-14)କୁ ଶ୍ରୀ ଦୟାନିଧି ସ୍ୱାଇଁ, ପି.- ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗ୍ରା: ଠାକୁରପାଟଣା, ପୋ: ରାଙ୍କି, ଥା: ସଦର, ଜି: କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀ ଦୟାନିଧି ସ୍ୱାଇଁ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସବିତା ନାୟକ, ସ୍ୱା.: ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଗ୍ରା: ଧନୁର୍ଜୟପୁର, ପୋ: ଓଲ୍‌ଡଟାଉନ, ଥା: ଟାଉନ୍, ଜି: କେନ୍ଦୁଝରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0180/2122

ଭାରତ ସରକାର
ଜଳ ଶକ୍ତି ମନ୍ତ୍ରଣାଳୟ
ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ
ଜାତୀୟ ଜଳ ମିଶନ
ଖାଲି ପଦବୀ ସମ୍ବନ୍ଧୀୟ ପରିପତ୍ର
ଜାତୀୟ ଜଳ ମିଶନ, ଜଳ ସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା ପୁନରୁଦ୍ଧାର ବିଭାଗ, ଜଳ ଶକ୍ତି ମନ୍ତ୍ରଣାଳୟରେ ଠିକା ଭିତ୍ତିରେ ପରାମର୍ଶଦାତା/ଯୁବ ପେସାଦାର ଭାବେ ନିୟୋଜିତ ହେବା ଲାଗି ଇଚ୍ଛୁକ ତଥା ଯୋଗ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିୟୋଜନର ସ୍ଥାନ ନୂଆଦିଲ୍ଲୀ ହେବ । ଖାଲିସ୍ଥାନ ପରିପତ୍ରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ mowr.gov.in ଏବଂ nwm.gov.inରେ ଉପଲବ୍ଧ ।
୨. ଆବେଦନର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ।
davp 45101/11/0003/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
SAMBALPUR (R&B) DIVISION NO. II, SAMBALPUR
E-mail: eesbprnbdivision2@gmail.com, Phone: 0663-2410104
BID IDENTIFICATION No. EE/R and B/SBP II/20 (Online)/2021-22
E-Procurement Notice
No. 4334 Dated: 05.11.2021
No. B-589: The Superintending Engineer, Sambalpur (R&B) Division No. II, Sambalpur on behalf of Governor of Odisha, invites Percentage Rate bids in Single Cover System in ONLINE MODE.
1. No. of work : 4 (Four) Nos. of Building work
2. Tender Cost : Rs.6000/-
3. Class of Contractor : "B" & "A" Class Contractors
4. Availability of bid document in the website : 18.00 hours of 10.11.2021 to 17.00 hours of 19.11.2021
5. Date of Opening of tenders: 11.30 hours on Dt.20.11.2021
6. The bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.
Sd./- Superintending Engineer
Sambalpur (R&B) Division No. II
OIPR-34042/11/0045/2122

TENDER CALL NOTICE
Tender Call Notice No. 314 Date: 02.11.2021
Regulated Market Committee, Digapahandi invites tender in online mode from the approved contractors of appropriate class for the work "Construction of Model Mandi Auxiliary Agri Market Infrastructure at Cotton Market Yard under RMC, Digapahandi". Detailed tender notice along with conditions of contract and notice inviting tender may be seen and downloaded from the website www.tendersodisha.gov.in. from 17.00 hours of 09.11.2021 to 17.00 hours of 29.11.2021 and the opening of tender would be 11.00 hours on 30.11.2021.
Sd./- Sub-Collector, Berhampur-cum-Chairman, RMC, Digapahandi

GOVERNMENT OF ODISHA
"e" PROCURMENT NOTICE
Bid Identification No. S.E. GTN (R&B)- 11/2021-22
E-mail address- eeghatagaon2015@gmail.com
Letter No. 6186 dt.6.11.2021
No.B-577:-

| | | | |
|---|---|---|---|
| 1. | The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate bids in single cover system in online mode from the eligible contractor's for road works as mentioned below. | | |
| 2. | Nature of the work | : | Building works |
| 3. | Numbers of work | : | 06 (Six) Nos. |
| 4. | Estimated cost | : | Rs.39.40 lakhs to Rs.41.51 lakhs (Approx.) |
| 5. | Period of completion | : | 06 (Six) calendar months |
| 6. | Date & time of availability of bid document in the portal | : | From 11.30 A.M. of dt.15.11.2021 to 05.00 P.M. of dt.24.11.2021 |
| 7. | Last date / time for receipt of bids in the portal | : | 05.00 P.M. of dt.24.11.2021 |
| 8. | Date of opening of bid | : | 11.00 A.M. of dt.25.11.2021 |
| 9. | Further details can be seen from the e-procurement portal https://tendersodisha.gov.in. Any addendum / corrigendum/ cancellation of tender can also be seen in the same website only. | | |

Sd./- Superintending Engineer,
Ghatagaon (R&B) Division
OIPR-34140/11/0006/2122

ODISHA HYDRO POWER CORPORATION LTD.
OHPC
OFFICE OF THE SENIOR GENERAL MANAGER
(ELECTRICAL) UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT, PIN - 764006, Phone: 06854-242001, Fax: 06854-242038
E-mail: sgmel_ukhep@ohpcltd.com, CIN: U40101OR1995SGC003963
e-PROCUREMENT NOTICE No.-
UKHEP/ET-01/2021-22 Dated: 03.11.2021
No. CAD-1763: The Unit Head. Upper Kolab Hydro Electric Project, Bariniput, Koraput, Odisha invites percentage rate bid in Single Cover System in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approximate Estimated Cost (in Rs.) | E.M.D. (in Rs.) | Cost of Bid Document | Class of Contractor | Availability of Bids online for bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of retaining wall at Switchyard, UKHEP, Bariniput | 9,72,974/- | NA | 4720/- (Rs.4000 + 18% GST) | "C" & "D" Class | From 10.00 A.M. of 11.11.2021 to 17.00 hrs. of 25.11.2021 | At 11.30 hrs. of 29.11.2021 |

1. The bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/corrigendum/ cancellation of tender can be seen in the same website.
OIPR-04002/11/0025/2122 Sd./- Unit Head, UKHEP, Bariniput

ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
obcc
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.8809 Date: 08.11.2021
File: SMT-1647 No.CAD-1758
NOTICE INVITING TENDER

| | | | |
|---|---|---|---|
| 1 | Name of work | Construction of 132 Nos. Type-II quarters at Old Kalyan Mandap in Unit-VIII & 84 Nos. Type-IV quarters near old A.G. Colony in Unit-IV, Bhubaneswar | Construction of 195 Nos. Type-VI & 105 Nos. Type-VII quarters at MLA Colony and G.A. Land in Unit-IV, Bhubaneswar |
| 2 | Bid Identification No. | 32/Tender/OBCC/2021-22 | 33/Tedner / OBCC/ 2021-22 |
| 3 | Date of availability of tender documents in eprocurement portal | 12.11.2021 | 16.11.2021 |
| 4 | Due date & time of receipt of bids on online mode. | 09.12.2021 till 5.00 P.M. | 13.12.2021 till 5.00 P.M. |
| 5 | Last date of receipt of pre-bid queries | 22.11.2021 till 11.30 A.M. | 25.11.2021 till 11.30 A.M. |
| 6 | Date of prebid meeting via Video Conferencing | 22.11.2021 at 4.00 P.M. | 25.11.2021 at 4.00 P.M. |
| 7 | Google meet Link for pre-bid meeting | https://meet.google.com / arv-qcim-dsw | https://meet.google.com/isr-quqq-etz |
| 8 | Date of issue of pre-bid clarifications | 25.11.2021 | 30.11.2021 |
| 9 | Period of completion | 24 (Twenty Four) calendar months | 30 (Thirty) calendar months |
| 10. | Class of Agenceis | Super Class | Super Class |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice / RFP/ Proposal without assigning any reason thereof.
Sd./- EIC-cum-Managing Director
OIPR-34106/11/0024/2122

OFFICE OF THE SUPERINTENDING ENGINEER
KENDRAPARA (R&B) DIVISION No. II, KENDRAPARA
E-mail: eerandbdivn2kpd@gmail.com, Tel. No. 06727-220408
GOVERNMENT OF ODISHA "e" Procurement Notice
e-Procurement Notice for Road Work (Double Cover System)
Bid Identification No. S.E. (R&B) KPD - II - 06/2021-22
1. No. of works : 1 No. (Road Work)
2. Estimated Cost : Rs.68,53,259.00
3. Period of Completion : 03 (Three) Calendar Months
4. Date & time of sale & receipt of bid document : From 10.00 A.M. of 12.11.2021 to 5.00 P.M. of 29.11.2021
5. Last date/time of receipt of bids : 5.00 P.M. of 29.11.2021
6. Date & time of opening of Bids : 11.00 A.M. of 30.11.2021
7. Name and address of the Inviting Bid : Superintending Engineer, Kendrapara (R&B) Division-II, Kendrapara
Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in".
Sd./- (Er. S.K. Nayak), Superintending Engineer, Kendrapara (R&B) Division-II
No. B-572 OIPR-34097/11/0007/2122

GOVERNMENT OF ODISHA
DEPARTMENT OF WATER RESOURCES (CAD)
OFFICE OF THE JOINT DIRECTOR, SURVEY AND PLANNING, ODISHA, BHUBANESWAR
OFMRDC CAMPUS, SATYANAGAR, BHUBANESWAR - 751007
E-mail: jointdirectorspbbsr@gmail.com, Phone: 0674-2570357
"e" PROCUREMENT NOTICE
Bid Identification No. JDSP-09/2021-22
No. L-86: The Deputy Director, O/o. the Joint Director, Survey and Planning, CAD, Odisha on behalf of Governer of Odisha invites Percentage Rate Bid in Single Cover System in ONLINE MODE from eligible class of contractors/registered organisation or firm as detailed below.

| | | |
|---|---|---|
| 1 | Name of the Work | Survey & Planning Works (CAD) |
| 2 | No. of Works | 1 (One) No. |
| 3 | Bid Identification No. | JDSP-09/2021-22 |
| 4 | Estimated Cost | 24.36 lakhs |
| 5 | Earnest Money Deposit | Referred to DTCN |
| 6 | Cost of Tender Paper | Rs.6000/- (Online) |
| 7 | Period of Completion | Referred to DTCN |
| 8 | Date & time of availaility of bid document in the portal | 10.11.2021 (11.00 A.M.) to 20.11.2021 (5.00 P.M.) |
| 9 | Last date/time for receipt of bids in the portal | 20.11.2021 upto 5.00 P.M. |
| 10 | Date & time of opening of Bid | 22.11.2021 at 11.00 A.M. |
| 11 | Name and address of the Officer Inviting Bid | Deputy Director, O/o. The Joint Director, Survey & Planning, OFMRDC Campus, Satyanagar, Bhubaneswar - 751007 E-mail: jointdirectorspbbsr@gmail.com Phone: 0674-2570357 |

Further details can be seen from the e-procurement portal: "https://tendersodisha.gov.in".
Sd./- (M. Senapati), Deputy Director, O/o. the Joint Director, Survey & Planning, Odisha, Bhubaneswar
OIPR-32369/11/0001/2122

ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା । ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି । —ଶ୍ରୀମା

# ଡେମୋକ୍ରାଟଙ୍କ ପରାଜୟ



ଏଲିଜାବେଥ୍ ଡ୍ରିୟୁ

ଆମେରିକାରେ ଡେମୋକ୍ରାଟିକ ପାର୍ଟିର ଅଧୋଗତିକୁ ସମ୍ଭବତଃ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ କଂଗ୍ରେସରେ ତାଙ୍କ ସାଥୀମାନେ ହିଁ ରୋକିପାରିବେ । ହେଲେ ସେମାନଙ୍କ କାର୍ଯ୍ୟ ନିରୁତ୍ସାହଜନକ । ବିଶେଷକରି ମୁଦ୍ରାସ୍ଫୀତିକୁ ନେଇ ସେମାନଙ୍କ ମାନସିକତା ଯଦି ପରିବର୍ତ୍ତନ ନ ହୁଏ ଏବଂ ରିପବ୍ଲିକାନ ପାର୍ଟି ଦକ୍ଷ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଆଣେ, ତେବେ ୨୦୨୨ରେ କଂଗ୍ରେସର ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଡେମୋକ୍ରାଟଙ୍କର ପରାଜୟ ହେବା ବହୁ ସମ୍ଭାବନା ରହିଛି । ଏପରିକି ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ଦଳ ପତନମୁଖୀ ହୋଇପାରେ । ତେବେ ଡେମୋକ୍ରାଟ ସମର୍ଥିତ ନ୍ୟୁ ଜର୍ସିରେ ଗଭର୍ନର ନିର୍ବାଚନରେ କଡ଼ା ମୁକାବିଲାର ସମ୍ମୁଖୀନ ହେବା ସମୟରେ ସେହି ଦିନ ଭର୍ଜିନିଆରେ ରିପବ୍ଲିକାନଙ୍କ ବିଜୟ କିଛି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛି । ଏଥିରୁ ବୁଝାପଡୁଛି, ଡେମୋକ୍ରାଟିକ ପାର୍ଟି ସମସ୍ୟାରେ ରହିଛି ।

ଗ୍ଲେନ୍ ୟଙ୍ଗକିନ୍ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଭାବେ ଭର୍ଜିନିଆ ଗଭର୍ନର ନିର୍ବାଚନ ପ୍ରଚାର ଅତି ପ୍ରଭାବୀ ଓ ନୂତନ ଢଙ୍ଗରେ କରିଥିଲେ । ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଚାରରେ ସାମିଲ କଲେ ରିପବ୍ଲିକାନ୍‌ଙ୍କର କ'ଣ ସମସ୍ୟା ହେବ ସେ ସମ୍ପର୍କରେ ସେ ଅବଗତ ଥିଲେ । ଟ୍ରମ୍ପଙ୍କ ସମର୍ଥନ ତାଙ୍କ ବିପକ୍ଷରେ ଯାଇପାରେ ବୋଲି ଆଶଙ୍କା କରି ୟଙ୍ଗକିନ୍ ଚତୁରତାର ସହ ନିର୍ବାଚନ ପରିଚାଳନା କରୁଥିଲେ । ନୋମିନେଶନ ପୂର୍ବରୁ ୟଙ୍ଗକିନ ଟ୍ରମ୍ପଙ୍କ ଆଶୀର୍ବାଦ ନେଇଥିଲେ ବି ତାଙ୍କ ପ୍ରତି କୃତଜ୍ଞ ଭାବ ପ୍ରଦର୍ଶନ କରୁ ନ ଥିଲେ । କେବଳ ଏତିକି ନୁହେଁ, ସେ ଟ୍ରମ୍ପଙ୍କୁ କ୍ରୋଧିତ ନ କରି ରାଜ୍ୟ ବାହାରେ ରଖିବାରେ ସକ୍ଷମ ହୋଇପାରିଥିଲେ । ଫଳରେ ୟଙ୍ଗକିନ୍ ଟ୍ରମ୍ପଙ୍କ ସମର୍ଥିତ ଏବଂ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନରୁ ମୁହଁ ଫେରାଇ ବାଇଡେନଙ୍କୁ ସମର୍ଥନ କରିଥିବା ସହରୀ ଶ୍ୱେତାଙ୍ଗ ମହିଳାମାନଙ୍କ ଭୋଟ ପାଇପାରିଲେ । ନିର୍ବାଚନରେ ସେ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇଥିଲେ । ସେ ଜାଣିଥିଲେ ଯେ,ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକମାନେ ଖୁସି ନ ଥିଲେ । ଏଣୁ ସେ ପ୍ରଚାରରେ ଅର୍ଥବ୍ୟବସ୍ଥା ଓ ମୁଦ୍ରାସ୍ଫୀତି ସହ ଦ୍ୱିତୀୟ ସମସ୍ୟା ଭାବେ ଶିକ୍ଷାକୁ ଯୋଡ଼ିଥିଲେ । କିନ୍ତୁ ତାଙ୍କ ପ୍ରତିପକ୍ଷ ପୂର୍ବତନ ଗଭର୍ନର ତଥା ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ଟେରି ମ୍ୟାକ୍‌ଓଲିଫି ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ନ ଦେଇ ୟଙ୍ଗକିନ୍‌ଙ୍କୁ ଟ୍ରମ୍ପଙ୍କ ଅବତାର ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ୟଙ୍ଗକିନ୍ ଟ୍ରମ୍ପଙ୍କ ସମର୍ଥନରୁ ନିଜକୁ ଦୂରେଇ ରଖିବାରେ ସଫଳ ହେବା ଦ୍ୱାରା ଟେରିଙ୍କ ଚାଲ୍ କାମ କଲା ନାହିଁ । ସେ ପ୍ରମାଣ କରିପାରିଲେନି ଯେ ୟଙ୍ଗକିନ୍‌ଙ୍କ ପଛରେ ଟ୍ରମ୍ପ ରହିଛନ୍ତି । ଫଳରେ ଟ୍ରମ୍ପଙ୍କୁ ଯେଉଁ ରିପବ୍ଲିକାନ୍‌ମାନେ ସମର୍ଥନ କରୁ ନ ଥିଲେ ସେମାନେ ୟଙ୍ଗକିନ୍‌ଙ୍କ ସମର୍ଥନରେ ବାହାରି ଆସିଲେ । ଆଶ୍ଚର୍ଯ୍ୟଜନକ ଭାବେ ଡେମୋକ୍ରାଟ ଠାରୁ ରିପବ୍ଲିକାନ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ମିଳିଲା । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜାନୁୟାରୀ ୬ କ୍ୟାପିଟଲ୍ ଦଙ୍ଗା ସମୟରେ , ତା'ପୂର୍ବରୁ ଓ ପରେ ଯାହା ଘଟିଥିଲା ତା'ଉପରେ ଲୋକମାନେ ଜୋର୍ ନ ଦେଇ ସାମ୍ପ୍ରତିକ ପରିସ୍ଥିତି ଓ ଭବିଷ୍ୟତକୁ ନେଇ ଭୋଟ ଦେବା ଲାଗି ପସନ୍ଦ କରିଛନ୍ତି ।

ପ୍ରକୃତରେ ୟଙ୍ଗକିନ୍ ଟ୍ରମ୍ପବାଦରୁ ଦୂରେଇଯାଇ ନ ଥିଲେ । କିନ୍ତୁ ସେ ନିର୍ବାଚନରେ ଯେଉଁ ଯୁକ୍ତି ଉପସ୍ଥାପନ କରୁଥିଲେ ତାହା ଲୋକଙ୍କ ମାନସିକତାକୁ ପ୍ରଭାବିତ କରୁଥିଲା । ବିଶେଷକରି ଶିକ୍ଷା ବ୍ୟବସ୍ଥାରେ ରହିଥିବା ସମସ୍ୟାକୁ ଲାକଲୋଚନକୁ ଆଣିବା ଜାରି ରଖିଥିଲେ । ଫଳରେ କେତେକ ନିର୍ଦ୍ଦିଷ୍ଟ ଜାତିଗତ ଦୃଷ୍ଟିକୋଣରୁ ତାଙ୍କୁ ସମର୍ଥନ ମିଳିବାର ସୂଚନା ମିଳିଥିଲା । କରୋନା ମହାମାରୀ ସମୟରେ ସ୍କୁଲ ବନ୍ଦ ହେବାଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ଓ ଘରେ ପିଲାମାନଙ୍କ ଶିକ୍ଷାରେ ଅଭିଭାବକଙ୍କ ଭୂମିକା ଥିଲା ତାଙ୍କ ବିତର୍କର ପ୍ରମୁଖ ଅଂଶ । କିନ୍ତୁ ଏକ ବିତର୍କରେ ଏହି ବିଷୟକୁ ୟଙ୍ଗକିନ୍ ଯେଭଳି ଯୁକ୍ତି ରଖିଲେ ମ୍ୟାକ୍‌ଓଲିଫି ତାହା କରିପାରିଲେ ନାହିଁ । ସେ ହଡ଼ବଡେଇ ଗଲେ । ସାମାଜିକ ସମସ୍ୟାଗୁଡ଼ିକ ଉପରେ ନିର୍ବାଚନରେ ବିପକ୍ଷକୁ ଆକ୍ରମଣ କରିବାରେ ଡେମୋକ୍ରାଟ୍‌ମାନେ ଲଗାତର ଅଯୋଗ୍ୟ ରହିବା ଦେଖାଯାଇଛି ।

ଭର୍ଜିନିଆ ଫଳାଫଳ ଯାହା ହେଲା ତାହା ଡେମୋକ୍ରାଟିକ ପାର୍ଟି ସମର୍ଥିତ ନ୍ୟୁଜର୍ସିରେ ହୋଇପାରିଲା ନାହିଁ । ସେଠାରେ ଏବକାର ଡେମୋକ୍ରାଟିକ ଗଭର୍ନର ଫିଲ୍ ମର୍ଫି ସହଜରେ ବିଜୟୀ ହେବେ ବୋଲି ଯାହା ଅନୁମାନ କରାଯାଉଥିଲା ତାହା ହେଲା ନାହିଁ । ଭୋଟ ଗଣତିର ଦୁଇଦିନ ପର୍ଯ୍ୟନ୍ତ ତାଙ୍କୁ ବିଜୟୀ ଘୋଷଣା କରାଗଲା ନାହିଁ (ଟେକ୍ନିକାଲି ଏହା ଏବେ ସୁଦ୍ଧା ଶେଷ ହୋଇ ନାହିଁ) । ଟ୍ରମ୍ପଙ୍କ ଭଳି ରିପବ୍ଲିକାନ୍ ପ୍ରାର୍ଥୀ ଜ୍ୟାକ୍ ସିଆଟାରେଲି ଏହାକୁ ସ୍ୱୀକାର କରିବାକୁ ମନା କରିଦେଲେ ଏବଂ ଭୋଟରେ ଜାଲିଆତି ହୋଇଥିବା ଯୁକ୍ତି ବାଢ଼ିଲେ । ଭର୍ଜିନିଆରେ ୟଙ୍ଗକିନ୍ ହାରିଥିଲେ ରିପବ୍ଲିକାନମାନେ ଏଭଳି କରିବାକୁ ଯୋଜନା କରୁଥିଲେ ହେଲେ ସେ ଜିତିଗଲେ । ଏହି ଦୁଇ ନିର୍ବାଚନର ପରାଜୟ ଅଧିକାଂଶ ଡେମୋକ୍ରାଟ୍‌ଙ୍କୁ ଚିନ୍ତାରେ ପକାଇଦେଇଛି । ସମ୍ପୂର୍ଣ୍ଣ ହାଉସ ଏବଂ ସିନେଟର ଏକ ତୃତୀୟାଂଶ ସଦସ୍ୟ ପାଇଁ ହେବାକୁ ଥିବା ୨୦୨୨ର ମଧ୍ୟବର୍ତ୍ତୀ ନିର୍ବାଚନ ଏବଂ ଏପରିକି ୨୦୨୪ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନକୁ ନେଇ ପାର୍ଟି ବିବ୍ରତ ହୋଇପଡ଼ିଛି । ବିଶେଷକରି କୃଷ୍ଣକାୟ ଡେମୋକ୍ରାଟମାନେ ଅଧିକ ସଂଖ୍ୟାରେ ଭୋଟ ନ ଦେବାର ସୂଚନା ଥିଲା ଏବଂ ଅପରପକ୍ଷେ ସହରୀ ଶ୍ୱେତାଙ୍ଗ ମହିଳାମାନେ ରିପବ୍ଲିକାନ୍‌କୁ ଫେରିବା ପର୍ଯ୍ୟାପ୍ତ ସୂଚନା ମିଳୁଥିଲା । କୁକ୍ ପଲିଟିକାଲ ରିପୋର୍ଟର ଡାଭିଡ ୱାସରମ୍ୟାନ୍ ଆକଳନ କରିଛନ୍ତି ଯେ, ମଧ୍ୟବର୍ତ୍ତୀ ନିର୍ବାଚନ ହେଲେ ଡେମୋକ୍ରାଟ ୪୦ ଆସନରୁ ଅଧିକ ହରାଇପାରନ୍ତି । ଯଦି ସ୍ଥିତିରେ ପରିବର୍ତ୍ତନ ନ ଆସେ ତେବେ ୨୦୨୪ରେ ୫୦ ଆସନରୁ ଅଧିକ ହରାଇବାର ସମ୍ଭାବନା ଅଛି ବୋଲି ମଧ୍ୟ ପ୍ରକାଶ କରିଛନ୍ତି । ନିର୍ବାଚନରେ ଭର୍ଜିନିଆ ଭୋଟରମାନଙ୍କୁ ନିଜ ସପକ୍ଷକୁ ଆଣିବା ଲାଗି ମ୍ୟାକ୍‌ଓଲିଫି କିଛି କରିଥିଲେ ବୋଲି ସ୍ପଷ୍ଟ ହେଲା । ଡେମୋକ୍ରାଟଙ୍କ ମଧ୍ୟରେ ରହିଥିବା ବିବାଦ ଯୋଗୁ ଅଟକି ରହିଥିବା ଦୁଇ ବିଲିୟନରୁ ଅଧିକ ଡଲାର୍‌ର ଇନ୍‌ଫ୍ରାଷ୍ଟ୍ରକଚର ବା ଭିତ୍ତିଭୂମି ବିଲ୍ ଉଭୟ ପାର୍ଟିର ସମର୍ଥନରେ ପାସ କରାଯାଇଥିବା ଦର୍ଶାଇଥିଲେ । ଏବଂ ବିବାଦୀୟ ହ୍ୟୁମ୍ୟାନ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଗ୍ରାମ ବା ମାନବୀୟ ଭିତ୍ତିଭୂମି ଯୋଜନା ସହ ଜଳବାୟୁ ପରିବର୍ତ୍ତନ ବିଲ୍ କେବଳ ଡେମୋକ୍ରାଟଙ୍କ ବିବାଦ ଯୋଗୁ ପଡ଼ିରହିଲା ତାହା ମଧ୍ୟ କହିଥିଲେ । ଡେମୋକ୍ରାଟମାନେ କଂଗ୍ରେସ ଜିତିପାରିଥାଆନ୍ତି ସତ, କିନ୍ତୁ ତାହା ସେମାନେ କରିପାରିଲେ ନାହିଁ ବୋଲି ଲୋକଙ୍କୁ ଅବଗତ କରିଥିଲେ ।

ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଗ୍ରାମ ବିଲ୍ ପାସ୍ ହୋଇଥିଲେ ନିଶ୍ଚିତ ଭାବେ ଜିତିପାରିଥାଆନ୍ତେ ବୋଲି ମ୍ୟାକ୍‌ଓଲିଫି ଅନୁମାନ କରୁଛନ୍ତି । ହ୍ୟୁମ୍ୟାନ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଗ୍ରାମ ସକାରାତ୍ମକ ଭାବେ ଉପସ୍ଥାପିତ କରାଯାଇଥିବା ବେଳେ ମଧ୍ୟମପନ୍ଥୀ ଡେମୋକ୍ରାଟ୍‌ମାନେ ଏହାର ଆର୍ଥିକ ପରିମାଣ ଅଧିକ ହୋଇଥିବା ମନେ କଲେ । ଏପରିକି ଜଣେ ସିନେଟର ଗୋଟିଏ ବିଷୟକୁ ବିରୋଧ କରି ଡେମୋକ୍ରାଟିକରେ ବିଭାଜନ ସୃଷ୍ଟି କରି ସବୁ ଶେଷ କରିଦେଲେ । ବିଭାଜିତ ଡେମୋକ୍ରାଟମାନଙ୍କ ମଧ୍ୟରେ ଭିତ୍ତିଭୂମି ଯୋଜନାକୁ ନେଇ ବିତର୍କର ପରିଣାମ ଭର୍ଜିନିଆ ଓ ନ୍ୟୁଜର୍ସିରେ ଦେଖିଲେ । ଉଭୟ ବିଲ୍ ପାସ୍ କରିବା ଲାଗି ସାମାଜିକ ସଂସ୍କାର ଚାହୁଁଥିବା ଡେମୋକ୍ରାଟ୍ ଏବଂ ଜୋ ବାଇଡେନ୍‌ଙ୍କୁ ଏହା ସତର୍କ କରିଦେଇଛି । କିନ୍ତୁ ପଶ୍ଚିମ ଭର୍ଜିନିଆର ମଧ୍ୟମପନ୍ଥୀ ଡେମୋକ୍ରେଟ୍ ଜୋ ମ୍ୟାନ୍‌ଚିନ କଂଗ୍ରେସରେ ଏହି ବିଲ୍ ପାସ୍ ବିଳମ୍ବ ହେବା ଉଚିତ ବୋଲି କହୁଛନ୍ତି । କିନ୍ତୁ ସପ୍ତାହ ବ୍ୟାପୀ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭର ଡେମୋକ୍ରାଟମାନେ ଏକ ପ୍ରସ୍ତାବ ଆଗତ କରିଥିବାବେଳେ ତା'ପର ସପ୍ତାହରେ ସିନେଟ ବନ୍ଦ ଥିବାରୁ ଏହା ଅସମ୍ଭବ ହୋଇଛି । ହାଉସ୍ ସ୍ପିକର ନାନ୍ସି ପଲୋସି ବିଲ୍‌ରେ ନୂଆ ମାତୃତ୍ୱ ପାଇଁ ପେଡ୍‌ଲିଭ୍ ପ୍ରସ୍ତାବ ଲାଗି ବିଳମ୍ବ କରିଛନ୍ତି । ମ୍ୟାନ୍‌ଚିନ ଏହାକୁ ସମର୍ଥନ କରୁଥିଲେ ମଧ୍ୟ ସାମାଜିକ ଭିତ୍ତିଭୂମି ବିକାଶ ବିଲ୍‌ର ଅଂଶ ହୋଇଥିବାରୁ ଏହାକୁ ବିରୋଧ କରନ୍ତି ବୋଲି କହିବା ପରେ ଏଭଳି ସ୍ଥିତି ଉପୁଜିଛି । ମ୍ୟାନଚିନ ଏବଂ ଅନ୍ୟମାନେ ଏଭଳି କେତେକ କାର୍ଯ୍ୟକ୍ରମ ଲାଗି ଅର୍ଥ ଯୋଗାଣ ସମ୍ପୂର୍ଣ୍ଣ ସନ୍ଦେହରେ ଥିଲା ବୋଲି ଯୁକ୍ତି ବାଢିଛନ୍ତି । ହାର୍ଡ ଇନ୍‌ଫ୍ରାଷ୍ଟ୍ରକଚର ବିଲ୍ ଉଭୟ ସଦନରେ ଉଭୟ ଦଳ ସମର୍ଥନରେ ଏବେ ପାସ୍ ହୋଇଯାଇଛି,କିନ୍ତୁ ସଫ୍ଟ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଗ୍ରାମ ଆଉ କିଛି ସପ୍ତାହ ବିଳମ୍ବ ହୋଇପାରେ ।

**ଲେଖିକା ୱାଶିଂଟନ୍‌ର ଜଣେ ସାମ୍ବାଦିକା**

## ଏଇ ଭାରତରେ

ଜଣେ ଦିବ୍ୟାଙ୍ଗ ଅନ୍ୟ ଦିବ୍ୟାଙ୍ଗଙ୍କ ଦୁଃଖ ବୁଝି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ଦୃଷ୍ଟାନ୍ତ ସାମ୍ନାକୁ ଆସିଛି ଗୁଜରାଟରେ । ନିଲମ୍ ପାରାମର ତାଙ୍କ ଭଉଣୀ ରେଖାଙ୍କ ସହାୟତାରେ ଦିବ୍ୟାଙ୍ଗ ପିଲାମାନଙ୍କୁ ଖାଦ୍ୟ, ଶିକ୍ଷା ଏବଂ ସେମାନଙ୍କ ରହିବାର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ନିଲମ୍ ରହୁଛନ୍ତି ଜୁନାଗଡ଼ରେ । ସେ ଜନ୍ମରୁ ୮୦% ଦିବ୍ୟାଙ୍ଗ । ସେ ଚାଲିପାରନ୍ତି ନାହିଁ । ହ୍ୱିଲ ଚେୟାରରେ ରହି ସବୁ ପ୍ରକାର କାର୍ଯ୍ୟର ପରିଚାଳନା କରୁଛନ୍ତି । ୨୦୧୨ରେ ଏକ 'ସନ୍ତବନ ବିକଳାଙ୍ଗ ବିକାଶ ମଣ୍ଡଳ' ଏନ୍‌ଜିଓ ଗଠନ କରି ତା ମାଧ୍ୟମରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରୁଛନ୍ତି । କେବଳ ପିଲା ନୁହନ୍ତି,ବୟସ୍କ ଦିବ୍ୟାଙ୍ଗଙ୍କ ଲାଗି ବି ରହିବା ଖାଇବା ସୁବିଧା କରିଛନ୍ତି । ତାଙ୍କ ନିକଟରେ ୯ ମାସର ଶିଶୁଠାରୁ ଆରମ୍ଭ କରି ୫୧ ବର୍ଷ ବୟସର ବ୍ୟକ୍ତି ରହିଛନ୍ତି । ଏବେ ୪୦ ଜଣ ପିଲା ଏବଂ ବୟସ୍କ ରହିଛନ୍ତି । ପିଲାମାନଙ୍କ ଶିକ୍ଷା, ମୌଳିକ ଆବଶ୍ୟକତା ଆଦି ସମସ୍ତ ଖର୍ଚ୍ଚ ସେ ବହନ କରୁଛନ୍ତି । ଦୁଇ ଭଉଣୀଙ୍କ ନିଜସ୍ୱ ରୋଜଗାର ଓ ଦାନରେ ଏହା ଚାଲିଛି । ପିଲାମାନଙ୍କୁ ଫିଜିଓଥେରାପି ଓ ଅନ୍ୟ ଚିକିତ୍ସା ବ୍ୟବସ୍ଥା ରଖାଯାଇଛି । କେତେଜଣଙ୍କୁ ହସ୍ତକଳା ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହ ନାଚ ଶିଖାଯାଉଛି । ଦୁଇ ଭଉଣୀଙ୍କ ବ୍ୟତୀତ ପିଲାମାନଙ୍କ ଯତ୍ନ ନେବାରେ ୧୫ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି ।

## ଚିରନ୍ତନୀ

ପ୍ରାସାଦ-କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ ବାରତା-
ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା । -(ଜାଗ ଜାଗ ଗାନ୍ଧି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 9 | | | 8 | 1 |
| | | | | | | | | |
| 8 | 6 | 7 | | | | | 2 | |
| | | 1 | 7 | | 6 | | | 2 |
| | | 3 | | | | 9 | | |
| 2 | | | | 4 | | | | |
| | 3 | | | 5 | 1 | | | |
| | | | 4 | | 9 | | | |
| 1 | | 2 | | 3 | | | 9 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 2 | 8 | 9 | 5 | 7 | 1 | 4 |
| 9 | 5 | 7 | 4 | 3 | 1 | 6 | 8 | 2 |
| 1 | 4 | 8 | 7 | 2 | 6 | 3 | 5 | 9 |
| 2 | 8 | 4 | 3 | 6 | 7 | 1 | 9 | 5 |
| 5 | 7 | 6 | 1 | 4 | 9 | 8 | 2 | 3 |
| 3 | 9 | 1 | 2 | 5 | 8 | 4 | 7 | 6 |
| 8 | 6 | 5 | 9 | 1 | 4 | 2 | 3 | 7 |
| 7 | 2 | 9 | 6 | 8 | 3 | 5 | 4 | 1 |
| 4 | 1 | 3 | 5 | 7 | 2 | 9 | 6 | 8 |

ଗତକାଲିର ଉତ୍ତର

# ଅନ୍ତରାତ୍ମାର ଡାକ



ଉପେନ୍ଦ୍ର ବିଶ୍ୱାଳ

ଶିଶୁଟିଏ ଯେବେ ଜନ୍ମନିଏ ସେତେବେଳେ ମନେହୁଏ କେହି ଜଣେ ଦେବତାଙ୍କର ହେଲା ଧରାବତରଣ । କାରଣ ତା'ଦେହରେ ଲେଶମାତ୍ର ନ ଥାଏ କଳୁଷ କାଳିମା ; ବରଂ ଦିବ୍ୟଭାବରେ ଝଲସୁଥାଏ ମୁଖମଣ୍ଡଳ । ଯାହୁଁ ବୟସ ବଢ଼ି ବଢ଼ି ଚାଲେ ତାହୁଁ ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଷ୍ଟନୀରେ ବିକାରଯୁକ୍ତ ହୁଏ ତା' ମନ-ମସ୍ତିଷ୍କ । ଫଳତଃ ଦିବ୍ୟଭାବ ଦୂରେଇଯାଇ ଦୈତ୍ୟଭାବନା ବସା ବାନ୍ଧେ ତା'ଠି । ଏହି ଦୈତ୍ୟପଣିଆ ଧୀରେ ଧୀରେ ଆଧିପତ୍ୟ ବିସ୍ତାର କରି ମଣିଷକୁ ବାଟବଣା କରିଥାଏ । ଏହି ସମୟରେ ଆମ ଅନ୍ତଃଚେତନା/ଅନ୍ତରାତ୍ମା ଆମକୁ ଠିକ୍ ଦିଶା ଦେଖାଇଥାଏ । ଅନ୍ତରର ଏହି ଚେତନା ଆମର ଦିଗ୍‌ଦର୍ଶକ । ଚେତନାର ଚେତାବନୀ ବା ଅନ୍ତରର ଡାକକୁ ଶୁଣି ତଦନୁଯାୟୀ ଯିଏ କାମ କରେ ସେ ହିଁ ବାସ୍ତବରେ ମଣିଷ । ଅନ୍ତରାତ୍ମାର ଆବେଦନକୁ ବାରମ୍ବାର ଏଡ଼ାଇ ଦେଇ ଅମାନବୀୟ କାମ କରୁଥିବା ବ୍ୟକ୍ତି, ମଣିଷ ନୁହନ୍ତି ବରଂ ଅସୁର ସମାନ । କାରଣ ଦାନା ବାନ୍ଧିସାରିଥିବା ଦାନବତ୍ୱ ତାଙ୍କଠାରେ ଆଧିପତ୍ୟ ଜାହିର କରୁଥାଏ । ଆଉ, ଏହିମାନେ ହିଁ ତ ସମାଜ ପାଇଁ ଅନେକ ବିପଦର କାରଣ ସାଜନ୍ତି, ଠିକ୍ ଗୋବିନ୍ଦ ସାହୁମାନଙ୍କ ପରି । କେବଳ ଗୋବିନ୍ଦ ସାହୁମାନେ ଯେ ମାନବରୂପୀ ଦାନବ ତାହା ନୁହଁ, ଏମାନଙ୍କୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ସହାୟତା କରୁଥିବା ବ୍ୟକ୍ତିସମୂହ ବି ସମ ପର୍ଯ୍ୟାୟର । ଆମ ଶାସ୍ତ୍ର କୁହେ ''ଯେଉଁମାନେ ଭ୍ରଷ୍ଟାଚାରକୁ କୌଣସି ନା କୌଣସି ବାଗରେ ପ୍ରଶ୍ରୟ ଦିଅନ୍ତି, ସେମାନେ ସମ ଅପରାଧରେ ଦୋଷୀ ଏବଂ ସ୍ୱ-ଅର୍ଜିତ ପାପ କାରଣରୁ ନର୍କରେ ବି ପଡ଼ନ୍ତି ।'' କେବଳ ଗୋବିନ୍ଦ ସାହୁମାନଙ୍କ ଭିତରେ ଏମାନେ ବଳ ବା ସାହସ ଭରନ୍ତି ନାହିଁ, ଅନେକ ଗୋବିନ୍ଦ ମାନଙ୍କୁ ତିଆରି କରିବାରେ ବି ଭୂମିକା ନିର୍ବାହ କରିଥାନ୍ତି । ବନଭୂମିର ଲକ୍ଷ ଲକ୍ଷ ଗଛଗୁଡ଼ିକୁ ଗୋଟେ ଦିଆସିଲି କାଠି ଯେମିତି ଜାଳି ପୋଡ଼ି ଛାରଖାର କରିଦିଏ, ସେମିତି ବି ସମାଜର ସୁନ୍ଦର ମୁଖମଣ୍ଡଳକୁ କଦର୍ଯ୍ୟ କରିଦିଅନ୍ତି ଜଣେ ଜଣେ ଗୋବିନ୍ଦ । ପରିଣତରେ ଅଜସ୍ର ଦୁଃଖ ଓ ବେଦନାରେ ସନ୍ତାପିତ ହୁଏ ଏ ସମାଜ । ଏହି କଥାଟିକୁ ଆମେ ଭୁଲି ଯାଉଥିବାର ଏବଂ ଗୋବିନ୍ଦମାନଙ୍କ କୁତ୍ସିତ କାରନାମାଗୁଡ଼ିକୁ କୋଣଠେସା କରିଦେବାକୁ କାରସାଦି କରୁଥିବାର ସାଧାରଣରେ ମନେହେଉଛି । ଆତ୍ମାକୁ ବହୁତ ବାଧୁଥିବାରୁ ଅତି କଠୋର ସତ୍ୟକୁ ଏଠାରେ ଉପସ୍ଥାପନ କରିବାକୁ ବାଧ ହେଉଛି ।

ଅନ୍ତରାତ୍ମାର ଡାକ ଶୁଣୁଥିବା ଚେତନଶୀଳ ମଣିଷମାନଙ୍କୁ ଏମିତି ଖୁବ୍ ବ୍ୟଥିତ କରେ । ସେମାନେ ଅନ୍ୟାୟ-ଅଧର୍ମ-ଅନାଚାରକୁ ସହି ନ ପାରି ଘୋର ବିରୋଧ କରିଥାନ୍ତି । ଅନ୍ୟାୟ-ଅଧର୍ମ ପକ୍ଷରେ କେବେ ରହିପାରନ୍ତି ନାହିଁ । ଅନ୍ତରାତ୍ମା ତାଙ୍କୁ ମାରି ଗୋଡ଼ାଏ, ଠିକ୍ ଆବ୍ରାହମ ଲିଙ୍କନଙ୍କ କ୍ଷେତ୍ରରେ ଘଟିଥିଲା ପରି । ଏକଦା ଆମେରିକାର ଜଣେ ଅତି ଧନାଢ଼୍ୟବ୍ୟକ୍ତି ଲିଙ୍କନଙ୍କୁ ଭେଟି ତାଙ୍କ ମୋକଦ୍ଦମା ଲଢ଼ିବାକୁ ପ୍ରବର୍ତ୍ତାଇଲେ । ପ୍ରଚୁର ଅର୍ଥର ଲାଳସା ବି ଦେଖାଇଲେ । ଧୈର୍ଯ୍ୟର ସହିତ ସବୁକଥା ଶୁଣି ସାରିଲା ପରେ ଲିଙ୍କନ କହିଲେ- ''ଜଣେ ପେସାଦାର ଓକିଲଭାବେ ମୁଁ ମୋର ବୃତ୍ତିଗତ ସମୟ ବିକ୍ରି କରିପାରେ କିନ୍ତୁ ନୈତିକତାକୁ ଜଳାଞ୍ଜଳି ଦେଇପାରିବିନି କି ବିବେକକୁ ବିକିପାରିବି ନାହିଁ । ଏହା କଲେ ମୋ ଅନ୍ତରାତ୍ମା ମୋତେ ଧିକ୍କାର କରି କହିବ- ଲିଙ୍କନ ତୁମେ ମିଥ୍ୟାବାଦୀ, ତୁମେ ପ୍ରବଞ୍ଚକ । ଅନ୍ତରାତ୍ମାର ଡାକକୁ ଏଡ଼ାଇ ଦେଇ ନିଜ ପ୍ରତି ନିଜେ ପ୍ରବଞ୍ଚନା କରିପାରିବିନି । ଏହାଦ୍ୱାରା ମୁଁ ବଞ୍ଚିପାରିବି ନାହିଁ । କାରଣ ପ୍ରତିମୁହୂର୍ତ୍ତରେ ମୋ ଅନ୍ତରାତ୍ମା ମୋତେ ଏହି ପ୍ରକାର ଦଂଶନ କରିଚାଲିବ ।''

ଆମେରିକାରୁ ଏବେ ପୁଣି ଫେରିବା ଓଡ଼ିଶାକୁ । ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ/ପ୍ରଦର୍ଶିତ ଘଟଣା ସବୁକୁ ନିରୀକ୍ଷଣ କଲେ ମନେହୁଏ, ଏତେସବୁ ପରେ ବି ଏହି କଳଙ୍କିତ ଘଟଣା, ଆଗଧା ଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କ ଚେତନାକୁ ଛୁଇଁ ନାହିଁ କି ଆତ୍ମାକୁ ଆନ୍ଦୋଳିତ କରୁନାହିଁ ଅଦ୍ୟାବଧି । ଗତ କେଇବର୍ଷର ଘଟଣାବଳୀକୁ ଲକ୍ଷ୍ୟ କଲେ ମନେହୁଏ ସତେଯେମିତି ଉତ୍କର୍ଷର ଭୂମି, ଉତ୍କଳ ଆଜି ଅପଶକ୍ତିଙ୍କ ଅକ୍ତିଆରରେ । ତା'ହୋଇ ନ ଥିଲେ ଦୁଷ୍ଟଶକ୍ତିଙ୍କ ଦୌରାତ୍ମ୍ୟରେ ଶାନ୍ତିପ୍ରିୟ ଶ୍ରୀଜଗନ୍ନାଥଙ୍କ ପାବନକ୍ଷେତ୍ର ଏମିତି କ'ଣ କଲବଲ ହେଉଥାନ୍ତା ? ମାଟିର ମହତ ମଶାଣିମୁହାଁ । ଏପରି ସ୍ଥିତିରେ ସ୍ୱାଭାବିକ ଭାବେ ମନରେ ପ୍ରଶ୍ନ ଉଠେ - ସତ୍ତାଲୋଭୀ, ସତ୍ତାଧାରୀଙ୍କ ସମର୍ଥନ ଓ ସହାୟତା ଯଦି ନାହିଁ ତେବେ ଦାନବ ଦଳମାନେ କେଉଁଠୁ ପାଉଛନ୍ତି ଏମିତି ବଳ ? ଆଇନକାନୁନ, ଶାସନ ବ୍ୟବସ୍ଥାକୁ ବେଖାତିର କରି ଗୋଟେ ପରେ ଗୋଟେ ଏପରି କାଣ୍ଡସବୁ ଭିଆଇବାକୁ ତାଙ୍କର ଏତେ ସାହସ ଆସୁଛି କେଉଁଠୁ ? ଆଇନର ଗୋଡ଼ ନ ଥାଏ । ତେଣୁ ତାକୁ ଚଲେଇବାକୁ ପଡ଼େ । ଆଇନକୁ କାର୍ଯ୍ୟକାରୀ କରିବାକୁ ପଡ଼େ । ଆଇନ ଯଦି ଠିକ୍ ବାଟରେ ଚାଲୁଥାନ୍ତା ଏବଂ ପୋଲିସ ତଦନ୍ତଠାରୁ ନ୍ୟାୟିକ ନିଷ୍ପତ୍ତି ପର୍ଯ୍ୟନ୍ତ, ସବୁ ଯଦି ଉଚିତ ଢଙ୍ଗରେ ଚାଲୁଥାନ୍ତା, ତେବେ ଅପରାଧୀ/ଅଭିଯୁକ୍ତମାନେ ଛାତିଫୁଲାଇ ବୁଲନ୍ତେ ନାହିଁ । ଏମିତିସବୁ ଅଘଟଣମାନ ଘଟନ୍ତା ନାହିଁ ଗୋଟାଏ ପରେ ଆଉ ଗୋଟାଏ । ଆମେ କେବେ ଆମ ଚେତନାର ଡାକକୁ ଶୁଣିଛୁ କି? କ୍ଷମତା ନିଶା ବା ପଦ-ପଦବୀର ସାମାନ୍ୟ ମୋହରେ ନିଜ ବିବେକ-ବିଚାରକୁ ବିକି ଦେବାକୁ ବି ପଛାଉ ନାହୁଁ । ତା' ନ ହୋଇଥିଲେ ବେବିନା, ପରୀ, ସ୍ମିତା, ମାଧବିଲତାଠୁ ମମିତାଙ୍କ ପର୍ଯ୍ୟନ୍ତ ତଦନ୍ତମାନ, ସୁଆଙ୍ଗ ଭଳି ପ୍ରତୀୟମାନ ହୁଅନ୍ତା ନାହିଁ । ସତ୍ୟ ହେଉଛି ସତ୍ୟ, ତାହା ଗୋଟିଏ । ଠିକ୍ ପୋଲିସ ତଦନ୍ତରେ ଯେଉଁ ସତ୍ୟ ବାହାରିବ ସେହି ସତ୍ୟ ବି ଉନ୍ମୋଚନ ହେବ ସିବିଆଇ ବା ସ୍ୱତନ୍ତ୍ର ନିରପେକ୍ଷ ତଦନ୍ତରେ । ତେବେ ଜନମତକୁ ବେଖାତିର କରି ସିବିଆଇ ତଦନ୍ତକୁ ଏତେ ବିରୋଧ କାହିଁକି?

ସାଧାରଣ ବିଶ୍ୱାସରେ ଆଗଧାଡ଼ିରେ ଥିବା ବ୍ୟକ୍ତିମାନେ ସମାଜ ପାଇଁ ପଥ ପ୍ରଦର୍ଶକ । ସୁସ୍ଥସମାଜ ନିର୍ମାଣରେ ଏମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ସମୟରେ ଅନେକ ଆଗଧାଡ଼ିଆ, ସମାଜକୁ କ୍ଷତାକ୍ତ କରୁଥିବାର ଦୃଶ୍ୟମାନ ହୁଏ । ସେମାନେ ସେଲିବ୍ରିଟି ଚିତ୍ରାଭିନେତା ହୁଅନ୍ତୁ ଅବା ରାଜନେତା, କ୍ରୀଡ଼ାବିତ ହୁଅନ୍ତୁ ଅବା ଉଚ୍ଚପଦସ୍ଥ ଅଧିକାରୀ, ଯେଉଁମାନଙ୍କଠାରୁ ଏ ସମାଜ ଅନେକ କିଛି ଅପେକ୍ଷା ରଖେ, ସେମାନେ କିନ୍ତୁ ସମାଜ ପାଇଁ ଅନେକ ବ୍ୟଥା ଓ ବେଦନାର କାରଣ ସାଜୁଛନ୍ତି, ଚାତୁରିପଣରେ । କାରଣ ଏମାନଙ୍କ ଚେତନାସ୍ତର ନିମ୍ନମୁଖୀ ହୋଇ ଚାତୁରିପଣ ଉର୍ଦ୍ଧ୍ୱମୁଖୀ ହୋଇଥାଏ ।

ଲୋକପ୍ରିୟ ତେଲୁଗୁ ଅଭିନେତ୍ରୀ ହେଲେ 'ସାଇ ପଲ୍ଲବୀ' । ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀର ପ୍ରଚାର ପ୍ରସାର ପାଇଁ ଗୋଟେ ଖ୍ୟାତନାମା କମ୍ପାନୀ ଭଲ ପଇସାରେ ପଲ୍ଲବୀଙ୍କୁ ଚୁକ୍ତିବଦ୍ଧ ହେବାକୁ ପ୍ରସ୍ତାବ ଦେଲେ । 'ପଇସା ପାଇଁ ବିଜ୍ଞାପନ ଜରିଆରେ ଲୋକଙ୍କୁ ଭ୍ରମିତ କରିବାକୁ ମୋ ଅନ୍ତରାତ୍ମା ମୋତେ ବାରଣ କରୁଛି' କହି ବିନମ୍ରତାର ସହ ପ୍ରସ୍ତାବଟିକୁ ପ୍ରତ୍ୟାଖ୍ୟାନ କଲେ ସେ । ଆଉ ଗୋଟିଏ କଥା, ଯେମିତି ସଫେଦ ପୋଷାକ-ପରିଧାନରେ ପ୍ରତିଫଳିତ ହୁଏନାହିଁ ଆମର ସ୍ୱଚ୍ଛପଣ ସେମିତି ବି ଉଚ୍ଚତାରେ ନ ଥାଏ ଉଞ୍ଚାପଣ । ତାହା ନିହିତ ଥାଏ ନୈତିକତା ପ୍ରତି ନିଷ୍ଠା ପ୍ରଦର୍ଶନରେ, ଅନ୍ୟାୟ ପ୍ରତି ଶୂନ୍ୟ ସହନଶୀଳତାରେ । ଅତଏବ, ବିବେକକୁ ଉଜାଗର ରଖି ଆମେ ସଭିଏ ନିଜେ ନିଜକୁ ପଚାରିବା ଉଚିତ, ସମାଜର ପାପାଚାର, ଅନାଚାର, କୁବୃତ୍ତି ବୃଦ୍ଧିରେ, ପ୍ରତ୍ୟକ୍ଷ ଅବା ପରୋକ୍ଷରେ, ଆମର କିଛି ଭୂମିକା ନାହିଁ ତ? ଅତଏବ ଆସନ୍ତୁ ନିଜ ଅନ୍ତରାତ୍ମାର ଡାକକୁ ଶୁଣି, ସୁନ୍ଦର ସମାଜଟିଏ ରଚିବାକୁ ପ୍ରଯତ୍ନ କରିବା ।

**ଗୋଡିଶୂଳ, ସଜନାଗଡ଼, ବାଲେଶର,**
**ମୋ:୯୪୩୭୪୩୬୦୭୩,**
unbiswal05@gmail.com

# ପ୍ରଦୂଷିତ ଖାଦ୍ୟ ଓ ରୋଗ



ଡା. ଉମେଶ ଚନ୍ଦ୍ର ପାତ୍ର

କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ଓ ପ୍ରଦୂଷିତ ଖାଦ୍ୟ ଶୃଙ୍ଖଳା ଯୋଗୁଁ 'ଏଲର୍ଜି' ବଢୁଛି ବୋଲି ନିକଟରେ ଦିଲ୍ଲୀସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଚେଷ୍ଟ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଫେସର ରାଜ କୁମାର ଏକ ବୈଜ୍ଞାନିକ ସଂଗୋଷ୍ଠୀରେ ମତବ୍ୟକ୍ତ କରିଛନ୍ତି । ତାଙ୍କ ଅନୁଯାୟୀ ଭାରତର ୩୦%ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଖାଦ୍ୟ ଏଲର୍ଜି ଦ୍ୱାରା ପ୍ରଭାବିତ । ଯେଉଁମାନେ ପାଶ୍ଚାତ୍ୟ ଖାଦ୍ୟ ଶୃଙ୍ଖଳାକୁ ଗ୍ରହଣ କରିଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହାର ପ୍ରାବଲ୍ୟ ଅଧିକ । ସ୍ପର୍ଶ, ଆହାର ଏବଂ ଶ୍ୱାସ ଦ୍ୱାରା ଏହି ଏଲର୍ଜି ସୃଷ୍ଟି ହେଉଥିବା କହିଛନ୍ତି । ମାନବର ପ୍ରତିରକ୍ଷା ତନ୍ତ୍ର ଭାଇରସ୍, ପରଜୀବୀ ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିଥାଏ । ମାତ୍ର କେତେକ କ୍ଷେତ୍ରରେ ମାନବର ପ୍ରତିରକ୍ଷା ବ୍ୟବସ୍ଥା ହାନି ରହିତ ଏବଂ ହାନିକାରକ ତତ୍ତ୍ୱ ମଧ୍ୟରେ ରହିଥିବା ଅନ୍ତରକୁ ଚିହ୍ନି ପାରିନଥାଏ । ଏଭଳି କ୍ଷେତ୍ରରେ ପ୍ରତିରକ୍ଷା ତନ୍ତ୍ର ଖାଦ୍ୟ ପଦାର୍ଥର ପ୍ରୋଟିନ୍‌କୁ ଅବାଞ୍ଛିତ ବାହାରି ତତ୍ତ୍ୱ ରୂପେ ବିବେଚନା କରିଥାଏ ; ଯାହାର ପ୍ରତିକ୍ରିୟା ସ୍ୱରୂପ ଶରୀରରେ ପ୍ରତିରୋଧୀ ତତ୍ତ୍ୱ ଇମ୍ୟୁନୋଗ୍ଲୋବିନ-ଇ ସକ୍ରିୟ ହୋଇ ହାନିକାରକ ତତ୍ତ୍ୱର ମୁକାବିଲା ପାଇଁ ହିଷ୍ଟାମିନ୍ ଓ ଅନ୍ୟାନ୍ୟ ରସାୟନ କ୍ଷରଣ କରିଥାଏ । ଏହି ଇମ୍ୟୁନୋଗ୍ଲୋବିନ୍-ଇ ଶରୀରର ତ୍ୱଚା, ଫୁସ୍‌ଫୁସ୍, ଅନ୍ତ୍ର ଆଦିରେ ରହିଥାଏ, ଯାହା ସ୍ୱାଭାବିକ ରୂପେ ରୋଗ ପ୍ରତିରୋଧ ବ୍ୟବସ୍ଥାର ଏକ ଅଂଶବିଶେଷ । ଶରୀରରେ ବାହ୍ୟ ତତ୍ତ୍ୱର ପ୍ରବେଶ ସମୟରେ ଶରୀର ଭିତରେ ଏକ ରାସାୟନିକ ଯୁଦ୍ଧ ହୋଇଥାଏ । ଫଳରେ ଶରୀର କୁଣ୍ଡାଇ ହେବା, ତ୍ୱଚା, ଆଖି ଓଠ ଫୁଲିବା, କାଶ ହେବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଯିବା, ହୃଦ୍‌କମ୍ପନ ବୃଦ୍ଧି ପାଇବା ଆଦି ଲକ୍ଷଣ ଦେଖାଯାଇଥାଏ । ସାଧାରଣତଃ ଏଲର୍ଜିକୁ ନଅ ଭାଗରେ ବିଭକ୍ତ କରାଯାଇଛି । ଏଲର୍ଜିର ପ୍ରଭାବ କିଛି ସେକେଣ୍ଡରୁ ଛଅରୁ ଆଠଘଣ୍ଟା ପର୍ଯ୍ୟନ୍ତ ରହିଥାଏ । ଆମେରିକୀୟ ଫୁଡ୍ ଆଣ୍ଡ ଏଲର୍ଜି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ୧୭୦ରୁ ଅଧିକ ଖାଦ୍ୟ ପଦାର୍ଥ ଯୋଗୁଁ ଏଲର୍ଜି ହେଉଥିବା ଚିହ୍ନଟ କରାଯାଇଛି । ତେବେ ଭାରତରେ ଗୋରସ, ଅଣ୍ଡା, ଚିନାବାଦାମ, ମାଛ, ସୋୟା ସମେତ ପୂର୍ବରୁ ସଂରକ୍ଷିତ ଖାଦ୍ୟ ଫାଷ୍ଟଫୁଡ ଆଦି ଯୋଗୁଁ ଏଲର୍ଜି ହେଉଥିବା ଜଣାପଡ଼ିଛି । ଇମ୍ୟୁନୋଗ୍ଲୋବିନ-ଇ (ଆଇଜିଇ) ସାଧାରଣତଃ ମାନବ ସମେତ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ନିକଟରେ ଦେଖାଯାଇଥାଏ । ପ୍ଲାଜ୍‌ମା କୋଷିକାର ସକ୍ରିୟତା ଯୋଗୁଁ ସ୍ପଷ୍ଟ ହାଇପରସେନ୍‌ସିଟିଭିଟି ଏଲର୍ଜି ଅସ୍ଥମା, ସାଇନସାଇଟିସ, ରିନିଟିସ୍, ଫୁଡ୍ ଏଲର୍ଜି ଆଦି ସକାଶେ ସିଧାସଳଖ ଇମ୍ୟୁନୋଗ୍ଲୋବିନ୍-ଇକୁ ଦାୟୀ କରାଯାଇଥାଏ । ଇମ୍ୟୁନୋଗ୍ଲୋବିନ୍ ମାନବୀୟ ପ୍ରତିରକ୍ଷା ତନ୍ତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ତେବେ ଗବେଷଣାରୁ ଜଣାପଡ଼ିଛି ଯେ, ଇମ୍ୟୁନୋଗ୍ଲୋବିନ-ଇ ସହାୟତାରେ ପ୍ରାରମ୍ଭିକ ଅବସ୍ଥାରେ କ୍ୟାନସର ରୋଗ ଚିହ୍ନଟ ସମ୍ଭବପର ହୋଇପାରିବ । କାରଣ ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ଏଟୋପିକ ବ୍ୟକ୍ତିଙ୍କ ଶରୀରରେ ଇମ୍ୟୁନୋଗ୍ଲୋବିନ-ଇର ମାତ୍ରା ଦଶଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫ କୋଟି ହେପାଟାଇଟିସ୍ 'ବି' ଭୂତାଣୁ ବାହାକ ରହିଛନ୍ତି । ସଂକ୍ରମିତ ପିଲାମାନଙ୍କଠାରେ ଏହି ଭୂତାଣୁର କୌଣସି ଲକ୍ଷଣ ନ ଥାଏ ଓ ଏମାନେ ନୀରୋଗ ଏବଂ ସୁସ୍ଥ ଜଣାପଡ଼ନ୍ତି । ସୁସ୍ଥ ଦେଖାଯାଉଥିବା ଉକ୍ତ ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ପ୍ରତି ୪ ଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥା'ନ୍ତି । ପ୍ରକାଶିତ ବିଭିନ୍ନ ରିପୋର୍ଟରୁ ଜଣାଯାଇଛି ଯେ, ଭାରତରେ ପ୍ରତି ୨୦ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ଉଦ୍‌ବେଗଜନକ ତଥ୍ୟ ହେଉଛି, ଅଧିକାଂଶ ବାହକ ଜାଣିନଥା'ନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକମାନଙ୍କ ସାଙ୍ଗରେ ଆକସ୍ମିକ ସମ୍ପର୍କ ଦ୍ୱାରା ଜଣେ ସୁସ୍ଥ ଲୋକ ସଂକ୍ରମିତ ହୋଇପାରିବ । ହେପାଟାଇଟିସ୍ 'ବି' ଏଡ୍‌ସଠାରୁ ୧୦୦ ଗୁଣ ଅଧିକ ସଂକ୍ରାମକ । ଭାରତରେ ଏଡ୍‌ସ ଯୋଗୁ ବର୍ଷକୁ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି । ପରିସଂଖ୍ୟାନରୁ ଜଣାଯାଏ, ଭାରତରେ ୫ କୋଟିରୁ ଅଧିକ ହେପାଟାଇଟିସ୍ 'ବି'ଭୂତାଣୁ ବାହକ ଅଛନ୍ତି ଓ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁଜନିତ ସାଂଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ଲୋକ ଏହି ଭୂତାଣୁଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥା'ନ୍ତି । ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍ନିସିଆନ୍ ଏବଂ ରକ୍ତଭଣ୍ଡାର ଓ ବୃକକ୍ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା । ସମଲିଙ୍ଗ ସଂଗମ ପ୍ରୟାସୀ ରୂପଜୀବୀ, ବିଶୃଙ୍ଖଳ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍‌ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବନା ରହିଛି ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ: ୯୪୩୭୦୫୧୯୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ରୁଷିଛି ରୁଷିଆ

ମହାଶୟ,

ରୁଷିଆ ଓ ପାକିସ୍ତାନ ନିକଟତର ହେବା ଭାରତୀୟଙ୍କ ପାଇଁ ହଜମ ହୋଇ ପାରିନି । ଦିନକୁ ଦିନ ଭାରତର ଆମେରିକା ସହିତ ସମ୍ପର୍କ ଅତି ନିବିଡ଼ ହେବାର ଏହା ହିଁ ଫଳ । ଯଦିଓ ଆତଙ୍କବାଦ ପ୍ରସଙ୍ଗରେ ଆମେରିକାକୁ ପଛରୁ ଛୁରାଘାତ କରିଛି ପାକିସ୍ତାନ, ତେଣୁ ଆମେରିକା ଭାରତର ନିକଟତର ହୋଇଛି । ଭାରତ ମଧ୍ୟ ସୁଯୋଗ ହାତଛଡ଼ା କରିନାହିଁ । ଆମେ ଭୁଲିଯିବା ଅନୁଚିତ ଦେଶ ସ୍ୱାଧୀନ ହେବା ପରଠାରୁ ଜାତିସଂଘରେ ବିଭିନ୍ନ ପ୍ରସଙ୍ଗ ଓ ବିପଦ ଆପଦରେ ରୁଷିଆ ଭାରତ ସହିତ ଖୁଣ୍ଟ ଭାବେ ଛିଡ଼ା ହୋଇ ଆସିଅଛି । ବିଦେଶ ମନ୍ତ୍ରଣାଳୟ ଆମ ଦେଶର ସର୍ବକାଳୀନ ବନ୍ଧୁରାଷ୍ଟ୍ର ଶ୍ରେଷ୍ଠ ସ୍ଥାନରେ ଥିବା ରୁଷିଆ ସହିତ ସମ୍ପର୍କରେ ଦେଖାଦେଇଥିବା ଭଙ୍ଗା ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଦରକାର । ଆମ ସୀମାରେ ପାକିସ୍ତାନ ଚାଇନା ତିଆରି ଡ୍ରୋନ ସହାଯ୍ୟରେ ଛାୟାଯୁଦ୍ଧ ଆରମ୍ଭ କରିଦେଇଛି । ଭାରତ ଗୁଳିକରି ଅନେକ ଖସେଇ ଦେଉଥିବାବେଳେ କିଛି ଡ୍ରୋନ ଧରାପଡୁନାହିଁ । ଆମେରିକା ଓ ଇସ୍ରାଏଲ ସହିତ ମିଶି ଭାରତ ଡ୍ରୋନ ଧ୍ୱଂସ କରିବା ପାଇଁ ପ୍ରସ୍ତୁତିପର୍ବ ଆରମ୍ଭ କରିଦେଇଛି । ଏଥିପାଇଁ ରୁଷିଆର ମନ ଟିକେ ଉଣା ହୋଇଛି ।

**– ମନୋରଞ୍ଜନ ପାତ୍ର,ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଏଲନ୍ ମସ୍କଙ୍କୁ ୫୦ ବିଲିୟନ ଡଲାର କ୍ଷତି**

ଲଗାତର ଦ୍ୱିତୀୟ ଦିନ ଧରି ଟେସ୍‌ଲାର ଶେୟାର କାରବାର ଖସିଛି। ଫଳରେ ଏଲନ୍ ମସ୍କଙ୍କର ସମ୍ପତ୍ତିରେ ୫୦ ବିଲିୟନ ଡଲାର ହ୍ରାସ ହୋଇଛି। ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚକାଙ୍କ ରିପୋର୍ଟ ଅନୁସାରେ ଏହା ସର୍ବାଧିକ ୨ ଦିନିଆ ହ୍ରାସ ବୋଲି କୁହାଯାଉଛି। ୨୦୧୯ରେ ଆମାଜନ ସିଇଓ ଜେଫ୍ ବେଜୋସ ଦିନକରେ ପ୍ରାୟ ୩୬ ବିଲିୟନ ଡଲାର ହରାଇଥିଲେ। ବେଜୋସ ତାଙ୍କ ସ୍ତ୍ରୀ ମ୍ୟାକେଞ୍ଜି ସ୍କଟ୍‌ଙ୍କଠାରୁ ଛାଡ଼ପତ୍ର ପରେ ସମ୍ପତ୍ତିରେ ଏଭଳି ହ୍ରାସ ଦେଖାଯାଇଥିଲା। ଟେସ୍‌ଲାରେ ରହିଥିବା ୧୦% ଅଂଶଧନ ବିକ୍ରି କରିବା ନେଇ ଟୁଇଟରେ ଘୋଷଣା କରିବା ପରେ ଶେୟାର ଖସିବା ନଜରକୁ ଆସିଛି।

## ସଂକ୍ଷେପରେ

### 'ପୂର୍ବ ସରକାରଙ୍କ ତୁଳନାରେ କମ୍ ବଢ଼ିଛି ତେଲ ଦର'

**ନୂଆଦିଲ୍ଲୀ,୧୦।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୭ ବର୍ଷ ସମୟରେ ତେଲ ଦର ପ୍ରାୟ ୩୦% ବଢ଼ିଛି। ମାତ୍ର ୧୯୭୩ ପରଠାରୁ ଶାସନ କ୍ଷମତାରେ ରହିଥିବା ବିଭିନ୍ନ ସରକାରଙ୍କ ସମୟରେ ତେଲ ଦର ପ୍ରାୟ ୭୦% ବଢ଼ିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର କହିଛନ୍ତି। ଖାଉଟିଙ୍କୁ ଆଶ୍ୱସ୍ତ କରିବା ଲାଗି ସରକାର ନିକଟରେ ତେଲ ଉପରେ ଲାଗୁ ହେଉଥିବା ଟିକସକୁ ହ୍ରାସ କରିଛନ୍ତି। ଅର୍ଥ ବ୍ୟବସ୍ଥା ସୁଧାର ପଥକୁ ଫେରୁଥିବାରୁ ରାଜସ୍ୱ ଆଦାୟରେ ବେଶ୍ ଉନ୍ନତି ଆସିବ ବୋଲି ବିଶ୍ୱାସ ରହିଥିବା ପୁରୀ ମତ ପ୍ରକାଶ କରିଛନ୍ତି। ୧୯୭୩ରେ ଦିଲ୍ଲୀ ୟୁନିଭର୍ସିଟିରେ ପଢ଼ୁଥିବା ବେଳେ ପେଟ୍ରୋଲ ଲିଟର ପିଛା ୧.୨୫ ଟଙ୍କା ରହିଥିଲା। ବିଶ୍ୱ ବଜାର ସ୍ଥିତି ଯୋଗୁ ତେଲ ଦର ମହଙ୍ଗା ହୋଇଛି। ପୂର୍ବରୁ ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇ ରହିଥିବାରୁ ସରକାର ତେଲ ଉପରେ ଟିକସ କମାଇ ନ ଥିଲେ। ଗରିବଙ୍କୁ ମାଗଣା ଖାଦ୍ୟଶସ୍ୟ, ଟିକାକରଣ ଭଳି ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମରେ ରାଜସ୍ୱ ଖର୍ଚ୍ଚ ହେଉଥିବା ସେ ସ୍ପଷ୍ଟୀକରଣ ଦେଇଛନ୍ତି।

### ଜିଏସ୍‌ଟି ଲାଗିଲେ ତେଲ ଟିକସ ବୋଝ କମିବ:ଗଡକରି

**ନୂଆଦିଲ୍ଲୀ,୧୦।୧୧:** ପେଟ୍ରୋଲ, ଡିଜେଲ ସମେତ ଅନ୍ୟ ପେଟ୍ରୋଲିୟମ ପ୍ରଡକ୍ଟକୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିସରଭୁକ୍ତ କଲେ ତେଲ ଉପରେ ଲାଗୁ ହେଉଥିବା କମିବ। ଏହା ଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ରାଜସ୍ୱ ବଢ଼ିବ ବୋଲି କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ବୁଧବାର କହିଛନ୍ତି। ରାଜ୍ୟ ସରକାରଗୁଡ଼ିକ ଏ କ୍ଷେତ୍ରରେ କେନ୍ଦ୍ରକୁ ସହଯୋଗ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିଶ୍ଚିତ ଭାବେ ପେଟ୍ରୋଲ ଏବଂ ଡିଜେଲ ଉପରେ ଜିଏସ୍‌ଟି କାର୍ଯ୍ୟକାରୀ କରାଇବେ ବୋଲି ଗଡକରୀ ମତ ରଖିଛନ୍ତି। ବର୍ତ୍ତମାନ ତେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ କିଛି ରାଜ୍ୟ ସହମତ ହୋଇପାରୁନାହାନ୍ତି।

# ୭ ମାସର ସର୍ବୋଚ୍ଚ ସ୍ତରରେ ତୈଳ ଚାହିଦା

**ନୂଆଦିଲ୍ଲୀ,୧୦।୧୧**




- ପେଟ୍ରୋଲ ବିକ୍ରିରେ ରେକର୍ଡ
- ପାର୍ବଣ ଯୋଗୁ ଚାହିଦା ବଢ଼ିଛି
- ଡିଜେଲ ବିକ୍ରି ୫% ନିମ୍ନରେ

ଅକ୍ଟୋବରରେ ଦେଶର ତୈଳ ଚାହିଦା ୭ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ସେହିଭଳି ପେଟ୍ରୋଲ ବିକ୍ରି ରେକର୍ଡ ସ୍ତରରେ ରହିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ପାର୍ବଣ ଯୋଗୁ ବିଶ୍ୱର ତୃତୀୟ ବୃହତ୍ ତୈଳ ବ୍ୟବହାରକାରୀ ଦେଶ ଭାରତରେ ଯାନବାହନ ଚଳାଚଳ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହୋଇଥିବା ଜଣାପଡ଼ିଛି। ସେପ୍ଟେମ୍ବର ତୁଳନାରେ ତୈଳ ଚାହିଦା ୧୨% ବୃଦ୍ଧି ଘଟି ୧୭.୮୭ ନିୟୁତ ଟନ୍ ଛୁଇଁଛି। ଗତ ବର୍ଷ ସମାନ ସମୟ ତୁଳନାରେ ଏହା ୦.୮% ଉର୍ଦ୍ଧ୍ୱରେ ରହିଛି। ଏହାବାଦ ୨୦୧୯ ତୁଳନାରେ ପ୍ରାୟ ୩% ଉର୍ଦ୍ଧ୍ୱରେ ରହିଛି ବୋଲି ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ୍(ପିପିଏସି) ପକ୍ଷରୁ ସୂଚନା ମିଳିଛି।

ଅକ୍ଟୋବର ମାସ ଆରମ୍ଭରୁ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ବଢ଼ିଛି। ତେଲ ଦର ଉଚ୍ଚରେ ରହିବା ସତ୍ତ୍ୱେ ମଧ୍ୟ ପାର୍ବଣରେ ଲୋକଙ୍କ ତେଲ ଚାହିଦା ଉର୍ଦ୍ଧ୍ୱରେ ରହିଥିବା ଇନ୍‌ଫିନିଟିଭ ଆନାଲିଷ୍ଟ ଏହସାନ ଉଲ୍ ହକ୍ କହିଛନ୍ତି। ୨୦୧୯ ଏବଂ ୨୦୨୦ ଅକ୍ଟୋବର ତୁଳନାରେ ଚଳିତ ବର୍ଷ ସମାନ ଅବଧିରେ ଗ୍ୟାସୋଲିନ ଓ ପେଟ୍ରୋଲ ବିକ୍ରି ଯଥାକ୍ରମେ ୮.୩% ଏବଂ ୩.୪% ଉର୍ଦ୍ଧ୍ୱରେ ରହିଛି। ଟିକାକରଣ ଉନ୍ନତ ହେବା ଯୋଗୁ ବଜାର ଖୋଲିଛି। ଏହା ଚାହିଦା ବୃଦ୍ଧିରେ ସହାୟକ ହୋଇଥିବା ଇକ୍ରାର କର୍ପୋରେଟ ରେଟିଂ ସହମୁଖ୍ୟ ପ୍ରଶାନ୍ତ ବଶିଷ୍ଠ କହିଛନ୍ତି।

ସେପ୍ଟେମ୍ବର ତୁଳନାରେ ଡିଜେଲ ବିକ୍ରି ୨୦% ବୃଦ୍ଧି ଘଟି ୬.୬୧ ନିୟୁତ ଟନ ରହିଛି। ସେହିଭଳି ୨୦୨୦ ଅକ୍ଟୋବର ତୁଳନାରେ ଏହା ୧.୫% ଉର୍ଦ୍ଧ୍ୱରେ ରହିଛି। ମାତ୍ର ସାରା ବର୍ଷର ବିକ୍ରିରେ ଡିଜେଲ ଏବେ ମଧ୍ୟ ୫.୬% ନିମ୍ନରେ ରହିଛି। ଦେଶ ମଧ୍ୟରେ ହେଉଥିବା ଶୋଧିତ ତେଲ ବିକ୍ରି କ୍ଷେତ୍ରରେ ଡିଜେଲର ଅଂଶ ପ୍ରାୟ ୪୦% ରହିଛି। ନିକଟରେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୦ ଟଙ୍କାର ଉତ୍ପାଦ ଟିକସ ହ୍ରାସ କରିଛନ୍ତି। ଅର୍ଥ ବ୍ୟବସ୍ଥା ଖୋଲୁଥିବା ବେଳେ ଦର ହ୍ରାସ ହୋଇଥିବାରୁ ଏହା ଡିଜେଲ ଚାହିଦା ବୃଦ୍ଧିରେ ସହାୟକ ହେବ ବୋଲି ବଶିଷ୍ଠ ମତ ରଖିଛନ୍ତି। ସେହିଭଳି ଗତବର୍ଷକୁ ବିଚାର କଲେ ଏଲ୍‌ପିଜି ବିକ୍ରି ୩% ଉର୍ଦ୍ଧ୍ୱରେ ରହି ୨.୪୯ ନିୟୁତ ଟନ୍ ରହିଛି। ସେହିଭଳି ନେପ୍‌ଥା ବିକ୍ରି ୫.୨% ବଢ଼ି ୧.୨୮ ନିୟୁତ ଟନ୍ ରହିଛି।

### ଉତ୍ପାଦ ଟିକସ ହ୍ରାସ ଲାଭକାରୀ ହେବ: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୧୦।୧୧**

ନିକଟରେ କେନ୍ଦ୍ର ସରକାର ଉପରେ ପେଟ୍ରୋଲ ଏବଂ ଡିଜେଲ ଉତ୍ପାଦ ଉତ୍ପାଦ ଟିକସ ହ୍ରାସ କରିଛନ୍ତି। ପେଟ୍ରୋଲ ଉପରେ ୫ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କାର ଟିକସ ହ୍ରାସ ହୋଇଛି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଦରଦାମକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଯୋଗଦାନ ରଖିବ। ଏହା ଲାଭକାରୀ ହେବ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ବୁଧବାର କହିଛନ୍ତି। ସେ କହିଛନ୍ତି, ଖାଦ୍ୟ ମୁଦ୍ରାସ୍ଫୀତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ମୋଟାମୋଟି ଭାବେ ମୁଦ୍ରାସ୍ଫୀତି ଉଚ୍ଚରେ ରହିଛି। ଯୋଗାଣ କ୍ଷେତ୍ରରେ ସମସ୍ୟା ରହିଥିବାରୁ ମୁଦ୍ରାସ୍ଫୀତି ଜାରି ରହିଛି। ଏହି ଦିଗକୁ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ବିଶେଷ କରି ଡାଲି ଏବଂ ତେଲ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

# ଚର୍ଚ୍ଚାରେ ନାଇକା ସିଇଓ ଫାଲଗୁନୀ ନାୟାର

**ନୂଆଦିଲ୍ଲୀ,୧୦।୧୧**




### ଦେଶର ସବୁଠାରୁ ଧନୀ ସେଲ୍ଫ ମେଡ୍ ବିଲିୟନେୟାର ହେଲେ

ବିୟୁଟି ଏବଂ ପର୍ସନାଲ କେୟାର ପ୍ଲାଟ୍‌ଫର୍ମ ନାଇକାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଫାଲ୍‌ଗୁନୀ ନାୟାର(୫୮) ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସେ ଦେଶର ସବୁଠାରୁ ଧନୀ ସେଲ୍ଫ ମେଡ୍ ମହିଳା ବିଲିୟନେୟାର ଭାବେ ବିବେଚିତ ହୋଇଛନ୍ତି। ସେ ପୂର୍ବରୁ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ କାର୍ଯ୍ୟ କରୁଥିଲେ। ସେ ଯେତେବେଳେ ତାଙ୍କ କ୍ୟାରିୟରର ଶୀର୍ଷରେ ରହିଥିଲେ ସେତେବେଳେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ଛାଡି ନିଜର ବିୟୁଟି କମ୍ପାନୀ ସ୍ଥାପନ କଲେ। ଏହି କମ୍ପାନୀ ଶେୟାର ବଜାରରେ ପ୍ରବେଶ କରିବା ଦିନଠାରୁ ହିଁ ଏକ ମାଇଲଖୁଣ୍ଟ ଛୁଇଁଛି। କମ୍ପାନୀର ବଜାର ପୁଞ୍ଜୀକରଣ ୧ ଲକ୍ଷ କୋଟି ଟଙ୍କା ଟପିଛି।

ଜଣେ ମହିଳାଙ୍କ ନେତୃତ୍ୱାଧୀନ ଦେଶର ଏକ ପ୍ରମୁଖ ୟୁନିକର୍ନ 'ନାଇକା'ର ମୂଳ କମ୍ପାନୀ ଏଫ୍‌ଏସ୍‌ଏନ୍ ଇ-କମର୍ସ ଭେଞ୍ଚର ଷ୍ଟକ୍ ବଜାରରେ ଆରମ୍ଭ ଦିନଠାରୁ ହିଁ ଏହାର ଷ୍ଟକ୍ ବମ୍ପର କାରବାର କରିଛି। ବୁଧବାର ନାଇକାର ଶେୟାର ୯୬% ଉର୍ଦ୍ଧ୍ୱରେ ବନ୍ଦ ହୋଇଛି, ଫଳରେ ନାୟାରଙ୍କ ସମ୍ପତ୍ତି ୬.୫ ବିଲିୟନ ଡଲାର ଛୁଇଁଛି। ନାୟାର ଦେଶର ଅନ୍ୟ ୬ ମହିଳା ବିଲିୟନେୟାରଙ୍କ ତାଲିକାରେ ଯୋଡ଼ି ହୋଇଛନ୍ତି। ନାୟାରଙ୍କ ବାଦ୍ ବାୟୋକନର ଅଧକ୍ଷା କିରନ ମଜୁମଦାର ସ ଏବଂ ବାୟଜୁସ୍‌ର ଦିବ୍ୟା ଗୋକୁଲନାଥ ମଧ୍ୟ ସେଲ୍ଫ ମେଡ୍ ବିଲିୟନେୟାର ଭାବେ ଗଣାହୁଅନ୍ତି। ନାୟାର ଏବଂ ତାଙ୍କ ପରିବାର ଏବେ ନାୟିକାର ୫୧% ଅଂଶଧନ ହାସଲ କରିଛନ୍ତି। ଆଇପିଓ ପରେ ମଧ୍ୟ ଏହି ଅଂଶଧନ ସେମାନଙ୍କ ନିକଟରେ ରହିଛି। ତାଙ୍କ ପରିବାରରେ ସ୍ୱାମୀ ଏବଂ ୨ ପିଲା ରହିଛନ୍ତି।

ସେ ଆଇଆଇଏମ୍ ଅହମ୍ମଦାବାଦକୁ ଶିକ୍ଷା ଗ୍ରହଣ କରିଥିବା ବେଳେ କୋଟାକ ମହିନ୍ଦ୍ରା କ୍ୟାପିଟାଲରେ ୧୮ ବର୍ଷ କାର୍ଯ୍ୟ କରିଛନ୍ତି। ୨୦୧୨ରେ ୫୦ ବର୍ଷ ବୟସରେ ତାଙ୍କ ସ୍ୱପ୍ନ ପୂରଣ ଲାଗି ସେ ଚାକିରି ଛାଡିଥିଲେ। ସେହି ସମୟରେ ତାଙ୍କ ପିଲାମାନେ କଲେଜ ପଢ଼ିବା ଲାଗି ଆମେରିକା ଯାଇଥିଲେ। ଅନ୍‌ଲାଇନରେ ବିୟୁଟି ଏବଂ ସ୍କିନ୍ କେୟାର ପ୍ରଡକ୍ଟ ଉପଲବ୍ଧ କରାଇବା ଲାଗି ସେ ନାଇକା ସ୍ଥାପନ କରିଥିଲେ। ୨୦୧୨ରେ କମ୍ପାନୀ ବଜାରକୁ ଆସୁ ଆସୁ ନୂଆ ଟ୍ରେଣ୍ଡ ସୃଷ୍ଟି କଲା। ୨୦୧୨ ନଭେମ୍ବରରେ ଏହାର ବେଟା ଲଞ୍ଚ ହୋଇଥିବା ବେଳେ ୨୦୧୩ ଏପ୍ରିଲରେ ଏହା କମର୍ସିଆଲ ମାର୍କେଟିଂ ଆରମ୍ଭ କରିଥିଲା। ନାଇକା ଲାଭ ହାସଲ କରିଥିବା ପ୍ରଥମ ଷ୍ଟାର୍ଟଅପ୍ ଭାବେ ବିବେଚିତ ହୋଇଥାଏ। ଫାଲ୍‌ଗୁନୀ ନାୟାର ଦେଶର ପ୍ରମୁଖ କମ୍ପାନୀ ଯଥା- ଟାଟା ମୋଟର୍ସ, ଆଭିଭା ଲାଇଫ ଇନ୍‌ସ୍ୟୁରାନ୍ସ, କୋଟାକ ସିକ୍ୟୁରିଟିଜ ଲିମିଟେଡ, ଏସିସି ଲିମିଟେଡ ଏବଂ ଡାବର ଭଳି କମ୍ପାନୀଗୁଡିକର ବୋର୍ଡରେ ସଦସ୍ୟ ଭାବେ ମଧ୍ୟ କାମ କରିଛନ୍ତି। ତାଙ୍କ ସ୍ୱାମୀ ସଞ୍ଜୟ ନାୟାର ଇନ୍‌ଭେଷ୍ଟମେଣ୍ଟ ଫାର୍ମ କେକେଆର୍ ଇଣ୍ଡିଆର ସିଇଓ ଭାବେ କାର୍ଯ୍ୟରତ।

# ସୋନାଲିକା ଟ୍ରାକ୍ଟର ବିକ୍ରି ୫.୫% ବୃଦ୍ଧି

**ନୂଆଦିଲ୍ଲୀ,୧୦।୧୧**



ପାର୍ବଣରେ ସୋନାଲିକା ଟ୍ରାକ୍ଟର ବିକ୍ରି ୫.୫% ବୃଦ୍ଧି ଘଟିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଚଳିତ ବର୍ଷ ଅକ୍ଟୋବରରେ କମ୍ପାନୀ ୧୭,୧୩୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି। ଏଥିରେ ୫.୫% ଅଭିବୃଦ୍ଧି ଦେଖାଯାଇଛି। ୨୦୨୧-୨୨ରେ କମ୍ପାନୀ ୮୫,୦୬୮ ୟୁନିଟ ଟ୍ରାକ୍ଟର ବିକ୍ରି କରିବାକୁ ସକ୍ଷମ ହୋଇଛି। ଗତ ବର୍ଷ ୭୯,୮୨୯ ୟୁନିଟ ଟ୍ରାକ୍ଟର କମ୍ପାନୀ ବିକ୍ରି କରିଥିଲା। ଏଥିରେ ବର୍ତ୍ତମାନ ୬.୫୬% ଅଭିବୃଦ୍ଧି ଦେଖାଯାଇଛି। କମ୍ପାନୀର ପ୍ରଡକ୍ଟ ଉଭୟ ଘରୋଇ ବଜାର ଏବଂ ବିଦେଶୀ ଗ୍ରାହକଙ୍କ ପକ୍ଷରୁ ଭଲ ରେସ୍‌ପନ୍ସ ଲାଭ କରିଛି। ଭାରତରେ ଯାନ୍ତ୍ରିକ କୃଷିର ଚାହିଦା ବୃଦ୍ଧି ହେଉଥିବାରୁ ବିକ୍ରିରେ ଉନ୍ନତି ପରିଲକ୍ଷିତ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି କମ୍ପାନୀ ଏହାର ପ୍ରଡକ୍ଟ କୌଶଳରେ ପରିବର୍ତ୍ତନ କରିଛି। ସେହି ଅନୁସାରେ ଅତ୍ୟାଧୁନିକ ଟେକ୍ନୋଲୋଜି ଭିତ୍ତିକ ଟ୍ରାକ୍ଟର ଗ୍ରାହକଙ୍କ ଲାଗି ପ୍ରସ୍ତୁତ କରାଯାଉଛି। ଟାଇଗର ଏବଂ ସିକନ୍ଦର ଡିଏଲ୍‌ଏକ୍ସ ମଡେଲ ଏହି କ୍ରମରେ ସାମିଲ ହୋଇଛି। ସେହିଭଳି ମହାରାଷ୍ଟ୍ର ଲାଗି ଛତ୍ରପତି, ତେଲଙ୍ଗାନା ଲାଗି ମହାବଳୀ ଏବଂ ରାଜସ୍ଥାନ ଲାଗି ମହାରାଜା ଟ୍ରାକ୍ଟର ବଜାରକୁ ଆସିଛି। ପଞ୍ଜାବର ହୋସିଆରପୁରରେ ଥିବା ଏହାର ବିଶ୍ୱସ୍ତରୀୟ ମାନୁଫାକଚରିଂ ଫାସିଲିଟିରୁ କମ୍ପାନୀ ଏହାର ପ୍ରଡକ୍ଟଗୁଡ଼ିକୁ ପ୍ରସ୍ତୁତ କରୁଛି। ଭୋକାଲ ଫର୍ ଲୋକାଲକୁ ଧ୍ୟାନରେ ରଖି ଏହା ଲୋକାଲ ଟୁ ଗ୍ଲୋବାଲ ଆଧାରରେ ପ୍ରଡକ୍ଟ ପ୍ରସ୍ତୁତ କରୁଛି। ପାର୍ବଣରେ ଗ୍ରାହକଙ୍କଠାରୁ ଭଲ ରେସ୍‌ପନ୍ସ ଲାଭ କରିଥିବାରୁ ଖୁସି ବୋଲି ସୋନାଲିକା ଟ୍ରାକ୍ଟର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି।

## ଫୁର୍‌ସତ୍

# ଜଙ୍ଗଲରେ ୪୦ ବର୍ଷ

**ଏଡିନ୍‌ବର୍ଗ:** ସ୍କଟ୍‌ଲାଣ୍ଡର ଜଣେ ୭୫ ବର୍ଷୀୟ ବ୍ୟକ୍ତି ଆଧୁନିକ ଦୁନିଆଠାରୁ ଅଲଗା ରହି ଜଙ୍ଗଲରେ ଜୀବନ ବିତାଉଛନ୍ତି। ତାଙ୍କର ନାମ କେନ ସ୍ମିଥ। ସେ ସହରୀ ସଭ୍ୟତାକୁ ଫେରିବାକୁ ଚାହୁଁନାହାନ୍ତି। ପାହାଡ଼ିଆ ଅଞ୍ଚଳରେ ଆଧୁନିକ ସୁବିଧା ନ ଥିଲେ ବି ସ୍ମିଥ୍ ବେଶ୍ ଆରାମରେ ରହୁଛନ୍ତି। ତାଙ୍କୁ ଡାକିଲେ ବି ସେ ଘରକୁ ଫେରୁନାହାନ୍ତି। ଏକ ଝୁମ୍ପୁଡ଼ି ଘରେ ଫଳମୂଳ ଖାଇ ସେ ଜୀବନ କାଟୁଛନ୍ତି। ମାଛ ଧରିବା ସହ ପନପରିବା ସିଝାଇ ଖାଉଛନ୍ତି। ଜୀବନଧାରଣ ପାଇଁ ସେ କେବଳ ପ୍ରାକୃତିକ ଜିନିଷ ଉପରେ ନିର୍ଭର କରିଥାନ୍ତି। ୨୬ ବର୍ଷ ବୟସରେ ତାଙ୍କୁ ବାଟରେ ଏକ ଲୁଟେରା ଗ୍ୟାଙ୍ଗ ଅଟକାଇ ମାଡ଼ ମାରିବା ସହ ସମସ୍ତ ଜିନିଷ ଲୁଟି ନେଇଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ସେ ୨୩ ଦିନ ବେହୋସ ହୋଇପଡ଼ିଥିଲେ। ତାଙ୍କର ଚେତା ଆସିବା ପରେ ନିଜକୁ ଏକ ଜଙ୍ଗଲରେ ଦେଖିଲେ। ସେବେଠାରୁ ସେ ସେଠାରେ ରହୁଛନ୍ତି।



# ମାନବ ସମ୍ବଳ ବିକଶିତ କରେ ଶିକ୍ଷା

### ଜାତୀୟ ଶିକ୍ଷା ଦିବସ

**ଦେ**ଶର ବିକାଶରେ ମାନବ ସମ୍ବଳର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ତେବେ ଦକ୍ଷ ମାନବ ସମ୍ବଳ ପାଇଁ ଉପଯୁକ୍ତ ଶିକ୍ଷା ଅପରିହାର୍ଯ୍ୟ। ଶିକ୍ଷାର ବିକାଶରେ ମାନବ ସମ୍ବଳ ବିକଶିତ ହୋଇଥାଏ। ଶିକ୍ଷାର ଉପଯୋଗିତା ତଥା ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୧୧ରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଆସୁଛି। ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବ୍ଦୁଲ କଲାମ ଆଜାଦଙ୍କ ଜନ୍ମ ବାର୍ଷିକୀ ଅବସରରେ ଏହି ଦିବସ ପାଳିତ ହୋଇଥାଏ। ଆଜାଦ୍ ଯିଏ ୧୯୪୭ ଅଗଷ୍ଟ ୧୫ ରୁ ୧୯୫୮ ଫେବୃୟାରୀ ୨ ପର୍ଯ୍ୟନ୍ତ ଶିକ୍ଷାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଜନ୍ମ ଦିନକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରିବା ଲାଗି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ସେପ୍ଟେମ୍ବର ୧୧ରେ ଘୋଷଣା କରାଯାଇଥିଲା। ଏହାପରେ ୨୦୦୮ ନଭେମ୍ବର ୧୧ଠାରୁ ଏହି ଦିବସ ପାଳିତ ହୋଇ ଆସୁଛି। ଏହି ଅବସରରେ ଦେଶର ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷା ବିକାଶ ସମ୍ପର୍କିତ ସେମିନାର, ସମ୍ମିଳନୀ, ପ୍ରବନ୍ଧ-ଲିଖନ, ବକ୍ତୃତା ପ୍ରତିଯୋଗିତା, କର୍ମଶାଳା ଆୟୋଜନ ହେବା ସହିତ ବିଭିନ୍ନ ସମାବେଶରେ ବ୍ୟାନର କାର୍ଡ ଏବଂ ସାକ୍ଷରତାର ମହତ୍ତ୍ୱ ଉପରେ ସ୍ଲୋଗାନ ଏବଂ ଶିକ୍ଷାର ସମସ୍ତ ଦିଗ ପ୍ରତି ଦେଶର ପ୍ରତିବଦ୍ଧତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଆଜାଦ୍ ୧୮୮୮ ନଭେମ୍ବର ୧୧ରେ ସୌଦିର ମକ୍କାଠାରେ ଜନ୍ମଗ୍ରହଣ କରିଥିଲେ। ୧୯୫୮ ଫେବୃୟାରୀ ୨୨ରେ ଦିଲ୍ଲୀଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଅଲ-ହିଲାଲ ଖବରକାଗଜ ମାଧ୍ୟମରେ ହିନ୍ଦୁ-ମୁସଲମାନ ଏକତା ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ।



### ଅଫିସ ସମୟ ପରେ ଆସିବନି ଫୋନ୍ କଲ୍

**ପର୍ତ୍ତୁଗାଲରେ ନୂଆ ଆଇନ**

**ଲିସବନ:** ବହୁ ସମୟରେ କର୍ମଚାରୀଙ୍କ ପାଖକୁ ଅଫିସ ସମୟ ପରେ ମଧ୍ୟ ମାଲିକଙ୍କ ଫୋନ ଅବା ମେସେଜ ଆସିଥାଏ। ଏହାକୁ ରୋକିବା ପାଇଁ ପର୍ତ୍ତୁଗାଲରେ ନୂଆ ଆଇନ ଅଣାଯାଇଛି। ଅଫିସରୁ ଘରକୁ ଆସିବା ପରେ ବସ୍ ଏଭଳି କରିପାରିବେନି ବୋଲି ଆଇନରେ ରହିଛି। ଏହାର ଉଲ୍ଲଙ୍ଘନ କଲେ ସମ୍ପୃକ୍ତ ମାଲିକଙ୍କୁ ଦଣ୍ଡ ପ୍ରଦାନ କରାଯିବ। ଛୁଟିଦିନରେ ମଧ୍ୟ ଏହି ଆଇନ ଲାଗୁ ହେବ। କେବଳ ଫୋନ୍ ନୁହେଁ କର୍ମଚାରୀଙ୍କୁ ଅଫିସ୍ ସମୟ ପରେ ମେସେଜ କଲେ ମଧ୍ୟ ମାଲିକ ଜରିମାନା ଗଣିବେ। ଯଦି କୌଣସି କର୍ମଚାରୀ ଘରୁ କାମ କରୁଛନ୍ତି ତେବେ କମ୍ପାନୀ ସେମାନଙ୍କ ବିଦ୍ୟୁତ୍ ଏବଂ ଇଣ୍ଟରନେଟ ବିଲ୍ ଦେବ ବୋଲି ଆଇନରେ ରହିଛି।

CLASSIFIED DISPLAY
MORE SPACE • SAME PRICE
TARIFF
GST 5%

**କେମିତି ମଦ ଛାଡିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ୍, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିବାଦରେ ଆଲ୍ଲୁ ଅର୍ଜୁନ



**ମୁମ୍ବାଇ:** ବିଜ୍ଞାପନକୁ ନେଇ ବିବାଦରେ ସାଉଥ ଅଭିନେତା ଆଲ୍ଲୁ ଅର୍ଜୁନ। ଏକ ବିଜ୍ଞାପନରେ ତେଲେଙ୍ଗାନା ଷ୍ଟେଟ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ (ଟି ଏସ୍ ଆ । ର୍ ଟି ସି ) ପକ୍ଷରୁ ଆଇନଗତ ନୋଟିସ ପଠାଯାଇଛି। ଟିଏସଆରଟିସି କର୍ମଚାରୀ ଏବଂ ଯାତ୍ରୀଙ୍କୁ ସେ ଅପମାନିତ କରିଥିବା ଅଭିଯୋଗ ହୋଇଛି। ଟିଏସ୍‌ଆର୍‌ଟିସି ମୁଖ୍ୟ ବି. ସି. ସଜ୍ଜନର ଏହି ବିଜ୍ଞାପନକୁ ବିରୋଧ କରିଛନ୍ତି। ଆର୍‌ଟିସି ବସ୍‌ରେ ଯାଉଥିବା ଯାତ୍ରୀ ଏବଂ କର୍ମଚାରୀ ଏହି ବିଜ୍ଞାପନକୁ ପସନ୍ଦ କରିନାହାନ୍ତି। ପୂରା ଘଟଣା ହେଉଛି, ନିକଟରେ ଆଲ୍ଲୁ ଅର୍ଜୁନ ଏକ ଆପ୍‌ର ବିଜ୍ଞାପନ କରିଥିଲେ। ୟୁଟ୍ୟୁବରେ ଏହି ବିଜ୍ଞାପନ ଗତ କିଛି ଦିନ ତଳେ ପ୍ରସାରିତ ହୋଇଛି। ଏହି ବିଜ୍ଞାପନରେ ଆଲ୍ଲୁ ଜଣେ ଦୋସା ବିକାଳି ଚରିତ୍ରରେ ନଜର ଆସିଛନ୍ତି। ସେ ଜଣେ ଗ୍ରାହକଙ୍କୁ ଉକ୍ତ ଆପ୍ ଯୋଗେ ଶୀଘ୍ର ଏବଂ ସୁରକ୍ଷିତ ଭାବେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବେ ବୋଲି କହୁଛନ୍ତି। ରାଜ୍ୟର ବସ୍‌ଗୁଡିକ ଠିକଣା ସ୍ଥାନରେ ପହଞ୍ଚାଇବା ପାଇଁ ଅଧିକ ସମୟ ନିଅନ୍ତି। କିନ୍ତୁ ଆପ୍ ଜରିଆରେ ବାଇକ ଦ୍ୱାରା ଠିକ୍ ସମୟରେ ପହଞ୍ଚିବା ସହ ବସ୍‌ରେ ହେଉଥିବା ଭିଡ଼ରୁ ମଧ୍ୟ ବର୍ତ୍ତିପାରିବେ ବୋଲି ଏହି ବିଜ୍ଞାପନରେ କହୁଥିବା ଦେଖିବାକୁ ମିଳିଛି। ଏଥିରେ ଆଲ୍ଲୁ ଅର୍ଜୁନ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲା ବିରବସାରାମ ମାର୍ଗରେ ଠିଆ ହୋଇ ଆନ୍ଧ୍ରପ୍ରଦେଶର ସରକାରୀ ବସ୍ ଆଡକୁ ସୂଚିତ କରିଥିବା ମଧ୍ୟ ନଜର ଆସିଛନ୍ତି। ଏହାକୁ ନେଇ ବିବାଦ ଉପୁଜିଛି। ଏପରି କରି ଟିଏସ୍‌ଆର୍‌ଟିସିର ଛବି ଖରାପ କରିବାକୁ ଉଦ୍ୟମ କରାଯାଇଛି ବୋଲି ବି. ସି. ସଜ୍ଜନର କହିଛନ୍ତି। ପୂର୍ବରୁ ଏଭଳି ବିଜ୍ଞାପନରେ ବଲିଉଡ୍ ଅଭିନେତା ରଣବୀର ସିଂ ହିନ୍ଦୀରେ ଶୁଟିଂ କରିସାରିଛନ୍ତି। ଆଲ୍ଲୁ ଅର୍ଜୁନ ଏବେ ତାଙ୍କ ଫିଲ୍ମ ପୁଷ୍ପା: ଦ ରାଇଜ୍ ପାର୍ଟ-୧ର ରିଲିଜ୍‌କୁ ଅପେକ୍ଷା କରିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂ ଭାଗୀରଥି ପାତ୍ର
ଆବିର୍ଭାବ-୩।୨।୧୯୪୧
ତିରୋଧାନ- ୧।୧୧।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ- ହତଭାଗ୍ୟ ଭାଇ ନୃସିଂହ ଚରଣ ପାତ୍ର, ପୁତ୍ର ସୁଶୀଳ କୁମାର ପାତ୍ର, ସୁନୀଲ କୁମର ପାତ୍ର ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୨୨୧୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅକ୍ଷୟ କୁମାର ନାୟକ
ପ୍ଲଟ୍ ନଂ. ୬୫୬୧/୭୪୫,ଲେନ୍ ନଂ-୮, ପଳାଶପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୩୦।୦୮।୧୯୪୭
ତିରୋଧାନ: ୨୫।୦୯।୨୦୨୦
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପ୍ରଶାନ୍ତ, ପ୍ରଭାତ, ମାମି, ଶାନ୍ତୁନ୍, ରିଙ୍କି, ମିଷ୍ଟା, ଆର୍‌କି, ସାଇ, ଶୁଭମ୍
ଧ-୨୨୨୧୯

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି
ସ୍ୱାମୀ ସ୍ୱର୍ଗତଃ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ- ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା । ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ ।
- ଶୋକସନ୍ତପ୍ତ -
ବନ୍ଧୁ ଓ ପରିବାରବର୍ଗ
ଧ-୨୨୨୧୮

# ମହିଳା ରେସଲରଙ୍କୁ ଗୁଳିକରି ହତ୍ୟା

ସୋନେପତ/ଗୋଣ୍ଡା,୧୦।୧୧

ନିଶା ଦହିୟା ନାମ୍ନୀ ଜଣେ ମହିଳା ରେସଲର ଓ ତାଙ୍କ ଭାଇଙ୍କୁ ବୁଧବାର ହତ୍ୟା କରାଯାଇଛି। ସ୍ଥାନୀୟ ଏକ ଏକାଡେମୀରେ ଏହି ଅଭାବନୀୟ ଘଟଣା ଘଟିଛି। ତେବେ ମହିଳା ରେସଲରଙ୍କ ପରିଚୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରଥମେ ମୃତ ରେସଲରଙ୍କୁ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ର ବ୍ରୋଞ୍ଜ ପଦକ ବିଜୟିନୀ ନିଶା ବୋଲି ଦର୍ଶାଯାଇଥିଲା। ତେବେ ଏହା ସତ୍ୟ ନ ଥିଲା। ତେଣୁ ଏ ନେଇ ଭ୍ରମ

## ପରିଚୟ ନେଇ ଦ୍ୱନ୍ଦ୍ୱ

ସୃଷ୍ଟି ହୋଇଥିଲା। ଏହି ଘଟଣାରେ ମହିଳା ରେସଲରଙ୍କ ମା' ଗୁରୁତର ଭାବେ ଆହତ ହୋଇ ରୋହତକର ପିଜିଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିଶା ଓ ତାଙ୍କ ଭାଇ ସୁରଜ କିନ୍ତୁ ଏହି ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ସୋନେପତ ଏଏସ୍‌ପି ମୟଙ୍କ ଗୁପ୍ତା ସୂଚନା ଦେଇଛନ୍ତି।

ସୋନେପତସ୍ଥିତ ହଲାଲପୁରରେ ଥିବା ସୁଶୀଲ କୁମାରଙ୍କ ରେସଲିଂ ଏକାଡେମୀରେ ଏହି ଘଟଣା ଘଟିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ନିଶାଙ୍କ ହତ୍ୟା ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ସର୍ବିୟା ରାଜଧାନୀ ବେଲଗ୍ରେଡ୍‌ରେ ଅନୁଷ୍ଠିତ ଏହି ଇଭେଣ୍ଟରେ ପଦକ ଜିତିଥିବା ନିଶାଙ୍କୁ ତାଙ୍କ ପ୍ରଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛିଦିନ ତଳେ ଅଭିନନ୍ଦନ ଜଣାଇଥିଲେ। ତେବେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଏକ ଭିଡିଓ ଅପ୍‌ଲୋଡ କରି ନିଶା ଜୀବିତ ଥିବା କଥା ଜଣାଇଥିଲା। ଏହି ଭିଡିଓରେ ନିଶା ଗୋଣ୍ଡାରେ ଅଛନ୍ତି ଓ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ନିଜେ କହୁଥିବାର ଦେଖାଯାଇଛି। ସେ ଭଲ ଅଛନ୍ତି ବୋଲି କହିଛନ୍ତି। ତାଙ୍କ ପାଖରେ ୨୦୧୬ ଅଲିମ୍ପିକ ବ୍ରୋଞ୍ଜ୍ ପଦକ ବିଜୟିନୀ ରେସଲର ସାକ୍ଷୀ ମଲିକ ବସିଥିବା ଭିଡିଓରେ ଦେଖାଯାଇଛି।

ହତ୍ୟାର ଶିକାର ହୋଇଥିବା ଉଦୀୟମାନ ରେସଲର ଜଣକ ହେଉଛନ୍ତି ସୋନେପତସ୍ଥିତ ହଲାଲପୁର ଗ୍ରାମର ଜଣେ ଝିଅ। ତାଙ୍କ ନାମ ମଧ୍ୟ ନିଶା ଦହିୟା। ତେବେ ସେହି ଝିଅ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ନିଶା ନୁହନ୍ତି ବୋଲି କୋଚ୍ ରଣଧୀର ମଲିକ କହିଛନ୍ତି। ରଣଧୀର ଭାରତୀୟ ମହିଳା ରେସଲିଂ ଦଳ ସହ ବେଲଗ୍ରେଡ ଯାତ୍ରା କରିଥିଲେ। ନିଶା ଜୀବିତ ଅଛନ୍ତି। ସେ ମୃତ୍ୟୁବରଣ କରିଥିବା ନେଇ ପ୍ରସାରିତ ହେଉଥିବା ଖବର ମିଥ୍ୟା ବୋଲି ରଣଧୀର ସ୍ପଷ୍ଟ କରିଛନ୍ତି। ତେବେ ଏହି ଘଟଣାରେ ଏକାଡେମୀର ଜଣେ କୋଚ୍‌ଙ୍କ ହାତଥିବା ପୋଲିସ ସନ୍ଦେହ କରୁଛି। ୫ରୁ ୬ ରାଉଣ୍ଡ ଗୁଳି ଫାୟାର କରାଯାଇଥିଲା। ଏ ନେଇ ତଦନ୍ତ ଚାଲୁ ରହିଛି। ମୃତ ଦେହଗୁଡିକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ବୋଲି ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ଫାଇନାଲ୍‌ରେ ନ୍ୟୁଜିଲାଣ୍ଡ

ଆବୁଧାବି, ୧୦।୧୧

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି ନ୍ୟୁଜିଲାଣ୍ଡ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୫ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଇଂଲଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୬୬ ରନ କରିଥିଲା। ନ୍ୟୁଜିଲାଣ୍ଡ ଏକଦା ୧୩ ରନରେ ମାର୍ଟିନ ଗୁପ୍‌ଟିଲ ଓ ଅଧିନାୟକ କେନ୍ ୱିଲିୟମସନଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲେ ହେଁ ଡାରିଲ ମିଚେଲ ଓ ଡେଭନ କନୱେଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ୧୯ ଓଭରରେ ୫ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରି ନେଇଥିଲା। ମିଚେଲ ମ୍ୟାଚ ବିଜୟୀ ଇନିଂସ ଖେଳି ନ୍ୟୁଜିଲାଣ୍ଡକୁ ପ୍ରଥମଥରପାଇଁ ଟି୨୦ ବିଶ୍ୱକପର ଫାଇନାଲରେ ପହଞ୍ଚାଇଥିଲେ। ସେ ୪୭ ବଲ୍‌ରୁ ୪ଟି ଲେଖାଏ ଚୌକା ଓ ଛକା ସହାୟତାରେ ୭୨ ରନରେ ଅପରାଜିତ ରହି ଗୋଟିଏ ଓଭର ବାକିଥାଇ ମ୍ୟାଚର ପରିସମାପ୍ତି ଘଟାଇଥିଲେ। କନୱେ ୩୮ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୬ ଏବଂ ଜେମ୍ସ ନିଶାମ ୧୧ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୨୭ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱୋକ୍ସ ଓ ଲିଆମ ଲିଭିଂଷ୍ଟୋନ ୨ଟି ଲେଖାଏ ଏବଂ ଆଡିଲ ରଶିଦ ଗୋଟିଏ ଉଇକେଟ ନେଇଥିଲେ। ୨୦୦୭ ଓ ୨୦୧୬ରେ ସେମିଫାଇନାଲରୁ ବିଦାୟ ନେଇଥିବା ନ୍ୟୁଜିଲାଣ୍ଡ ପ୍ରଥମଥର ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୧୦ ଚାମ୍ପିୟନ ଏବଂ ୨୦୧୬ ରନର୍ସଅପ୍ ଇଂଲଣ୍ଡ ଏଥର



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଇଂଲଣ୍ଡର ମୋଇନ ଅଲୀ।

ସେମିଫାଇନାଲରୁ ବିଦାୟ ନେଇଛି।

ଶେଷ ୪ ଓଭରରେ ନ୍ୟୁଜିଲାଣ୍ଡ ୫୭ ରନ ସଂଗ୍ରହ କରିଥିଲା। କୌଣସି ଟି୨୦ର ଡେଥ୍ ଓଭରରେ ଏହା ସର୍ବାଧିକ। ଏହାକୁ ମିଶାଇ ନ୍ୟୁଜିଲାଣ୍ଡ କ୍ରମାଗତ ୩ଟି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୯ ଦିନିକିଆ ବିଶ୍ୱକପର ଫାଇନାଲରେ ବାଉଣ୍ଡାରୀ ନିୟମରେ ଇଂଲଣ୍ଡଠାରୁ ହାରି ରନର୍ସଅପ୍ ହୋଇଥିଲା। ଏଠାରେ ସେମିଫାଇନାଲରେ ଇଂଲଣ୍ଡକୁ ହରାଇ ଦିନିକିଆ ବିଶ୍ୱକପ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି କେନ୍ ୱିଲିୟମସନଙ୍କ ଦଳ। ମିଚେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡ ପାୱାର ପ୍ଲେରୁ ଫାଇଦା ଉଠାଇପାରି ନ ଥିଲା। ଓପନିଂ ଯୋଡ଼ିରେ ୩୧ ବଲ୍‌ରୁ ୩୭ ରନ ଯୋଗ ହେବାପରେ ଜନି ବେୟାରଷ୍ଟୋ ବ୍ୟକ୍ତିଗତ ୧୩ (୧୭ ବଲ, ୨ ଚୌକା) ରନ କରି ଆଉଟ ହୋଇଥିଲେ। ଫର୍ମରେ ଥିବା ବଟଲର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ୨୪ ବଲ୍‌ରୁ ୪ ଚୌକା ସହାୟତାରେ ମାତ୍ର ୨୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ଦାୱିଦ ମଲନଙ୍କ ୩୦ ବଲ୍‌ରୁ ୪୨(୪ ଚୌକା, ୧ ଛକା) ଓ ମୋଇନ୍ ଅଲୀଙ୍କ ଅପରାଜିତ ୫୧(୩୭

## ଟି୨୦ ବିଶ୍ୱକପ

ବଲ, ୩ ଚୌକା, ୨ ଛକା) ରନର ବିସ୍ଫୋରକ ଇନିଂସ ଯୋଗୁ ଇଂଲଣ୍ଡ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଲିଆମ ଲିଭିଂଷ୍ଟୋନ ୧୦ ବଲ୍‌ରୁ ୧୭(୧ ଚୌକା, ୧ ଛକା) ରନ କରି ଆଉଟ ହୋଇଥିବାବେଳେ ଅଧିନାୟକ ଇଅନ ମୋର୍ଗାନ ୪ ରନରେ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଟିମ୍ ସୌଦୀ, ଆଡାମ ମିଲ୍‌ନେ, ଇଶ୍ ସୋଧି ଓ ଜେମ୍ସ ନିଶାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୨୦ ଓଭରରେ ୧୬୬/୪ (ମୋଇନ ଅଲୀ–୫୧*, ଦାୱିଦ ମଲନ–୪୨, ଜୋଶ ବଟଲର–୨୯, ଟିମ୍ ସୌଦୀ–୧/୨୪, ଆଡାମ ମିଲ୍‌ନେ–୧/୩୧, ଇଶ୍ ସୋଧି–୧/୩୨ ଓ ଜେମ୍ସ ନିଶାମ–୧/୧୮)। ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୬୭/୫ (ଡାରିଲ ମିଚେଲ–୭୨*, ଡେଭନ କନ୍‌ୱେ–୪୬, ଜେମ୍ସ ନିଶାମ–୨୭, ଲିଆମ ଲିଭିଂଷ୍ଟୋନ–୨/୨୨, କ୍ରିସ୍ ୱୋକ୍ସ–୨/୩୬, ଆଡିଲ ରଶିଦ–୧/୩୯)।

# ପାକିସ୍ତାନ–ଅଷ୍ଟ୍ରେଲିଆ ସେମି ମୁକାବିଲା ଆଜି

ଦୁବାଇ,୧୦।୧୧

ଚଳିତ ଟି୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ପାକିସ୍ତାନ ଫେଭରାଇଟ ବିବେଚିତ ହେଉଛି। ତେବେ ଅଷ୍ଟ୍ରେଲିଆ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରି ମୋମେଣ୍ଟମ ହାସଲ କରିବା ସହ ସେମିକୁ ଉଠିଛି ଓ ପାକିସ୍ତାନକୁ ହରାଇବାର କ୍ଷମତା ମଧ୍ୟ ରଖୁଛି। ବାବର ଆଜମଙ୍କ ନେତୃତ୍ୱରେ ପାକିସ୍ତାନ ଏକମାତ୍ର ଦଳଭାବେ ଅପରାଜେୟ ରହି ସେମିଫାଇନାଲରେ ପ୍ରବେଶ କରିଛି। ଶେଷଥର ପାଇଁ ଏହି ଦୁଇ ଦଳ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିଲା। ତେବେ ମାଇକ୍ ହସି ଚମତ୍କାର ବ୍ୟାଟିଂ କରି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆକୁ ଜିତାଇଥିଲେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳିବାରେ ପାକିସ୍ତାନର ଯଥେଷ୍ଟ ଅଭିଜ୍ଞତା ରହିଛି। ଏଠାରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ) ମଧ୍ୟ ଖେଳାଯାଇଛି। ୟୁଏଇରେ ପାକିସ୍ତାନ ତା'ର ଏକାଧିକ ଘରୋଇ ସିରିଜ ମଧ୍ୟ ଆୟୋଜନ କରିଛି। ଟୁର୍ନାମେଣ୍ଟରେ ପାକିସ୍ତାନର କ୍ୱଚିତ ତ୍ରୁଟି ଦେଖିବାକୁ ମିଳିଛି। ଟୁର୍ନାମେଣ୍ଟର ଟପ୍ ସ୍କୋରର ବାବରଙ୍କ ନେତୃତ୍ୱରେ ପାକିସ୍ତାନ ଟପ୍ ଅର୍ଡର ଦମ୍‌ଦାର ପ୍ରଦର୍ଶନ କରିଛି। ଏପର୍ଯ୍ୟନ୍ତ ସେ ୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ଅଷ୍ଟ୍ରେଲିଆର ବୋଲିଂ ଲାଇନ ଅପ୍ ଏଥିପାଇଁ ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ରହିଛି। ଯଦି ଦୁଇ ଓପନର ବାବର ଓ ମହମ୍ମଦ ରିଜୱାନ ଫେଲ ମାରନ୍ତି ତା'ହେଲେ ମିଡିଲ ଅର୍ଡରରେ ସିକ୍ସ ହିଟିଂ ମେସିନ ଆସିଫ ଅଲି, ସୋଏବ ମଲିକ ଓ ମହମ୍ମଦ ହାଫିଜଙ୍କ ଭଳି ଅଭିଜ୍ଞ ବ୍ୟାଟ୍ସମ୍ୟାନ ସ୍ଥିତି ସମ୍ଭାଳିବାର ଦକ୍ଷତା ରଖୁଛନ୍ତି। ପାକିସ୍ତାନର ବୋଲିଂ ମଧ୍ୟ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛି। ପ୍ରତିପକ୍ଷ ବ୍ୟାଟରଙ୍କୁ ଦ୍ରୁତ ବୋଲର ଶାହିନ ଶାହ ଆଫ୍ରିଦି ଓ ହାରିସ ରୌଫ୍ ସମସ୍ୟାରେ ପକାଇଛନ୍ତି। ଅପରପକ୍ଷରେ ୨୦୧୦ରେ ରନର୍ସଅପ ହୋଇଥିବା ଅଷ୍ଟ୍ରେଲିଆ ପାଇଁ ପ୍ରଥମଥର ଚାମ୍ପିୟନ ହେବାର ସୁଯୋଗ ଆସିଛି। ଇଂଲଣ୍ଡଠାରୁ ୮ ଉଇକେଟରେ ପରାସ୍ତ ହେବା ପରେ ଆରୋନ ଫିଞ୍ଚଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବା ସହ ଦମ୍‌ଦାର ପ୍ରଦର୍ଶନ କରି ସେମିଫାଇନାଲ ଟିକେଟ ହାସଲ କରିଛି। ଅଷ୍ଟ୍ରେଲିଆର ଦ୍ରୁତ ବୋଲର ଓ ଲେଗ୍ ସ୍ପିନର ଆଡାମ ଜାମ୍ପା ଟୁର୍ନାମେଣ୍ଟରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଜାମ୍ପା ବିଶ୍ୱକପ୍‌ରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ମିଡିଲ ଓଭରରେ ନିୟମିତ ଉଇକେଟ ହାସଲ କରୁଛନ୍ତି। ଦ୍ରୁତ ବୋଲର ଜୋଶ ହାଜେଲଉଡ, ମିଚେଲ ଷ୍ଟାର୍କ ଓ ପ୍ୟାଟ କମିନ୍ସ ପାକିସ୍ତାନ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଏହି ନିର୍ଣ୍ଣାୟକ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୧/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, November 11/2021 | ପୃଷ୍ଠା-୧



**ସନ୍ଦୀପ ଅଧିନାୟକ**

ରାଜକୋଟରେ ହେବାକୁଥିବା ୨୫ ବର୍ଷରୁ କମ୍ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସନ୍ଦୀପ ପଟ୍ଟନାୟକଙ୍କୁ ଓଡ଼ିଶା ଦଳର ଅଧିନାୟକ ମନୋନୀତ କରାଯାଇଛି।

୦୮

୦୭

**ଅଭ୍ୟାସ ଛାଡ଼ିପାରୁନାହାନ୍ତି କରୀନା**

ଅଭିନେତ୍ରୀ କରୀନା କପୁର ତାଙ୍କର ପିଲାଦିନର ଅଭ୍ୟାସକୁ ଛାଡ଼ି ପାରୁନାହାନ୍ତି। ପିଲାଦିନେ ନଖ କାମୁଡିବା ତାଙ୍କର ଏକ ଅଭ୍ୟାସ ଥିଲା।



# ଅପାରଗତା ଅଟକାଇଛି ପ୍ରକଳ୍ପ

**ଓଡ଼ିଶାର ଐତିହ୍ୟ ଓ ପ୍ରାକୃତିକ ଶୋଭାରାଜି ସବୁ ଋତୁରେ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ରାଜ୍ୟ ରାଜକୋଷକୁ ସମୃଦ୍ଧ କରିବାରେ ପର୍ଯ୍ୟଟନ ଶିଳ୍ପର ଅବଦାନ ଉଲ୍ଲେଖନୀୟ। କିନ୍ତୁ ଗତବର୍ଷ ମହାମାରୀ କରୋନା ପର୍ଯ୍ୟଟକଙ୍କ ଆଗମନରେ ରୋକ ଲଗାଇ ଦେଇଥିଲା। ଏବେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତି ଫେରିବାରେ ଲାଗିଥିବାବେଳେ ଅମଲାତନ୍ତ୍ରୀ ଅପରାଗତା ଅନେକ ସରକାରୀ ପ୍ରକଳ୍ପକୁ ଅଟକାଇ ଦେଇଛି। ଏଥିଯୋଗୁ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ଅଣ୍ଟା ସଳଖି ଛିଡ଼ା ହୋଇପାରୁନାହିଁ।**



ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

■ **ଅଧାରେ ଝୁଲୁଛି ଶାମୁକା ବିଚ୍ ପ୍ରୋଜେକ୍ଟ**

■ **ପର୍ଯ୍ୟଟନକୁ ଚଳଚଞ୍ଚଳ ପାଇଁ ଫେଷ୍ଟିଭାଲ, ଇକୋ ରିଟ୍ରିଟ୍ ଭରସା**

ପର୍ଯ୍ୟଟନ ବିଭାଗର ଆନ୍ତରିକତା ଅଭାବରୁ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ସେତେଟା ଆଖିଦୃଶିଆ ବିକାଶ ହୋଇପାରୁ ନାହିଁ। ସରକାର ପ୍ରତ୍ୟେକ ବର୍ଷ ବଜେଟରେ ପର୍ଯ୍ୟଟନ ବିଭାଗ ପାଇଁ ବ୍ୟୟ ବୃଦ୍ଧି କରି ଚାଲିଥିଲେ ମଧ୍ୟ ଅପାରଗ ଅଧିକାରୀମାନଙ୍କ ଯୋଗୁ ତାହା ଠିକଣା ବାଟରେ ଲାଗିପାରୁନାହିଁ। ଆରମ୍ଭ ହୋଇଥିବା ଅନେକ ଯୋଜନା ଅଧାପନ୍ତରିଆ ହୋଇ ପଡ଼ିରହିଛି। ବିଭାଗୀୟ ସଚିବ ବଦଳିଯିବା ପରେ ଅଧା ରହିଥିବା ଯୋଜନାକୁ ଅଣଦେଖା କରାଯାଉଛି। ସେହି ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥ ମଧ୍ୟ ବେକାର ହୋଇଯାଉଛି। ପୁରୀ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା 'ଶାମୁକା' ବିଚ୍ ପ୍ରକଳ୍ପ ଉଦାହରଣ ଭାବେ ନିଆଯାଇପାରେ। ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ଗତିଶୀଳ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ପୁରୀକୁ ଆକୃଷ୍ଟ କରିବା ଲାଗି ୨୦୧୫ରେ ସିପସରୁବାଲିଠାରେ ୯୭୨ ଏକର ଜମିରେ ଶାମୁକା ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପରେ ବିଳାସପୂର୍ଣ୍ଣ ହୋଟେଲ ସହିତ ଗଲ୍ଫ କୋର୍ଟ ଇତ୍ୟାଦି କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ପାଣି, ସଡ଼କ ଓ ବିଦ୍ୟୁତ୍ ସଂଯୋଗ ସକାଶେ ପ୍ରଥମ ପର୍ଯ୍ୟାୟରେ ୧୨୦ କୋଟି ଟଙ୍କା ଯୋଗାଇ ଦେଇଥିଲେ। ୬ ବର୍ଷ ପରେ ସେହି ପ୍ରକଳ୍ପ ଅଧାରେ ପଡ଼ିରହିଛି। ସେହିପରି କପିଳାସ ଓ ଧଉଳିରେ ରୋପ୍‌ୱେ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ପର୍ଯ୍ୟଟନ ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ କହିବା ଅନୁଯାୟୀ ବିଭାଗ ଗତ ୩୦ ବର୍ଷ ମଧ୍ୟରେ ଆଖିଦୃଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ କରିବାରେ ବିଫଳ ହୋଇଛି। ପ୍ରକଳ୍ପ ଦାୟିତ୍ୱରେ ଥିବା ☞ ପୃଷ୍ଠା-୬

# ଅନିଶ୍ଚିତତାରେ ଗ୍ରାମ୍ୟ ପର୍ଯ୍ୟଟନ

ଢେଙ୍କାନାଳ ଅଫିସ, ୧୦।୧୧

ପରିବେଶ ପର୍ଯ୍ୟଟନକୁ ନେଇ ଦେଶ ତଥା ଦେଶ ବାହାରେ ସୁନାମ ଅର୍ଜିଛି ଢେଙ୍କାନାଳ ଜିଲା। ସବୁଜିମା ବଳୟ ଘେରା କପିଳାସ ହେଉ କି ସପ୍ତଶଯ୍ୟା ସର୍ବଦା ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଛି। ଏହାକୁ ରୁରାଲ ଟୁରିଜମ୍‌ରେ ଅନ୍ତର୍ଭୁକ୍ତ କରି ଜିଲାର ପର୍ଯ୍ୟଟନକୁ ସଶକ୍ତ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ନୀଳ ନକ୍ସା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସପ୍ତଶଯ୍ୟା ପଞ୍ଚାୟତର ଡୋକ୍ରା ଶିଳ୍ପକଳାର ଗ୍ରାମ ସଦେଇବେରେଣୀ ନବଜୀବନପୁରରେ ବିକାଶ କରାଯାଇଛି କଳାକୃତି ଗ୍ରାମ। ଏଥିରେ ଖର୍ଚ୍ଚ ହୋଇଛି ପ୍ରାୟ ୫ କୋଟି ଟଙ୍କା। ତେବେ ୨୦୧୯ ଅଗଷ୍ଟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନାହିଁ। ପରିଚାଳନା ଅଭାବରୁ କଳାକୃତି ଗ୍ରାମ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ସରୀସୃପଙ୍କ ଆବାସସ୍ଥଳୀ ପାଲଟିଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ନେଇ ପର୍ଯ୍ୟଟନ ବିଭାଗ ଏବଂ ଓର୍‌ମାସ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବାବେଳେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି ପ୍ରକଳ୍ପର ଭବିଷ୍ୟତ।



ନବଜୀବନପୁରରେ ନିର୍ମିତ କଳାକୃତି ଗ୍ରାମ।

■ **କଳାକୃତି ଗ୍ରାମ ସରୀସୃପଙ୍କ ଆବାସ**

■ **୨ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଉନି**

■ **କାମରେ ଆସୁନି ୫ କୋଟିର ପ୍ରକଳ୍ପ**

ଡୋକ୍ରା ହସ୍ତଶିଳ୍ପ ପାଇଁ ରାଜ୍ୟ, ଜାତୀୟ ତଥା ବିଦେଶରେ ସୁନାମ ଅର୍ଜିଛି ସଦେଇବେରେଣୀ ନବଜୀବନପୁର। ଗ୍ରାମର ୧୨୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏହି ବିଲୁପ୍ତ ପ୍ରାୟ କଳା ସହିତ ଜଡ଼ିତ। ପର୍ଯ୍ୟଟନ ଋତୁରେ ସପ୍ତଶଯ୍ୟାକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେଉଥିବାବେଳେ ଡୋକ୍ରା ଗ୍ରାମର ବିକାଶ କରି ପର୍ଯ୍ୟଟନ ଶିଳ୍ପକୁ ବଢ଼ାଇବା ଲାଗି କରାଯାଇଥିଲା ଯୋଜନା। ତତ୍କାଳୀନ ଜିଲାପାଳ ରୁପାରୋଶନ ସାହୁଙ୍କ ପ୍ରସ୍ତାବକ୍ରମେ ୨୦୧୬-୧୭ରେ ସଦେଇବେରେଣୀ ନବଜୀବନପୁରରେ ଗ୍ରାମୀଣ ପର୍ଯ୍ୟଟନର ବିକାଶ କରିବାକୁ ନିଷ୍ପତ୍ତି ନେଇଥିଲେ ରାଜ୍ୟ ସରକାର। ପର୍ଯ୍ୟାୟକ୍ରମେ ୫କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା ☞ ପୃଷ୍ଠା-୬

# ୧୯ରେ ଶତାବ୍ଦୀର ଦୀର୍ଘତମ ଆଂଶିକ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ): ଶତାବ୍ଦୀର ଦୀର୍ଘତମ ଆଂଶିକ ଚନ୍ଦ୍ରଗ୍ରହଣ ଆସନ୍ତା ୧୯ ତାରିଖରେ ସଙ୍ଘଠିତ ହେବ। ଏହା ଭାରତୀୟ ସମୟ ପୂର୍ବାହ୍ନ ୧୧ଟା

**ଭାରତକୁ ଦୃଶ୍ୟମାନ ହେବ ନାହିଁ**

୩୨ରେ ଆରମ୍ଭ ହେବ। ସେତେବେଳେ ଚନ୍ଦ୍ର ଉପଛାୟାରେ ପ୍ରବେଶ କରିବ। ପରେ ଅପରାହ୍ନ ୧୨ଟା ୪୮ରେ ଚନ୍ଦ୍ର ଛାୟାରେ ପ୍ରବେଶ କରି ଅପରାହ୍ନ ୪ଟା ୧୭ରେ ବାହାରିବ। ଅପରାହ୍ନ ୫ଟା ୩୩ରେ ଚନ୍ଦ୍ର ଉପଛାୟାରୁ ସମ୍ପୂର୍ଣ୍ଣ ବାହାରିବ। ଏହି ଚନ୍ଦ୍ରଗ୍ରହଣ ଏସିଆ, ଅଷ୍ଟ୍ରେଲିଆ ଏବଂ ଆମେରିକାରେ ଦୃଶ୍ୟମାନ ହେବ। ତେବେ ୧୮ ତାରିଖ ଗୁରୁବାର ରାତିରେ ଆଲାସ୍କା ହାୱାଇର କିଛି ଅଞ୍ଚଳ ତଥା ଉତ୍ତର-ପଶ୍ଚିମ ତଥା ଉତ୍ତର-ୟୁରୋପର କିଛି ଅଞ୍ଚଳରେ ଆଂଶିକ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ। ତେବେ ଭାରତକୁ ଏହା ଦୃଶ୍ୟମାନ ହେବ ନାହିଁ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ର ଓ ସୂର୍ଯ୍ୟ ମଝିରେ ପୃଥିବୀ ଏକ ସରଳରେଖାରେ ରହିଥାଏ ଓ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼ିଥାଏ।

**ଜଳବାୟୁ ଆଲୋଚନା**

# ନୂଆ ଚିଠାକୁ ନେଇ ଆଶଙ୍କା

**ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସହାୟତାର ଲଗାତର ପ୍ରତିଶ୍ରୁତି ସତ୍ତ୍ୱେ ଗରିବ ଦେଶଗୁଡ଼ିକ ତାହା ପାଇବେ ନାହିଁ ବୋଲି ଆଶଙ୍କାରେ ରହିଛନ୍ତି।**

ଗ୍ଲାସ୍‌ଗୋ,୧୦।୧୧

ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୬) ଚାଲିଛି। ଏହି ସମିଟ୍ ଶେଷ ହେବାକୁ ଆଉ ମାତ୍ର ଦୁଇଦିନ ବାକି ଥିବାବେଳେ ଏଥିରେ ସାମିଲ ଥିବା ଦେଶଗୁଡ଼ିକ ଆସନ୍ତା ବର୍ଷ ସୁଦ୍ଧା ସେମାନଙ୍କ ସବୁଜ ଗୃହ ଉତ୍ସର୍ଜନ ହ୍ରାସ ନିମନ୍ତେ ଏକ ଚିଠା ରାଜନୈତିକ ନିଷ୍ପତ୍ତି ନିଅନ୍ତୁ ବୋଲି ବ୍ରିଟେନ୍ ପ୍ରସ୍ତାବ ଦେଇଛି। ତେବେ ଉକ୍ତ ପ୍ରସ୍ତାବ ଗୃହୀତ ହେବା ପାଇଁ ଦେଶଗୁଡ଼ିକ ସମ୍ମିଳନୀ ଶେଷ ପର୍ଯ୍ୟନ୍ତ ଏହା ଉପରେ ବିତର୍କ କରିବେ। ଏଥିରେ ଅଣାଯାଇଥିବା ପ୍ରସ୍ତାବଗୁଡ଼ିକ ସମୟକ୍ରମେ ବେକାର ହୋଇଯିବ ବୋଲି ଅନେକ ଦେଶ ମନେକରୁଛନ୍ତି। ଧନୀ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗରିବ ଦେଶଗୁଡ଼ିକୁ ବାର୍ଷିକ ୧୦୦ ବିଲିୟନ୍ ଡଲାର ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗରିବ ଦେଶଗୁଡ଼ିକୁ ତାହା ମିଳୁ ନ ଥିବାରୁ ସେମାନେ ଏଭଳି ଆଶଙ୍କା କରୁଛନ୍ତି।

ବର୍ତ୍ତମାନର ଜାତୀୟ ପ୍ରତିଜ୍ଞା ଓ ବିଶ୍ୱକୁ ଜଳବାୟୁ ସଙ୍କଟରୁ ରକ୍ଷା କରିବା ପାଇଁ ତ୍ୱରିତ ଉତ୍ସର୍ଜନ ହ୍ରାସ ମଧ୍ୟରେ ତାଳେତିଳେ ଫରକ ରହୁଛି ବୋଲି ଜଳବାୟୁ ବିଶେଷଜ୍ଞ ଓ କର୍ମୀମାନେ ଚିନ୍ତାବ୍ୟକ୍ତ କରିଥିବାବେଳେ ସେମାନଙ୍କ ମତାମତକୁ ଉକ୍ତ ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇନାହିଁ। ବୁଧବାର ପୂର୍ବାହ୍ନରେ ଜାତିସଂଘ ପକ୍ଷରୁ ଜାରି ରାଜନୈତିକ ନିଷ୍ପତ୍ତିର ପ୍ରଥମ ଚିଠାରେ ୨୦୩୦ ଲକ୍ଷ୍ୟ ପୂରଣ ଲାଗି ଜାତୀୟ ଅବଦାନର ସମୀକ୍ଷା କରିବାକୁ ଦେଶଗୁଡ଼ିକୁ ପରାମର୍ଶ ଦିଆଯାଇଛି। ୨୦୨୨ ଶେଷ ସୁଦ୍ଧା ତାପମାତ୍ରା ହ୍ରାସ ସମ୍ପର୍କିତ ପ୍ୟାରିସ୍ ଚୁକ୍ତିକୁ ସଫଳ କରିବା ପାଇଁ ଏହା ଜରୁରୀ ବୋଲି ଏଥିରେ କୁହାଯାଇଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ଏହାକୁ ପୂରଣ କରିବା ଦେଶଗୁଡ଼ିକ ପକ୍ଷେ ସହଜ ହୋଇ ନ ପାରେ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକ ପକ୍ଷରୁ ଏହା ହେଉଛି ଏକ ପ୍ରମୁଖ ଦାବି।

ପ୍ରକାଶ ଯେ, ବିଶ୍ୱ ତାପମାତ୍ରାରେ ୨ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ କରି ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ପ୍ୟାରିସ୍ ଚୁକ୍ତିରେ ଦେଶଗୁଡ଼ିକ ସହମତ ହୋଇଥିଲେ। ତେବେ ବୈଜ୍ଞାନିକମାନଙ୍କ ମତ ହେଉଛି, ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖାଯାଇ ନ ପାରିଲେ ସମୁଦ୍ର ପତ୍ତନ ବୃଦ୍ଧି ପାଇବ। ବନ୍ୟା, ମରୁଡ଼ି, ବନାଗ୍ନି ଓ ଝଡ଼ ଭଳି ଅଭୂତପୂର୍ବ ବିପର୍ଯ୍ୟୟ ମାଡ଼ିଆସିବ। ଏସବୁ ବିଶ୍ୱ ପାଇଁ ଅପୂରଣୀୟ କ୍ଷତି ସାଧନ କରିବ, ଯାହାକୁ ଏଡ଼ାଇ ହେବନାହିଁ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି। ଉକ୍ତ ଚିଠାରେ ଦେଶଗୁଡ଼ିକୁ ପର୍ଯ୍ୟାୟକ୍ରମେ କୋଇଲା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଜୀବାଶ୍ମ ଇନ୍ଧନ ବନ୍ଦ ନେଇ ଏଥିରେ ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇ ନ ଥିବାବେଳେ ବିଶ୍ୱକୁ ବଞ୍ଚାଇବା ପାଇଁ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିବା ଜରୁରୀ ☞ ପୃଷ୍ଠା-୬



ଗ୍ଲାସ୍‌ଗୋରେ ଆୟୋଜିତ 'ଡାଏ ଇନ୍' ଶୋଭାଯାତ୍ରାରେ ସାମିଲ ଏକ୍ସଟିଙ୍କଟ୍ ରେବେଲିୟନ୍ ରେଡ୍ ବ୍ରିଜ୍ ବ୍ରିଗେଡ୍ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଇଥାନଲ୍ ମୂଲ୍ୟ ବୃଦ୍ଧିକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୦।୧୧

ପେଟ୍ରୋଲରେ ମିଶ୍ରଣ ଲାଗି ଆଖୁରୁ ପ୍ରସ୍ତୁତ ଇଥାନଲ୍‌ର ଲିଟର ପିଛା ମୂଲ୍ୟ ୧.୪୭ ଟଙ୍କା ଯାଏ ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଡିସେମ୍ବରରୁ ଆରମ୍ଭ ହେଉଥିବା ୨୦୨୧-୨୨ ମାର୍କେଟିଂ ବର୍ଷ ଲାଗି ଏହା କାର୍ଯ୍ୟକାରୀ ହେବ। ୨୦୨୫ ସୁଦ୍ଧା ପେଟ୍ରୋଲରେ ୨୦% ମିଥାନଲ ମିଶ୍ରଣ ଲକ୍ଷ୍ୟ ଦିଗରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପେଟ୍ରୋଲରେ ମିଥାନଲ ମିଶ୍ରଣ ବୃଦ୍ଧି ହେଲେ କେନ୍ଦ୍ର ସରକାର ତୈଳ ଆମଦାନୀ ବିଲ୍ କମ୍ କରିବାକୁ ସକ୍ଷମ ହେବେ। ଏହାଦ୍ୱାରା ଆଖୁଚାଷୀ ଏବଂ ଚିନି ମିଲ୍‌ଗୁଡ଼ିକ ମଧ୍ୟ ଲାଭବାନ୍ ହୋଇପାରିବେ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ବର୍ତ୍ତମାନ ଆଖୁରୁ ପ୍ରସ୍ତୁତ ଇଥାନଲ୍‌ର ଲିଟର ପିଛା ଦର ୬୨.୬୫ ଟଙ୍କା ରହିଥିବା ବେଳେ ଏହାକୁ ୬୩.୪୫ ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିଭଳି ସି-ହେଭି ମୋଲାସେସ୍‌ରୁ ପ୍ରସ୍ତୁତ ଇଥାନଲ୍‌ର ଲିଟର ପିଛା ଦର ୪୫.୬୯ ଟଙ୍କାରୁ ୪୬.୬୬ ଟଙ୍କାକୁ ବଢ଼ିଛି। ବି-ହେଭିରୁ ପ୍ରସ୍ତୁତ ☞ ପୃଷ୍ଠା-୬

# ଶ୍ରଦ୍ଧାଳୁଙ୍କୁ ରାଧାପାଦ ଦର୍ଶନ ମନା

ପୁରୀ ଅଫିସ/ସାକ୍ଷୀଗୋପାଳ, ୧୦।୧୧ (ସ୍ୱ.ପ୍ର/ଡି.ଏନ୍.ଏ)

**୧୨, ୧୫ ତାରିଖରେ ଜାରି ହେବ ୧୪୪ ଧାରା**

ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ରାଧାପାଦ ଦର୍ଶନ ଉପରେ କଟକଣା ଜାରି ହୋଇଛି। ଆସନ୍ତା ୧୨ ଓ ୧୫ ତାରିଖରେ ମନ୍ଦିର ପରିସରରେ ୧୪୪ ଧାରା ଜାରି କରାଯିବ ବୋଲି ବୁଧବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୧୨ ତାରିଖରେ ଅଁଳା ନବମୀ ଓ ୧୫ ରେ ବଡ଼ ଏକାଦଶୀ ଥିବାରୁ ଦର୍ଶନ ଉପରେ କଟକଣା ଜାରି ହେବ।

ଅଁଳାନବମୀରେ ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଓ ରାଧାପାଦ ଦର୍ଶନ ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥାଏ। ତେବେ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ କଟକଣା ଲାଗୁ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କଟକଣା ସମୟରେ କେବଳ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ଓ ସେବାୟତଙ୍କୁ ସମ୍ପୃକ୍ତ ଅଞ୍ଚଳ ଓ ମନ୍ଦିରରେ ପ୍ରବେଶ ଲାଗି ଅନୁମତି ମିଳିବ। ସେହିପରି ମନ୍ଦିରରେ ପରମ୍ପରା ଅନୁଯାୟୀ ନୀତିକାନ୍ତି ହେବ। ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ପରିସର ସାନିଟାଇଜ ଏବଂ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସଫେଇ କରାଯିବ। ଏନେଇ ବୁଧବାର ଉପଜିଲାପାଳ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ସାକ୍ଷୀଗୋପାଳଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ ଦେବୋତ୍ତର କମିଶନର ସୁଦୀପ ମିଶ୍ର, ତହସିଲଦାର ଚିନ୍ମୟ ଜୟସିଂ, ବିଡିଓ କ୍ଷୀରୋଦ ବେହେରା, ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଅଧିକାରୀ ଦେବୀପ୍ରସାଦ ପାତ୍ର, ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ମନ୍ଦିର ନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଏବଂ ସମ୍ପାଦକ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ରାବିଡ଼ି ଖାଇ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୧୦।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଟକ ଜିଲା ଅରିଲୋଠାରେ ୨୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଓମ୍‌ଫେଡର ଅତ୍ୟାଧୁନିକ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ଦୈନିକ ୫ ଲକ୍ଷ ଲିଟର କ୍ଷୀର ପ୍ରକ୍ରିୟାକରଣ କରାଯିବ। ଏଥିରୁ ଦୈନିକ ୨ ଲକ୍ଷ ଲିଟର ଦୁଗ୍ଧଗୁଣ୍ଡ ଉତ୍ପାଦିତ ହେବ। ଏଥିସହିତ ଉଚ୍ଚମାନର ଦହି, ଦୁଗ୍ଧ, ଲହୁଣି, ଲସି, ଘିଅ, ପନିର ଓ ଫ୍ଲେଭର ମିଲ୍କ ଉତ୍ପାଦନ କରାଯାଇ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓମ୍‌ଫେଡ ହେଉଛି ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧଚାଷୀଙ୍କ ନିଜ ଅନୁଷ୍ଠାନ। ଏହାର ବିକାଶରେ ସମସ୍ତ ଚାଷୀ ଭଉଣୀଭାଇମାନଙ୍କ ଅବଦାନ ରହିଛି। ଓମ୍‌ଫେଡ ମଧ୍ୟ ସବୁବେଳେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାମ କରିଆସୁଛି। ଏହି ନୂଆ ପ୍ଲାଣ୍ଟ ଉଦ୍‌ଘାଟନ ଦ୍ୱାରା ଚାଷୀମାନଙ୍କ ରୋଜଗାର ବଢ଼ିବ। ଏଥିରେ ପ୍ରାୟ ୬ଲକ୍ଷ ଦୁଗ୍ଧଚାଷୀ ଉପକୃତ ହେବେ।

ଚାଷୀମାନଙ୍କର ରୋଜଗାର ବଢ଼ାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟରେ ଡେଏରି ଫାର୍ମ ଓ ଦୁଗ୍ଧ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ପାଇଁ ଯେପରି ଯୁବ ସମାଜ ଆଗେଇ ଆସିବେ ସେଥିପାଇଁ ରାଜ୍ୟ ସରକାର ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ଦେଉଛନ୍ତି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେଇ ରାଜ୍ୟର ବିକାଶରେ ଭାଗୀଦାର ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ସେହିପରି ପୁଷ୍ଟି ନିରାପତ୍ତାରେ ଦୁଗ୍ଧର ଗୁରୁତ୍ୱ ବିଷୟ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆହ୍ୱାନ ଜଣାଇଛନ୍ତି। ଶ୍ୱେତ ବିପ୍ଳବ ଆଣିବା ପାଇଁ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ରାଜ୍ୟରେ ☞ ପୃଷ୍ଠା-୬



କଟକ ଅରିଲୋସ୍ଥିତ ଅତ୍ୟାଧୁନିକ ମେଗା ଓମ୍‌ଫେଡ୍ ଡେଏରି ପ୍ଲାଣ୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିବା ପରେ ରାବିଡି ଖାଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।



**ଅରିଲୋରେ ଅତ୍ୟାଧୁନିକ ଓମ୍‌ଫେଡ ପ୍ଲାଣ୍ଟ ଉଦ୍‌ଘାଟିତ**

■ **ଦୈନିକ ୫ ଲକ୍ଷ ଲିଟର ପ୍ରକ୍ରିୟାକରଣ ହେବ**

■ **ଉପକୃତ ହେବେ ୬ ଲକ୍ଷ ଚାଷୀ**

■ **ଶ୍ୱେତ ବିପ୍ଳବ ଆଣିବା ପାଇଁ ଆହ୍ୱାନ**

**ଯମୁନାରେ ବାଡ଼**

ଯମୁନା ନଦୀରେ ଭାସୁଥିବା ବିଷାକ୍ତ ଫେଣକୁ ହଟାଇବା ପାଇଁ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବୁଧବାର ସେଠାରେ ଉଚ୍ଚଗତିର ପାଣି ସ୍ପ୍ରେ କରାଯିବା ସହ ଫେଣ ବେଳାଭୂମି ଆଡ଼କୁ ନ ଆସିବା ପାଇଁ କାଳିନ୍ଦୀ କୁଞ୍ଜଠାରେ ବାଉଁଶରେ ବାଡ଼ ତିଆରି କରାଯାଇଛି। ଜଳରୁ ଫେଣ ସଫା କରିବା ପାଇଁ ୧୫ ବୋଟ୍ ନିୟୋଜିତ କରାଯାଇଛି। ଏହା ଦ୍ୱାରା ନଦୀ ପାଣି ପ୍ରଦୂଷଣ ମୁକ୍ତ ହୋଇପାରିବ ନାହିଁ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଫୁମିଓ କିଶିଦା ପ୍ରଧାନମନ୍ତ୍ରୀ ନିର୍ବାଚିତ



**ଟୋକିଓ, ୧୦।୧୧:** ଜାପାନ ପ୍ରଧାନମନ୍ତ୍ରୀ ଭାବେ ଫୁମିଓ କିଶିଦା ବୁଧବାର ପୁନଃ ନିର୍ବାଚିତ ହୋଇଛନ୍ତି। ନିକଟରେ ହୋଇଥିବା ସଂସଦୀୟ ନିର୍ବାଚନରେ କିଶିଦାଙ୍କ ଶାସକ ଦଳ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି(ଏଲ୍‌ଡିପି)କୁ ବହୁମତ ମିଳିଥିଲା। ନିମ୍ନ ସଦନରେ ୪୬୫ ସଦସ୍ୟଙ୍କ ମଧ୍ୟରୁ ୨୬୧ ଆସନ ତାଙ୍କ ଦଳକୁ ଯାଇଥିଲା। ଗତମାସରେ ଏଲ୍‌ଡିପି କିଶିଦାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରିଥିଲା। କିଶିଦା ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ତାଙ୍କ ମନ୍ତ୍ରିମଣ୍ଡଳ ମଧ୍ୟ ଗଠନ କରିଛନ୍ତି। ପୂର୍ବରୁ ସେ ଜାପାନ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଏହାପୂର୍ବରୁ ୟୋଶିହିଦେ ସୁଗା କୋଭିଡ୍-୧୯ ପରିଚାଳନା ତଥା ମହାମାରୀ ମଧ୍ୟରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ନିଷ୍ପତ୍ତିକୁ ନେଇ ସମାଲୋଚନାର ଶିକାର ହୋଇଥିଲେ। ମାତ୍ର ବର୍ଷେ ପାଇଁ ପ୍ରଧାନମନ୍ତ୍ରୀ ରହିବା ପରେ ସେ ପଦରୁ ଇସ୍ତଫା ଦେଇଥିଲେ।

**କୋହଲିଙ୍କ ଝିଅକୁ ବଳାତ୍କାର ଧମକ ଘଟଣା**

### ଇଞ୍ଜିନିୟର ଗିରଫ

**ମୁମ୍ବାଇ, ୧୦।୧୧:** ଭାରତୀୟ କ୍ରିକେଟର ବିରାଟ କୋହଲି ଏବଂ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଝିଅକୁ ବଳାତ୍କାର ଧମକ ଦେବା ଅଭିଯୋଗରେ ମୁମ୍ବାଇ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାମ ରାମନାଗେଶ ଶ୍ରୀନିବାସ ଅକୁବାଥିନି(୨୩)। ମୁମ୍ବାଇ ପୋଲିସର ସାଇବର ସେଲ ତାଙ୍କୁ ହେପାଜତକୁ ନେଇଛି। ଅଭିଯୁକ୍ତ ଶ୍ରୀନିବାସ ଜଣେ ବି-ଟେକ୍ ଗ୍ରାଜୁଏଟ୍। ଏକ ଫୁଡ୍ ଡେଲିଭରୀ କମ୍ପାନୀର ସଫ୍ଟୱେର ଡିପାର୍ଟମେଣ୍ଟରେ ସେ କାମ କରୁଥିଲେ। ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚରେ ପାକିସ୍ତାନଠାରୁ ଭାରତ ହାରିବା ପରେ ସେ କୋହଲିଙ୍କ ଝିଅକୁ ବଳାତ୍କାର କରିବାକୁ ଟୁଇଟରରେ ଧମକ ଦେଇଥିଲେ।

### ଭୋପାଳ ହସ୍ପିଟାଲ ଅଗ୍ନିକାଣ୍ଡ: ୩ ମେଡିକାଲ ଅଫିସର ବିଦାହେଲେ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.):** ମଧ୍ୟପ୍ରଦେଶର ଭୋପାଳସ୍ଥିତ କମଳା ନେହେରୁ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ୩ ଜଣ ଅଫିସରଙ୍କୁ ବିଦା କରାଯାଇଛି। ହସ୍ପିଟାଲର ଶିଶୁରୋଗ ବିଭାଗ ଆଇସିୟୁରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏହାର ୩୬ ଘଣ୍ଟା ମଧ୍ୟରେ ଆଉ ୮ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣା ପାଇଁ ଗାନ୍ଧୀ ମେଡିକାଲ କଲେଜର ଡିନ୍ ଡ. ଜିତେନ୍ଦ୍ର ଶୁକ୍ଳା, ହାମିଡିଆ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଲୋକେନ୍ଦ୍ର ଡାଭେ ଏବଂ କମଳା ନେହେରୁ ହସ୍ପିଟାଲର ନିର୍ଦ୍ଦେଶକ ଡ. କେ.କେ. ଦୁବେଙ୍କୁ ପଦବୀରୁ ବହିଷ୍କାର କରାଯାଇଛି। ବିଦ୍ୟୁତ୍ ବିଭାଗର ଜଣେ ଉପଯନ୍ତ୍ରୀ ଅୱଧେଶ ଭଦୌରିଆ ନିଲମ୍ବିତ ହୋଇଛନ୍ତି। କମଳା ନେହେରୁ ଶିଶୁ ହସ୍ପିଟାଲ ହେଉଛି ହମିଡିଆ ହସ୍ପିଟାଲର ଅଂଶବିଶେଷ ଏବଂ ଏହା ଗାନ୍ଧୀ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଅବସ୍ଥିତ।

# 'ଟୁଇଟର ସିଇଓଙ୍କୁ ଚେତାଇଥିଲି'

## କ୍ୟାପିଟୋଲ ହିଂସା



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଜାନୁୟାରୀ ୬ରେ କ୍ୟାପିଟୋଲ ହିଂସାକାଣ୍ଡ ଭିଆଇବା ପୂର୍ବରୁ ଏ ବାବଦରେ ଟୁଇଟର ସିଇଓ ଜ୍ୟାକ୍ ଡୋର୍ସିଙ୍କୁ ଆଗୁଆ ଚେତାଇଥିଲେ ବୋଲି ବ୍ରିଟେନ୍ ପ୍ରିନ୍ସ ହ୍ୟାରି କହିଛନ୍ତି। ମଙ୍ଗଳବାର କାଲିଫର୍ନିଆରେ ଭୁଲ୍‌ସୂଚନା ଉପରେ ଅନୁଷ୍ଠିତ ଏକ ଅନ୍‌ଲାଇନ ପ୍ୟାନେଲରେ ଯୋଗ ଦେଇ ହ୍ୟାରି କହିଥିଲେ, କ୍ୟାପିଟୋଲ ହିଂସାକାଣ୍ଡର ପୂର୍ବ ଦିନ ସେ ଡୋର୍ସିଙ୍କୁ ଏକ ଇ-ମେଲ୍ କରିଥିଲେ। ଟୁଇଟର ଏଭଳି କାଣ୍ଡ ପାଇଁ ମଞ୍ଚ ପ୍ରଦାନ କରୁଥିବା ମଧ୍ୟ ସେ ଚେତାବନୀ ଦେଇଥିଲେ। ଏହା ପରଦିନ ହିଂସା ଘଟିଥିଲା। ସେବେଠାରୁ ଡୋର୍ସି ତାଙ୍କ ସହ ଆଲୋଚନା କରିନାହାନ୍ତି ବୋଲି ହ୍ୟାରି ପ୍ରକାଶ କରିଛନ୍ତି। ଏଥିସହ ଫେସ୍‌ବୁକ୍, ୟୁଟ୍ୟୁବ୍ ଭଳି ଅନ୍ୟ ସୋସିଆଲ ସାଇଟଗୁଡ଼ିକୁ ମଧ୍ୟ ଭୁଲ ତଥ୍ୟ ପ୍ରଚାର ପାଇଁ ସେ ଦାୟୀ କରିଛନ୍ତି। କୋଭିଡ୍ ସମ୍ପର୍କିତ ବିଭ୍ରାନ୍ତିକର ତଥ୍ୟ ବହୁଳ ମାତ୍ରାରେ ସୋସିଆଲ ମିଡିଆରେ ପ୍ରସାର ହୋଇଥିବା ସେ କହିଛନ୍ତି।

# ବିବାହ କଲେ ମାଲାଲା



ନୋବେଲ ବିଜୟିନୀ ମାଲାଲା ୟୁସୁଫଜାଇ ମଙ୍ଗଳବାର ପାକିସ୍ତାନ କ୍ରିକେଟ ବୋର୍ଡର ଜଣେ ଅଧିକାରୀ ଅସର ମଲିକଙ୍କ ହାତ ଧରିଛନ୍ତି। ବ୍ରିଟେନର ବ୍ରିମିଙ୍ଗହାମ୍‌ରେ ଉଭୟଙ୍କ ବିବାହ ହୋଇଥିବାବେଳେ ମାଲାଲା ବାହାଘରର ଫଟୋ ଶେୟାର କରିଛନ୍ତି। 'ଆଜି ମୋ ଜୀବନର ସବୁଠୁ ମୂଲ୍ୟବାନ୍ ଦିନ। ଅସର ଏବଂ ମୁଁ ପରସ୍ପରକୁ ଜୀବନ ସାଥୀ ବାଛିଛୁ। ବ୍ରିମିଙ୍ଗ୍‌ହାମ୍‌ସ୍ଥିତ ଘରେ ପରିବାର ସହ ନିକାହ ସମାରୋହ ହୋଇଛି' ବୋଲି ୨୪ ବର୍ଷୀୟା ମାଲାଲା ଟୁଇଟ କରିଛନ୍ତି। ଅସରଙ୍କ ଘର ଲାହୋରରେ ଏବଂ ପାକିସ୍ତାନ ବୋର୍ଡର ହାଇ ପରଫରମାନ୍ସ ସେଣ୍ଟରରେ ସେ ଜେନେରାଲ ମ୍ୟାନେଜର ଅଛନ୍ତି। ୨ ବର୍ଷ ପୂର୍ବେ ଉଭୟଙ୍କ ଭେଟ ହୋଇଥିଲା। ପରେ ତାହା ବିବାହରେ ପରିଣତ ହୋଇଛି।

# ଆତଙ୍କବାଦୀଙ୍କ ମାଟି ହୋଇପାରିବନି ଆଫଗାନ୍

**ନୂଆଦିଲ୍ଲୀ, ୧୦।୧୧(ପି.ଟି.)**



ଦିଲ୍ଲୀରେ ଅନୁଷ୍ଠିତ ଆଞ୍ଚଳିକ ସୁରକ୍ଷା ଆଲୋଚନାରେ ବାମରୁ ଉଜ୍‌ବେକିସ୍ତାନ, ତୁର୍କମେନିସ୍ତାନ, ତାଜିକିସ୍ତାନ, ରୁଷିଆ, ଭାରତ, ଇରାନ, କାଜାଖସ୍ତାନ,କିର୍ଗିଜ୍ ରିପବ୍ଲିକର ଶୀର୍ଷ ସୁରକ୍ଷା ଅଧିକାରୀ।

ଆତଙ୍କବାଦୀ ସୃଷ୍ଟି ଲାଗି ଆଫଗାନିସ୍ତାନର ମାଟିକୁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ନୂଆଦିଲ୍ଲୀରେ ବୁଧବାର ଭାରତ ସମେତ ୮ ଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ଙ୍କ ବୈଠକ ପରେ ମିଳିତ ଘୋଷଣାନାମାରେ ଏହା କୁହାଯାଇଛି। ଆଲୋଚନାରେ ଭାରତର ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ ସମେତ ରୁଷିଆ, ଇରାନ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଓ ଉଜ୍‌ବେକିସ୍ତାନର ଏନ୍‌ଏସ୍‌ଏ ଯୋଗଦେଇଥିଲେ। ଚାଇନା ଓ ପାକିସ୍ତାନକୁ ବୈଠକରେ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଥିଲେ ହେଁ ସେମାନେ ସାମିଲ ହୋଇ ନ ଥିଲେ। କାବୁଲରେ ସମାବେଶୀ ସରକାର ଗଢ଼ିବା ଲାଗିଏନ୍‌ଏସ୍‌ଏମାନେଆହ୍ୱାନଦେଇଛନ୍ତି।

ଆଫଗାନିସ୍ତାନ ସ୍ଥିତିର ସମୀକ୍ଷା ପାଇଁ ଭାରତ ପକ୍ଷରୁ ଆଞ୍ଚଳିକ ଦେଶଗୁଡ଼ିକର ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ବୈଠକର ଆୟୋଜନ କରାଯାଇଥିଲା। ଆଫଗାନ ଅଞ୍ଚଳ ଆତଙ୍କବାଦୀଙ୍କ ଆଶ୍ରୟସ୍ଥଳ, ପ୍ରଶିକ୍ଷଣ କ୍ଷେତ୍ର ଏବଂ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରଣୟନ କିମ୍ବା ଅର୍ଥ ଯୋଗାଣ କ୍ଷେତ୍ର ଭାବେ ବ୍ୟବହୃତ ହେବା ଉଚିତ ନୁହେଁ ବୋଲି ୮ ଦେଶ ପକ୍ଷରୁ ମିଳିତ ଘୋଷଣାନାମାରେ କୁହାଯାଇଛି। ଯୁଦ୍ଧୋତ୍ତର ଏହି ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଏବଂ ଏହାର ଆଭ୍ୟନ୍ତରୀଣ

**ଏନ୍‌ଏସ୍‌ଏ ବୈଠକରେ ଘୋଷଣା**

ବ୍ୟାପାର ବାହ୍ୟ ହସ୍ତକ୍ଷେପରୁ ମୁକ୍ତ ହେବା ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପାକିସ୍ତାନକୁ ପରୋକ୍ଷରେ ବାର୍ତ୍ତା ବୋଲି କୁହାଯାଉଛି।

ଆଫଗାନିସ୍ତାନରେ ସାମାଜିକ-ଅର୍ଥନୈତିକ ଏବଂ ମାନବୀୟ ସ୍ଥିତି ବିଗୁଡ଼ୁଥିବାରୁ ଏହାକୁ ନେଇ ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଫଗାନ ଜନସାଧାରଣଙ୍କୁ ତୁରନ୍ତ ମାନବୀୟ ସହାୟତା ଯୋଗାଇଦେବା ଉପରେ ଶୀର୍ଷ ସୁରକ୍ଷା ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ବୈଠକ ପରେ ଏନ୍‌ଏସ୍‌ଏମାନେ ମିଳିତ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଆଲୋଚନାର ନିଷ୍କର୍ଷ ସମ୍ପର୍କରେ ଅବଗତ କରାଇଥିଲେ। ଶାନ୍ତିପୂର୍ଣ୍ଣ ସୁରକ୍ଷିତ ଏବଂ ସ୍ଥିର ଆଫଗାନିସ୍ତାନ ପାଇଁ ଦୃଢ଼ ସମର୍ଥନ ଯୋଗାଇଦେବାକୁ ଘୋଷଣାନାମାରେ ଦୋହରାଯାଇଛି। କୁନ୍ଦୁଜ୍, କାନ୍ଦାହାର ଏବଂ କାବୁଲରେ ଆତଙ୍କବାଦୀ ଆକ୍ରମଣକୁ ବୈଠକରେ ନିନ୍ଦା କରାଯାଇଥିଲା।

ଗତ ଅଗଷ୍ଟ ୧୫ରେ ତାଲିବାନ କାବୁଲ ଦଖଲ କରିବା ପରେ ପାକିସ୍ତାନ ଆଫଗାନିସ୍ତାନ ବ୍ୟାପାରରେ ହସ୍ତକ୍ଷେପ କରିଆସୁଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଘନିଷ୍ଠ ଭାବେ ଜଣାଶୁଣା ଆଇଏସ୍‌ଆଇ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଫୈଜ ହମିଦ ଇତିମଧ୍ୟରେ ଦୁଇଥର କାବୁଲ ଯାଇଛନ୍ତି। ସେଠାରେ ଆତଙ୍କବାଦୀ ନେଟ୍‌ୱର୍କର ନେତୃତ୍ୱ ନେଉଥିବା ସିରାଜୁଦ୍ଦିନ ହକାନିଙ୍କୁ ପାକିସ୍ତାନ ଖୋଲାଖୋଲି ଭାବେ ସମର୍ଥନ ଜଣାଉଛି। ଫଳରେ ଆଫଗାନିସ୍ତାନର ଆଞ୍ଚଳିକ ସୁରକ୍ଷା ଓ ସଂହତି ପ୍ରତି ବିପଦ ସୃଷ୍ଟି ହୋଇଛି। ଆଫଗାନ୍ ବ୍ୟାପାରରେ ଯେପରି କୌଣସି ବାହ୍ୟ ଶକ୍ତି ହସ୍ତକ୍ଷେପ ନ କରନ୍ତି ଏହା ଉପରେ ବୁଧବାର ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଆଫଗାନିସ୍ତାନର ବର୍ତ୍ତମାନର ସ୍ଥିତି ଏବଂ ଆଞ୍ଚଳିକ ସୁରକ୍ଷାର ସମୀକ୍ଷା କରାଯାଇଛି।

### ସହଯୋଗ ଲାଗି ଡୋଭାଲଙ୍କ ଆହ୍ୱାନ

ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନାରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଅଧ୍ୟକ୍ଷତା କରିଥିଲେ। ସେ ଆଫଗାନିସ୍ତାନ ପ୍ରସଙ୍ଗରେ ଆଞ୍ଚଳିକ ଦେଶଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ଓ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଆଫଗାନିସ୍ତାନରେ ଘଟୁଥିବା ସ୍ଥିତି ଉପରେ ଆମେ ନଜର ରଖିଛେ। ଏହା କେବଳ ଆଫଗାନବାସୀଙ୍କ ପାଇଁ ନୁହେଁ ଏହାର ପଡୋଶୀ ଦେଶ ଏବଂ ସମ୍ପୂର୍ଣ୍ଣ ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ବୈଠକର ଆଲୋଚନା ନିଶ୍ଚୟ ଫଳପ୍ରଦ ଉପଯୋଗୀ ଏବଂ ଆଫଗାନ ଜନସାଧାରଣଙ୍କ ପାଇଁ ସହାୟକ ହେବ। ଏଥିସହିତ ଏହା ଆମର ସାମୂହିକ ସୁରକ୍ଷାକୁ ବଢ଼ାଇବ ବୋଲି ଡୋଭାଲ କହିଥିଲେ।

### ବିର୍ସା ମୁଣ୍ଡା ଜୟନ୍ତୀ 'ଜନଜାତି ଗୌରବ ଦିବସ' ଘୋଷିତ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.)**

ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ନଭେମ୍ବର ୧୫କୁ ସ୍ମରଣୀୟ କରିବା ଏବଂ ଭାରତୀୟ ଇତିହାସ ଓ ସଂସ୍କୃତିକୁ ଆଦିବାସୀମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ନିମନ୍ତେ ଉକ୍ତ ଦିନକୁ 'ଜନଜାତି ଗୌରବ ଦିବସ' ଭାବେ ଘୋଷଣା କରିବା ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିର୍ସା ମୁଣ୍ଡା ବ୍ରିଟିଶ ଶାସନ ବିରୋଧରେ ଲଢ଼ିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀମାନଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ଜନଜାତି ଗୌରବ ଦିବସ ଅବସରରେ ନଭେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭାରତର ଗୌରବମୟ ଇତିହାସ ଓ ସଂସ୍କୃତି ପ୍ରତି ଅବଦାନ ଥିବା ଆଦିବାସୀ ସଦସ୍ୟମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।

### ସିଙ୍ଘୁ ସୀମାରେ ଚାଷୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧୦।୧୧**

କେନ୍ଦ୍ର କୃଷି ଆଇନ ବିରୋଧରେ ଦିଲ୍ଲୀର ସିଙ୍ଘୁ ସୀମାରେ ଆନ୍ଦୋଳନ ଚଳାଇଥିବା ପଞ୍ଜାବର ଜଣେ ଚାଷୀଙ୍କ ମୃତଦେହ ବୁଧବାର ମିଳିଛି। ଗୁରୁପ୍ରୀତ୍ ସିଂ ନାମକ ଏହି ଚାଷୀଙ୍କ ଘର ଫତେଗଡ଼ ସାହିବ ଜିଲାର ରୁର୍କି ଗ୍ରାମରେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସିଧୁପୁରରେ ସେ ଭାରତୀୟ କିଷାନ ୟୁନିୟନର ଜଗଜିତ୍ ସିଂ ଦଲେୱାଲ୍‌ଙ୍କ ଗୋଷ୍ଠୀରେ ଯୋଗଦେଇଥିଲେ। କୁଣ୍ଡଲି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଗୁର୍‌ପ୍ରୀତ୍‌ଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ମାସରେ ସିଙ୍ଘୁ ସୀମାରେ ଥିବା ଏକ ବାରିକେଡ୍‌ରେ ଲଖବୀର ସିଂ ନାମକ ଜଣେ ଶ୍ରମିକଙ୍କ ମୃତଦେହ ବନ୍ଧାଯାଇଥିବା ଅବସ୍ଥାରେ ମିଳିଥିଲା। ତାଙ୍କ ହାତ କାଟିଦିଆଯିବା ସହ ଦେହରେ ଗଭୀର କ୍ଷତଚିହ୍ନ ଥିଲା। ଏହି ଘଟଣାରେ ନିହାଙ୍ଗ ସମ୍ପ୍ରଦାୟର ଦୁଇଜଣଙ୍କୁ ଗିରଫ କରାଯାଇଥିଲା ଓ ଅନ୍ୟ ୨ ଜଣ ଆତ୍ମସମର୍ପଣ କରିଥିଲେ। ଗତବର୍ଷ ନଭେମ୍ବର ୨୬ରୁ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରୁ ହଜାର ହଜାର ଚାଷୀ ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚଳାଇଛନ୍ତି। ବିବାଦୀୟ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବା ସହ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦେବାକୁ ସେମାନେ ଦାବି କରୁଛନ୍ତି।

# ବସ୍-ଟ୍ରକ୍ ଧକ୍କା: ୧୨ ଜୀବନ୍ତ ଦଗ୍ଧ

**ଯୋଧପୁର, ୧୦।୧୧**



ରାଜସ୍ଥାନର ବାର୍‌ମେର ଜିଲା ଅନ୍ତର୍ଗତ ବାର୍‌ମେର-ଯୋଧପୁର ଜାତୀୟ ରାଜପଥରେ ବୁଧବାର ଏକ ଘରୋଇ ବସ୍‌ରେ ନିଆଁ ଲାଗି ୧୨ ଜଣ ଜୀବନ୍ତ ଦଗ୍ଧହେବା ସହ ଅନ୍ୟ ୨୨ ଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ୮ ଜଣଙ୍କୁ ଚିକିତ୍ସା ପାଇଁ ଯୋଧପୁର ପଠାଯାଇଛି। ଭାନ୍ଦିୟାୱାସ ଗ୍ରାମ ନିକଟରେ ବସ୍‌ଟି ଏକ ଟ୍ରକ୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଟ୍ରକ୍‌ଟି ରାସ୍ତାର ଭୁଲ୍ ପାର୍ଶ୍ୱରେ ଆସୁଥିବାରୁ ଦୁର୍ଘଟଣା ଘଟିଲା ବୋଲି ଜଣେ ଯାତ୍ରୀ କହିଛନ୍ତି। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣା ସ୍ଥଳରେ ରାଜ୍ୟ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ସୁଖରାମ ବିଷ୍ଣୋଇ, ସ୍ଥାନୀୟ ବିଧାୟକ ମଦନ ପ୍ରଜାପତଙ୍କ ସମେତ ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀମାନେ ପହଞ୍ଚିଥିଲେ। ଦୁର୍ଘଟଣା ପରେ ଉକ୍ତ ରାଜପଥରେ ପ୍ରବଳ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବାର୍‌ମେର ଜିଲାପାଳଙ୍କ ସହ କଥା ହୋଇ ଆହତମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି।

# ସଂସଦ ଅଧିବେଶନ: ସବୁଦିନ ହେବ ଟ୍ରାକ୍ଟର ମାର୍ଚ୍ଚ

**ନୂଆଦିଲ୍ଲୀ,୧୦।୧୧**

**କୃଷି ଆଇନ ପ୍ରତ୍ୟାହାର ପାଇଁ କେନ୍ଦ୍ର ଉପରେ ଚାପ**

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବର୍ଷାଧିକ କାଳ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି କୃଷକ ସଙ୍ଗଠନ। ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶର ଚାଷୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ନଭେମ୍ବର ୨୬ ତାରିଖରେ ବର୍ଷେ ପୂରିବ। ଇତିମଧ୍ୟରେ ଆସନ୍ତା ୨୯ରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହୋଇ ଡିସେମ୍ବର ୨୩ ପର୍ଯ୍ୟନ୍ତ ଚାଲିବ। ଦିଲ୍ଲୀ ସୀମାରେ ଆନ୍ଦୋଳନର ବର୍ଷପୂର୍ତ୍ତି ଅବସରରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଧିବେଶନ ଚାଲିଥିବାବେଳେ ସବୁଦିନ ଟ୍ରାକ୍ଟର ମାର୍ଚ୍ଚ କରାଯିବ। ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଦୈନିକ ୫୦୦ ଚାଷୀ ସାମିଲ ହେବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଘୋଷଣା କରାଯାଇଛି। କୃଷି ଆଇନ ପ୍ରତ୍ୟାହାର ଦାବିରେ କେନ୍ଦ୍ର ଉପରେ ଚାପ ପକାଇବା ପାଇଁ ୪୦ କୃଷକ ସଙ୍ଗଠନ ସେମାନଙ୍କ ଦାବି ରଖିବେ। ସେହିପରି ଆସନ୍ତା ୨୬ରେ ସବୁ ରାଜ୍ୟର ରାଜଧାନୀରେ ମହାପଞ୍ଚାୟତ କରିବା ପାଇଁ ଏସ୍‌କେଏମ୍ ଯୋଜନା କରିଛି। ପ୍ରକାଶ ଯେ, ଗତ ମାର୍ଚ୍ଚ ମାସରେ ମଧ୍ୟ କୃଷକମାନେ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂସଦକୁ ପଦଯାତ୍ରା କରିଥିଲେ।

# ବାଂଲାଦେଶ ପୂର୍ବତନ ପ୍ରଧାନ ବିଚାରପତିଙ୍କୁ ୧୧ ବର୍ଷ ଜେଲ

**ଢାକା, ୧୦।୧୧**



ବାଂଲାଦେଶ ପୂର୍ବତନ ପ୍ରଧାନ ବିଚାରପତି ସୁରେନ୍ଦ୍ର କୁମାର ସିହ୍ନାଙ୍କୁ ଦୁଇଟି ଦୁର୍ନୀତି ମାମଲାରେ ୧୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଢାକା ସ୍ପେଶାଲ ଜଜ୍ ଶେଖ୍ ନଜମୁଲ ଆଲମ ଦେଶର ପ୍ରଥମ ହିନ୍ଦୁ ପ୍ରଧାନ ବିଚାରପତି ସିହ୍ନାଙ୍କୁ ଏକ ଠକେଇ ମାମଲାରେ ୭ ବର୍ଷ ଏବଂ ବିଶ୍ୱାସଘାତ କାର୍ଯ୍ୟକଳାପ ପାଇଁ ୪ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ୭୦ ବର୍ଷୀୟ ସିହ୍ନା ଏବେ ଆମେରିକାରେ ଥିବାରୁ ଦଣ୍ଡାଦେଶବେଳେ ଅନୁପସ୍ଥିତ ରହିଥିଲେ।

ଘରୋଇ ଫାର୍ମର୍ସ ବ୍ୟାଙ୍କ (ବର୍ତ୍ତମାନର ପଦ୍ମ ବ୍ୟାଙ୍କ)ରୁ ସିହ୍ନା ପ୍ରାୟ ୪ କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ୨୦୧୫ରେ ସେ ସଂଖ୍ୟାଲଘୁ ହିନ୍ଦୁଧର୍ମର ପ୍ରଥମ ବ୍ୟକ୍ତି ଭାବେ ବାଂଲାଦେଶର ପ୍ରଧାନ ବିଚାରପତି ହୋଇଥିଲେ। ସଂସଦ ବିଚାରପତିଙ୍କୁ ବହିଷ୍କାର କରିପାରିବ ନାହିଁ ବୋଲି ୨୦୧୭ରେ ସେ ଏକ ରାୟ ଦେଇଥିଲେ, ଯାହାକୁ ଆଇନଜୀବୀ ସଂଘ ସମର୍ଥନ କରିଥିଲା। କିନ୍ତୁ ଏହି ରାୟ ଦେବା ପରେ ତାଙ୍କୁ ପଦ ଛାଡ଼ିବାକୁ ବାଧ୍ୟ କରାଯାଉଥିବା କହି ସେହି ବର୍ଷ ଶେଷ ଆଡ଼କୁ ସେ ଦେଶ ଛାଡ଼ି ଦେଇଥିଲେ। ଏବେ ସେ ଉତ୍ତର ଆମେରିକାରେ ରହୁଛନ୍ତି।

# ମହାମାରୀରେ ୮ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ

**ଏସ୍ ଏଞ୍ଜେଲ୍ସ, ୧୦।୧୧**



- ସମୁଦ୍ରରେ ମିଶିଛି ୨୫ ହଜାର ଟନ୍
- ମାସ୍କ, ଗ୍ଲୋଭ୍‌ସ ଆବର୍ଜନା ବଢ଼ାଇଛି

କୋଭିଡ୍ ମହାମାରୀ ଯୋଗୁ ପରିବେଶ ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ଏହି ସମୟରେ ୮ ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ୨୫ ହଜାର ଟନ୍‌ରୁ ଉର୍ଦ୍ଧ୍ୱ ଅଳିଆ ସମୁଦ୍ରରେ ମିଶିଛି ବୋଲି ନ୍ୟାଶନାଲ ଏକାଡେମୀ ସାଇନ୍ସର ଏକ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି। ୩/୪ ବର୍ଷ ମଧ୍ୟରେ ଏହି ଆବର୍ଜନା ସମୁଦ୍ର କୂଳରେ ଲାଗିପାରେ କିମ୍ବା ସମୁଦ୍ର ମଧ୍ୟରେ ଏକ ଆସ୍ତରଣ ହୋଇ ଜମା ହୋଇପାରେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

କୋଭିଡ୍-୧୯ ବେଳେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାର ବହୁ ପରିମାଣରେ ବୃଦ୍ଧି ପାଇଛି। ସେଥିରେ ମାସ୍କ, ଗ୍ଲୋଭ୍‌ସ, ଫେସ୍ ସିଲ୍ଡ ଆଦି ବିପୁଳ ମାତ୍ରାରେ ଆବର୍ଜନା ବଢ଼ାଇଛି। ନଦୀ, ସମୁଦ୍ର ମଧ୍ୟରେ ଏହି ବର୍ଜ୍ୟର ବଡ଼ ଭାଗ ମିଶିବା ସହ ବିଶ୍ୱ ପ୍ଲାଷ୍ଟିକ୍ ସମସ୍ୟାକୁ ବହୁଗୁଣିତ କରିଛି। ଚାଇନାର ନାନ୍‌ଜିଙ୍ଗ୍ ୟୁନିଭର୍ସିଟି ଏବଂ କାଲିଫର୍ନିଆ ସାନ୍ ଡିଏଗୋ ୟୁନିଭର୍ସିଟି ରିସର୍ଚ୍ଚରଙ୍କ ଏକ ଟିମ୍ ଏହା ଉପରେ ଅନୁସନ୍ଧାନ କରିଥିଲେ। ମହାମାରୀ ଯୋଗୁ ବାହାରିଥିବା ପ୍ଲାଷ୍ଟିକ୍ ଆବର୍ଜନାର ପ୍ରଭାବ ଜାଣିବା ପାଇଁ ସେମାନେ ନୂତନ ଭାବେ ବିକଶିତ ଏକ ମଡେଲ ବ୍ୟବହାର କରିଥିଲେ। ୨୦୨୦ରେ ମହାମାରୀ ଆରମ୍ଭରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ତଥ୍ୟ ଆକଳନ କରିଥିଲେ। ଏସିଆ ମହାଦେଶରୁ ସର୍ବାଧିକ ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ରରେ ମିଶୁଥିବା ସେମାନେ ଜାଣିବାକୁ ପାଇଛନ୍ତି। ସେଥିରେ ବିପୁଳ ସଂଖ୍ୟାରେ ମେଡିକାଲ ବର୍ଜ୍ୟ ରହିଛି। ଏସୀୟ ନଦୀଗୁଡ଼ିକରେ ମୋଟ ପ୍ଲାଷ୍ଟିକ୍‌ର ୭୩ ପ୍ରତିଶତ ଆବର୍ଜନା ମିଶିଛି। ଶାଟ୍ ଅଲ୍-ଆରବ, ଇଣ୍ଡସ୍ ଏବଂ ୟଙ୍ଗଜେ ନଦୀ ମଧ୍ୟ ଦେଇ ସର୍ବାଧିକ ଅଳିଆ ପର୍ସିଆନ୍ ଉପସାଗର, ଆରବ ସାଗର ଏବଂ ପୂର୍ବ ଚାଇନ ସାଗରରେ ମିଶିଛି। ୟୁରୋପୀୟ ନଦୀଗୁଡ଼ିକରେ ୧୧ ପ୍ରତିଶତ ଆବର୍ଜନା ପହଞ୍ଚିଥିବା ଏହି ଅନୁସନ୍ଧାନକାରୀ ଟିମ୍ ଜାଣିବାକୁ ପାଇଛନ୍ତି।

### କଟନ କର୍ପୋରେଶନ ଲାଗି ୧୭,୪୦୯ କୋଟି

**ନୂଆଦିଲ୍ଲୀ, ୧୦।୧୧**

କଟନ କର୍ପୋରେଶନ ଅଫ୍ ଇଣ୍ଡିଆ(ସିସିଆଇ) ଲାଗି କେନ୍ଦ୍ର ସରକାର ବୁଧବାର ୧୭,୪୦୯ କୋଟି ଟଙ୍କାର ପୁଞ୍ଜିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୧୪-୧୫ ଠାରୁ ୨୦୨୦-୨୧ ଅବଧିରେ ସହାୟକ ମୂଲ୍ୟ ଯୋଗାଣ କ୍ଷେତ୍ରରେ ସହଯୋଗ ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟପାର ସମ୍ପର୍କିତ କ୍ୟାବିନେଟ କମିଟି(ସିସିଇଏ)ରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରିବାରେ ହୋଇଥିବା କ୍ଷତିକୁ ଭରଣା କରିବାରେ ଏଭଳି ପଦକ୍ଷେପ ସହାୟକ ହୋଇପାରିବ ବୋଲି ସରକାର କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୧୮,୪୦,୪୬୪ | ୫୦,୮୪,୩୬୩ | ୨୨,୭୯,୭୧,୯୧୭ |
| ଭାରତ | ୩,୪୩,୮୮,୦୬୦ | ୪,୬୧,୮୨୯ | ୩,୩୭,୭୬,୪୩୮ |
| ଓଡ଼ିଶା | ୧୦,୪୪,୪୨୮ | ୮୩୬୮(+୫୩) | ୧୦,୩୩,୩୪୪ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଯବାନଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୧୦।୧୧(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଦାନ୍ତେୱାଡାଠାରେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଯବାନଙ୍କୁ ମାଓବାଦୀମାନେ ମଙ୍ଗଳବାର ରାତିରେ ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ଯବାନ ହେଲେ ଉମେଶ ମାର୍କମ। ସେ ଟାଟୁମ ଗ୍ରାମର ବାସିନ୍ଦା। ଟାଟୁମ ଗ୍ରାମରେ ହୋଇଥିବା ପୋଲିସ କ୍ୟାମ୍ପରେ ମାର୍କମଙ୍କ ବିଶେଷ ଭୂମିକା ଥିଲା। ଏଥିଯୋଗୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ଦାନ୍ତେୱାଡା ଏସ୍‌ପି କହିଛନ୍ତି। ଟାଟୁମର ବିଭିନ୍ନ ଅଞ୍ଚଳରେ ପୋଲିସ କ୍ୟାମ୍ପ ହେବାଯୋଗୁ ମାଓବାଦୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ସେମାନେ ନିଜ କାର୍ଯ୍ୟ କରି ନ ପାରି ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଟାର୍ଗେଟ୍ କରୁଛନ୍ତି।

## ନାଥପୁର ବୋମାମାଡ଼ ଘଟଣା: ୧୩ ଗିରଫ

**ବ୍ରହ୍ମଗିରି,୧୦।୧୧(ଡି.ଏନ୍.ଏ.):** ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ନାଥପୁର ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ୨ଟି ପୃଥକ ମାମଲା ରୁଜୁ କରିଥିବାବେଳେ ପୋଲିସ ୧୩ ଜଣଙ୍କୁ ଗିରଫ କରିଥିବାବେଳେ ବୁଧବାର ୧୨ଜଣଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଥାଉକି, ଏକ ସରକାରୀ ଗୋଚରଜମିକୁ କେନ୍ଦ୍ରକରି ଏକ ବିସ୍ଥାପିତ ପରିବାର ଗୋଷ୍ଠୀ ଓ ସ୍ଥାନୀୟ ୩୫ ମୌଜା ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ବୋମାମାଡ଼ ଓ ଗୁଳିବର୍ଷଣ ହେବା ସହିତ ଘରପୋଡ଼ି ହୋଇଥିଲା। ଏହି ଘଟଣା ପରେ ପୋଲିସ ଅଞ୍ଚଳରେ ଚଢ଼ାଉ ଜାରି ରହିଥିବାରୁ ଗ୍ରାମ ସମ୍ପୂର୍ଣ୍ଣ ପୁରୁଷ ଶୂନ୍ୟ ହୋଇଯାଇଛି । ଏହାସହ ଶାନ୍ତିରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ରହିଛି। ପରିସ୍ଥିତି ବର୍ତ୍ତମାନ ଶାନ୍ତ ଥିବା ସମୟରେ ୨ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ ନଂ.୧୪୦ ଓ ୧୪୧/୨୧ରେ ୨ଟି ମାମଲା ରୁଜୁ କରିଛି। ସୋମବାର ରାତିରେ ବିଭିନ୍ନ ସ୍ଥାନ ଚଢ଼ାଉ କରି ଉଭୟ ଗୋଷ୍ଠୀର ୧୩ ଜଣଙ୍କୁ ଧରିଥିବା ବ୍ରହ୍ମଗିରି ଥାନାଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି।

# କୋରାପୁଟରେ ସର୍ବଦଳୀୟ ବୈଠକ

### କୋଟିଆ ବିବାଦ

**କୋରାପୁଟ,୧୦।୧୧(ସ୍ୱ.ପ୍ର.)**


ସର୍ବଦଳୀୟ ବୈଠକରେ ଉପସ୍ଥିତ ନେତାମାନେ ଆଲୋଚନା କରୁଛନ୍ତି।

କୋଟିଆ ଗ୍ରାମପୁଞ୍ଜକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ନେଇ ମଙ୍ଗଳବାର ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ କୋଟିଆ ପ୍ରସଙ୍ଗ ଉଠିଥିଲା । ଏ ଦିଗରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ଅଫିସରମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଆନ୍ଧ୍ର ଏବଂ ଓଡ଼ିଶା ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସହ ସର୍ବଦଳୀୟ ବୈଠକରେ ଏହି ପ୍ରସଙ୍ଗ ଆଲୋଚନାକରି ନିଷ୍ପତ୍ତି ନେବାକୁ ଧାର୍ଯ୍ୟ ହୋଇଥିଲା।

ସେହି ଅନୁସାରେ ବୁଧବାର ସନ୍ଧ୍ୟାରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜୟପୁର ବିଧାୟକ ତଥା କଂଗ୍ରେସର ତାରାପ୍ରସାଦ ବାହିନୀପତି, ଭାଜପାର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, କୋରାପୁଟ କୋଟିଆ ସଙ୍ଗଠନର ସଦସ୍ୟ ତଥା ଓକିଲ ସଂଘ ସଭାପତି ଅଜିତ ପାତ୍ର, ଜିଲା ପରିଷଦ ସଦସ୍ୟା ପାର୍ବତୀ ମସ୍ତି, ବିକାଶ ପରିଷଦ ସଦସ୍ୟ ବିଦ୍ୟାଧର ଚୌଧୁରୀଙ୍କ ସମେତ ବିଭିନ୍ନ ଦଳର ନେତା, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ କୋଟିଆ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ମଙ୍ଗଳବାର ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କୋଟିଆ ଉପରେ ହୋଇଥିବା ଆଲୋଚନାକୁ ସ୍ୱାଗତ କରାଯାଇଥିଲା। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରୁଥିବାବେଳେ କୋଟିଆର ଧୂଳିପଦର ଗ୍ରାମରେ ଆନ୍ଧ୍ରର ଅନୁପ୍ରବେଶକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। କୋଟିଆରେ ଆନ୍ଧ୍ରର ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଗଠିତ ହେବାକୁ ଥିବା ଉଚ୍ଚସ୍ତରୀୟ କମିଟିରେ କିଏ ସଦସ୍ୟ ରହିବେ, କେତେ ଦିନ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବ ସେନେଇ ରୂପରେଖ ସ୍ପଷ୍ଟ ହେଉ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ଉଚ୍ଚସ୍ତରୀୟ କମିଟି ଆଲୋଚନା ପୂର୍ବରୁ ଜିଲା ସର୍ବଦଳୀୟ କମିଟିର ସଦସ୍ୟଙ୍କ ସହ ଆଲୋଚନା କରିବା, ଏହା ଆନ୍ତଃରାଜ୍ୟ ସୀମା ବିବାଦ ହୋଇଥିବାରୁ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ନେତୃତ୍ୱରେ ସର୍ବଦଳୀୟ କମିଟିର ସଦସ୍ୟମାନେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତକରି କୋଟିଆ ଉପରେ ଆଲୋଚନା କରିବା, କେନ୍ଦ୍ର ସରକାର କୋଟିଆ ପ୍ରସଙ୍ଗ ଉପରେ ପଦକ୍ଷେପ ନେବା, କୋଟିଆ ଅଞ୍ଚଳରେ ଥିବା ଆନ୍ଧ୍ରର ଦଲାଲଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ୨ ଦୋଷୀଙ୍କୁ ୫ ବର୍ଷ ଜେଲ୍

### ନାବାଳିକା ବଳାତ୍କାର, ଅସଦାଚରଣ ମାମଲା

**ବାରିପଦା ଅଫିସ,୧୦।୧୧**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ନାବାଳିକା ବଳାତ୍କାର ଓ ଅସଦାଚରଣ ମାମଲାର ପୃଥକ ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଓ ଦୌରା ଜଜ୍ ମହେନ୍ଦ୍ର କୁମାର ସୂତ୍ରଧର ମାମଲାର ବିଚାର କରି ଉଭୟ ଦୋଷୀଙ୍କୁ ୫ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହ ୧୨ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି ।

ବଳାତ୍କାର ମାମଲାର ଅଭିଯୁକ୍ତ ହେଲେ ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ଗ୍ରାମର ଉଗ୍ରେସ ମହାନ୍ତ(୫୫)। ୨୦୧୬ ଜୁଲାଇ ୧୧ରେ ସେ ପାଣି ପିଇବା ବାହାନାରେ ଜଣକ ଘରେ ପଶି ଜନୈକା୧୫ବର୍ଷୀୟ ନାବାଳିକାଙ୍କୁ ଜୋର ଜବରଦସ୍ତ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେହିପରି ୨୦୧୬ ସେପ୍ଟେମ୍ବର ୨୧ରେ ବୈଶିଙ୍ଗା ଥାନା ଗଡ଼ଦେଉଳିଆ ଗ୍ରାମର ବରଜୁ ସିଂ(୩୦) ସ୍କୁଲକୁ ଯିବା ସମୟରେ ଜଣେ ୧୪ବର୍ଷୀୟ ନାବାଳିକାଙ୍କୁ ଅଟକାଇ ଅସଦାଚରଣ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ବୈଶିଙ୍ଗା ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ଉଭୟ ମାମଲାର ପରିଚାଳନା କରୁଥିଲେ। ଉଭୟ ଅଭିଯୁକ୍ତ ଗିରଫ ପରଠାରୁ ବିଚାରାଧୀନ ବନ୍ଦୀ ଭାବେ ବାରିପଦା ମଣ୍ଡଳ କାରାଗାରରେ ରହି ଆସୁଛନ୍ତି।

## ଓଏସ୍‌ଏସ୍‌ଟିଇଟି ପାଇଁ ୧୨ରୁ ଆବେଦନ

**କଟକ ଅଫିସ,୧୦।୧୧**

ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ(ଓଏସ୍‌ଏସ୍‌ଟିଇଟି) ପାଇଁ ଆସନ୍ତା ୧୨ ତାରିଖଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ପ୍ରାର୍ଥୀମାନେ ଅନ୍‌ଲାଇନରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ ପାଇଁ ନାମ ପଞ୍ଜୀକରଣ, ଶିକ୍ଷାଗତ ଯୋଗ୍ୟତା, ସିଲାବସ୍ ଆଦି ସମସ୍ତ ବିବରଣୀର ଫର୍ମାଟ୍ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଆବଶ୍ୟକସ୍ଥଳେ ଅନ୍‌ଲାଇନ୍ ଆବେଦନପତ୍ରର ବୃତ୍ତାନ୍ତ ଦାଖଲ ତାରିଖ ବୃଦ୍ଧି କରାଯାଇପାରେ। ଯଦି କୌଣସି ପ୍ରାର୍ଥୀ ଆବେଦନ ସମୟରେ ଜାଲ୍ ପ୍ରମାଣପତ୍ର ଦେଇଥାନ୍ତି, ତା'ହେଲେ ତାହାକୁ ପ୍ରତ୍ୟାଖ୍ୟାନ କରିଦିଆଯିବ। ସେହିପରି ଥରେ ଯେଉଁ ତଥ୍ୟ ପ୍ରାର୍ଥୀମାନେ ଦାଖଲ କରିବେ ସେଥିରେ ପରିବର୍ତ୍ତନ କରିପାରିବେନାହିଁ। ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ଆଡ୍‌ମିଟ କାର୍ଡ ପ୍ରଦାନ ଏବଂ ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ କହିଛନ୍ତି। ସୂଚନାଥାଉ କି, ପ୍ରତିବର୍ଷ ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହୋଇଥାଏ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇ ଗତ ମାସରେ ଏହାର ଫଳ ପ୍ରକାଶ ପାଇଥିଲା। ଏହାପରେ ବୋର୍ଡ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି।

## କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

### ଦେଢ଼ବର୍ଷ ଟିକ୍ସିଲାନି ପ୍ରେମ ବିବାହ

**ଢେଙ୍କାନାଳ ଅଫିସ, ୧୦।୧୧**

ଭଲପାଇ କରିଥିଲେ ବିବାହ। ହେଲେ ଏହି ପ୍ରେମ ଦେଢ଼ ବର୍ଷ ମଧ୍ୟ ଟିକ୍ସିଲାନି। ଦାମ୍ପତ୍ୟ ଜୀବନରେ ସୃଷ୍ଟି ହୋଇଥିବା କଳହ ଏମିତି ଉଗ୍ରରୂପ ନେଲା ଯେ, ସାତ ଜୀବନ ପାଇଁ ସାଥୀ ହୋଇ ରହିବାକୁ କଥା ଦେଇଥିବା ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ଚାଲିଗଲା ସ୍ତ୍ରୀ ଜୀବନ। ଢେଙ୍କାନାଳ ସଦର ଥାନା ଚାଉଳିଆ ଗ୍ରାମରେ ବୁଧବାର ଅପରାହ୍ନରେ ଘଟିଛି ଏଭଳି ଲୋମଟାଙ୍କୁରା ହତ୍ୟାକାଣ୍ଡ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଚାଉଳିଆ ଗ୍ରାମର ସେଣ୍ଟ୍ରିଂ କାମ କରୁଥିବା ପ୍ରଦୀପ ପ୍ରଧାନ ଦେଢ଼ବର୍ଷ ତଳେ ସେହି ଗ୍ରାମର ରେଖା ଷେଣ୍ଢଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ବୁଧବାର ଅପରାହ୍ନ ୪ଟାରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ବିବାଦ ବଢ଼ିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଦୀପ ଏକ କାଠଫାଳିଆରେ ରେଖାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ରେଖା ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବା ପରେ ତାଙ୍କୁ ପିଟି ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ସଦର ଥାନାଧିକାରୀ ଅଭିନବ ଡାଲୁଆ, ଏସ୍‌ଆଇ ବି.ଏନ୍. ଘଡେଇ ପ୍ରମୁଖ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଥାନାଧିକାରୀ କହିଛନ୍ତି।




## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ବାର୍ ଆସୋସିଏଶନ ହଲ୍, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୧ଟା।
- ଅଲ ଓଡ଼ିଶା ନନ୍‌ଭେଜ ଟ୍ରେଡର୍ସ ଫେଡେରେଶନ ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ମଧ୍ୟାହ୍ନ ୧୨ଟା।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରମାଦେବୀଙ୍କ ସ୍ମୃତି ନେଇ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ବାର୍ଷିକ ପ୍ରତିଷ୍ଠା ଦିବସ ଓ ସଂଘର ରାଜ୍ୟ ସମ୍ମିଳନୀ, ଯାନ୍ତ୍ରିକ ଭବନ, ସତ୍ୟ ନଗର, ମଧ୍ୟାହ୍ନ ୧୨ଟା ୩୦।
- ପରିବର୍ତ୍ତନର ପଥେ ପଥେ ସଂଗଠନର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧନା ସମାରୋହ, ସଂଗଠନ କାର୍ଯ୍ୟାଳୟ ପରିସର, ପ୍ଲଟ ନଂ ୭୬/୧୯୩୬, ୟୁନିଟ-୯, ଆରଟିଓ-୧ ପଛପାର୍ଶ୍ୱ, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ବାଲିଅନ୍ତା, ନିକୁଞ୍ଜ ବିହାରୀ ମନ୍ଦିର ପରିସର, ସକାଳ ୮ଟା।

# ଆଉଥରେ ପୁରସ୍କାର ଚୟନ ଦାବିକଲା ଓଟା

## ଟେଲି ଚଳଚ୍ଚିତ୍ର ପୁରସ୍କାର ବିବାଦ

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)

'୮ମ ଟେଲି ଚଳଚ୍ଚିତ୍ର' ପୁରସ୍କାର ଘୋଷଣା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁରସ୍କାର ଚୟନରେ ବ୍ୟାପକ ବିଭ୍ରାଟ ହୋଇଥିବା ଓଡ଼ିଶା ଟେଲି ଆର୍ଟିଷ୍ଟ୍ସ ଆସୋସିଏଶନ (ଓଟା) ଅଭିଯୋଗ କରିଛି। ବୁଧବାର ଓଟା ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଟେଲି ଚଳଚ୍ଚିତ୍ରରେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରକୁ କିପରି ସାମିଲ କରାଗଲା ସେନେଇ ପ୍ରଶ୍ନ କରାଯାଇଛି। ଟେଲି ଚଳଚ୍ଚିତ୍ର ପାଇଁ ମହାନାଟକ, ଅନାଥର ନାଥ, କଲମ, ଆପଣଙ୍କୁ ମିଛ ମୋତେ ସତ ଏଣ୍ଟ୍ରି ହୋଇଥିଲା। ତେବେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ନିମ୍‌କି ଏବଂ ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ଫୁଲ୍ ଲେନ୍ଥ (୨ଘଣ୍ଟାରୁ ଊର୍ଦ୍ଧ୍ୱ) ଚଳଚ୍ଚିତ୍ର କାଳିଆ କରୁଛି ଲୀଳା, ରଙ୍ଗିଲା ବୋହୂ, ଝିଅଟା ଅଲଗା ପ୍ରକାର, କ୍ୱାଇଁ ନମ୍ବର୧ ଏଣ୍ଟ୍ରିକୁ କିପରି ଆସିଲା। ସେହିପରି ଧାରାବାହିକ ମଧ୍ୟରେ ସରଗମ୍, କସ୍ତୁରୀ, ମୁଁ ବି ଅର୍ଦ୍ଧାଙ୍ଗିନୀ, ଜୀବନସାଥୀ ଓ ତୋ ପାଇଁ ମୁଁ ମୋ ପାଇଁ ତୁ ପ୍ରତିଯୋଗିତାରେ ଭାଗ ନେଇଥିଲା। ତେବେ ଜୁରିମାନେ ୨୦ଟି ପୁରସ୍କାର ମଧ୍ୟରୁ ୧୨ଟି ପୁରସ୍କାର ପୂର୍ଣ୍ଣାଙ୍ଗ ଫିଚର ଫିଲ୍ମକୁ କେଉଁ ଆଧାରରେ ବାଛିଲେ ବୋଲି ଓଟା ସାଧାରଣ ସମ୍ପାଦକ ନରେନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସଂଶୋଧିତ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ ୨୦୧୩ ଅନୁଯାୟୀ ରିମେକ୍ ହୋଇଥିବା ଧାରାବାହିକ ଏବଂ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ ନାହିଁ। ସେହିପରି ଗୋଟିଏ ଟେଲି ଚଳଚ୍ଚିତ୍ରର ଅବଧି ୪୫ ମିନିଟ ଭିତରେ ରହିବା କଥା। ମାତ୍ର ଏଠାରେ ସେହି ନିୟମକୁ ପାଳନ କରାଯାଇ ନାହିଁ। ଜୁରିମାନେ ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଜାଣି ପାରିଲେନି। ଏହାଦ୍ୱାରା 'ଟେଲି ପୁରସ୍କାର' ସମ୍ପୂର୍ଣ୍ଣ ଭାବେ 'ଚଳଚ୍ଚିତ୍ର ପୁରସ୍କାର'ରେ ପରିଣତ ହୋଇଗଲା। ଅପରପକ୍ଷେ ଚୟନ ପ୍ରଣାଳୀରେ ଅଧ୍ୟକ୍ଷଙ୍କ ସହିତ ଜୁରିରେ ୭ଜଣ ସଦସ୍ୟ ରହିବା କଥା, ମାତ୍ର ଏଥର ଅଧ୍ୟକ୍ଷଙ୍କୁ ମିଶାଇ ମୋଟ୍ ୫ଜଣ ସଦସ୍ୟ ଥିଲେ। ବିଶେଷକରି ଜୁରି ଅଧ୍ୟକ୍ଷ ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରବିନାରାୟଣ ସେନାପତି, ସଦସ୍ୟ ରମାକାନ୍ତ ଦାସ ଓ ଜାମ୍‌ସେଦ୍‌ପୁରରେ ରହୁଥିବା ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀଙ୍କର ଓଡ଼ିଆ ଟେଲିଭିଜନ ସହ କୌଣସି ସମ୍ପର୍କ ନାହିଁ। ତେବେ କେଉଁ ବିଶେଷତ୍ୱରେ ସେମାନଙ୍କୁ ଜୁରିରେ ସାମିଲ କରାଯାଇଛି। ତେଣୁ ଟେଲି ପୁରସ୍କାର ଜୁରି କମିଟିକୁ ବରଖାସ୍ତ କରି ନୂତନ ଜୁରିଙ୍କ ଦ୍ୱାରା ଆଉଥରେ ପୁରସ୍କାର ଚୟନ କରାଯାଉ।

ଏହା ବ୍ୟତୀତ ଚଳିତ ବର୍ଷଠାରୁ ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ବର୍ଷଠାରୁ ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା, ଟେଲିଭିଜନରେ ବିଶେଷଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଜୁରି ଚୟନରେ ଗୁରୁତ୍ୱ ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସମ୍ମିଳନୀରେ ଉପସଭାପତି କୀର୍ତ୍ତି ମହାନ୍ତି, ଜଏଣ୍ଟ ସେକ୍ରେଟାରି ଚିନ୍ତାମଣି ବିଶ୍ୱାଳ, ସଦସ୍ୟ ଗୁଡ୍ଡୁ, ସୁଶୀଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ବୁଧବାର ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ 'ଈଶ୍ୱର ଆମ ସପକ୍ଷରେ' ନାଟକର ଏକ ଦୃଶ୍ୟ।

## ପରମହଂସନାଥ ମନ୍ଦିର ନିକଟରେ ସ୍ଥାୟୀ ନିର୍ମାଣ ହେବନାହିଁ

କଟକ ସଦର, ୧୦।୧୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ପରମହଂସନାଥ ମନ୍ଦିରଠାରୁ ୧୦୦ ମିଟର ବ୍ୟବଧାନରେ ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ଏ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ ପତ୍ରସଂଖ୍ୟା ୩୩୭୬/୧।୧୧।୨୦୨୧ରେ ସୂଚନା ଦେଇଛନ୍ତି। ଯଦି ମନ୍ଦିର ପରିସରରେ କୌଣସି ନିର୍ମାଣ କରାଯାଏ ତା'ହେଲେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକଙ୍କ ଅନୁମତି ବାଧ୍ୟତାମୂଳକ। ୧୯୯୮ ଅକ୍ଟୋବର ୫ରେ ପ୍ରତ୍ନତତ୍ତ୍ୱ ବିଭାଗ ଉକ୍ତ ମନ୍ଦିରକୁ ସଂରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷଣା କରିଛି। ଏହାପରଠାରୁ ଉକ୍ତ ବିଭାଗ ମନ୍ଦିର ଓ ବେଢ଼ାର ଉନ୍ନତିକରଣ ପାଇଁ ୧୯୯୯-୨୦୦୦ ଆର୍ଥିକ ବର୍ଷରେ ୧ଲକ୍ଷ ୮୪ ହଜାର ୬୩୯ ଟଙ୍କା, ୨୦୦୯-୨୦୧୦ ବର୍ଷରେ ୪ଲକ୍ଷ ୬୪ ହଜାର ୬୫୯ ଟଙ୍କା ଓ ୨୦୧୪-୨୦୧୫ ବର୍ଷରେ ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛି। ଏବେ ସୁଦ୍ଧା ମନ୍ଦିର ପରିସରରେ ସ୍ଥାୟୀ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ କୌଣସି ବିଭାଗ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗକୁ ଅନୁମତି ମଗାଯାଇନାହିଁ ବୋଲି ନନ୍ଦ କହିଛନ୍ତି।

## ଦୁର୍ଦ୍ଦାନ୍ତ ସୁନିଲ ଏନ୍‌ଏସ୍‌ଏରେ ବୁକ୍

ଖୋର୍ଦ୍ଧା ଅଫିସ,୧୦।୧୧

ଖୋର୍ଦ୍ଧା ଜିଲାରେ ଆତଙ୍କରାଜ ଚଳାଇଥିବା ଦୁର୍ଦ୍ଦାନ୍ତ ସୁନିଲ କୁମାର ପ୍ରଧାନ ଓରଫ ହାତଖଣ୍ଡିଙ୍କୁ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ (ଏନ୍‌ଏସ୍‌ଏ)ରେ ବୁକ୍ କରାଯାଇଛି। ଏସ୍‌ପିଙ୍କ ସୁପାରିସ କ୍ରମେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ପଦକ୍ଷେପ ନେଇଛନ୍ତି।

## ସଂକ୍ଷେପରେ

### ଇଣ୍ଡିଆନ୍ ଅଏଲ ଅଧ୍ୟକ୍ଷ ହେଲେ ଓଡ଼ିଆ ପୁଅ ସୁଦୀପ୍ତ

ଜଟଣୀ,୧୦।୧୧(ଡି.ଏନ୍.ଏ.): ଇଣ୍ଡିଆନ ଅଏଲ ସଂସ୍ଥାର ଅଧ୍ୟକ୍ଷ ଭାବେ ପ୍ରଥମକରି ଜଣେ ଓଡ଼ିଆ ତଥା ଭାଜପାର ବରିଷ୍ଠ ନେତା ସୁଦୀପ୍ତ ରାୟ ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗରେ ଅଧ୍ୟକ୍ଷ ଭାବେ ୨ଥର ଦାୟିତ୍ୱ ନେଇଥିଲେ। ସେ ସମୟରେ ସେ ରାଜ୍ୟରେ ଚାଷୀମାନଙ୍କ ପ୍ରତି ବିଭିନ୍ନ ଉନ୍ନତମାନର ବିକାଶ କାର୍ଯ୍ୟକୁ ସଫଳ କରିବାରେ ଗୁରୁତ୍ୱ ନିର୍ବାହ କରିଥିଲେ। ଏଥିସହି ଜଟଣୀ ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀଭାବେ ମଧ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବର୍ତ୍ତମାନର ନୂତନ ନିଯୁକ୍ତିକୁ ନେଇ ସୁଦୀପ୍ତ ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ସହିତ ଓଡିଶା ଏବଂ ଓଡିଆଙ୍କ ଗର୍ବ ଏବଂ ଗୌରବକୁ ବଢ଼ାଇବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

### ଚାକିରି କରାଇବାକୁ କହି ଠକେଇ, ଯୁବକ ଗିରଫ

କଟକ ଅଫିସ,୧୦।୧୧: ଠକେଇ ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ କିଶନ ନଗର ଥାନା ଅଞ୍ଚଳର ସୌମ୍ୟରଞ୍ଜନ ମିଶ୍ର(୨୯)। ପୋଲିସ ତାଙ୍କଠାରୁ ଗୋଟିଏ କାର, ଗୋଟିଏ ମୋବାଇଲ ଫୋନ ଓ ୩୩,୮୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ମୁତାବକ, ଗତ ଅକ୍ଟୋବର ୨୨ରେ ମର୍ଚାଣ୍ଟ ନ୍ୟାଭିର ଦ୍ୱିତୀୟ ଶ୍ରେଣୀରେ ଚାକିରି କରାଇଦେବା ସହ ଆମେରିକାର ଭିସା ଯୋଗାଇଦେବାକୁ ନରସିଂହପୁର ଥାନା ସାଗର ଗ୍ରାମର କଳ୍ପନା ସାହୁଙ୍କ ପୁଅ ନିକଟକୁ ସୌମ୍ୟରଞ୍ଜନ ଫୋନ କରିଥିଲେ। ସେହି ମୁତାବକ କଳ୍ପନା ଅଭିଯୁକ୍ତଙ୍କୁ ଅନ୍‌ଲାଇନ୍‌ରେ ୩୩, ୮୦୦ ଟଙ୍କା ପଠାଇଥିଲେ। ପରେ ଅଭିଯୁକ୍ତ ଫୋନ ସୁଇଚ୍‌ଅଫ୍ କରିଦେଇଥିଲେ। ଏନେଇ କଳ୍ପନା ଗତ ୮ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪୨୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ସୌମ୍ୟରଞ୍ଜନ ଜଣେ ପେସାଗତ ଠକ। ସେ ସରଳ ଲୋକଙ୍କୁ ଚାକିରି ଦେବା ନାଁରେ ଟଙ୍କା ଠକି ନେଉଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା।

# ରାଜ୍ୟ ସରକାର ଲୋକଙ୍କ ପୈତୃକ ସମ୍ପତ୍ତି ହଡ଼ପ କରିଛନ୍ତି: ସୁର

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ଜଟଣୀ ମ୍ୟୁନିସିପାଲିଟି ଓ ସଂଲଗ୍ନ ୨୭ଟି ଗ୍ରାମର ଅଧିବାସୀଙ୍କ ପୈତୃକ ଘରଡିହ ଓ ଜମିକୁ ରାଜ୍ୟ ସରକାର ବଳପୂର୍ବକ ଛଡାଇ ନେଇ ଜଗନ୍ନାଥଙ୍କ ଜମିରେ ପରିଣତ କରିଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ନିଜର ତ୍ରୁଟି ସଂଶୋଧନ କରି ପ୍ରଭୁ ଜଗନ୍ନାଥଙ୍କ ନାଁରୁ ଜମିକୁ ମୁକୁଳାଇ ପ୍ରକୃତ ଜମି ମାଲିକଙ୍କୁ ୨ମାସ ଭିତରେ ଫେରସ୍ତ କରନ୍ତୁ। ନଚେତ କ୍ଷତିଗ୍ରସ୍ତ ହଜାର ହଜାର ଜଟଣୀବାସୀ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ରାଜ୍ୟ ସରକାର ତାଙ୍କ ଅଫିସରଙ୍କ ଜରିଆରେ ଜଟଣୀ ଲୋକଙ୍କ ପୈତୃକ ଜମିଜମାକୁ ୨୦୧୨ରୁ ଚକ୍ରାନ୍ତ କରି ଜଗନ୍ନାଥଙ୍କ ଜମିରେ ପରିଣତ କରିଛନ୍ତି। ଜମି ଫେରାଇବା ପାଇଁ ଜଟଣୀ ମ୍ୟୁନିସିପାଲିଟି ସହ ବେଲୁଆଁ, ବାଇରଙ୍ଗ, ନିରଞ୍ଜନପୁର, ବୁଢାପଡ଼ା, ଭଁସର, ହରିରାଜପୁର, କନ୍ତିଆ, ରଥିପୁର, କୁସୁମାଟି, ଛଣଘର, ଗେଲସୁଆଁ ଓ କୁନ୍ଦିଆରୀ ଆଦି ଗ୍ରାମର ଲୋକ ୯ ବର୍ଷ ହେବ ନବୀନ ସରକାରଙ୍କୁ ଗୁହାରି କରି ଆସୁଛନ୍ତି। ଏଥିସହ ରାଉତରାୟ ନିଜେ ଓ ଜଟଣୀ ସ୍ଥିତିବାନ ଏଖରାଜତ ମାହାଲ ପରିବର୍ତ୍ତିତ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ମଞ୍ଚ ପକ୍ଷରୁ ବାରମ୍ବାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଉନ୍ନୟନ କମିଶନର, ଆଇନ ମନ୍ତ୍ରୀ, ଆଇନ ସଚିବଙ୍କୁ ଅନେକଥର ସାକ୍ଷାତ୍ କରି ସମାଧାନ ପାଇଁ ନିବେଦନ କରାଯାଇଥିଲା। ହେଲେ କିଛି ସୁଫଳ ନ ମିଳିବାରୁ ଶେଷରେ ନବୀନ ନିବାସ ଆଗରେ ଆତ୍ମଦାହ ପାଇଁ ଚେତାବନୀ ଦେବାପରେ ନବୀନ ସରକାର ଘଟଣାର ତୁରନ୍ତ ବିଚାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ରାଜ୍ୟ ସଚିବଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ତ୍ରୁଟି ସଂଶୋଧନ କରି ଅସଲ ଜମି ମାଲିକଙ୍କୁ ତାଙ୍କର ଜମି ଫେରାଇ ଦେବାକୁ ସବ୍‌କମିଟି ମାଧ୍ୟମରେ ଏକ ରିଜଲ୍ୟୁଶନ ହୋଇଥିଲା। ଏଥିରେ ରାଜସ୍ୱମନ୍ତ୍ରୀ, ରାଜସ୍ୱ ସଚିବ, ଆଇନ ମନ୍ତ୍ରୀ, ଆଇନ ସଚିବ, ଅତିରିକ୍ତ ରାଜସ୍ୱ ସଚିବ ଓ ଆଡ୍‌ଭୋକେଟ ଜେନେରାଲ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଲୋକେ ବିଶ୍ୱାସ ରଖିଥିଲେ ଯେ, ମୁଖ୍ୟ ଶାସନ ସଚିବ ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଏହାର ଚୂଡ଼ାନ୍ତ ଘୋଷଣା କରିବେ। ମାତ୍ର ଦୁଃଖର ବିଷୟ ଯେ, ମୁଖ୍ୟ ଶାସନ ସଚିବ ଚଞ୍ଚକତା କରି ସମସ୍ତ କାଗଜପତ୍ର ଉପରେ ପୁନଃବିଚାର ପାଇଁ ପ୍ରଭୁ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ପାଖକୁ ପଠାଇଛନ୍ତି। ଏହା ବିଶ୍ୱାସଘାତକତା ଛଡ଼ା କ'ଣ ହୋଇପାରେ ବୋଲି ରାଉତରାୟ ପ୍ରଶ୍ନ କରିଛନ୍ତି।

# କୋଭିଡ୍ ସହାୟତା ପାଇଁ ଯାଞ୍ଚ କମିଟି ଗଠନ କଲା ବିଏମ୍‌ସି

## କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କମିଟି ଅଧ୍ୟକ୍ଷ

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ କରୋନାରେ ପ୍ରାଣ ହରାଇଥିବା ମୃତକଙ୍କ ସମ୍ପର୍କୀୟଙ୍କୁ ମିଳିବ ୫୦ହଜାର ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି। ଏହି ପ୍ରକ୍ରିୟାକୁ ସୁଗମ କରିବାକୁ ସରକାର ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ 'କ୍ୟାମ୍ପ' ପ୍ରସ୍ତୁତ କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ ଜିଲାପାଳ ଏହି ଆପ୍ ମାଧ୍ୟମରେ ହିତାଧିକାରୀ (ମୃତକଙ୍କ ନିକଟ ସମ୍ପର୍କୀୟ)ଙ୍କୁ ଏହି ସହାୟତା ରାଶି ପ୍ରଦାନ କରିବେ। ତେବେ ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଧିବଦ୍ଧ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଚିଠି ସଂଖ୍ୟା ୨୭,୯୭୩କୁ ଭିତ୍ତିକରି ବିଏମ୍‌ସି କରୋନାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପ୍ରମାଣପତ୍ରକୁ ଯାଞ୍ଚ କରିବାକୁ କମିଟି ଗଠନ କରିଛି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କମିଟି ଅଧ୍ୟକ୍ଷ ଥିବାବେଳେ ବିଏମ୍‌ସି ପରିମଳ ତଥା ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଉପ-ଆୟୁକ୍ତ ଶୁଭେନ୍ଦୁ ସାହୁଙ୍କୁ କମିଟି ଆବାହକ ରହିଛନ୍ତି। ସେହିପରି କ୍ୟାପିଟାଲ ହସ୍ପିଟାଲ ଶ୍ୱାସ ରୋଗ ବିଭାଗ ମୁଖ୍ୟ ଡା. ଅରୁଣ ସାହୁ ଓ ଭୁବନେଶ୍ୱର ଏଡିୟୁପିଏଚ୍‌ଓ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ କମିଟି ସଦସ୍ୟ ଭାବେ ନିୟୋଜିତ କରାଯାଇଛି।

ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ। ଏହି ସହାୟତା ପ୍ରଦାନ ସମ୍ପର୍କରେ ନଭେମ୍ବର ୨ରେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଲୋକମାନେ ଗତ ୩ ତାରିଖରୁ ଜିଲାପାଳଙ୍କ ନିକଟରେ ଆବେଦନ କରୁଛନ୍ତି। ତେବେ ଭୁବନେଶ୍ୱରରେ ସର୍ବାଧିକ ଆକ୍ରାନ୍ତ ପ୍ରାଣ ହରାଇଥିବାରୁ ସବୁ ଆବେଦନପତ୍ରର ଯାଞ୍ଚ କରିବାରେ ସମୟ ଲାଗିପାରେ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ନିହାରିକା



@ ସରିତା



@ ଏମ୍‌ଡି ତକରିନ



@ ଶୁଭଙ୍କର



@ ସାର୍ଥକ



@ ମାନସ

# 'ଲୋକଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେଉ'

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ରମାଦେବୀ ମହାବିଦ୍ୟାଳୟରେ ଓଡ଼ିଶା ବିଜ୍ଞାନ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଓ କାରିଗରି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ଉଚିତ। ଏଥିପାଇଁ ବିଜ୍ଞାନ ଏକାଡେମୀ ଓ ରାଜ୍ୟ ସରକାର କାମ କରୁଛନ୍ତି। ବିଭାଗ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାୟ ଶହେ ଶିକ୍ଷକଙ୍କୁ ବେଙ୍ଗାଲୁରୁସ୍ଥିତ ବିଜ୍ଞାନ ଏକାଡେମୀରେ ପ୍ରଶିକ୍ଷିତ କରାଯାଉଛି। ରାଜ୍ୟର ପ୍ରତି ଜିଲାରେ ବିଜ୍ଞାନ ପାର୍କ ଓ ଆହୁରି ୬ଟି ପ୍ଲାନେଟାରିୟମ ମଧ୍ୟ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ସଚିବ ମନୋରଞ୍ଜନ ମିଶ୍ର ଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ କୁଳପତି ଶିବପ୍ରସାଦ ଅଧିକାରୀ, ଅତନୁ ପତି ଓ ବିଜ୍ଞାନ ଏକାଡେମୀ ସଭାପତି ବିଭୂତି ଭୂଷଣ ମିଶ୍ର ବିଜ୍ଞାନ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଚଣ୍ଡିପ୍ରସାଦ ସ୍ୱାଗତ ଭାଷଣ, ଡ. ମନୀଷା ମିଶ୍ର ସଂଯୋଜନା ଓ ବିଜ୍ଞାନ ଏକାଡେମୀ ସମ୍ପାଦକ ଡ. ପୁଷ୍ପଶ୍ରୀ ପୁହାଣ ଧନ୍ୟବାଦ ଦେଇଥିଲେ।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବୁଧବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟପୂଜା କରୁଛନ୍ତି।



ବୁଧବାର ଭୁବନେଶ୍ୱର ଶହୀଦନଗର ରୂପାଲି ଛକସ୍ଥିତ ଏକ ମଲ୍ ଉଦ୍‌ଘାଟନ ଅବସରରେ ବଲିଉଡ୍ ଅଭିନେତା ଅଫ୍‌ତାବ୍ ଶିବ୍‌ଦାଶାନୀ (ଡାହାଣ)।



ଖୋର୍ଦ୍ଧା ବିଜେଡି ସାଙ୍ଗଠନିକ ବୈଠକରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ସହ ଉପସ୍ଥିତ ନବନିଯୁକ୍ତ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଏବର୍ଷ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ବନ୍ଦ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ଚଳିତବର୍ଷ ଦୟାନଦୀରେ ବୋଇତ ବନ୍ଦାଣ ହେବ ନାହିଁ। ରାଜ୍ୟ ସରକାରଙ୍କ କୋଭିଡ୍ କଟକଣା ଓ ଗାଇଡ୍‌ଲାଇନ୍‌ରେ ଉତ୍ସବକୁ ବାରଣ କରାଯାଇଥିବାରୁ ଦୟାନଦୀରେ ବୋଇତ ବନ୍ଦାଣ ଉତ୍ସବ ବନ୍ଦ ରଖିଛି କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ)। ଏନେଇ କାପୋକ ପକ୍ଷରୁ ବୁଧବାର ଅନୁଷ୍ଠିତ ବୈଠକରେ ଗତବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ କାର୍ତ୍ତିକ ପୂର୍ଣ୍ଣମୀରେ ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା 'ଦୟାନଦୀ ବୋଇତ ବନ୍ଦାଣ' ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଉତ୍ସବ ବନ୍ଦ ହେଲେ ମଧ ସ୍ୱଳ୍ପ ସଦସ୍ୟଙ୍କୁ ନେଇ କରୋନା ଓ ନଦୀ ପ୍ରଦୂଷଣର ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହିତ ପୂର୍ଣ୍ଣମୀ ପରଦିନ ନଦୀଘାଟ ସଫେଇ କରାଯିବ ବୋଲି କାପୋକ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି।

### ନିୟମିତ, ଦରମା ବୃଦ୍ଧି ଦାବିକଲା ଧନ୍ଦାମୂଳକ ଶିକ୍ଷକ ସଂଘ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ):** ନିୟମିତ କରିବା ସହ ଦରମା ବୃଦ୍ଧି ପାଇଁ ଧନ୍ଦାମୂଳକ ଶିକ୍ଷକମାନେ ଦାବି କରିଛନ୍ତି। ଏନେଇ ଉତ୍କଳ ସାମ୍ବାଦିକ ଭବନରେ ବୁଧବାର ସଂଘ ସଭାପତି ସୁନୀଲ କୁମାର ଦେବତାଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସମ୍ପାଦକ ଶେଖ ବେଲାଲୁଦ୍ଦିନ ଅହମ୍ମଦ, ଶାନ୍ତନୁ ପ୍ରଶାନ୍ତ ମହାନ୍ତି, ସସ୍ମିତା ବାରିକ ପ୍ରମୁଖ ଯୋଗଦେଇ ଧନ୍ଦାମୂଳକ ଶିକ୍ଷକଙ୍କ ଦରମା ବୃଦ୍ଧି ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି, ନିକଟରେ ରାଜ୍ୟ ସରକାର ବିଭିନ୍ନ ଠିକା ଓ ଆଉଟ୍‌ସୋର୍ସିଂରେ କାମ କରୁଥିବା କର୍ମଚାରୀଙ୍କ ଦରମା ବୃଦ୍ଧି କରିଥିଲେ ମଧ ଧନ୍ଦାମୂଳକ ଶିକ୍ଷକମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ତେଣୁ ତୁରନ୍ତ ଦରମା ବୃଦ୍ଧି ସହିତ ଠିକ ସମୟରେ ଦରମା ପ୍ରଦାନ କରାଯାଉ। ଓରିଅନ ଓ ଲେବରନେଟ୍ ଦୁଇ କମ୍ପାନୀ ଏପର୍ଯ୍ୟନ୍ତ ଧନ୍ଦାମୂଳକ ଶିକ୍ଷକଙ୍କୁ ସେମାନଙ୍କ ୧୦ ମାସର ଦରମା ପ୍ରଦାନ କରିନାହାନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ଏହି ଦୁଇ କମ୍ପାନୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଦୀର୍ଘ ପାଞ୍ଚବର୍ଷ ଚାକିରି କରିଥିଲେ ମଧ ଆଜିର ମହଙ୍ଗା ଯୁଗରେ ସେମାନଙ୍କୁ ୧୫୦୫୦ ଟଙ୍କା ଦରମା ପ୍ରଦାନ କରାଯାଉଛି। ଏହାକୁ ୨୫୦୦୦ ଟଙ୍କାକୁ ବୃଦ୍ଧି କରାଯାଉ। ଧନ୍ଦାମୂଳକ ଶିକ୍ଷକଙ୍କ ଚାକିରିର ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ସ୍ଥାୟୀ ଯୋଜନା ପ୍ରଣୟନ କରନ୍ତୁ। ନଚେତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ସଂଗ୍ରାମୀ ଆକୁଳି ଚନ୍ଦ୍ର ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୦।୧୧ (ବ୍ୟୁରୋ):** ସଂଗ୍ରାମୀ ଆକୁଳି ଚନ୍ଦ୍ର ସେଠୀଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଦ୍ଧବିହାର ସଭାକକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆକୁଳି ୧୯୮୮ରେ ବ୍ୟାଙ୍କ ଅଧିକାରୀ ପଦରୁ ଇସ୍ତଫା ଦେବାପରେ ନିଜକୁ ସମାଜସେବାରେ ସାମିଲ କରିଥିଲେ। ବିଶେଷକରି ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଭାବେ କାର୍ଯ୍ୟକରି ଦରିଦ୍ର, ନିଃସହାୟ, ଦଳିତ, ଆଦିବାସୀଙ୍କୁ ନ୍ୟାୟ ଦେବାକୁ ଚେଷ୍ଟା କରିଥିଲେ। ସେ ସମାଜରୁ କୁସଂସ୍କାର, ଅନ୍ଧବିଶ୍ୱାସ ଦୂର କରିବା ପାଇଁ କାର୍ଯ୍ୟରତ ଥିଲେ। ତାଙ୍କ ତିରୋଧାନରେ ପରିବାର ସହ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବୌଦ୍ଧ ସଂଗଠନ ସମୂହ, ଉତ୍କଳ ରଜକ ମହାସଂଘ, ନାଗରିକ ଏକତା ପରିବେଶ, ସର୍ବଭାରତୀୟ ଅନୁସୂଚିତ ଜନଜାତି ସଂଗଠନର ପରିସଂଘ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁଙ୍କୁ ଖୋଜା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କମିଶନରେଟ ପୋଲିସ ଟାର୍ଗେଟରେ ରାଜଧାନୀରେ ଆତଙ୍କ ଖେଳାଇଥିବା କେବିଏନ୍ ଗ୍ୟାଙ୍ଗର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ବୁବୁ ଜେନା। ବୁବୁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋରଦାର ପ୍ରୟାସ ଚଳାଇଛି। ଏଯାବତ୍ ୨୯ ଜଣିଆ କେବିଏନ୍ ଗ୍ୟାଙ୍ଗର ୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦ଜଣ ଫେରାର ଅଛନ୍ତି। ବୁଧବାର ବୁବୁ ରହୁଥିବା ଏୟାରପୋର୍ଟ ଥାନା ପୋଖରୀପୁଟସ୍ଥିତ ଭଡ଼ାଘରେ ପୋଲିସ ଚଢ଼ାଉ କରିଥିଲା। ଭାଇରାଲ୍ ଭିଡିଓରେ ଦେଖାଯାଉଥିବା ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ରଖିଥିବା ସନ୍ଦେହରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଟିମ୍ ବୁବୁଙ୍କ ଘରେ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ବୁବୁ ରହୁଥିବା ଘର ଭିତରେ ଆଲ୍‌ମାରି ଓ ଟ୍ରଙ୍କକୁ ଖୋଲି ପୋଲିସ ଖୋଜାଖୋଜି କରିଥିଲା। ହେଲେ ଯାଞ୍ଚ ସମୟରେ ସେଭଳି କିଛି ମାରଣାସ୍ତ୍ର ପୋଲିସ ହାତରେ ଲାଗି ନାହିଁ। ଅପରପକ୍ଷେ ବୁବୁଙ୍କ ମା' ଗଣମାଧ୍ୟମକୁ କହିଛନ୍ତି, ପୁଅ ଖୁସିରେ ଭିଡିଓ କରିଥିଲା। ହେଲେ ସେ କାହାକୁ ଆକ୍ରମଣ କରେ ନାହିଁ। ବୁବୁଙ୍କ ନାଁରେ


ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନାଙ୍କ ଘରେ ପୋଲିସ ଯାଞ୍ଚ ସମୟରେ ପଡିରହିଥିବା ସାମଗ୍ରୀ।

ଥାନାରେ ଛୋଟମୋଟ ମାମଲା ରହିଛି। ଗଣ୍ଡଗୋଳ ମାମଲାରେ ବାପା ସବୁବେଳେ ବାରଣ କରନ୍ତି। ଏପରି କି ତାକୁ ତ୍ୟଜ୍ୟପୁତ୍ର କରିଦେବାକୁ ମଧ କୁହନ୍ତି। ବୁବୁ କେଉଁଠି ଅଛି ଆମେ ଜାଣିନୁ। ସେ ଯେଉଁଠି ବି ଥାଉ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମା' ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

■ଭଡ଼ାଘରେ ଯାଞ୍ଚ କଲା ପୋଲିସ ଟିମ୍

■ଆତ୍ମସମର୍ପଣ କରିବାକୁ ନିବେଦନ କଲେ ମା'

### ରିମାଣ୍ଡରେ ଆସିପାରନ୍ତି ଚେଙ୍ଗ, ସନାତନ

କେବିଏନ୍ ଗ୍ୟାଙ୍ଗର ସଦସ୍ୟ ରାଜେଶ ବେହେରା ଓରଫ ଚେଙ୍ଗ ଓ ସନାତନ ବେହେରା ଓରଫ ସନିଆ ପୋଲିସର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ। ସେମାନେ ଏବେ ଜେଲରେ ଅଛନ୍ତି। ଚେଙ୍ଗ ଗ୍ୟାଙ୍ଗ ମୁଖ୍ୟ କୁହାଯାଉଥିବା


ବୁବୁଙ୍କ ଫାଇଲ୍ ଫଟୋ।

ବୁବୁଙ୍କ ଡାହାଣ ହାତ ହୋଇଥିବାରୁ ସେ କେବିଏନ୍ ଗ୍ୟାଙ୍ଗର ସମସ୍ତ ଭିତିରି କଥା ଜାଣିଥିବେ। ହୁଏତ ସେ ବୁବୁଙ୍କ ଠିକଣା ଜାଣିଥିବେ ବୋଲି ପୋଲିସ ସନ୍ଦେହ କରୁଛି। ମାରଣାସ୍ତ୍ର କେଉଁଠୁ ଆସୁଥିଲା, ଗ୍ୟାଙ୍ଗ ପଛରେ ଆଉ କାହାର ସମ୍ପୃକ୍ତି ଅଛି, ବୁବୁ ସମେତ ୨୦ ଜଣ ଗ୍ୟାଙ୍ଗ ସଦସ୍ୟ କେଉଁଠାରେ ଅଛନ୍ତି ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ତେଣୁ ଚେଙ୍ଗ ଓ ସନାତନଙ୍କୁ ରିମାଣ୍ଡରେ ଅଣାଯାଇ ଏସବୁ ତଥ୍ୟ ହାସଲ ପାଇଁ ଚଷ୍ଟା କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି।

### ଭାଇରାଲ ହେଉଛି ନୂଆ ଭିଡ଼ିଓ



ଦିନକୁ ଦିନ କେବିଏନ୍ ଗ୍ୟାଙ୍ଗର ନୂଆ ନୂଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ଗ୍ୟାଙ୍ଗର ସଦସ୍ୟମାନେ ଏକାଠି ନିଶା ସେବନ କରୁଥିବାବେଳେ ଭିଡିଓ ଶୁଟ୍ କରି ସୋସିଆଲ୍ ମିଡିଆରେ ଛାଡୁଛନ୍ତି। ସଦସ୍ୟମାନେ ବନ୍ଧୁକ ଦେଖାଇବା ସହ କାର୍‌ରେ ବୁଲାବୁଲି କରୁଥିବା ଦେଖାଯାଉଛି। ପ୍ରତି ଭିଡିଓରେ ଆତଙ୍କ ସୃଷ୍ଟି କଲାଭଳି ଚିତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ଅପରପକ୍ଷରେ ଏଭଳି ଭିଡିଓ ଦେଖି ଭୟଭୀତ ନ ହେବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ଜମି ଦେବାକୁ କହି ୫୯ ଲକ୍ଷ ଠକେଇ, ୨ ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ଜମି ଦେବାକୁ କହି ୫୯ ଲକ୍ଷ ଠକେଇ ଅଭିଯୋଗରେ ଦୁଇଜଣଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନାର ଅମିତ କୁମାର ନାୟକ(୩୦) ଓ କଟକ ଜିଲା ଗୋବିନ୍ଦପୁର ଥାନାର ସଞ୍ଜିତ ମହାପାତ୍ର(୩୭)। ଏମାନଙ୍କଠାରୁ ପୋଲିସ ଏକ କାର୍ ଜବତ କରିଛି। ଅଭିଯୁକ୍ତଦ୍ୱୟ ରସୁଲଗଡ଼ରେ ଏକ ଅଫିସ ଖୋଲି ୨୦୨୦ରେ ସ୍ଥାନୀୟ ଥାନା ଚକେଇସିଆଣିର ଚିତ୍ରସେନ ଘଡେଇଙ୍କୁ ପାଣ୍ଡରା ଅଞ୍ଚଳରେ ଦୁଇଟି ଜମି ଦେବାକୁ କହି ୬୭ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଉକ୍ତ ଜମିକୁ ସେମାନେ ଆଉ ଜଣଙ୍କୁ ବିକ୍ରି କରିଦେଇଥିଲେ। ଏହା ଜଣାପଡିବା ପରେ ଚିତ୍ରସେନ ସେମାନଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ସେମାନେ ୮ଲକ୍ଷ ଟଙ୍କା ଫେରାଇ ବାକି ଟଙ୍କା ନ ଦେଇ ଧମକ ଦେଉଥିଲେ। ଚିତ୍ରସେନ ସେପ୍ଟେମ୍ବର ୨୩ରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୮୯/୨୧) ରୁଜୁ କରିଥିଲା।

## ବିଲ୍ଡର ଗୟାଧର ୫ମ ଥର ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ରାଜଧାନୀରେ ଜମି ଦେବାକୁ କହି ଜଣେ ମହିଳାଙ୍କଠାରୁ ୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଶାରଳା ବିଲ୍ଡର ମାଲିକ ଗୟାଧର ଜେନାଙ୍କୁ ପୁଣି ଗିରଫ କରିଛି। ତେବେ ଏହା ପୂର୍ବରୁ ଗୟାଧର ଏଭଳି ଠକେଇ ମାମଲାରେ ୪ଥର ଜେଲ ଯାଇଛନ୍ତି। ସୂଚନା ଅନୁଯାୟୀ, ଗୟାଧର ଶାରଳା ବିଲଡର ନାମରେ ଏକ ସଂସ୍ଥା ଖୋଲି ଲୋକଙ୍କୁ ଜମି ଦେବାକୁ କହି ଲକ୍ଷଲକ୍ଷ ଟଙ୍କା ଠକି ନେଉଥିଲେ। କିଛିଦିନ ତଳେ ବିଜୟଲକ୍ଷ୍ମୀ ସ୍ୱାଇଁ ନାମକ ମହିଳାଙ୍କୁ ଭୁବନେଶ୍ୱରରେ ଜମି ଦେବାକୁ କହି ୪ଲକ୍ଷ ଟଙ୍କା ନେଇ ସମୟ ଗଡାଇ ଚାଲିଥିଲେ। ଏନେଇ ମଙ୍ଗଳବାର ଶହୀଦନଗର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ.୪୫୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ୧୩ କୃଷି ପ୍ରୟୋଗଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)/ କଟକ ଅଫିସ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳା ଉଦ୍‌ଘାଟିତ ହୋଇଛି। ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ନବନିର୍ମିତ ପ୍ରୟୋଗଶାଳାଗୁଡ଼ିକୁ ଉଦ୍‌ଘାଟନ କରିବା ସହିତ କେତେକ ବିଭାଗ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟ କୃଷି ବିଭାଗର କୀର୍ତ୍ତି ବ୍ଲକ୍‌ରେ ଖୋଲିଥିବା ନୂତନ ଜ୍ଞାନକୌଶଳରେ ପରିପୁଷ୍ଟ ପ୍ରୟୋଗଶାଳାରେ ଶସ୍ୟ ବିଜ୍ଞାନ ଓ ପାଣିପାଗ ବିଜ୍ଞାନ, ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ, ଉଦ୍ଭିଦ ରୋଗ ବିଜ୍ଞାନ ଓ କୀଟାଣୁ ବିଜ୍ଞାନ, ଫସଲ କ୍ରିୟା ବିଜ୍ଞାନ, ଖାଦ୍ୟ, ପୋଷଣ ଓ ଖାଦ୍ୟପେୟ, ଆନୁବଂଶିକ ଏବଂ ଉଦ୍ଭିଦ ପ୍ରଜନନ, ଉଦ୍ୟାନ କୃଷି, କୀଟ ବିଜ୍ଞାନ, ପରିବେଶ ବିଜ୍ଞାନ ଓ ବନ ବିଭାଗ, ପ୍ରାଣୀ ବିଜ୍ଞାନ, କୃଷି ବୈଷୟିକ ଶିକ୍ଷା, କୃଷି ଅର୍ଥନୀତି ସମ୍ପ୍ରସାରଣ ଶିକ୍ଷା ଓ ଯୋଗାଯୋଗ ଆଦି ରହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟର କୃଷି ବିଭାଗରେ କୃଷି, ଉଦ୍ୟାନ କୃଷି, କୃଷି ବ୍ୟବସାୟ, ଖାଦ୍ୟ ପୋଷଣ ଓ ଆହାର ବିଜ୍ଞାନ ବିଷୟରେ ସ୍ନାତକ ପାଠ୍ୟକ୍ରମ ଚାଲୁଛି। ଆଗକୁ ସ୍ନାତକୋତ୍ତର ଓ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଜୟ କୁମାର ସିଂ ଶିକ୍ଷାକ୍ଷେତ୍ରରେ ଅନନ୍ୟ ପ୍ରକାରର ପଦ୍ଧତି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉତ୍କର୍ଷତା ଓ ସାମଗ୍ରିକ ଅଭିବୃଦ୍ଧିକୁ ନିଶ୍ଚିତ କରିବା ଲାଗି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର ପ୍ରଫେସର ବି. ଆର ଶର୍ମା, ବିଭାଗୀୟ ମୁଖ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଶ୍ରୀ ଆୟୁର୍ବେଦିକ ବିଜ୍ଞାନ ଓ ଅନୁସନ୍ଧାନ ମେଡିକାଲ ପରିଦର୍ଶନରେ ଯାଇ ସେଠାରେ ଉପଲବ୍ଧ ସମସ୍ତ ସୁବିଧା ବାବଦରେ ପଚାରି ବୁଝିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷରୁ କଲେଜରେ ଆୟୁର୍ବେଦ ବିଜ୍ଞାନ ଶିକ୍ଷାରେ ସ୍ନାତକ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିସହ ମନ୍ତ୍ରୀ ୪୦ ଦେଶଜ ଗାଈ ଥିବା ଗୌଶାଳା ପରିଦର୍ଶନ କରିଥିଲେ।


କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳାକୁ ଉଦ୍‌ଘାଟନ ଅବସରରେ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

## 'କ୍ଷୀରର ସର୍ବନିମ୍ନ ସହାୟକ ମୂଲ୍ୟ ୫୦ ଟଙ୍କା କରାଯାଉ'

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କ୍ଷୀରର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୫୦ ଟଙ୍କା କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘର ରାଜ୍ୟ ଅଧକ୍ଷ ରବି ବେହେରା କହିଛନ୍ତି, କଟକ ଅରିଲୋଠାରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ଓମ୍‌ଫେଡ୍‌ର ମେଗା ଦୁଗ୍ଧ ପ୍ରକ୍ରିୟାକରଣ କାରଖାନାକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ସମୟରେ ଦୁଗ୍ଧଚାଷୀମାନେ ଯେଭଳି ଅଭାବୀ ବିକ୍ରିର ଶିକାର ନ ହୁଅନ୍ତି, ସେ ଦିଗରେ ଏହି ଦୁଗ୍ଧ ପ୍ରକ୍ରିୟାକରଣ କାରଖାନା ଏକ ବଳିଷ୍ଠ ପଦକ୍ଷେପ ହେବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କରୋନା ପୂର୍ବରୁ ଚୁନି, ଚୋକଡ, କୁଣ୍ଡା ଓ ପିଡ଼ିଆ ଆଦି ଗୋଖାଦ୍ୟର ମୂଲ୍ୟ ଯାହା ଥିଲା, ତାହା କରୋନା ସଂକ୍ରମଣ ପରେ ଦ୍ୱିଗୁଣିତ ହୋଇଛି। କରୋନା ପୂର୍ବରୁ ଦୁଗ୍ଧ ଚାଷୀମାନେ ଗୋଟିଏ ଲିଟର କ୍ଷୀରର ମୂଲ୍ୟ ଯେଉଁ ୨୮ ଟଙ୍କାରୁ ୩୨ ଟଙ୍କା ପାଉଥିଲେ ଏବେ ବି ତାହା ଅପରିବର୍ତ୍ତିତ ରହିଛି। ଏହା ଦୁଗ୍ଧ ଚାଷୀଙ୍କ ପାଇଁ ଅର୍ଥନୈତିକ ଭାବରେ ଆଦୌ ଗ୍ରହଣୀୟ ହୋଇପାରୁ ନାହିଁ। ତେଣୁ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୫୦ ଟଙ୍କା କରାଯାଉ ବୋଲି ବେହେରା କହିଛନ୍ତି।

# ଲୁଟେରାଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ

■ଲୁଟ୍ ପରେ ଦୋକାନୀଙ୍କୁ ଛୁରାମାଡ଼ କରି ପଳାଉଥିଲେ

■ଖେଳନା ବନ୍ଧୁକ, ଛୁରି, ବାଇକ ଜବତ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ରାଜଧାନୀରେ ଲୁଟେରାଙ୍କ ଆତଙ୍କ ଦିନକୁ ଦିନ ବଢିବାରେ ଲାଗିଛି। କେବଳ ରାତି ନୁହେଁ, ଦିନଦ୍ୱିପ୍ରହରରେ ମଧ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟ୍‌ପାଟ କରୁଛନ୍ତି। କିଛିଦିନ ତଳେ ଚନ୍ଦ୍ରଶେଖରପୁର ଥାନା ଶୈଳେଶ୍ରୀବିହାରରେ ପଡୋଶୀ ଯୁବକ ଲୁଟ୍ ପାଇଁ ମହିଳା ପୋଷାକ ପିନ୍ଧି ଘରେ ପଶି ମା' ଓ ଝିଅଙ୍କୁ ରକ୍ତାକ୍ତ କରିବା ଘଟଣା ମନରୁ ନ ଲିଭୁଣୁ ବୁଧବାର ଶ୍ରୀବିହାର ଅଞ୍ଚଳରେ ଆଉଏକ ଘଟଣା ଘଟିଛି। ଜଣେ ଲୁଟେରା ଏକ ଗ୍ରୋସେରୀ ଦୋକାନରେ ପଶି ଦୋକାନୀ ରାମଚନ୍ଦ୍ର ସାହୁଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମବେଳେ ଧରାପଡିଛନ୍ତି। ଲୋକେ ଲୁଟେରାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ ମାରିବା ପରେ ପୋଲିସ ଜିମା ଦେଇଛନ୍ତି। ଲୁଟେରା ଜଣକ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା



ଅଞ୍ଚଳର ଅଜିତ୍ ସ୍ୱାଇଁ। ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏଥିସହ ତାଙ୍କଠାରୁ ଏକ ବାଇକ, ଖେଳନା ବନ୍ଧୁକ ଓ ଛୁରି ଜବତ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ କହିଛନ୍ତି।

### ଗ୍ରାହକ ସାଜି ଆସିଥିଲେ

ଶ୍ରୀବିହାରରେ ରାମଚନ୍ଦ୍ର ଏକ ଗ୍ରୋସେରୀ ଦୋକାନ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟା ୩୦ରେ ସେ ନିକଟରେ ଥିବା



ଘରେ ବିଶ୍ରାମ ନେଉଥିବାବେଳେ ଦୋକାନରେ ତାଙ୍କର ଛୋଟ ପୁଅ ଓ ଝିଅ ଥିଲେ। ଏହି ସମୟରେ ଲୁଟେରା ଯୁବକ ଜଣକ ଦୋକାନକୁ ଆସି ଏକ ସାବୁନ ମାଗିଥିଲେ। ଏହାପରେ ହଠାତ୍ ତାଙ୍କ ପୁଅଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାଶବ୍ୟାକ୍ସରେ ଥିବା ସବୁତକ ଟଙ୍କା ନେଇଯାଇଥିଲେ। ଏହି ସମୟରେ ନିକଟରେ ଥିବା ରାମଚନ୍ଦ୍ରଙ୍କ ଝିଅ ଚିତ୍କାର କରି ବାପାଙ୍କୁ ଡାକିଥିଲେ। ରାମଚନ୍ଦ୍ର ସେଠାକୁ ଆସି ଦୋକାନରେ ସିସିଟିଭି ଲାଗିଛି, ଯାହା ଟଙ୍କା ନେଇଛ ଦେଇଦିଅ ବୋଲି ଉକ୍ତ ଲୁଟେରାଙ୍କୁ କହିଥିଲେ। ସେହିସମୟରେ ସେ ବନ୍ଧୁକ ଦେଖାଇବା ସହ ଛୁରିରେ ଆକ୍ରମଣ କରିଥିଲେ।

### ସାହସ ଦେଖାଇ ଲୁଟେରାଙ୍କୁ କାବୁକଲେ ମହିଳା

ଯୁବକ ଜଣକ ରାମଚନ୍ଦ୍ରଙ୍କ ପେଟକୁ ଲକ୍ଷ କରି ଛୁରି ଭୁସିଦେଇଥିଲେ। ରାମଚନ୍ଦ୍ର ଜୀବନ ବଞ୍ଚାଇବାକୁ ଛୁରିଟିକୁ ଧରିଦେବାରୁ ତାଙ୍କ ହାତର ଏକ ଆଙ୍ଗୁଠି କଟିଯାଇ ରକ୍ତସ୍ରାବ ହୋଇଥିଲା। ଏହାପରେ ଲୁଟେରା ଜଣକ ବାଇକରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ରାମଚନ୍ଦ୍ରଙ୍କ ସ୍ତ୍ରୀ ସଞ୍ଜୁକ୍ତା ସ୍ଥାନୀୟ ଲୋକଙ୍କୁ ଡାକ ପକାଇବା ସହ ସାହସ ଜୁଟାଇ ଲୁଟେରାଙ୍କୁ ବାଇକରୁ ପଛପଟୁ ଭିଡି ଆଣି ତଳେ ପକାଇ ଦେଇଥିଲେ। ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କୁ କାବୁ କରିନେବା ପରେ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଖବର ପାଇ ଅଧଘଣ୍ଟା ପରେ ପୋଲିସ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କରିଥିଲା।


ଲୁଟେରାଙ୍କୁ ଧରିଥିବା ସଞ୍ଜୁକ୍ତା।



୬ ଦଫା ଦାବି ନେଇ ମିଳିତ ବସ୍ତି ବଞ୍ଚାଓ ଅଭିଯାନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।


'ହଷ୍ଟେଲ ଫି' ହ୍ରାସ ଦାବିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।



ଓଏସ୍‌ଏସ୍‌ଟିଇଟି ଓ ସିଟିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଥାଳି ଧରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପ୍ରଥମପୃଷ୍ଠାରୁ

### ଅପାରଗତା...

ଉପରିସ୍ଥ ଅଧିକାରୀମାନଙ୍କର ବଦଳି ଓ ଆନ୍ତରିକତା ଅଭାବ ଯୋଗୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇପାରୁ ନାହିଁ।

ଅନ୍ୟପକ୍ଷରେ କୋଭିଡ୍ ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହୋଇଛି। ୨୦୨୦ ମାର୍ଚ୍ଚ ପରେ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୭୦ ପ୍ରତିଶତ କମିଛି। ଏହି କ୍ଷେତ୍ର ଉପରେ ନିର୍ଭର କରି ଚଳୁଥିବା ଲକ୍ଷାଧିକ ଲୋକ ଜୀବିକା ହରାଇ ଦୁର୍ଦ୍ଦଶା ଭୋଗୁଛନ୍ତି। ପର୍ଯ୍ୟଟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାକୁ ୨୦୧୫-୧୬ରେ ୧.୨୧କୋଟି ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକ ଆସିଥିବାବେଳେ ୨୦୧୬-୧୭ରେ ୧.୩୧ କୋଟି, ୨୦୧୭-୨୦୧୮ରେ ୧.୪୩ କୋଟି, ୨୦୧୮-୧୯ରେ ୧.୫୬ କୋଟି ଏବଂ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ୧.୫୧ କୋଟି ଆସିଛନ୍ତି। ତେବେ କରୋନା ମହାମାରୀ ଯୋଗୁ ୨୦୨୦ରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ୭୦ ପ୍ରତିଶତ ହ୍ରାସ ଘଟିଥିଲା। ଲକ୍‌ଡାଉନ ଖୋଲିବା ପରେ ମାତ୍ର ୪୬ ଲକ୍ଷ ପର୍ଯ୍ୟଟକ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରିଥିବା ସୂଚନା ମିଳିଛି।

ଏହି କ୍ଷେତ୍ରକୁ ପୁନର୍ଜୀବିତ କରିବା ଲାଗି ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଛି। ଏହି ଅବସରରେ ପର୍ଯ୍ୟଟନ ଶିଳ୍ପକୁ ଚଳଚଞ୍ଚଳ କରିବାକୁ ପର୍ଯ୍ୟଟନ ବିଭାଗ ଶାସ୍ତ୍ରୀୟ ନୃତ୍ୟ, କୋଣାର୍କ ମହୋତ୍ସବ, ବାଲୁକା ମହୋତ୍ସବ, ମ୍ୟୁଜିକାଲ ଇଭେଣ୍ଟ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଉ ୭-୮ଟି ଇକୋ ରିଟ୍ରିଟ୍ କରିବାକୁ ଯୋଜନା କରିଛି। ରାଜ୍ୟ ସରକାର ରାଜ୍ୟସ୍ତରୀୟ ଉତ୍ସବ କୋରାପୁଟ ଜିଲାର ପରବ ଏବଂ ବାରିପଦାର ଛଉ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ପର୍ଯ୍ୟଟକମାନଙ୍କୁ ଉତ୍ତମ ବ୍ୟଞ୍ଜନ ପରଷିଦେବାକୁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ନିମନ୍ତ୍ରଣ ରେଷ୍ଟୁରାଣ୍ଟ ଭଳି ପୁରୀ ବ୍ଲୁ ଫ୍ଲାଗ ବିଚ୍ ଏବଂ ସମ୍ବଲପୁରରେ ଥିବା ରାଣୀ ବାକରୀ ହୋଟେଲରେ ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଶୀତଋତୁ ଆରମ୍ଭ ହୋଇଥିବାରୁ ପୁରୀ, ଗୋପାଳପୁର, କୋଣାର୍କ, ଚିଲିକା, ପାରାଦୀପ, ଦାରିଙ୍ଗବାଡ଼ି, କୋରାପୁଟ ଭଳି ପର୍ଯ୍ୟଟନ ସ୍ଥଳରେ ଭିଡ଼ ଜମିଲାଣି। ଇକୋ ରିଟ୍ରିଟ୍‌ଗୁଡ଼ିକରେ ସାମିଲ ହେବା ପାଇଁ ଅନ୍‌ଲାଇନ ବୁକିଂ ଆରମ୍ଭ ହେଲାଣି। ଦେଶ ଓ ରାଜ୍ୟ ଭିତର ପର୍ଯ୍ୟଟକମାନଙ୍କର ସଂଖ୍ୟା ବଢୁଥିବାବେଳେ ବିଦେଶୀ ପର୍ଯ୍ୟଟକମାନଙ୍କର ଆଗମନ ଆହୁରି ବିଳମ୍ବ ହେବ। କୋଭିଡ୍ ମହାମାରୀ ସମ୍ପୂର୍ଣ୍ଣ ଟଳି ନ ଥିବାରୁ ଟୁର୍ ଅପରେଟରମାନେ ମଧ୍ୟ ସେମାନଙ୍କର ବ୍ୟବସାୟ ଆରମ୍ଭ କରିନାହାନ୍ତି। ପର୍ଯ୍ୟଟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ରାଜ୍ୟରେ ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ସଂକ୍ରମଣ ବର୍ତ୍ତମାନର ସ୍ଥିତିରୁ ଆଗକୁ ନ ଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। ଗତ କିଛିମାସ ଧରି ଅଚଳ ହୋଇ ରହିଥିବା ପର୍ଯ୍ୟଟନ କ୍ଷେତ୍ର ପୁଣି ଚଳଚଞ୍ଚଳ ହୋଇଉଠିବ। ସେଥିପାଇଁ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ମହୋତ୍ସବର ଆୟୋଜନ କରାଯାଉଛି। ଆଗାମୀ ଦିନରେ ରୋଡ୍ ଶୋ' କରିବା ପାଇଁ ଯୋଜନା ହେଉଛି।

### ଅନିଶ୍ଚିତତାରେ...

କଳାକୃତି ଗ୍ରାମ। ଡୋକ୍ରା କାରିଗରଙ୍କ ସାମଗ୍ରୀ ନିର୍ମାଣ ନିମନ୍ତେ ହଲ୍, ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶନ କେନ୍ଦ୍ର, ମୁଖଶାଳା, ବୈଠକ ସ୍ଥଳୀ, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳ ଏଥିରେ ଅନ୍ତର୍ଭୁକ୍ତ। ୨୦୧୯ ଅଗଷ୍ଟରେ ନିର୍ମାଣ ଶେଷ ହେବା ପରେ ରକ୍ଷଣାବେକ୍ଷଣ ଲାଗି ଏହାକୁ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପଞ୍ଚାୟତ ଅରାଜି ହେବା ପରେ ଏହାକୁ ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଏବେ ଓରମାସକୁ ଏହାର ଦାୟିତ୍ୱ ଦିଆଯାଇଛି। ହେଲେ ଅର୍ଥାଭାବରୁ ପ୍ରକଳ୍ପ ପରିସରରେ ଆବଶ୍ୟକ ଆନୁଷଙ୍ଗିକ କାର୍ଯ୍ୟ କରିପାରୁନି ଓର୍‌ମାସ। ଅନ୍ୟପଟେ ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିଯୁକ୍ତି ଦିଆଯିବାର ଆବଶ୍ୟକତା ରହିଥିବାବେଳେ ଅର୍ଥ ସଙ୍କଟ ଏଥିରେ ଅନ୍ତରାୟ ସାଜିଛି। ଫଳରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ଗ୍ରାମୀଣ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ନିର୍ମିତ ଏହି ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। କରୋନା ମହାମାରୀ ସମୟରେ ଡୋକ୍ରା ଶିଳ୍ପୀଙ୍କ ଜୀବିକା ପ୍ରଭାବିତ ହୋଇଥିବାବେଳେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେମାନେ ଏହାକୁ ପୁଞ୍ଜି କରି ଆର୍ଥିକ ଅବସ୍ଥା ସୁଧାରିପାରନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଜେଶସ ସାହୁ କୁହନ୍ତି, ରକ୍ଷଣାବେକ୍ଷଣରେ ସମସ୍ୟା ଉପୁଜିବାରୁ ଏହାର ଦାୟିତ୍ୱ ନେଲୁ ନାହିଁ। ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ବି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ଏହାକୁ ଓର୍‌ମାସକୁ ହସ୍ତାନ୍ତର କରାଯାଇଛି। ତେଣୁ ଜିଲା ପର୍ଯ୍ୟଟନ ବିଭାଗର କୌଣସି ଭୂମିକା ନାହିଁ। ଜିଲା ଓର୍‌ମାସ ଡେପୁଟି ସିଇଓ ନିରୋଜ ଜେନା କୁହନ୍ତି, ପର୍ଯ୍ୟଟନ ବିଭାଗ ପ୍ରକଳ୍ପ ହସ୍ତା ନ୍ତର କରି ଦାୟିତ୍ୱ ସାରିଦେଇଛି। ଏଠାରେ କିଛି କାମ ବାକି ରହିଛି। ଅର୍ଥାଭାବରୁ ଏହା କରାଯାଇପାରୁନାହିଁ। ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ମଧ୍ୟ ଆବଶ୍ୟକ। ଏସବୁ ବିଷୟରେ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

### ନୂଆ ଚିଠାକୁ...

ବୋଲି କୁହାଯାଇଛି। ତେବେ ପରିବେଶ ଅଭିଯାନ ଗୋଷ୍ଠୀ 'ଗ୍ରୀନ୍‌ପିସ୍' ଏହି ଚିଠାକୁ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହି ପ୍ରତ୍ୟାଖ୍ୟାନ କରିଦେଇଛି। ଉକ୍ତ ଚିଠାରେ ଆସନ୍ତା ବର୍ଷ ଅଧିକ ପଦକ୍ଷେପ ନେବାକୁ ଦେଶଗୁଡ଼ିକୁ ନମ୍ର ଭାବେ ଅନୁରୋଧ କରାଯାଇଥିବା 'ଗ୍ରୀନ୍‌ପିସ୍' କହିଛି। ତାପମାତ୍ରା ହ୍ରାସକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ କରି ବିଶ୍ୱର ସବୁଜ ଗୃହ ଉତ୍ସର୍ଜନକୁ ୨୦୩୦ ସୁଦ୍ଧା ୪୫% କମାଇବା ନିମନ୍ତେ ଚିଠାରେ ଦେଶଗୁଡ଼ିକୁ ସ୍ମରଣ କରିଦିଆଯାଇଛି। ୨୦୦୯ରେ ଧନୀ ଦେଶଗୁଡ଼ିକ ଦେଇଥିବା ପ୍ରତିଶ୍ରୁତିକୁ ଅଦ୍ୟାବଧି ପୂରଣ କରିପାରି ନାହାନ୍ତି। ଗରିବ ଦେଶଗୁଡ଼ିକୁ ବାର୍ଷିକ ୧୦୦ ବିଲିୟନ୍ ଡଲାର ସହାୟତା ମିଳିନାହିଁ। ଫଳରେ ଧନୀ ଦେଶଗୁଡ଼ିକୁ ଗରିବ ଦେଶଗୁଡ଼ିକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି।

### ଇଥାନଲ୍ ମୂଲ୍ୟ...

ଇଥାନଲ ଲିଟର ପିଛା ୫୭.୬୧ ଟଙ୍କାରୁ ୫୯.୦୮ ଟଙ୍କାକୁ ବଢ଼ିଥିବା ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ସରକାର ନିର୍ଦ୍ଧାରଣ କରୁଥିବା ଦରରେ ହିଁ ତୈଳ ବିପଣନ କମ୍ପାନୀଗୁଡ଼ିକ ଇଥାନଲ କ୍ରୟ କରିଥାନ୍ତି। ଅଦ୍ୟାବଧି ପେଟ୍ରୋଲରେ ଇଥାନଲ ମିଶ୍ରଣ ୮% ସ୍ତର ଛୁଇଁଛି। ଆସନ୍ତା ବର୍ଷ ସୁଦ୍ଧା ଏହା ୧୦% ରହିପାରେ। ୨୦୨୫ ବେଳକୁ ଏହି ହାରକୁ ୨୦% କରିବା ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

### ରାବିଡ଼ି ଖାଇ...

ଓମ୍‌ଫେଡର ଦୁଗ୍ଧ ସଂଗ୍ରହ କ୍ଷମତା ଦୈନିକ ୧୦ ଲକ୍ଷ ଲିଟରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହି ଅତ୍ୟାଧୁନିକ ମେଗା ଡାଇରି ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଡେଏରି ଫାର୍ମ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ଲାଣ୍ଟରେ ପ୍ରସ୍ତୁତ ଦହି ଓ ରାବିଡ଼ି ଦିଆଯାଇଥିଲା। ରାବିଡ଼ି ଖାଇବା ପରେ ଏହାର ସ୍ୱାଦକୁ ମୁଖ୍ୟମନ୍ତ୍ରୀ ବହୁତ ପ୍ରଶଂସା କରିଥିଲେ।

ସୂଚନାଯୋଗ୍ୟ ଯେ ଗତ ୨ ଦଶକରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ପ୍ରାୟ ତିନିଗୁଣ ବୃଦ୍ଧିପାଇଛି । ୨୦୦୦ ରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୮ଲକ୍ଷ ୭୫ହଜାର ମେଟ୍ରିକ ଟନ୍ ଥିବାବେଳେ ୨୦୨୦ରେ ଏହା ୨୩ ଲକ୍ଷ ୭୦ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧିପାଇଛି। ବର୍ତ୍ତମାନ ଓମ୍‌ଫେଡ ଦ୍ୱାରା ଦୈନିକ ୫ଲକ୍ଷ ଲିଟର ଦୁଗ୍ଧ ୪୦୫ଟି ଶୀତଳୀକରଣ କେନ୍ଦ୍ରରେ ସଂଗ୍ରହ କରାଯାଉଛି ଏବଂ ୧୩ଟି ପ୍ଲାଣ୍ଟରେ ପ୍ରକ୍ରିୟାକରଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ରାଜ୍ୟରେ କୃଷି ଓ ଆନୁସଙ୍ଗିକ କୃଷିର ବିକାଶ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଂଗୃହୀତ ଦୁଗ୍ଧର ଉପଯୁକ୍ତ ବିକ୍ରି ଓ ଉଚିତ୍ ମୂଲ୍ୟ ପାଇବା ଯୋଗୁ ଦୁଗ୍ଧଚାଷୀଙ୍କ ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ରାଜ୍ୟସଭା ସଦସ୍ୟ ସୁବାସ ସିଂ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ଏନ୍‌ଡିଡିବି ଅଧ୍ୟକ୍ଷ ଓ ବିଭାଗୀୟ ଶାସନ ସଚିବ, ଜିଲାପାଳ, ସିଏମ୍‌ସି କମିଶନର ପ୍ରମୁଖ ଯୋଗ ଦେଇଥିଲେ।

# ସୁଦୀପ୍ତ ଇଣ୍ଡିଆନ ଅଏଲ ନିର୍ଦ୍ଦେଶକ



ସୁଦୀପ୍ତ ରାୟ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ଭାଜପା ନେତା ସୁଦୀପ୍ତ ରାୟ ଇଣ୍ଡିଆନ ଅଏଲର ନିର୍ଦ୍ଦେଶକ ରୂପେ ଦାୟିତ୍ୱ ପାଇଛନ୍ତି। ସୁଦୀପ୍ତ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ଅଧୀନରେ ଦୁଇ ଦୁଇଥର ଅଧ୍ୟକ୍ଷ ଭାବେ ସୁଚାରୁରୂପେ କାର୍ଯ୍ୟ ଭାର ତୁଲାଇଥିଲେ। ତାଙ୍କ ଅଧ୍ୟକ୍ଷତା ସମୟରେ ଚାଷୀମାନଙ୍କଠାରୁ ଧାନକିଣା ହେବା ଓ ରାଜ୍ୟରେ ୨ ଟଙ୍କିଆ ଚାଉଳ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସେ ଏବିଭିପି ରାଷ୍ଟ୍ରୀୟ ସମ୍ପାଦକ କାର୍ଯ୍ୟ ସହ ରାଜ୍ୟ ଭାଜପାର ବିଭିନ୍ନ ସଙ୍ଗଠନ ଦାୟିତ୍ୱରେ କାର୍ଯ୍ୟ କରିବା ସହ ବର୍ତ୍ତମାନ ଦଳର ମୁଖପାତ୍ର ରୂପେ ଅବସ୍ଥାପିତ ଅଛନ୍ତି। ସେ ଜଟଣୀ ବିଧାନସଭା ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେହିପରି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି।

# ଜନଜାତୀୟ ଗୌରବ ଦିବସ ପାଳନ ଯୁଗାନ୍ତକାରୀ ନିଷ୍ପତ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ଜନଜାତି ଜନନାୟକ ତଥା ମହାନ୍ ସ୍ୱତନ୍ତ୍ରତା ସେନାନୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଦିବସ ନଭେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ବିର୍ସା ମୁଣ୍ଡାଙ୍କ ସମ୍ମାନରେ ତାଙ୍କର ଜୟନ୍ତୀ ଦିବସଠାରୁ ପାଖାପାଖି ସପ୍ତାହବ୍ୟାପୀ 'ଜନଜାତୀୟ ଗୌରବ ଦିବସ' ପାଳନ କରିବା ପାଇଁ ଭାରତ ସରକାରଙ୍କ ଏହା ଯୁଗାନ୍ତକାରୀ ନିଷ୍ପତ୍ତି। ଏହି ନିର୍ଣ୍ଣୟ ଓଡ଼ିଶା ସମେତ ଦେଶର ଜନଜାତି ସମ୍ପ୍ରଦାୟଙ୍କ ପୂର୍ବ ବୀରଗାଥା ଏବଂ ଗୌରବମୟ ଇତିହାସକୁ ଉଜ୍ଜୀବିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସଂସ୍କୃତି, ପରମ୍ପରା ସାରା ଭାରତବର୍ଷରେ ଆଦୃତ ହେବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଏହାବ୍ୟତୀତ ଧର୍ମେନ୍ଦ୍ର ଟୁଇଟ୍‌କରି ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଗାମୀ ୨୦୨୧-୨୨ ଆଖୁଚାଷ ସମୟରେ ଇଥାନଲ ବ୍ଲେଣ୍ଡିଂ ପ୍ରୋଗ୍ରାମ ଅନ୍ତର୍ଗତ ଆଖୁଛେଦାରୁ ପ୍ରସ୍ତୁତ ଇଥାନଲ୍‌କୁ ଅଧିକ ମୂଲ୍ୟରେ କିଣିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ଇଥାନଲ ଯୋଗାଣକାରୀ ଏବଂ ଚାଷୀମାନେ ଅଧିକ ଲାଭବାନ ହେବେ। ସେହିପରି ୨୦୧୪-୧୫ରୁ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ କପାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ର କ୍ରୟ ପାଇଁ ଭାରତୀୟ କପା ଆୟୋଗକୁ ସିଧାସଳଖ ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ୧୭ ହଜାର ୪୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ୨୦୨୦-୨୧ ପାଇଁ ପ୍ୟାକେଜିଂରେ ଝୋଟର ନିରନ୍ତର ବ୍ୟବହାରକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଦେଶର ଲକ୍ଷ ଲକ୍ଷ ଝୋଟ ଏବଂ କପାଚାଷୀ ଉପକୃତ ହେବେ ବୋଲି ସେ ଉଲ୍ଲେଖ କରିଛନ୍ତି।

# ମଣିପୁର ହରିଣ ଶାବକ ଜନ୍ମ

**ବାରଙ୍ଗ,୧୦।୧୧(ଡି.ଏନ୍.ଏ):** ନନ୍ଦନକାନନର ୩୬ ନମ୍ବର ବି ଏନକ୍ଲୋଜରରେ ଥିବା ମଣିପୁର ହରିଣର ପୁଣି ଏକ ଶାବକ ଜନ୍ମ ହୋଇଛି। ମା' ଓ ଶାବକ ଦୁହେଁ ସୁସ୍ଥ ରହିଥିବାବେଳେ ଉଭୟ ବିଚରଣ କରୁଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ସ୍ଥାନୀୟ ଡାକ୍ତର ଓ କର୍ମଚାରୀ ଦେଖିଛନ୍ତି। ଶାବକଟି ମା'ଠାରୁ କ୍ଷୀର ପିଉଥିବାର ଦେଖିବାକୁ ମିଳିଛି। ଏହି ନୂତନ ଅତିଥିର ଆଗମନରେ ଏମାନଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି।

# ୧୨ ଘରୋଇ ସଂସ୍ଥା କରିବେ କୋଇଲା ଉତ୍ତୋଳନ

**ଅନୁଗୋଳରେ ୨ ଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳା**

**ଅନୁଗୋଳ ଅଫିସ, ୧୦।୧୧:** ଅନୁଗୋଳ ଜିଲାରେ ଥିବା କୋଇଲା ଖଣିରୁ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ସହ ଆଉ ୧୨ ବେସରକାରୀ ଶିଳ୍ପ ସଂସ୍ଥା ଖୁବ୍‌ଶୀଘ୍ର କୋଇଲା ଉତ୍ତୋଳନ କରିବେ। ଏଥିସହ ଅନୁଗୋଳ ଓ ଢେଙ୍କାନାଳ ଜିଲାର ଶିଳ୍ପାନୁଷ୍ଠାନ ଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏକ ଲୋକାଭିମୁଖୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ଉକ୍ତ ୨ ଜିଲାରେ ଦୁଇଟି ଏମ୍‌ଏସ୍‌ଏମ୍‌ଇ ପାର୍କ ମଧ୍ୟ ପ୍ରତିଷ୍ଠା ହେବ। ଅନୁଗୋଳସ୍ଥିତ ନାଲ୍‌କୋ ଅଡିଟୋରିୟମ୍‌ରେ ଆରମ୍ଭ ହୋଇଥିବା ୨ ଦିନିଆ ଇଣ୍ଡଷ୍ଟ୍ରି କେୟାର କର୍ମଶାଳାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

କର୍ମଶାଳାର ପ୍ରଥମ ଦିନରେ ୪୨ଟି ବୃହତ୍ ଶିଳ୍ପ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ବିଶେଷକରି ଆବଶ୍ୟକ କଞ୍ଚାମାଲ, ଭିତ୍ତିଭୂମି, ପ୍ରଦୂଷଣ ପ୍ରମାଣପତ୍ର, ରାସ୍ତା ସଂଯୋଗ, ପାଚେରି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରେଳ ସଂଯୋଗୀକରଣ, ପାନୀୟ ଜଳ, ବିସ୍ଥାପିତମାନଙ୍କୁ କ୍ଷତିପୂରଣ ଓ ଆନୁଷଙ୍ଗିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୁରୁବାର ଦ୍ୱିତୀୟ ଦିନରେ ୧୫୦ଟି ଏମ୍‌ଏସ୍‌ଏମ୍‌ଇ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ। ଅନୁଗୋଳ ଜିଲାରୁ କୋଇଲା ଖନନ କରିବାକୁ ଥିବା ୧୨ଟି ବେସରକାରୀ ଶିଳ୍ପ ଅନୁଷ୍ଠାନମାନେ କିପରି ସୁବିଧାରେ ଆନୁସଙ୍ଗିକ ସହାୟତା ପାଇପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ଅନୁଗୋଳ ଏବଂ ଢେଙ୍କାନାଳ ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ନୂଆ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ହେବ। ଆଲୁମିନିୟମ୍ ପାର୍କକୁ ୫ଶହ ଏକରକୁ ସମ୍ପ୍ରସାରଣ କରାଯିବ। ବର୍ତ୍ତମାନ ୧୦୦ କୋଟି ଟଙ୍କା ବିନିମୟରେ ଢେଙ୍କାନାଳ ଠାରେ ଇଡ୍‌କୋ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ପ୍ରକାଶ କରିଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ଶିଳ୍ପ ଓ ଉଦ୍ୟୋଗ ସମ୍ପର୍କିତ ସମସ୍ୟା ନେଇ ଆଲୋଚନା କରିଥିଲେ। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଶିଳ୍ପ ଅନୁଷ୍ଠାନଗୁଡ଼ିକର ସମସ୍ୟା ସମାଧାନ ଦିଗରେ ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫିକଲ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର, ଶିଳ୍ପ ବିଭାଗ ନିର୍ଦ୍ଦେଶକ ସାଦିକ୍ ଆଲାମ ଓ ବିଭିନ୍ନ ଶିଳ୍ପସଂସ୍ଥାର କର୍ମକର୍ତ୍ତା ଯୋଗ ଦେଇଥିଲେ।


**Government of Odisha** No. B-584

**"e" Procurement Notice**

**Bid Identification No. PWDK-12/2021-22**

e-mail: eepwdkeonjhar@yahoo.com

No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".

**Sd./- S.K. Behera**
**Superintending Engineer**
**Keonjhar (R&B) Division**
OIPR-34004/11/0007/2122

GOVERNMENT OF ODISHA No. O-917

**OFFICE OF THE EXECUTIVE ENGINEER, RURAL WORKS DIVISION, BHAWANIPATNA**

Ph.: 06670-230656 (O), E-mail: rw_bhawanipatna@yahoo.co.in

Letter No. 5540 Date: 05.11.2021

**e-Procurement Notice**

Bid Identification No. EERWBPT/Online-09/2021-22

| | | |
|---|---|---|
| 1. | Name of Works | : Road work (As per Annexure - A) |
| 2. | Total No. of Work | : Roads - 2 Nos. |
| 3. | Estimated Cost | : As per 'Annexure - A' |
| 4. | E.M.D. | : Not required but Bid Security declaration to be uploaded along with Technical Bid. |
| 5. | Cost of Tender Document | : As per 'Annexure - A' |
| 6. | Class of Contractor | : Please refer DTCN & Annexure - A |
| 7. | Other details | : As per DTCN & www.tendersorissa.gov.in. |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Executive Engineer, Rural Works Division, Bhawanipatna | EERWBPT/Online-09/2021-22 | 10.11.2021 from 10.00 A.M. | 24.11.2021 Upto 5.00 P.M. |

Other details can be seen in the bidding documents, which is available in website: www.tendersorissa.gov.in.

**Sd./- Executive Engineer**
**Rural Works Division, Bhawanipatna**
OIPR-25070/11/0007/2122


# ଓଡ଼ିଆ ଜର୍ନାଲିଜମ୍ ଆୱାର୍ଡ-୨୦୨୧ ଘୋଷଣା

**ନୂଆଦିଲ୍ଲୀ,୧୦।୧୧:** ଦିଲ୍ଲୀର ପୁରାତନ ଓଡ଼ିଆ ସାହିତ୍ୟ ଏବଂ ସାଂସ୍କୃତିକ ସଙ୍ଗଠନ ପଲ୍ଲୀବାଣୀ ମିଶନ ଶକ୍ତି ପକ୍ଷରୁ ଓଡ଼ିଆ ଜର୍ନାଲିଜମ୍ ଆୱାର୍ଡ-୨୦୨୧ ଘୋଷଣା କରାଯାଇଛି। ସେମାନେ ହେଲେ କନକ ଟିଭି ସମ୍ପାଦକ ମନୋରଞ୍ଜନ ମିଶ୍ର, ନିୟୁ ଇଣ୍ଡିଆନ ଏକ୍ସପ୍ରେସ୍‌ର ଉପଆବାସିକ ସମ୍ପାଦକ ଶିବ କୁମାର ମହାନ୍ତି, ଉତ୍କଳ ମେଲ୍ ସମ୍ପାଦକ ପୀତବାସ ମିଶ୍ର, ଓଡ଼ିଶା ବାଇଟ୍ସର ଗ୍ରୁପ୍ ସମ୍ପାଦକ ସନ୍ଦୀପ ମିଶ୍ର, ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟ ଜନ ସଞ୍ଚାର ବିଭାଗର ସହକାରୀ ପ୍ରଫେସର ମିହିର ରଞ୍ଜନ ପାତ୍ର ଏବଂ ଓଟିଭିର ବରିଷ୍ଠ କ୍ୟାମେରାମ୍ୟାନ ଗୋପାଳ ପ୍ରସାଦ ବର୍ମା। ଆସନ୍ତା ୨୪ ତାରିଖ ବୁଧବାର ସନ୍ଧ୍ୟାରେ ନୂଆଦିଲ୍ଲୀର କନଷ୍ଟିଚ୍ୟୁଶନ କ୍ଲବର ସ୍ପିକର ହଲ୍‌ରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି।

# ଓଡ଼ିଶା ବନ୍ଦରେ ପ୍ରଭାବିତ ହେବନି ପିଲାଙ୍କ ପରୀକ୍ଷା

**ପୁରୀ ଅଫିସ,୧୦।୧୧:** ଆସନ୍ତା ୧୨ତାରିଖରେ କଂଗ୍ରେସ ପକ୍ଷରୁ ଆହୂତ ଓଡ଼ିଶା ବନ୍ଦକୁ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଭିଆଇପି ରୋଡ଼ସ୍ଥିତ ଇନ୍ଦିରା ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବନ୍ଦ ଦିନ ସ୍କୁଲ, କଲେଜଗୁଡ଼ିକରେ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରଙ୍କୁ ବାଧାମୁକ୍ତ ଯାତାୟାତର ସୁବିଧା ଦିଆଯିବ। ସେହିପରି ଜରୁରିକାଳୀନ ସେବାଗୁଡ଼ିକୁ ମଧ୍ୟ ବାଧାମୁକ୍ତ କରାଯିବ ବୋଲି ପୁରୀ ଜିଲା କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବୈଠକରେ ମମିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କଂଗ୍ରେସ ନଗର ସଭାପତି ଛବିନ୍ଦ୍ର ପ୍ରତିହାରୀ କହିଥିଲେ, ମା'କୁ ସମ୍ମାନର କଥା କହୁଥିବା ବିଜେଡି ସରକାର ଅଧୀନରେ ରାଜ୍ୟର ମହିଳାମାନେ ସୁରକ୍ଷିତ ନୁହନ୍ତି। ମମିତା ହତ୍ୟାକାଣ୍ଡ ଏହାର ଏକମାତ୍ର ଉଦାହରଣ ନୁହେଁ, ପୂର୍ବରୁ ବେବିନା, ପରି ଓ ଇତିଶ୍ରୀ ଭଳି ଅନେକ ଉଦାହରଣ ରାଜ୍ୟବାସୀ ଦେଖିସାରିଛନ୍ତି। ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସିଧାସଳଖ ସଂପୃକ୍ତି ଥିଲେ ମଧ୍ୟ ତାଙ୍କୁ ଘଣ୍ଟ ଘୋଡ଼ାଇ ରଖାଯାଉଛି। ମମିତାଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ତେଣୁ ପୁରୀବାସୀ ଏହାକୁ ସମର୍ଥନ କରିବା ପାଇଁ ପ୍ରତିହାରୀ ନିବେଦନ କରିଛନ୍ତି।


**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, NABARANGPUR**

Email id-cdmonabarangpur@gmail.com, Mobile No.-9439988885

Advt. No. 9110 Date: 09.11.2021

**Tender Notice for Disposal of Govt. Ambulance and Govt. Vehicle 2021-22**

No.E-609:- Sealed tenders are invited for disposal of condemned Govt. Ambulance and Govt. Vehicle lying at DHH Campus of Nabarangpur District. Intending bidders may obtain tender paper containing terms & condition, details of vehicles and its location in the district website (www.nabarangpur.nic.in). Also they may inspect the said Ambulances and Govt. Vehicles to be disposed off in "as is where is conditions" on any working day during office hours at the designated locations. The filled in Formats (Annexure 1 to 4) a single sealed envelope subscribing at the top of the envelope "TENDER FOR DISPOSAL OF CONDEMNED AMBULANCES AND VEHICLES FOR 2021-22" to the CDM&PHO, Mirganiguda, Nabarangpur- 764059 on or before 09.12.2021 by Regd. Post / Speed Post / Courier by 5 P.M. and the same will be opened on the next day 10.12.2021 at 11 A.M. The authority reserves the right to accept or cancelled any or all tenders without assigning any reason thereof.

**(Dr. Ch. Shova Rani Mishra)**
**Chief District Medical and Public Health Officer**
**Nabarangpur**
OIPR-10081/11/0011/2122

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**NIT No.: 43/OMC/CIVIL/2021**

No. CAD-1789:- Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (Rs. In lakhs) | Time period of the work (in month) | Class of Contractor | Cost of Bid document (Rs.) Online |
|---|---|---|---|---|---|
| 1 | Construction of security barrack cum site office at Apahatu Mines of Barbil Region in the district of Keonjhar. | 60.66 | 04 (Four) | B & A | 10,000/- + 18% GST |
| 2 | Environmental Protection work along Topadihi Nala at Guali Iron Ore Mines of Barbil Region in the district of Keonjhar. | 103.34 | 06 (Six) | B & A | 10,000/- + 18% GST |
| 3 | Construction of CC approach road to Weigh Bridges and other ancillary works at Apahatu Mines of Barbil Region in the district of Keonjhar. | 128.88 | 04 (Four) | B & A | 10,000/- + 18% GST |

1. Available of Bid document in Govt. portal from dt. 16/11/2021 to 30/11/2021 up to 5.00 PM.
2. Last date of on-line submission of tender in the portal is dt. 30/11/2021 up to 5.00 PM.
3. Date of opening of Technical Bid is dt. 01/12/2021 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0126/2122 **CGM (Civil)**


# ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପ ଉପରେ ତ୍ରିପାକ୍ଷିକ ଆଲୋଚନା

**ଜଗତ୍‌ସିଂହପୁର ଅଫିସ, ୧୦।୧୧**

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ୫୩,୭୦୦ କୋଟି ଟଙ୍କା ବିନିମୟରେ ପାରାଦୀପରେ ସମନ୍ୱିତ ଇସ୍ପାତ ପ୍ରକଳ୍ପ କରିବାକୁ ପ୍ରସ୍ତାବ ରହିଛି। ଏ ନେଇ ପ୍ରକ୍ରିୟା ଚାଲିଥିବା ବେଳେ ବୁଧବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପ୍ରଶାସନ ପକ୍ଷରୁ କମ୍ପାନୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇଛି। ଜିନ୍ଦଲ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ମୁଖ୍ୟ ପରିଚାଳନା ଅଧିକାରୀ ରଞ୍ଜନ ନାୟକ ପ୍ରକଳ୍ପ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ବିଶେଷକରି ସିଏସ୍‌ଆର୍ ପାଣ୍ଠି ବିନିଯୋଗ କରି କିପରି ଆଞ୍ଚଳିକ ଉନ୍ନୟନ କରିହେବ, ତାହା ଉପରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ କ୍ଷତିଗ୍ରସ୍ତ ହେବାକୁ ଥିବା ପାନବରଜ ମାଲିକ, ଶ୍ରମିକଙ୍କୁ କ୍ଷତିପୂରଣ ଦିଆଯିବ। ଜଙ୍ଗଲ ଜମି ହସ୍ତାନ୍ତର ହେଲେ ଏଥିରେ ଥିବା ବୃକ୍ଷ ବାବଦ ଜଙ୍ଗଲ ସୁରକ୍ଷା କମିଟିର କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା ହେବ। ପ୍ରକଳ୍ପ ପ୍ରତିଷ୍ଠା ହେଲେ ଲୋକଙ୍କୁ ନିଯୁକ୍ତି ସୁବିଧା ମିଳିପାରିବ ବୋଲି କହିଥିଲେ। ଜିଲାପାଳ ପାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଏବଂ ଏସ୍‌ପି ଅଖିଳେଶ୍ୱର ସିଂହ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବୈଠକରେ ଜିନ୍ଦଲ ଉତ୍କଳ ଷ୍ଟିଲ ଲିମିଟେଡ୍‌ର କର୍ମକର୍ତ୍ତା, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ବିଭାଗୀୟ ଅଧିକାରୀ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ପ୍ରଭାବିତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିନ୍ଦଲ ଓ ପୋସ୍କୋ ପ୍ରତିରୋଧ ସଂଗ୍ରାମ ସମିତି ପକ୍ଷରୁ ବୁଧବାର ଢିଙ୍କିଆର ପାଟଣା ହାଟଠାରେ ପ୍ରକଳ୍ପକୁ ବିରୋଧ କରାଯାଇ ପ୍ରତିବାଦ ସଭା ହୋଇଥିଲା।

# ବାଘାପାଲ୍ଲୀ ଗାଁରେ ମହାପ୍ରଭୁଙ୍କ ଶୂନ୍ୟ ସିଂହାସନ

ସୁବର୍ଣ୍ଣପୁର ଜିଲାର ବାଘାପାଲ୍ଲୀ ଗାଁରେ ମହାପ୍ରଭୁଙ୍କ ଶୂନ୍ୟ ସିଂହାସନ ମନ୍ଦିର ରହିଛି। ଏଠାରେ ଚାଳ ଓ ମାଟିର ଘର ଥିଲା। ଖୁଆଡ଼ ଆକୃତିର ମନ୍ଦିର ପରେ ତୋଳା ହେଲେ ମଧ୍ୟ ପ୍ରଭୁ ବିଜେ କରିଥିବା ଘରଟି ମାଟି ଅଛି। ପ୍ରାୟ ଦୁଇଶହ ପଚାଶ ବର୍ଷ ତଳେ ସିଦ୍ଧ ଯୋଗୀ ଚନ୍ଦ୍ରମଣି ଦାସଙ୍କ ଆଶ୍ରମ ଶୂନ୍ୟ ସିଂହାସନ ଘରକୁ ନେଇ ଗଢ଼ିଉଠିଥିଲା। ରକ୍ତବାହୁ ପୁରୁଷୋତ୍ତମ କ୍ଷେତ୍ର ଉପରେ ଆକ୍ରମଣ କରିବା ବେଳର ଘଟଣା। ପାଖାପାଖି ଚଉଦ ଶହ ବର୍ଷ ତଳେ ମନ୍ଦିର ଆକ୍ରମଣ କରିବା ପୂର୍ବରୁ ସେବକମାନେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀ ପଥ ଦେଇ ମହାନଦୀକୁ ନେଇଯାଇଥିଲେ। ପାଇକ ବାହିନୀ ଓ ଜଳବାହିନୀର ମହ୍ଲାରମାନେ ଏଥିରେ ସହଯୋଗ କରିଥିଲେ। ମହାପ୍ରଭୁଙ୍କ ସାଙ୍ଗରେ ତତ୍କାଳୀନ ଗଜପତି ରାଜା ବି ଯାଇଥିଲେ। ପ୍ରଭୁଙ୍କ ସୁରକ୍ଷା ଥିଲା ରାଜାଙ୍କର ପ୍ରଥମ କର୍ତ୍ତବ୍ୟ। ମହାନଦୀର ବୌଦ୍ଧ ଘାଟରେ ବୌଦ୍ଧର ରାଜା ଯୋଗଦେଇଥିଲେ ଏମାନଙ୍କ ଜଳଯାତ୍ରାରେ। ସେ ବି ଥିଲେ ମହାପ୍ରଭୁଙ୍କର ପରମ ଭକ୍ତ। ସୋନପୁର (ବର୍ତ୍ତମାନର ସୁବର୍ଣ୍ଣପୁର) ଗୋପାଲ୍ଲୀ ଘାଟରେ ଚାପ ରହିଲା। ସୋନପୁର ରାଜା ସେଠାରେ ପହଞ୍ଚିଲେ। ଗୋପାଲ୍ଲୀ ଗାଁ ଥିଲା ଛଲିଆ ପାହାଡ଼ ପାଦଦେଶରେ। କୋଶେ ବାଟ ଦୂରରେ ଅଝାଡ଼ ଜଙ୍ଗଲ ମଧ୍ୟରେ ଥିଲା ବାଘାପାଲ୍ଲୀ ଗାଁ। ଏଠି ସଞ୍ଜ ନଇଁଲେ ବାଘମାନେ ଗର୍ଜନ୍ତି ପାହାଡ଼ରୁ। ସେଇଠି ସୁଧାଦୀପ୍ତ ମଣ୍ଡପରେ ପ୍ରଭୁ ଲୀଳା କଲେ ୪୫ ବର୍ଷ। ସେଇ ମଣ୍ଡପ ପରେ ସିଂହାସନ ନିର୍ମାଣ ହୋଇ ଚାଳ ଛପର ଘର ହେଇଥିଲା। ବାଘ ଭୟରେ ଆକ୍ରମଣକାରୀ ପହଞ୍ଚି ପାରି ନ ଥିଲେ। ପ୍ରଭୁ ବାଘାପାଲ୍ଲୀରେ ରହିବା ପରେ ଦୁଇଜଣ ରାଜା ଅଝାଡ଼ ଜଙ୍ଗଲରେ ପ୍ରବେଶ କରିଥିଲେ, ଅର୍ଥାତ୍ ଜୀବନକୁ ଜଳାଞ୍ଜଳି ଦେଇଥିଲେ କେବଳ ଜାତିର ପରିଚୟକୁ ସୁରକ୍ଷା ନ ଦେଇ ପରିବାର ଗ୍ଲାନିରେ। ସେବକମାନେ ଅନେକ ମରିହଜି ଗଲେ। ଯିଏ ଥିଲେ, ୪୫ ବର୍ଷ ପରେ ପୁଣି ବିପଦ ଦେଖାଦେବାରୁ ଶ୍ରୀବିଗ୍ରହମାନଙ୍କୁ ପାହାଡ଼ ଉପରକୁ ନେଇ ଅପର ପାର୍ଶ୍ୱର ଏକ ଗୁମ୍ଫାରେ ରଖି ଗୁମ୍ଫା ବନ୍ଦ କରିଦେଲେ। ୯୯ ବର୍ଷ ଗୁମ୍ଫାରେ ରହିଥିଲେ ଶ୍ରୀବିଗ୍ରହ। ମୋଟ ୧୪୪ ବର୍ଷ ପରେ ରାଜା ଯଯାତି କେଶରୀଙ୍କ ସମୟରେ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ସହାୟତାରେ ପ୍ରଭୁ ପାତାଳି ଲୀଳା ସାରି ଶ୍ରୀକ୍ଷେତ୍ରକୁ ବାହୁଡ଼ି ଆସିଲେ। ନବକଳେବର ହୋଇଥିଲା ଯାଜପୁରର ବୈତରଣୀ ନଦୀ କୂଳରେ। ପ୍ରଭୁ ସିନା ଆସିଲେ, ସୁଧାଦୀପ୍ତ ମଣ୍ଡପ ଆଉ ମାଟିର ସିଂହାସନ ଶୂନ୍ୟ ହୋଇ ରହିଯାଇଛି ଆଜିଯାଏ। ପୂର୍ଣ୍ଣ କରିବାର ପ୍ରୟାସ ହୋଇନି ନା ପ୍ରଭୁ ଚାହୁଁଛନ୍ତି ଶୂନ୍ୟ ଥାଉ।

**-ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର**



ସୁବର୍ଣ୍ଣପୁର ଜିଲାର ବାଘାପାଲ୍ଲୀ ଗାଁରେ ମହାପ୍ରଭୁଙ୍କ ଶୂନ୍ୟ ସିଂହାସନ ମନ୍ଦିର।


ଭୂମିକା-ରାକେଶ

### ରିଲିଜ୍ ଅପେକ୍ଷାରେ

# ମନ ମୋର କାଗଜଗୁଡ଼ି

ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି'ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଏଥିରେ ମଧ୍ୟ ଇମୋଶନ, ଫାମିଲି ଡ୍ରାମା, କମେଡି ରହିଛି। ନବାଗତ ପ୍ରଯୋଜକ ଶିବିର ପରିଡ଼ା ଏବଂ ବିବେକାନନ୍ଦ ବାରିକ ଏହାର ପ୍ରଯୋଜନା କରିଛନ୍ତି। ସୁମିତ୍ରା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ)। ଏହାପୂର୍ବରୁ ସେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। ଏହାର ନାୟକ ଭୂମିକାରେ ଦେଖାଦେବେ ରାକେଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ବୁଲ୍‌ବୁଲି ଭୂମିକା। ଏଥିରେ ସଂଯୋଜିତ ତଥା ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଦିବ୍ୟସିଂହ ରାୟଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ମାନସ ପଢ଼ିହାରୀ। ଜିତୁ, ସୀମା, ଲିପୁନ୍, ସଞ୍ଜୟ, ଭକ୍ତି, ଜ୍ଞାନ, ପ୍ରୀତି, ନାଗେଶ, ଗୁଡ଼ି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

# ସତ ହେଲା ଆକଳନ

ଅଭିନେତା ଦେବାଶିଷ ପାତ୍ର। ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଜୟ ଜଗନ୍ନାଥ' ଚଳଚ୍ଚିତ୍ରରେ ନାରଦ ଭୂମିକାରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ଇତିମଧ୍ୟରେ ସେ 'ପହିଲି ରଜ', 'ଭୁଲ୍ ବୁଝିବନି ମୋତେ', 'ତତେ ଭଲ ପାଇଛି ବୋଲି', 'କ୍ରାନ୍ତିଧାରା', 'ତୁ ଯେ ସେହି' ଆଦି ୨୫ଟି ଓଡ଼ିଆ ସିନେମାରେ ଅଭିନୟ କରି ନିଜ ଆକ୍ଟିଂ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ଟେଲି ଫିଲ୍ମ 'କାଳିଆ କରୁଛି ଲୀଳା'ର ସେ ପ୍ରଯୋଜନା କରିବା ସହ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଅଶ୍ୱିନୀ ଗଡ଼ନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ରିଲିଜ ପରେ ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲା। ସେତେବେଳେ ଏହାକୁ ରାଜ୍ୟ ଟେଲି ଚଳଚ୍ଚିତ୍ର ପୁରସ୍କାରଭୁକ୍ତ କରିବାକୁ ସ୍ଥିର କରିଥିଲେ ଦେବାଶିଷ। କେବଳ ସେତିକି ନୁହେଁ, ଏପରି ପୁରସ୍କାର ହାସଲ ପାଇଁ ସେ ଦୃଢ଼ମନା ଥିଲେ। ଶେଷରେ ତାହା ସତ ହୋଇଛି। ନିକଟରେ ୩୧ତମ ରାଜ୍ୟ ଟେଲି ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି, ଯେଉଁଥିରେ ଏହି ଫିଲ୍ମଟି ଛଅଟି ପୁରସ୍କାର (ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା-ଜୀବନ ପଣ୍ଡା ଏବଂ ଶ୍ରେଷ୍ଠ ସମ୍ପାଦନା-ଚନ୍ଦ୍ରଶେଖର ମିଶ୍ର) ହାସଲ କରିଛି। ଏ ସମ୍ପର୍କରେ ଦେବାଶିଷ କହନ୍ତି, 'ଏହାର କାହାଣୀ ଚୟନ ଏବଂ ଶୁଟିଂ ସମୟରେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ମୋ ଫିଲ୍ମ ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବା ସହ ଏପରି ସମ୍ମାନଜନକ ପୁରସ୍କାର ପାଇବାରେ ସଫଳ ହେବ। ତାହା ଏବେ ସତରେ ପରିଣତ ହୋଇଛି। ଏଣିକି ଭଲ ଭଲ କାହାଣୀକୁ ଆଧାର କରି ଟେଲି ଫିଲ୍ମ ନିର୍ମାଣ କରିବାକୁ ଚେଷ୍ଟା ଜାରି ରଖିବି।'


ଦେବାଶିଷ

# ମିଳିଗଲା ଯୋଡ଼ି

ଓଡ଼ିଆ ସିନେମାରେ ଏବେ ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ନିଜର ମନଲାଖି ଯୋଡ଼ି ପାଇଯାଇଛନ୍ତି। ଅର୍ଥାତ୍ ବର୍ତ୍ତମାନ ମିଳିତ ଭାବରେ ଚଳଚ୍ଚିତ୍ରଟିଏ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସେ ଆଗଉଛନ୍ତି। ଆଉ ସେତିକିବେଳେ ତାଙ୍କ ସହ ଯୋଡ଼ି ହୋଇଛନ୍ତି ନବାଗତ ପ୍ରଯୋଜକ କେ. ତମନ୍ନା। ଦୁହିଁଙ୍କର ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ଏବଂ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର 'କଟକ ୱେଡ୍‌ସ ସମ୍ବଲପୁର'। କଟକ ଏବଂ ସମ୍ବଲପୁରର ଚାଲିଚଳଣି, ପରମ୍ପରାକୁ ଆଧାର କରି ଏହି ଚିତ୍ରଟି ନିର୍ମିତ ହୋଇଛି। ଏ ସମ୍ପର୍କରେ ରମେଶ କହନ୍ତି, 'ଯେତେବେଳେ କେ. ତମନ୍ନାଙ୍କ ସହ ଭେଟ ହେଲା, ସେତେବେଳେ ତାଙ୍କର ଯୋଜନା ମୋତେ ବେଶ୍ ପ୍ରଭାବିତ କରିଥିଲା। ଆଉ ତା'ପରେ ଦୁହେଁ ଏକାଠି ସିନେମା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲୁ। 'କଟକ ୱେଡ୍‌ସ ସମ୍ବଲପୁର' କାହାଣୀ, କଳାକାର ଚୟନ, ସଙ୍ଗୀତ, ସଂଳାପ ଏବଂ ଶୁଟିଂ-ସବୁ ଜିନିଷ ପ୍ରତି ସମାନ ଦୃଷ୍ଟି ଦିଆଯାଇଛି। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ଆଶା ରହିଛି। ଆଗକୁ ଆମେ ମିଳିତ ଭାବରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜନା କରିବାକୁ ସ୍ଥିର କରିଛୁ। ଆର.ଆର. ଇଭେଣ୍ଟ୍‌ସ ଏବଂ ଷ୍ଟୁଡିଓ ୩୬୫ ବ୍ୟାନରରେ ତଥା ବାପି ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମଟି ଚଳିତ ମାସ ୧୯ରେ ପରଦା ଉପରକୁ ଆସିବାକୁ ଯାଉଛି। ସମ୍ବିତ ଏବଂ ନବାଗତା ସୁସ୍ମିତା ପ୍ରଧାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ପିଣ୍ଟୁ ନନ୍ଦ, ପ୍ରଦୀପ ଦେବତା, ଗୁଞ୍ଜୁ, ମହାପ୍ରସାଦ କର (ରାଜା)ଙ୍କୁ ଏହାର ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


କେ. ତମନ୍ନା-ରମେଶ-ସମ୍ବିତ

# ବଡ଼ ବ୍ରେକ୍‌କୁ ଅପେକ୍ଷା

ପିଲାଟି ଦିନରୁ ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲେ ରାଜ ମଙ୍ଗରାଜ। ସେ ଅଭିନୟ କରିଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଲାଇଫ ଷ୍ଟୋରି'ରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି। ନିଜ କ୍ୟାରିୟର ସମ୍ପର୍କରେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଧାମଣଗଣ୍ଡା ଗ୍ରାମରେ ଜନ୍ମିତ ରାଜ କହନ୍ତି, 'ଏପର୍ଯ୍ୟନ୍ତ ମୁଁ ଯେଉଁ ସର୍ଟ ଫିଲ୍ମରେ ଆକ୍ଟିଂ କରିଛି ତାହା ମୋର ମନୋବଳକୁ ଆହୁରି ଦୃଢ଼ କରିଛି। ଭଜନ 'ଯିବରେ ଯିବ ମନ୍ଦିର ଯିବ' ଏବଂ ଆଧୁନିକ ଆଲବମ୍ 'ହତାଶିଆ ପ୍ରେମିକ' ଏବଂ 'ରାଖି ମୋ ଭାଗ୍ୟରେ ନାହିଁ' ମୋ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଛି। ତେବେ ବଡ଼ ପରଦାରେ ବଡ଼ ବ୍ରେକ୍ ଆଶା ଦିନେ ନା ଦିନେ ନିଶ୍ଚୟ ପୂରଣ ହେବ ବୋଲି ବିଶ୍ୱାସ ରହିଛି।'


ରାଜ୍

# ଛାଡ଼ିପାରୁନାହାନ୍ତି ଅଭ୍ୟାସ

କରୀନା କପୁର ତାଙ୍କର ପିଲାଦିନର ଅଭ୍ୟାସକୁ ଛାଡ଼ି ପାରୁନାହାନ୍ତି। ପିଲାଦିନେ ତାଙ୍କର ଏକ ଅଭ୍ୟାସ ଥିଲା। ତାହା କ'ଣ ଜାଣନ୍ତି ? ନଖ କାମୁଡ଼ିବା। ପାଠ ପଢ଼ିବା ସମୟରେ ହେଉ ଅବା କାହା ସହ କଥା ହେବା ବେଳେ ସେ ମଝିରେ ମଝିରେ ନଖକୁ କାମୁଡ଼ିଥାଆନ୍ତି। ଏବେ ଘର ସଂସାର କରିସାରିବା ପରେ ମଧ୍ୟ ଏପରି ଅଭ୍ୟାସଠାରୁ ନିଜକୁ ସେ ମୁକୁଳାଇ ପାରିନାହାନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନଖ କାମୁଡ଼ିବା ମୋର ପିଲାଟି ଦିନରୁ ଅଭ୍ୟାସରେ ପରିଣତ ହୋଇଯାଇଛି। ସେତେବେଳେ ଏପରି ହାବିଟ୍‌କୁ ଛାଡ଼ିବାକୁ ଅନେକ ଥର ଗାଳି ଶୁଣିଛି। ହେଲେ କ'ଣ ହେବ, ଏବେ ମଧ୍ୟ ମୋର ସେହି ଅଭ୍ୟାସ ଅଛି। ଯେତେ ଚେଷ୍ଟା କଲେ ମଧ୍ୟ ତାହାକୁ ମୁଁ ଛାଡ଼ିପାରୁନି।' ଇଏ ତ ଗଲା କରୀନାଙ୍କ ବ୍ୟକ୍ତିଗତ ଜୀବନ କଥା। ଅଭିନୟ ଜୀବନରେ କେତୋଟି କଥାକୁ ସେ ଭୁଲି ପାରୁନାହାନ୍ତି। 'କହୋନା ପ୍ୟାର ହୈ', 'ହମ୍ ଦିଲ୍ ଦେ ଚୁକେ ସନମ୍' ଏବଂ 'କୁଇନ୍' ପରି ସୁପରହିଟ୍ ଫିଲ୍ମର ନାୟିକା ସାଜିବାକୁ ତାଙ୍କୁ ସେତେବେଳେ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏଗୁଡ଼ିକୁ ପ୍ରତ୍ୟାଖାନ କରିଥିଲେ।


ରଣବୀର


କରୀନା

# ସମୟାନୁବର୍ତ୍ତୀ ରଣବୀର

ରଣବୀର ସିଂଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏବେ ତାଙ୍କୁ ଏକାଥରେ ଦୁଇଟି ଜିନିଷ ପ୍ରତି ଧ୍ୟାନ ଦେବାକୁ ପଡୁଛି। ଗୋଟିଏ ହେଲା, ଫିଲ୍ମ ଶୁଟିଂ ଏବଂ ଅନ୍ୟଟି ଏକ ରିୟାଲିଟି ଶୋ'ର ଆଙ୍କରିଂ କରିବା ପାଇଁ ପ୍ରସ୍ତୁତି । ଆଙ୍କରିଂ ପ୍ରାକ୍ଟିସ ପାଇଁ ସେ ଷ୍ଟୁଡିଓରେ ଠିକ୍ ସମୟରେ ପହଞ୍ଚି ଯାଉଛନ୍ତି। ପୁଣି ସେଠାରେ ନିଜ କାମ ଶେଷ କରି ନିର୍ଦ୍ଦିଷ୍ଟ ସମୟରେ ଯାଇ ଶୁଟିଂ ସେଟ୍‌ରେ ହାଜର। ଏ ନେଇ ରଣବୀର କହନ୍ତି, 'କେବଳ ମୋ ବ୍ୟକ୍ତିଗତ ଜୀବନ ନୁହେଁ, ଶୁଟିଂ ହେଉ କି କୌଣସି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିଲେ ମୁଁ ସମୟକୁ ସବୁବେଳେ ଗୁରୁତ୍ୱ ଦିଏ। ମୋ ପାଇଁ କାହାର ସମୟ ନଷ୍ଟ ହେଉ ତାହା ମୁଁ ଚାହେଁନା। ମୁଁ ଏବେ ପ୍ରଥମ ଥର ପାଇଁ ଏକ ରିୟାଲିଟି ଶୋ'ର ଆଙ୍କରିଂ କରିବାକୁ ଯାଉଛି। ତେଣୁ ସେଭଳି କାମକୁ କିପରି ସୁଚାରୁ ରୂପେ ତୁଲାଇବି ସେ ନେଇ ପ୍ରାକ୍ଟିସ କରୁଛି।' ସୂଚନାଯୋଗ୍ୟ ତାଙ୍କ ଅଭିନୀତ କପିଳଦେବଙ୍କ ବାୟୋପିକ୍ '୮୩' ରିଲିଜ ଅପେକ୍ଷାରେ ରହିଛି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୀପିକା ପାଦୁକୋନ୍।

# ଜୋତା କିଣିବା ପାଇଁ..

ପରିଣିତି ଚୋପ୍ରା ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନ୍‌ସେଲ କରିବାକୁ ବାଧ୍ୟ ହୋଇଥିଲେ। ଏହି କାର୍ଯ୍ୟକ୍ରମର କିଛି ସମୟ ପୂର୍ବରୁ ତାଙ୍କ ନିକଟରେ ଏପରି ଏକ ଖବର ପହଞ୍ଚିଥିଲା, ଯେଉଁଥିପାଇଁ ସେ ନିଜ କାମକୁ ସ୍ଥଗିତ ରଖିଥିଲେ। ହେଲେ କ'ଣ ପାଇଁ ସେ ଏମିତି କରିଥିଲେ ଜାଣନ୍ତି ? ଜୋତା କିଣିବା ପାଇଁ। ନୂଆ ବ୍ରାଣ୍ଡର ଜୋତା ଦେଖିଲେ ସେ ତାକୁ ପ୍ରଥମେ କିଣିବାକୁ ବାହାରିପଡ଼ନ୍ତି। ଏପରି କି ଜୋତାର ନୂଆ ବ୍ରାଣ୍ଡ୍ କେବେ ଲଞ୍ଚ୍ କରୁଛି ତାହା ଉପରେ ତୀକ୍ଷ୍ଣ ନଜର ରଖିଥାଆନ୍ତି ସେ। ବଜାରକୁ ଆସିବା ମାତ୍ରେ ସେ ସେଗୁଡ଼ିକୁ କିଣିଥାଆନ୍ତି। ଥରେ ସେ ଜୋତା କିଣିବା ସମୟରେ ଏକ ନୂଆ ବ୍ରାଣ୍ଡ୍ ପ୍ରତି ଆକର୍ଷିତ ହୋଇପଡ଼ିଥିଲେ ଯେ, ଏକାଥରେ ସେଥିରୁ ୨୦ ହଳ ଜୋତା କିଣିବାକୁ ପଛାଇ ନ ଥିଲେ।


ପରିଣିତି


ଆନ୍ତଃରାଜ୍ୟ ସବ୍‌ଜୁନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ତୀରନ୍ଦାଜମାନେ।

# ଓଡ଼ିଶାରୁ ଭାଗନେବେ ୧୦ ପ୍ରତିଯୋଗୀ

**ସବ୍‌ଜୁନିୟର ତୀରନ୍ଦାଜୀ ଚୟନ ପ୍ରକ୍ରିୟା ଶେଷ**

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରର ଅମରାବତିଠାରେ ୩୮ତମ ଆନ୍ତଃରାଜ୍ୟ ସବ୍‌ଜୁନିୟର ତୀରନ୍ଦାଜୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲକ୍ଷ୍ୟରେ ଓଡ଼ିଶା ସବ୍‌ଜୁନିୟର ତୀରନ୍ଦାଜୀ ଦଳର ଚୟନ ପ୍ରକ୍ରିୟା ବୁଧବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାକୁ କୋଚ୍ ରାଜେଶ ହାଁସଦା, ତପନ ମୁର୍ମୁ ଓ ରାଜକୁମାର ନାଏକ ପରିଚାଳନା କରିଥିଲେ। ଶ୍ରଦ୍ଧାନନ୍ଦ ଦାସ, ସୁଘୋଷ ଦାସ, ସୁରଜିତ ସିଂ, ବିଶ୍ୱଜିତ ସିଂ ଏବଂ ଓଡ଼ିଶା ଆର୍ଚେରୀ ଆସୋସିଏଶନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାଉଣ୍ଡ ରାଉଣ୍ଡ ପାଇଁ ରାହୁଲ ମାଡକାମୀ, ଅନିଲ ହୁଲୁକା, ଭାସ୍କର ଖିଲୋ, ଗାଙ୍ଗୁଲି ଗୁଡ଼ିଆ ମନୋନୀତ ହୋଇଛନ୍ତି। ସେହିପରି ରିକର୍ଭ ରାଉଣ୍ଡ ପାଇଁ ପୁରୁଷ ବିଭାଗ ଲାଗି ସୁରେଶ ଓ୍ୱିକା, କେଶବ ବାନାରା, ସଞ୍ଜୟ ଦୁରୁଆ, ସୋମନାଥ ହେମ୍ବ୍ରମ ଏବଂ ମହିଳା ବିଭାଗରେ ମୋମିତା ଓରାମ ଓ ମାନେଶ୍ୱରୀ ହାଁସଦା ଚୟନ ହୋଇଛନ୍ତି। ଆଗାମୀ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ପ୍ରତିଯୋଗୀଙ୍କୁ ୧୦ ଦିନ କୋଚିଂ ଦେବାର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ରିକର୍ଭ ଦଳ ୧୯ରେ ଏବଂ କମ୍ପାଉଣ୍ଡ ଦଳ ୨୨ ତାରିଖରେ ଅମରାବତି ଅଭିମୁଖେ ଯାତ୍ରା କରିବେ।

**ହିରୋ ଫୁଟସାଲ କ୍ଲବ ଚାମ୍ପିୟନଶିପ୍**

# ସେମିରେ ମଙ୍ଗଳା କ୍ଲବ

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି): ନୂଆଦିଲ୍ଲୀରେ ଚାଲିଥିବା ହିରୋ ଫୁଟସାଲ କ୍ଲବ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି କଟକର ମଙ୍ଗଳା କ୍ଲବ। ବୁଧବାର ଅନୁଷ୍ଠିତ ମ୍ୟାଚରେ ମଙ୍ଗଳା କ୍ଲବ ୬-୪ ଗୋଲରେ ମିଜୋରାମର କ୍ଲାସିକ୍ ଏଫ୍‌ସିକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମଙ୍ଗଳା କ୍ଲବ ପକ୍ଷରୁ ବବୁଲ ରାଉତ ୩ଟି, ଦୀନବନ୍ଧୁ ଦାସ ୨ଟି ଏବଂ ବାପୁନି ବିନ୍ଧାଣି ଗୋଟିଏ ଗୋଲ ଦେଇଥିଲେ। ମଙ୍ଗଳା କ୍ଲବ ଏହାର ପ୍ରଥମ ମ୍ୟାଚରେ ୧୮-୩ ଗୋଲରେ ରିୟଲ କଶ୍ମୀର ଦଳକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଦୀନବନ୍ଧୁ ଦାସ ଏକାକୀ ୯ଟି ଓ ବବୁଲ ରାଉତ ୫ଟି ଗୋଲ ଦେଇଥିଲେ। ସେମି ଫାଇନାଲରେ ମଙ୍ଗଳା କ୍ଲବ ଦିଲ୍ଲୀ ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ ୧୨ ତାରିଖରେ ଖେଳାଯିବ।

# ପିତୃତୁଲ୍ୟ ଥିଲେ କୋଚ୍ ତାରକ ସିହ୍ନା

ଗୌତମ ଗମ୍ଭୀର

ଜଣାଶୁଣା କ୍ରିକେଟ କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ତାରକ ସିହ୍ନା ଗତ ଶନିବାର ୭୧ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସେ କର୍କଟ ରୋଗ ସହ ସଂଘର୍ଷ କରିଆସୁଥିଲେ। ଦିଲ୍ଲୀସ୍ଥିତ ତାଙ୍କ କ୍ରିକେଟ କ୍ଲବ ସୋନେଟ କ୍ଲବରେ ସେ ଏକାଧିକ ଦିଲ୍ଲୀ ତଥା ଭାରତୀୟ କ୍ରିକେଟରଙ୍କ ଉନ୍ନତି ଦେଖିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଏକାଧିକ କ୍ରିକେଟର ଯଶ ଓ ନାମ ଅର୍ଜନ କରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ରିଷଭ ପନ୍ତ। ପୂର୍ବରୁ ଏହି କ୍ଲବରେ ଆଶିଷ ନେହରା, ଆକାଶ ଚୋପ୍ରା, ସ୍ୱର୍ଗତ ରମଣ ଲାମ୍ବା, ଭାରତୀୟ ମହିଳା ଦଳ ଅଧିନାୟିକା ଅଞ୍ଜୁମ ଚୋପ୍ରା, ଅତୁଲ ଓ୍ୱାସନ, ସଞ୍ଜୀବ ଶର୍ମାଙ୍କ ଭଳି ନାମୀ କ୍ରିକେଟର ସୃଷ୍ଟି ହୋଇଛନ୍ତି। ଦିଲ୍ଲୀର ଜଣେ କ୍ରିକେଟର ହିସାବରେ ସୋନେଟ କ୍ଲବ ସହିତ ମୋର ବହୁବାର ସଂଘର୍ଷ ହୋଇଛି। ସିହ୍ନାଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀର ଦଳ ବେଶ୍ ଶକ୍ତିଶାଳୀ ଥିଲା ଓ ଚାମ୍ପିୟନ ଦଳ ଭାବେ ଉଭା ହୋଇଥିଲା। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ଖେଳାଳିମାନେ ନାମିଆ ମ୍ୟାଚ୍ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ସିହ୍ନାଙ୍କ ଦିବଂଗତ ଆତ୍ମାକୁ ଖେଳାଳିମାନେ ସ୍ୱତନ୍ତ୍ର ରୂପେ ଏହି ଭାବେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କେବଳ ଜଣେ କୋଚ୍ ନ ଥିଲେ, ସେ ପିତୃତୁଲ୍ୟ ବ୍ୟକ୍ତି ଥିଲେ ବୋଲି ତାଙ୍କ ଶିଷ୍ୟମାନେ କୁହନ୍ତି। ନେହେରା ଓ ଆକାଙ୍କ ଭଳି କ୍ରିକେଟର ମଧ୍ୟ ତାଙ୍କୁ ବହୁତ ଭଲ ପାଆନ୍ତି ଓ ସମର୍ଥନ କରିଛନ୍ତି। ନେହେରା ତାଙ୍କର ବହୁତ କିଛି କରିଛନ୍ତି ବୋଲି ଜାଣିଛି। ତେବେ ସେ ଏହାକୁ ଗୁପ୍ତ ରଖିବାକୁ ପ୍ରୟାସ କରିଆସିଛନ୍ତି। ତାଙ୍କର ଏହି ପ୍ରାଇଭେସିକୁ ସମ୍ମାନ ଜଣାଉଛି ଓ ଏ ନେଇ ଅଧିକ କିଛି ସୂଚନା ଦେବାକୁ ଚାହୁନାହିଁ। କିନ୍ତୁ ବ୍ୟକ୍ତିଗତ ଭାବେ ନେହେରା ଏ ନେଇ ଅନ୍ୟ ଯୁବ ଖେଳାଳିମାନଙ୍କୁ ଜଣାଇଲେ ସେମାନେ ଏଥିରୁ ଅନୁପ୍ରାଣିତ ହୁଅନ୍ତେ। ଆଧୁନିକ କ୍ରିକେଟରେ ଜଣେ କ୍ରିକେଟର ମୂଳ ଆଧାରକୁ ମନେରଖିବା ଓ ସମ୍ମାନ କରିବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ କଥା। ଏବେ ଅଧିକ ଅର୍ଥ ଉପାର୍ଜନର ସୁଯୋଗ ରହିଛି। ଖେଳାଳିମାନେ ଲକ୍ଷ୍ୟଚ୍ୟୁତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରିସ୍ଥଳେ କୋଚ୍ ଓ କେତେଜଣ ହାତଗଣତି ବନ୍ଧୁଙ୍କ ମଧ୍ୟରେ ଜଣେ କ୍ରିକେଟରଙ୍କ ସମ୍ପର୍କ ବେଶ୍ ଗୁରୁତ୍ୱବହନ କରେ। କୋଚ୍ ଭାବେ ତାରକ ସିହ୍ନା ମଧ୍ୟ ସବୁ କ୍ରିକେଟରଙ୍କ ସହ ବିଶେଷ ଭାବେ ସମ୍ପର୍କ ରକ୍ଷା କରୁଥିଲେ ଓ ତାଙ୍କୁ ସମସ୍ତେ ସମ୍ମାନ ଜଣାଉଥିଲେ। କ୍ରିକେଟ ଦୃଢ ହେବାକୁ ହେଲେ ନୈତିକତାକୁ ଆହୁରି ଗୁରୁତ୍ୱ ଦେବାକୁ ହେବ ବୋଲି ତାଙ୍କଠାରୁ ଶିକ୍ଷା କରାଯାଇପାରିବ। କ୍ରିକେଟ, ଫେୟାରପ୍ଲେ, ସମ୍ପର୍କ ଉପରେ ଆଲୋଚନା କରିବାକୁ ହେଲେ ନ୍ୟୁଜିଲାଣ୍ଡ କ୍ରିକେଟର ବ୍ରେଣ୍ଡନ ମ୍ୟାକକୁଲମଙ୍କ ସହ ଏକ ବର୍ତ୍ତାଳାପ ମୋର ମନେପଡୁଛି। ଆଇପିଏଲ ଫେୟାରପ୍ଲେ ପୁରସ୍କାର ଓ ତାଙ୍କର ପ୍ରାସଙ୍ଗିକତାକୁ ନେଇ ଆମର ଆଲୋଚନା ହୋଇଥିଲା। ଯଦି ଅନ୍ତର୍ଜାତୀୟ କ୍ରିକେଟରେ ଏଭଳି ପୁରସ୍କାର ପ୍ରଦାନ କରାଯାଏ ତା'ହେଲେ ନ୍ୟୁଜିଲାଣ୍ଡର କ୍ରିକେଟରମାନେ ଏହି ପୁରସ୍କାର କ୍ରମାଗତ ଭାବେ ଜିତିବାର ସୌଭାଗ୍ୟ ଅର୍ଜନ କରନ୍ତେ। ମ୍ୟାକକୁଲମ ସ୍ମିତହାସ୍ୟ ସହ ଏହି ପ୍ରଶଂସାକୁ ସ୍ୱୀକାର କରି ଧନ୍ୟବାଦ ଜଣାଇଥିଲେ। ଆମେ ସବୁବେଳେ ଏହି ପୁରସ୍କାର ଜିତିବାରେ ସଫଳ ହୋଇଥାନ୍ତୁ। ନ୍ୟୁଜିଲାଣ୍ଡ ଦଳ ଓ କ୍ରିକେଟରମାନଙ୍କୁ ଆମେ ସବୁବେଳେ ଭଲ ପାଇଥାଉ। ସେମାନଙ୍କର ବ୍ୟକ୍ତିତ୍ୱ ଅତି ଆକର୍ଷଣୀୟ ଓ ସୁନ୍ଦର ମଧ୍ୟ। ୨୦୧୯ ବିଶ୍ୱକପ ଫାଇନାଲରେ ପରାସ୍ତ ହେବା ପରେ ନ୍ୟୁଜିଲାଣ୍ଡ କ୍ରିକେଟରମାନେ ଯେପରି ଖେଳଓ୍ୱାଡ ମନୋଭାବ ପ୍ରଦର୍ଶନ କରିଥିଲେ ତାହା ଦୃଷ୍ଟାନ୍ତମୂଳକ ଓ ଗ୍ରହଣୀୟ ଥିଲା।

(ଦୀନେଶ ଚୋପ୍ରା/ ଗେମ୍‌ପ୍ଲାନ)

OFFICIAL SPONSOR
ICC MEN'S T20 WORLD CUP 2021
SEAGRAM'S ROYAL STAG
PACKAGED DRINKING WATER
#InItToWinIt

# ନଗେଶ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଜାତୀୟ ଦୃଷ୍ଟିହୀନ କ୍ରିକେଟ**

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୭ରୁ ୨୫ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ନଗେଶ ଟ୍ରଫି ପାଇଁ ଓଡ଼ିଶା ଅନ୍ୟତମ ଟାଇଟଲ ଦାବିଦାର। ଏହି ଦଳରେ ୬ ଜଣ ଅନ୍ତର୍ଜାତୀୟ ଖେଳାଳି ରହିଛନ୍ତି। ତେଣୁ ଗତବର୍ଷ ରନର୍ସଅପ୍ ହୋଇଥିବା ଓଡ଼ିଶା ଏଥର ଟାଇଟଲ ପାଇଁ ଖେଳିବ ବୋଲି ସଂଘର ସମ୍ପାଦକ ଜାଫର ଇକବାଲ ପ୍ରକାଶ କରିଛନ୍ତି। ଦଳ ଘୋଷଣା ଅବସରରେ ଅଧିକାର ମାଇକ୍ରୋ ଫାଇନାନ୍ସ ସଭାପତି ନୁରୁଦ୍ଦିନ ଅମିନ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେଉଥିବା ଦଳଗୁଡ଼ିକୁ ୪ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ' ଓ 'ବି' ଏଲିଟ ଏବଂ 'ସି' ଓ 'ଡି' ପ୍ଲେଟ୍ ଗ୍ରୁପ୍। ଗ୍ରୁପ୍ 'ଏ' ଓ 'ବି'ରୁ ୬ଟି ଏବଂ 'ସି' ଓ 'ଡି'ରୁ ୨ଟି ଦଳ ଏହିପରି ମୋଟ ୮ଟି ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଓଡ଼ିଶା ଏଲିଟ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ୧୭ରେ ତାମିଲନାଡୁ, ୧୮ରେ ଝାଡ଼ଖଣ୍ଡ, ୧୯ରେ ଦିଲ୍ଲୀ, ୨୦ରେ ଉତ୍ତର ପ୍ରଦେଶ ଏବଂ ୨୧ରେ ହରିୟାଣା ବିପକ୍ଷରେ ଖେଳିବ। କ୍ୱାର୍ଟର ଫାଇନାଲ ୨୩ରେ ଏବଂ ସେମିଫାଇନାଲ ୨୪ ତାରିଖରେ ଅନୁଷ୍ଠିତ ହେବ। ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଫାଇନାଲ ୨୫ ତାରିଖରେ ଖେଳାଯିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳର ଟ୍ରେନିଂ କ୍ୟାମ୍ପ ହାଇ-ଟେକ୍ କଲେଜ ପଡ଼ିଆରେ ଅନୁଷ୍ଠିତ ହେଉଛି। **ଓଡ଼ିଶା ଦଳ:** ଜାଫର ଇକବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼ା, ଦେବରାଜ ବେହେରା, ଅନିଲ ମଲିକ, ଆକାଶ ରାଉତ, ସିଙ୍ଗରାଜ ମାଝି, ନକୁଳ ବଡ଼ନାୟକ, ଲାଲ ପ୍ରସାଦ ସୋରେନ, ଅର୍ଜୁନ ଭତ୍ରା, ସୁଖରାମ ମାଝି, ପଙ୍କଜ ଭୁଏ, ଲିଙ୍ଗରାଜ ରାଉତରା, ଧନପତି ଗୌଡ଼। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ସହକାରୀ କୋଚ୍: ଦେବାଶିଷ ଜେନା।


ଜାତୀୟ ନଗେଶ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦୃଷ୍ଟିହୀନ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ସନ୍ଦିପଙ୍କ ନେତୃତ୍ୱରେ ଓଡ଼ିଶା ଦଳ

**ବିସିସିଆଇ ୨୫ ବର୍ଷରୁ କମ୍ ଦିନିକିଆ କ୍ରିକେଟ**

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)


ମୁଖ୍ୟ ଚୟନକର୍ତ୍ତା ପ୍ରଭଞ୍ଜନ ମଲିକ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୨୬ ପର୍ଯ୍ୟନ୍ତ ରାଜକୋଟଠାରେ ୨୫ ବର୍ଷରୁ କମ୍ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ୨୨ ଜଣିଆ ଓଡ଼ିଶା ଦଳ ଘୋଷଣା କରିଛନ୍ତି। ସନ୍ଦିପ ପଟ୍ଟନାୟକ ଦଳର ନେତୃତ୍ୱ ନେବେ। ଓଡ଼ିଶା ଦଳ ଚଳିତ ମାସ ୧୨ ତାରିଖରେ ରାଜକୋଟ ଯିବ। ସେଠାରେ ଦଳ ଏଲିଟ 'ଏ'ରେ ବିଦର୍ଭ, ହାଇଦ୍ରାବାଦ, ଆନ୍ଧ୍ର, ମଧ୍ୟପ୍ରଦେଶ ଓ କର୍ନାଟକ ଆଦି ଦଳ ବିପକ୍ଷରେ ଖେଳିବ। ବିସିସିଆଇର କୋଭିଡ-୧୯ ପ୍ରୋଟୋକଲ ଅନୁସାରେ ଟୁର୍ଣ୍ଣାମେଣ୍ଟ ଖେଳିବା ପୂର୍ବରୁ ଓଡ଼ିଶା ଦଳର ସଦସ୍ୟମାନେ ରାଜକୋଟରେ ନଭେମ୍ବର ୧୨ରୁ ୧୭ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍‌ରେ ରହିବେ। ଦଳରେ ସ୍ଥାନ ପାଇଥିବା ୫ ଖେଳାଳି ନିକଟରେ ଅନୁଷ୍ଠିତ ସୟଦ ମୁସ୍ତାକ ଅଲୀ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ଦଳ: ସନ୍ଦୀପ ପଟ୍ଟନାୟକ (ଅଧିନାୟକ), ସ୍ୱସ୍ତିକ ସାମଲ, ମାରୋଜୁ ପ୍ରଶାନ୍ତ, ଦେବାଶିଷ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ଶୁଭମ୍ ଶତ୍ରୁଜିତ, ଶୁଭଙ୍କର ବିଶ୍ୱାସ, ଜ୍ୟୋତି ରଞ୍ଜନ ବେହେରା, ରଞ୍ଜିତ ପାଇକରାୟ(ଉଇକେଟ କିପର), ଆକାଶ ଚନ୍ଦ୍ର ନାୟକ (ଉଇକେଟ କିପର), ପ୍ରଶାନ୍ତ ରଣା, ଶିବାଶିଷ ସାହୁ, ରାହୁଲ ଚୌଧାରୀ, ମିଳନ ସାମଲ, ସୌରଭ କାନୋଜିଆ, ରାଜ କିଶନ ପଟେଲ, କ୍ରିଷ୍ଣା ପଲେଇ, ସତ୍ୟକାମ ଭରଦ୍ୱାଜ, ଅଂଶୁମାନ ରଥ, ତରଣୀ ଶ', ହର୍ଷିତ ରାଠୋର, ରାଜେଶ ମହାନ୍ତି।

**ଓଡ଼ିଶା ଦଳର କାର୍ଯ୍ୟସୂଚୀ**

- ନଭେମ୍ବର ୨୦: ଓଡ଼ିଶା ବନାମ ବିଦର୍ଭ
- ନଭେମ୍ବର ୨୧: ଓଡ଼ିଶା ବନାମ ହାଇଦ୍ରାବାଦ
- ନଭେମ୍ବର ୨୩: ଓଡ଼ିଶା ବନାମ ଆନ୍ଧ୍ର
- ନଭେମ୍ବର ୨୪: ଓଡ଼ିଶା ବନାମ ମଧ୍ୟପ୍ରଦେଶ
- ନଭେମ୍ବର ୨୬: ଓଡ଼ିଶା ବନାମ କର୍ନାଟକ

# ବିଦାୟୀ ସପୋର୍ଟ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଲେ କୋହଲି

ନୂଆଦିଲ୍ଲୀ, ୧୦।୧୧(ପି.ଟି.)

ଚଳିତ ଟି୨୦ ବିଶ୍ୱକପ୍‌ରେ ଭାରତର ଅଭିଯାନ ଶେଷ ସହ କାର୍ଯ୍ୟକାଳ ପୂରଣ ହୋଇଥିବା ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଧିନାୟକ ବିରାଟ କୋହଲି ଧନ୍ୟବାଦ ଜଣାଇଛନ୍ତି। ଭାରତକୁ ଏକ ଶକ୍ତିଶାଳୀ ଦଳରେ ପରିଣତ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି ସେ କହିଛନ୍ତି। ୟୁଏଇରେ ଚାଲିଥିବା ଆଇସିସି ଟି୨୦ ବିଶ୍ୱକପର ସେମିଫାଇନାଲରେ ପ୍ରବେଶରୁ ଭାରତ ବଞ୍ଚିତ ହେବା ସହ କୋହଲି-ଶାସ୍ତ୍ରୀ ଯୋଡ଼ି ସହିତ ବୋଲିଂ କୋଚ୍ ଭରତ ଅରୁଣ ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ବିଶ୍ୱକପ ପରେ ଟି୨୦ ଅଧିନାୟକ ପଦରୁ ଓହରି ଯିବା ସମ୍ପର୍କରେ ପୂର୍ବରୁ କୋହଲି ଘୋଷଣା କରିଥିଲେ। ଅଷ୍ଟ୍ରେଲିଆରେ ଭାରତ ୨ଟି ଟେଷ୍ଟ ସିରିଜ ଜିତିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେହିପରି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ରହିଥିବାବେଳେ କରୋନା ମହାମାରୀ ପାଇଁ ତାହା ବନ୍ଦ ରହିଛି। ଆସନ୍ତା ବର୍ଷ ଏହା ଶେଷ ହେବ। ''ଅନେକ ସ୍ମୃତି ଏବଂ ସ୍ମରଣୀୟ ଯାତ୍ରାରେ ତୁମମାନଙ୍କ ସହ ସାମିଲ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଭାରତୀୟ କ୍ରିକେଟ ଇତିହାସରେ ତୁମମାନଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ'' ବୋଲି କୋହଲି ନିଜ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି।




# ବୌଦ୍ଧ, କନ୍ଧମାଳରେ ସିନିୟର ଭଲିବଲ ଆଜିଠାରୁ

ଭୁବନେଶ୍ୱର,୧୦।୧୧(କ୍ରୀଡ଼ା ପ୍ରତିନିଧି)

ବୌଦ୍ଧ ଓ କନ୍ଧମାଳ ଜିଲାରେ ୬୯ତମ ରାଜ୍ୟସ୍ତରୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ଓ କିସ୍‌ର ଆର୍ଥିକ ସହାୟତାରେ ଏହି ସମ୍ମାନଜନକ ପ୍ରତିଯୋଗିତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ଭଲିବଲ୍ ଆସୋସିଏଶନ୍ ଏବଂ ବୌଦ୍ଧ-କନ୍ଧମାଳ ଜିଲା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୪ ଦିନଧରି ଅନୁଷ୍ଠିତ ହେବ। ଭାରତୀୟ ଭଲିବଲ୍ ଫେଡେରେଶନର ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୬୮ ବର୍ଷ ପରେ ପ୍ରଥମ ଥର ଲାଗି ବୌଦ୍ଧ-କନ୍ଧମାଳରେ ଏଭଳି ଏକ ବଡ଼ ପ୍ରତିଯୋଗିତା ହେବାକୁ ଯାଉଛି। ପ୍ରଥମ ଆନ୍ତଃକ୍ଲବ ପାରମ୍ପରିକ ଢାଙ୍କା ଭଲିବଲ୍ (ପୁରୁଷ) ପ୍ରତିଯୋଗିତା କନ୍ଧମାଳ ଜିଲାର ଫୁଲବାଣୀ, ଟିକାବାଲି, ବାଲିଗୁଡ଼ା ଓ ରାଇକିଆଠାରେ ଅନୁଷ୍ଠିତ ହେବ। ଅନ୍ୟ ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ବୌଦ୍ଧଠାରେ ଖେଳାଯିବ।

ପ୍ରଥମ ଥର ଲାଗି ଏହି ପ୍ରତିଯୋଗିତାରେ ଚାମ୍ପିୟନ୍, ରନର୍ସଅପ୍ ଓ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ଏଥିରେ ଓଡ଼ିଶାର ୩୦ଟି ଜିଲା ଓ ରାଜ୍ୟର ୬ଟି ୟୁନିଟରୁ ଉଭୟ ମହିଳା ଓ ପୁରୁଷ ବରିଷ୍ଠ ବର୍ଗର ୭୨ଟିମ୍ ଭାଗ ନେଉଥିବା ବେଳେ ୧୫ଶହରୁ ଊର୍ଦ୍ଧ୍ୱ ଖେଳାଳି, ୨ଶହ କୋଚ ଓ ଅଫିସିଆଲ୍ ଯୋଗଦେବେ। ସେହିପରି ଉଭୟ କନ୍ଧମାଳ ଓ ବୌଦ୍ଧ ଜିଲାର ବଛାବଛା ୨୦ଟି ଢାଙ୍କା ଭଲିବଲ୍ ଦଳ ଏହି ଚାମ୍ପିୟନଶିପରେ ଭାଗନେବେ। ୧୧ ତାରିଖ ଉଦଘାଟନୀ ଉତ୍ସବରେ ଓଡ଼ିଶାର ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପଞ୍ଚାୟତିରାଜ, ଆଇନ ତଥା ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, କ୍ରୀଡ଼ା, ଯୁବସେବା ତଥା ଇଲେକ୍ଟ୍ରୋନିକ୍ ଓ ସୂଚନା-ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ, ଜିଲା ପ୍ରଶାସନର ବରିଷ୍ଠ ପଦାଧିକାରୀ ଓ ଜିଲା ଆଥଲେଟିକ୍ ଆସୋସିଏଶନର କର୍ମକର୍ତ୍ତା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀ ୨୮ରୁ ମାର୍ଚ୍ଚ ୧୫ତାରିଖ ଯାଏ କନ୍ଧମାଳ ଜିଲାରେ ହେବାକୁଥିବା ଅନୁରୂପ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ କୋଭିଡ୍ କଟକଣା ଯୋଗୁ ବାତିଲ୍ ହୋଇଥିଲା।


ରାଜ୍ୟସ୍ତରୀୟ ସିନିୟର ଭଲିବଲ ପାଇଁ କୋର୍ଟ ପ୍ରସ୍ତୁତ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ବୋଲଗଡ଼

- ଜାତୀୟ ଶିକ୍ଷା ଦିବସ ପାଳନ, ସମ୍ମିଳନୀ କକ୍ଷ, ପରମାନନ୍ଦ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ଟାୱାରରୁ ଚୋରି କଲାବେଳେ ଧରିଲେ କର୍ମଚାରୀ

**ଯାଁଳା,୧୦।୧୧(ଡି.ଏନ୍.ଏ.):** ରାଜପଥ କଡ଼ରେ ଥିବା ଏକ ବିଦ୍ୟୁତ୍ ଟାୱାରରୁ ଜଣେ ଯୁବକ ବୁଧବାର ଲୁହା ଚ୍ୟାନେଲ ଚୋରି କରୁଥିବା ବେଳେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ କାବୁକରି ଯାଁଳା ଫାଣ୍ଡି ପୋଲିସ ଜିମା ଦେଇଛନ୍ତି। ପୋଲିସ ଚୋରକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରାହ୍ନ ପ୍ରାୟ ୪ଟାରେ ୧୬ ନଂ ଜାତୀୟ ରାଜପଥ ଏକ ଆପାର୍ଟମେଣ୍ଟ ନିକଟରେ ଥିବା ବିଦ୍ୟୁତ୍ ଟାୱାରରେ ଜଣେ ଦୁର୍ବୃତ୍ତ ଚଢି ଲୁହା ଚ୍ୟାନେଲ ଚୋରି କରୁଥିଲା। ତେବେ ଆପାର୍ଟମେଣ୍ଟର ଲୋକ ଦେଖି ଯାଁଳା ବିଦ୍ୟୁତ୍ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଖବରପାଇ ବିଦ୍ୟୁତ୍ କର୍ମଚାରୀ ଓ ଠିକାଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଦୁର୍ବୃତ୍ତ ସେମାନଙ୍କୁ ଦେଖି ବିଲକୁ ଦୌଡ଼ିବା ବେଳେ କର୍ମଚାରୀମାନେ ଗୋଡାଇ ଧରିଥିଲେ। ଖବରପାଇ ପୋଲିସ ପହଞ୍ଚିବା ପରେ ଚୋରକୁ ହସ୍ତାନ୍ତର କରିଥିଲେ। ତେବେ ଦୁର୍ବୃତ୍ତ ଜଣକ ପ୍ରାୟ ୪୦ଟି ଚ୍ୟାନେଲ ବାହାର କରି ଦେଇଥିଲା।

## ଇଣ୍ଡିଆନ୍ ଅଏଲ ଅଧ୍ୟକ୍ଷ ହେଲେ ଓଡ଼ିଆ ପୁଅ ସୁଦୀପ୍ତ

**ଜଟଣୀ,୧୦।୧୧(ଡି.ଏନ୍.ଏ.):** ଇଣ୍ଡିଆନ ଅଏଲ ସଂସ୍ଥାର ଅଧ୍ୟକ୍ଷ ଭାବେ ପ୍ରଥମକରି ଜଣେ ଓଡ଼ିଆ ତଥା ଭାଜପାର ବରିଷ୍ଠ ନେତା ସୁଦୀପ୍ତ ରାୟ ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗରେ ଅଧ୍ୟକ୍ଷ ଭାବେ ୨ଥର ଦାୟିତ୍ୱ ନେଇଥିଲେ। ସେ ସମୟରେ ସେ ରାଜ୍ୟରେ ଚାଷୀମାନଙ୍କ ପ୍ରତି ବିଭିନ୍ନ ଉନ୍ନତମାନର ବିକାଶ କାର୍ଯ୍ୟକୁ ସଫଳ କରିବାରେ ଗୁରୁତ୍ୱ ନିର୍ବାହ କରିଥିଲେ। ଏଥିସହି ଜଟଣୀ ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀଭାବେ ମଧ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବର୍ତ୍ତମାନର ନୂତନ ନିଯୁକ୍ତିକୁ ନେଇ ସୁଦୀପ୍ତ ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ସହିତ ଓଡିଶା ଏବଂ ଓଡିଆଙ୍କ ଗର୍ବ ଏବଂ ଗୌରବକୁ ବଢାଇବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବ୍ରହ୍ମଗିରି,୧୦।୧୧(ଡି.ଏନ୍.ଏ.):** ପୁରୀ ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁର ପଞ୍ଚାୟତ ରାଜବଜାର ଛକରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ପଞ୍ଚାୟତ ସାମନ୍ତରାପୁର ଗ୍ରାମର ସୂର୍ଯ୍ୟନାରାୟଣ ସାହୁ (ସୁର)। ସେ ୪ ଦିନ ତଳେ ନିଖୋଜ ହୋଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୁର ୪ଦିନ ତଳେ ଘରରୁ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ହେଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରେ ପରିବାର ଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ନିଖୋଜ ଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ରାଜାବଜାର ଛକ ନିକଟସ୍ଥ ଏକ ରାସ୍ତାକଡ଼ରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲା।

# ଆଉଥରେ ପୁରସ୍କାର ଚୟନ ଦାବିକଲା ଓଟା

### ଟେଲି ଚଳଚ୍ଚିତ୍ର ପୁରସ୍କାର ବିବାଦ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

'୮ମ ଟେଲି ଚଳଚ୍ଚିତ୍ର' ପୁରସ୍କାର ଘୋଷଣା ବିବାଦ ଦିନକୁ ଦିନ ବଢିବାରେ ଲାଗିଛି। ପୁରସ୍କାର ଚୟନରେ ବ୍ୟାପକ ବିଭ୍ରାଟ ହୋଇଥିବା ଓଡ଼ିଶା ଟେଲି ଆକ୍ଟର୍ସ ଆସୋସିଏଶନ (ଓଟା) ଅଭିଯୋଗ କରିଛି। ବୁଧବାର ଓଟା ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଟେଲି ଚଳଚ୍ଚିତ୍ରରେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରକୁ କିପରି ସାମିଲ କରାଗଲା ସେନେଇ ପ୍ରଶ୍ନ କରାଯାଇଛି। ଟେଲି ଚଳଚ୍ଚିତ୍ର ପାଇଁ ମହାନାଟକ, ଅନାଥର ନାଥ, କଲମ, ଆପଣଙ୍କୁ ମିଛ ମୋତେ ସତ ଏଣ୍ଟ୍ରି ହୋଇଥିଲା। ତେବେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ନିମ୍‌କି ଏବଂ ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ଫୁଲ୍ ଲେଙ୍ଥ (୨ଘଣ୍ଟାରୁ ଊର୍ଦ୍ଧ୍ୱ) ଚଳଚ୍ଚିତ୍ର କାଳିଆ କରୁଛି ଲୀଳା, ରଙ୍ଗିଲା ବୋହୂ, ଝିଅଟା ଅଲଗା ପ୍ରକାର, କ୍ୱାଇଁ ନମ୍ବର୧ ଏଣ୍ଟ୍ରିକୁ କିପରି ଆସିଲା। ସେହିପରି ଧାରାବାହିକ ମଧ୍ୟରେ ସରଗମ୍, କସ୍ତୁରୀ, ମୁଁ ବି ଅର୍ଦ୍ଧାଙ୍ଗିନୀ, ଜୀବନସାଥୀ ଓ ତୋ ପାଇଁ ମୁଁ ମୋ ପାଇଁ ତୁ ପ୍ରତିଯୋଗିତାରେ ଭାଗ ନେଇଥିଲା। ତେବେ ଜୁରିମାନେ ୨୦ଟି ପୁରସ୍କାର ମଧ୍ୟରୁ ୧୨ଟି ପୁରସ୍କାର ପୂର୍ଣ୍ଣାଙ୍ଗ ଫିଚର ଫିଲ୍ମକୁ କେଉଁ ଆଧାରରେ ବାଛିଲେ ବୋଲି ଓଟା ସାଧାରଣ ସମ୍ପାଦକ ନରେନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସଂଶୋଧିତ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ ୨୦୧୩ ଅନୁଯାୟୀ ରିମେକ୍ ହୋଇଥିବା ଧାରାବାହିକ ଏବଂ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ ନାହିଁ। ସେହିପରି ଗୋଟିଏ ଟେଲି ଚଳଚ୍ଚିତ୍ରର ଅବଧି ୪୫ ମିନିଟ ଭିତରେ ରହିବା କଥା। ମାତ୍ର ଏଠାରେ ସେହି ନିୟମକୁ ପାଳନ କରାଯାଇ ନାହିଁ। ଜୁରିମାନେ ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଜାଣି ପାରିଲେନି। ଏହାଦ୍ୱାରା 'ଟେଲି ପୁରସ୍କାର' ସମ୍ପୂର୍ଣ୍ଣ ଭାବେ 'ଚଳଚ୍ଚିତ୍ର ପୁରସ୍କାର'ରେ ପରିଣତ ହୋଇଗଲା। ଅପରପକ୍ଷେ ଚୟନ ପ୍ରଣାଳୀରେ ଅଧ୍ୟକ୍ଷଙ୍କ ସହିତ ଜୁରିରେ ୭ଜଣ ସଦସ୍ୟ ରହିବା କଥା, ମାତ୍ର ଏଥର ଅଧ୍ୟକ୍ଷଙ୍କୁ ମିଶାଇ ମୋଟ୍ ୫ଜଣ ସଦସ୍ୟ ଥିଲେ। ବିଶେଷକରି ଜୁରି ଅଧ୍ୟକ୍ଷ ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରବିନାରାୟଣ ସେନାପତି, ସଦସ୍ୟ ରମାକାନ୍ତ ଦାସ ଓ ଜାମ୍‌ସେଦ୍‌ପୁରରେ ରହୁଥିବା ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀଙ୍କର ଓଡ଼ିଆ ଟେଲିଭିଜନ ସହ କୌଣସି ସମ୍ପର୍କ ନାହିଁ। ତେବେ କେଉଁ ବିଶେଷତ୍ୱରେ ସେମାନଙ୍କୁ ଜୁରିରେ ସାମିଲ କରାଯାଇଛି। ତେଣୁ ଟେଲି ପୁରସ୍କାର ଜୁରି କମିଟିକୁ ବରଖାସ୍ତ କରି ନୂତନ ଜୁରିଙ୍କ ଦ୍ୱାରା ଆଉଥରେ ପୁରସ୍କାର ଚୟନ କରାଯାଉ।

ଏହା ବ୍ୟତୀତ ଚଳିତ ବର୍ଷଠାରୁ ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ବର୍ଷଠାରୁ ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା, ଟେଲିଭିଜନରେ ବିଶେଷଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଜୁରି ଚୟନରେ ଗୁରୁତ୍ୱ ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସମ୍ମିଳନୀରେ ଉପସଭାପତି କୀର୍ତ୍ତି ମହାନ୍ତି, ଜଏଣ୍ଟ ସେକ୍ରେଟାରି ଚିନ୍ତାମଣି ବିଶ୍ୱାଳ, ସଦସ୍ୟ ଗୁଡୁ, ସୁଶୀଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ବୁଧବାର ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ 'ଈଶ୍ୱର ଆମ ସପକ୍ଷରେ' ନାଟକର ଏକ ଦୃଶ୍ୟ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**କୃଷ୍ଣପ୍ରସାଦ,୧୦।୧୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟର ୧୩୫ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ସନାତନ ତରେଇ, କାଶୀନାଥ ଜେନା, କାଳୁଚରଣ ଜେନା ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଆର୍‌ସିସି ସତ୍ୟବ୍ରତ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଲୁଲୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜନ

**କୃଷ୍ଣପ୍ରସାଦ,୧୦।୧୧(ଡି.ଏନ୍.ଏ.)**

ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର(ଲୁଲୁ)ଙ୍କର ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ବୁଧବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକର ଚିଛିଣି ଗ୍ରାମରେ ବୀଣାପାଣି ୟୁଥ କ୍ଲବ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହଣ ହୋଇଛି। ଏଥିରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଭୂମିପୂଜନ କରିଥିଲେ। ଏଥିସହ ସଭାପତି ଅମିନ ଦାସ, ସମ୍ପାଦକ ପୀତାମ୍ବର ବାରିକ, ଲିଙ୍ଗରାଜ ପଲେଇ, ସମ୍ପାଦକ ହିରଣ୍ୟ ଜେନା, କୋଷାଧ୍ୟକ୍ଷ ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସରକାର ଲୋକଙ୍କ ପୈତୃକ ସମ୍ପତ୍ତି ହଡ଼ପ କରିଛନ୍ତି: ସୁର

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ଜଟଣୀ ମ୍ୟୁନିସିପାଲିଟି ଓ ସଂଲଗ୍ନ ୨୭ଟି ଗ୍ରାମର ଅଧିବାସୀଙ୍କ ପୈତୃକ ଘରଡିହ ଓ ଜମିକୁ ରାଜ୍ୟ ସରକାର ବଳପୂର୍ବକ ଛଡାଇ ନେଇ ଜଗନ୍ନାଥଙ୍କ ଜମିରେ ପରିଣତ କରିଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ନିଜର ତ୍ରୁଟି ସଂଶୋଧନ କରି ପ୍ରଭୁ ଜଗନ୍ନାଥଙ୍କ ନାଁରୁ ଜମିକୁ ମୁକୁଳାଇ ପ୍ରକୃତ ଜମି ମାଲିକଙ୍କୁ ୨ମାସ ଭିତରେ ଫେରସ୍ତ କରନ୍ତୁ। ନଚେତ କ୍ଷତିଗ୍ରସ୍ତ ହଜାର ହଜାର ଜଟଣୀବାସୀ ନବୀନ ନିବାସ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରାଉତରାୟ କହିଛନ୍ତି, ରାଜ୍ୟ ସରକାର ତାଙ୍କ ଅଫିସରଙ୍କ ଜରିଆରେ ଜଟଣୀ ଲୋକଙ୍କ ପୈତୃକ ଜମିଜମାକୁ ୨୦୧୨ରୁ ଚକ୍ରାନ୍ତ କରି ଜଗନ୍ନାଥଙ୍କ ଜମିରେ ପରିଣତ କରିଛନ୍ତି। ଜମି ଫେରାଇବା ପାଇଁ ଜଟଣୀ ମ୍ୟୁନିସିପାଲିଟି ସହ ବେଲୁଆଁ, ବାଇରଙ୍ଗ, ନିରଞ୍ଜନପୁର, ବୁଢାପଡ଼ା, ଭଁସର, ହରିରାଜପୁର, କନ୍ଥିଆ, ରଥିପୁର, କୁସୁମାଟି, ଛଣଘର, ଗେଲସୁଆଁ ଓ କୁଦିଆରୀ ଆଦି ଗ୍ରାମର ଲୋକ ୯ ବର୍ଷ ହେବ ନବୀନ ସରକାରଙ୍କୁ ଗୁହାରି କରି ଆସୁଛନ୍ତି। ଏଥିସହ ରାଉତରାୟ ନିଜେ ଓ ଜଟଣୀ ସ୍ଥିତିବାନ ଏଖରାଜତ ମାହାଲ ପରିବର୍ତ୍ତିତ ଜଗନ୍ନାଥ ଜମି କ୍ଷତିଗ୍ରସ୍ତ ମଞ୍ଚ ପକ୍ଷରୁ ବାରମ୍ବାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫–ଟି ସଚିବ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଉନ୍ନୟନ କମିଶନର, ଆଇନ ମନ୍ତ୍ରୀ, ଆଇନ ସଚିବଙ୍କୁ ଅନେକଥର ସାକ୍ଷାତ୍ କରି ସମାଧାନ ପାଇଁ ନିବେଦନ କରାଯାଇଥିଲା। ହେଲେ କିଛି ସୁଫଳ ନ ମିଳିବାରୁ ଶେଷରେ ନବୀନ ନିବାସ ଆଗରେ ଆତ୍ମଦାହ ପାଇଁ ଚେତାବନୀ ଦେବାପରେ ନବୀନ ସରକାର ଘଟଣାର ତୁରନ୍ତ ବିଚାର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିକଟରେ ରାଜ୍ୟ ସଚିବଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ତ୍ରୁଟି ସଂଶୋଧନ କରି ଅସଲ ଜମି ମାଲିକଙ୍କୁ ତାଙ୍କର ଜମି ଫେରାଇ ଦେବାକୁ ସବ୍‌କମିଟି ମାଧ୍ୟମରେ ଏକ ରିଜଲ୍ୟୁଶନ ହୋଇଥିଲା। ହେଲେ ମୁଖ୍ୟ ଶାସନ ସଚିବ ଚଞ୍ଚକତା କରି ସମସ୍ତ କାଗଜପତ୍ର ଉପରେ ପୁନଃବିଚାର ପାଇଁ ପ୍ରଭୁ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ପାଖକୁ ପଠାଇ ଦେଇଛନ୍ତି ବୋଲି ରାଉତରାୟ ପ୍ରଶ୍ନ କରିଛନ୍ତି।

# ପୌରାଞ୍ଚଳ, ଏନ୍‌ଏସି ସଂରକ୍ଷଣ ଚିଠା ବିଜ୍ଞପ୍ତି ଜାରି

**ଖୋର୍ଦ୍ଧା ଅଫିସ,୧୦।୧୧**

ରାଜ୍ୟରେ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା, ଜଟଣୀ ପୌରାଞ୍ଚଳ ଏବଂ ବାଲୁଗାଁ, ବାଣପୁର ଏନ୍‌ଏସିର ୱାର୍ଡ ପୁର୍ନଗଠନ ଓ ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ତାଲିକା ପ୍ରକାଶ କରିଛନ୍ତି। ଏହି ସଂରକ୍ଷିତ ତାଲିକା ପ୍ରକାଶର ୧୦ଦିନ ଭିତରେ ଜନସାଧାରଣ ଆପତ୍ତି ଅଭିଯୋଗ ୧୮ ତାରିଖ ସୁଦ୍ଧା ଜିଲାପାଳଙ୍କୁ ଜଣାଇବେ। ଜିଲାପାଳ ସମସ୍ତ ଆପତ୍ତି ଅଭିଯୋଗର ବିଚାର କରି ନଭେମ୍ବର ୨୯ରେ ସଂରକ୍ଷଣ ତାଲିକା ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବେ। ନଭେମ୍ବର ୨୯ରୁ ଡିସେମ୍ବର ୧୨ତାରିଖ ମଧ୍ୟରେ ଲୋକେ ସିଧାସଳଖ ନଗର ଉନ୍ନୟନ ବିଭାଗକୁ ଜଣାଇବେ। ନଗର ଉନ୍ନୟନ ବିଭାଗ ସମସ୍ତ ଚୂଡ଼ାନ୍ତ ତାଲିକା ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟ ନିର୍ବାଚନ କମିଶନଙ୍କୁ ହସ୍ତାନ୍ତର କରିବେ। ପୌର ସଂସ୍ଥା ଅଧ୍ୟକ୍ଷ ପଦବୀ ନିମନ୍ତେ ସଂରକ୍ଷଣ ତାଲିକା ସିଧାସଳଖ ନଗର ଉନ୍ନୟନ ବିଭାଗ ଜାରି କରିବ।

ଖୋର୍ଦ୍ଧା ପୌରାଞ୍ଚଳରେ ୨୨ଟି ୱାର୍ଡ ରହିଛି। ୧ ନମ୍ବର ୱାର୍ଡ ଅଣସଂରକ୍ଷିତ, ୨ ମହିଳା, ୩ ଅଣସଂରକ୍ଷିତ, ୪ ଏସ୍‌ସି, ୫ ଅଣସଂରକ୍ଷିତ, ୬ ଓ ୭ ପଛୁଆବର୍ଗ, ୮ ପଛୁଆବର୍ଗ (ମହିଳା), ୯ ଏସ୍‌ସି (ମହିଳା), ୧୦ ମହିଳା, ୧୧ ଏସ୍‌ଟି (ମହିଳା), ୧୨ ପଛୁଆବର୍ଗ, ୧୩ ମହିଳା, ୧୪ ଏସ୍‌ସି (ମହିଳା),୧୫ ପଛୁଆବର୍ଗ (ମହିଳା), ୧୬ ଅଣସଂରକ୍ଷିତ, ୧୭ ମହିଳା, ୧୮ ଅଣସଂରକ୍ଷିତ, ୧୯ ମହିଳା, ୨୦ ଅଣସଂରକ୍ଷିତ, ୨୧ ପଛୁଆବର୍ଗ (ମହିଳା) ଏବଂ ୨୨ ନମ୍ବର ୱାର୍ଡ ଅଣସଂରକ୍ଷିତ ରହିଛି। ସେହିପରି ଜଟଣୀ ପୌରାଞ୍ଚଳରେ ୨୩ଟି ୱାର୍ଡ ରହିଛି। ୧ ଓ ୨ନମ୍ବର ୱାର୍ଡ ପଛୁଆବର୍ଗ, ୩ ଏସ୍‌ସି, ୪ ମହିଳା, ୫ ଏସ୍‌ସି, ୬ ପଛୁଆବର୍ଗ, ୭ ଅଣସଂରକ୍ଷିତ, ୮ ପଛୁଆବର୍ଗ (ମହିଳା), ୯ ମହିଳା, ୧୦ ଅଣସଂରକ୍ଷିତ, ୧୧ ଓ ୧୨ ପଛୁଆବର୍ଗ(ମହିଳା), ୧୩ ଅଣସଂରକ୍ଷିତ, ୧୪ ଏସ୍‌ଟି, ୧୫ ଅଣସଂରକ୍ଷିତ, ୧୬, ୧୭ ଓ ୧୮ ମହିଳା, ୨୦ ଏସ୍‌ଟି (ମହିଳା), ୨୧ ଅଣସଂରକ୍ଷିତ, ୨୨ ମହିଳା ଏବଂ ୨୩ ନମ୍ବର ୱାର୍ଡ ଏସ୍‌ସି(ମହିଳା)ଙ୍କ ଲାଗି ସଂରକ୍ଷିତ ରହିଛି। ଏହି ସଂରକ୍ଷଣ ତାଲିକାକୁ ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ବିରୋଧ କରିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଶାସକ ଦଳକୁ ସୁହାଇଲା ଭଳି ଏହି ତାଲିକା ହୋଇଥିବା ସେ କହିଛନ୍ତି। ବାଲୁଗାଁ ଏନ୍‌ଏସିରେ ୧୧ଟି ୱାର୍ଡ ରହିଛି। ୧ନମ୍ବର ୱାର୍ଡ ଏସ୍‌ସି, ୨ ଅଣସଂରକ୍ଷିତ, ୩ ଏସ୍‌ସି(ମହିଳା),୪ ପଛୁଆବର୍ଗ(ମହିଳା), ୫ ଅଣସଂରକ୍ଷିତ, ୬ ମହିଳା, ୭ପଛୁଆବର୍ଗ, ୮ ଏସ୍‌ଟି(ମହିଳା), ୯ ମହିଳା, ୧୦ ଅଣସଂରକ୍ଷିତ ଏବଂ ୧୧ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବାଣପୁର ଏନ୍‌ଏସିରେ ୧୫ଟି ୱାର୍ଡ ରହିଛି। ୧ନମ୍ବର ୱାର୍ଡ ମହିଳା, ୨ ପଛୁଆବର୍ଗ, ୩ ଅଣସଂରକ୍ଷିତ, ୪ ପଛୁଆବର୍ଗ(ମହିଳା), ୫, ୬ ଓ ୭ ଅଣସଂରକ୍ଷିତ, ୮ ମହିଳା, ୯ ପଛୁଆବର୍ଗ, ୧୦ ଏସ୍‌ସି(ମହିଳା), ୧୧ପଛୁଆବର୍ଗ (ମହିଳା), ୧୨ମହିଳା, ୧୩ ଅଣସଂରକ୍ଷିତ, ୧୪ଏସ୍‌ଟି(ମହିଳା) ଏବଂ ୧୫ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିହାରିକା



@ ସରିତା



@ ଏମ୍‌ଡି ତକରିନ



@ ଶୁଭଙ୍କର



@ ସାର୍ଥକ



@ ମାନସ

# ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ମନ୍ତ୍ର ଦେଲେ ବିଧାୟକ

**ଖୋର୍ଦ୍ଧା ଅଫିସ,୧୦।୧୧**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଖୋର୍ଦ୍ଧା ସାଙ୍ଗଠନିକ ଜିଲାର ନୂତନ କମିଟି ଗଠନ ହୋଇଛି। ଏଥିରେ ୩୮ଜଣ ଉପସଭାପତି, ୩୦ଜଣ ସାଧାରଣ ସମ୍ପାଦକ ଏବଂ ୩୬ଜଣ ସାଧାରଣ ସମ୍ପାଦକ ରହିଛନ୍ତି। ବୁଧବାର ଜିଲା ବିଜେଡି କାର୍ଯ୍ୟାଳୟରେ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଶୁଭେଚ୍ଛା ଜଣାଇଛନ୍ତି। ଆୟୋଜିତ ସଭାରେ ବିଧାୟକ ମିତ୍ର ସମସ୍ତଙ୍କୁ ପଞ୍ଚାୟତ ଓ ପୌର ନିର୍ବାଚନ ନିମନ୍ତେ ମନ୍ତ୍ର ଦେଇଛନ୍ତି। ପରସ୍ପର ମଧ୍ୟରେ ସମନ୍ୱୟ ରଖି ଆଗାମୀ ନିର୍ବାଚନରେ ଶତ ପ୍ରତିଶତ ସଫଳତା ହାସଲ ଲାଗି ସେ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶାସକ ଦଳକୁ ତୃଣମୂଳସ୍ତରରେ ସଙ୍ଗଠିତ ତଥା ଦଳରେ ସମସ୍ତ ପୁରୁଣା ଓ ନୂତନ କର୍ମକର୍ତ୍ତାଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ୪ ନିର୍ବାଚନ ମଣ୍ଡଳୀ ଯଥା ଖୋର୍ଦ୍ଧା, ବେଗୁନିଆ, ଚିଲିକା ଏବଂ ଜଟଣୀର କର୍ମୀଙ୍କୁ ବିଭିନ୍ନ ପଦ ପଦବୀରେ ସ୍ଥାନ ଦିଆଯାଇଛି। ପଞ୍ଚାୟତ ନିର୍ବାଚନ ପାଇଁ ଶାସକ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତି ଚାଲିଛି। ପଞ୍ଚାୟତ, ଜୋନ, ବ୍ଲକ ଏବଂ ଜିଲାସ୍ତରୀୟ ବୈଠକ ହେଉଛି। କେଉଁ ପଞ୍ଚାୟତରେ ଦଳର ସ୍ଥିତି କ'ଣ ରହିଛି, ନିର୍ବାଚନୀ ହାୱା କିପରି ରହିଛି, ସେ ନେଇ ଚର୍ଚ୍ଚା ପର୍ଯ୍ୟାଲୋଚନା ଜାରି ରହିଛି। ଛାତ୍ର ଓ ଯୁବ ଏବଂ ମହିଳା କର୍ମୀଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବାକୁ ସୋସିଆଲ ମିଡିଆକୁ ଗୁରୁତ୍ୱ ଦିଆଯାଉଛି।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବୁଧବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟ୍‌ପୂଜା ପାଳନ କରୁଛନ୍ତି।



ବୁଧବାର ଭୁବନେଶ୍ୱର ଶହୀଦନଗର ରୂପାଲି ଛକସ୍ଥିତ ଏକ ମଲ୍ ଉଦ୍‌ଘାଟନ ଅବସରରେ ବଲିଉଡ୍ ଅଭିନେତା ଅଫ୍‌ତାବ୍ ଶିବ୍‌ଦାଶାନୀ (ଡାହାଣ)।



ଖୋର୍ଦ୍ଧା ବିଜେଡି ସାଙ୍ଗଠନିକ ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସହ ଉପସ୍ଥିତ ନବନିଯୁକ୍ତ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ଏନ୍ଏସ୍ଏରେ ଦୁର୍ଦ୍ଧାନ୍ତ ହାତଖଣ୍ଡି ବୁକ୍

**ଖୋର୍ଦ୍ଧା ଅଫିସ,୧୦।୧୧:** ଖୋର୍ଦ୍ଧା ଜିଲାରେ ଆତଙ୍କରାଜ ଚଳାଇଥିବା ଦୁର୍ଦ୍ଧାନ୍ତ ସୁନିଲ କୁମାର ପ୍ରଧାନ ଓରଫ ହାତଖଣ୍ଡିଙ୍କୁ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସ୍ଏ)ରେ ବୁକ୍ କରାଯାଇଛି।



ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସୁପାରିସ କ୍ରମେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବୁଧବାର ଖୋର୍ଦ୍ଧା ସଦର ଥାନା ଅଧୀନ ଦେଉଳଟାଙ୍ଗୀର ହାତଖଣ୍ଡିଙ୍କୁ ଏନ୍ଏସ୍ଏରେ ବୁକ୍ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଖୋର୍ଦ୍ଧା, ସଦର ଓ ଜଙ୍କିଆ ଥାନା ଅଞ୍ଚଳର ବିଭିନ୍ନ ଆପରାଧିକ ମାମଲାରେ ହାତଖଣ୍ଡିଙ୍କ ସମ୍ପୃକ୍ତି ରହିଛି। ତାଙ୍କ ନାଁରେ ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ବିସ୍ଫୋରଣ, ଡକାୟତି, ରାହାଜାନି ଏବଂ ଅପହରଣ ଘଟାଇବା ପ୍ରଭୃତି ୧୧ଟି ଆପରାଧିକ ମାମଲା ରହିଛି। ଗତ ଜୁଲାଇ ୧୧ରେ ଜଙ୍କିଆ ଥାନା ଅଞ୍ଚଳରେ ହାତଖଣ୍ଡି ଓ ତାଙ୍କର ୫ଜଣ ସହଯୋଗୀ ବନ୍ଧୁକ ମୁନରେ ଜଣଙ୍କୁ ଅପହରଣ କରିନେଇ ବଟି ମାଗିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ତାଙ୍କୁ ଜୁଲାଇ ୨୪ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହାତଖଣ୍ଡିଙ୍କ ଆତଙ୍କରାଜ ଯୋଗୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଏହି ଦୃଷ୍ଟିରୁ ତାଙ୍କୁ ଏନ୍ଏସ୍ଏରେ ବୁକ୍ କରିବା ଲାଗି ଜିଲାପାଳଙ୍କୁ ଏସ୍ପି ଦୋରା ସୁପାରିସ କରିଥିଲେ।

### ମାଣିକାଗୋଡ଼ାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବୋଲଗଡ଼,୧୦।୧୧(ଡି.ଏନ୍.ଏ.):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବୋଲଗଡ଼ ବ୍ଲକ ଦଳେଇସାହି ପଞ୍ଚାୟତର ମାଣିକାଗୋଡାସ୍ଥ ଗଦାଧର ଏକାଡେମୀରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଏହି ପଞ୍ଚାୟତର ୧୨୦ଜଣ ଦିବ୍ୟାଙ୍ଗଙ୍କ ସମେତ ନୂତନ ଭାବେ ପଞ୍ଜୀକରଣ କରାଇଥିବା ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ, ବଧିର ଓ ଶାରୀରିକ ଭିନ୍ନକ୍ଷମମାନଙ୍କୁ ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷାନିରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଆୟୋଜକ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଧୋବେଇ ନାୟକ, ଏବିଡିଓ ରତିରଞ୍ଜନ ମିଶ୍ର ଓ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଦିବ୍ୟାଙ୍ଗମାନଙ୍କ ପଞ୍ଜୀକରଣ ଏବଂ ଡାକ୍ତର ଯୋଗାଯୋଗ କାର୍ଯ୍ୟ ସମ୍ପାଦନ କରିଥିଲେ। ଦଳେଇସାହି ସରପଞ୍ଚ ତାଜର ଅଲ୍ଲୀ ଖାଁ ଏବଂ ଜିଆରଏସ ମାନସ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ବିଲ୍ଡର ଗୟାଧର ୫ମ ଥର ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ରାଜଧାନୀରେ ଜମି ଦେବାକୁ କହି ଜଣେ ମହିଳାଙ୍କଠାରୁ ୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଶାରଳା ବିଲ୍ଡର ମାଲିକ ଗୟାଧର ଜେନାଙ୍କୁ ପୁଣି ଗିରଫ କରିଛି। ତେବେ ଏହା ପୂର୍ବରୁ ଗୟାଧର ଏଭଳି ଠକେଇ ମାମଲାରେ ୪ଥର ଜେଲ୍ ଯାଇଛନ୍ତି। ସୂଚନା ଅନୁଯାୟୀ, ଗୟାଧର ଶାରଳା ବିଲଡ଼ର ନାମରେ ଏକ ସଂସ୍ଥା ଖୋଲି ଲୋକଙ୍କୁ ଜମି ଦେବାକୁ କହି ଲକ୍ଷଲକ୍ଷ ଟଙ୍କା ଠକି ନେଉଥିଲେ। କିଛିଦିନ ତଳେ ବିଜୟଲକ୍ଷ୍ମୀ ସ୍ୱାଇଁ ନାମକ ମହିଳାଙ୍କୁ ଭୁବନେଶ୍ୱରରେ ଜମି ଦେବାକୁ କହି ୪ଲକ୍ଷ ଟଙ୍କା ନେଇ ଜମି ଦେଇ ନଥିଲେ।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁଙ୍କୁ ଖୋଜା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କମିଶନରେଟ ପୋଲିସ ଟାର୍ଗେଟରେ ରାଜଧାନୀରେ ଆତଙ୍କ ଖେଳାଇଥିବା କେବିଏନ୍ ଗ୍ୟାଙ୍ଗର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ବୁବୁ ଜେନା। ବୁବୁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋରଦାର ପ୍ରୟାସ ଚଳାଇଛି। ଏଯାବତ୍ ୨୯ ଜଣିଆ କେବିଏନ୍ ଗ୍ୟାଙ୍ଗର ୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦ଜଣ ଫେରାର ଅଛନ୍ତି। ବୁଧବାର ବୁବୁ ରହୁଥିବା ଏୟାରପୋର୍ଟ ଥାନା ପୋଖରୀପୁଟସ୍ଥିତ ଭଡ଼ାଘରେ ପୋଲିସ ଚଢ଼ାଉ କରିଥିଲା। ଭାଇରାଲ୍ ଭିଡିଓରେ ଦେଖାଯାଉଥିବା ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ରଖିଥିବା ସନ୍ଦେହରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଟିମ୍ ବୁବୁଙ୍କ ଘରେ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ବୁବୁ ରହୁଥିବା ଘର ଭିତରେ ଆଲମାରି ଓ ଟ୍ରଙ୍କକୁ ଖୋଲି ପୋଲିସ ଖୋଜାଖୋଜି କରିଥିଲା। ହେଲେ ଯାଞ୍ଚ ସମୟରେ ସେଭଳି କିଛି ମାରଣାସ୍ତ୍ର ପୋଲିସ ହାତରେ ଲାଗି ନାହିଁ। ଅପରପକ୍ଷେ ବୁବୁଙ୍କ ମା' ଗଣମାଧ୍ୟମକୁ କହିଛନ୍ତି, ପୁଅ ଖୁସିରେ ଭିଡିଓ କରିଥିଲା। ହେଲେ ସେ କାହାକୁ ଆକ୍ରମଣ କରେ ନାହିଁ। ବୁବୁଙ୍କ ନାଁରେ ଥାନାରେ ଛୋଟମୋଟ ମାମଲା ରହିଛି। ଗଣ୍ଡଗୋଳ ମାମଲାରେ ବାପା ସବୁବେଳେ ବାରଣ କରନ୍ତି। ଏପରି କି ତାକୁ ତ୍ୟଜ୍ୟପୁତ୍ର କରିଦେବାକୁ ମଧ୍ୟ କୁହନ୍ତି। ବୁବୁ କେଉଁଠି ଅଛି ଆମେ ଜାଣିନୁ। ସେ ଯେଉଁଠି ବି ଥାଉ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମା' ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।



ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନାଙ୍କ ଘରେ ପୋଲିସ ଯାଞ୍ଚ ସମୟରେ ପଡିରହିଥିବା ସାମଗ୍ରୀ।



ବୁବୁଙ୍କ ଫାଇଲ୍ ଫଟୋ।

- ଭଡ଼ାଘରେ ଯାଞ୍ଚ କଲା ପୋଲିସ ଟିମ୍
- ଆତ୍ମସମର୍ପଣ କରିବାକୁ ନିବେଦନ କଲେ ମା'

#### ରିମାଣ୍ଡରେ ଆସିପାରନ୍ତି ଚେଙ୍ଗ, ସନାତନ

କେବିଏନ୍ ଗ୍ୟାଙ୍ଗର ସଦସ୍ୟ ରାଜେଶ ବେହେରା ଓରଫ ଚେଙ୍ଗ ଓ ସନାତନ ବେହେରା ଓରଫ ସନିଆ ପୋଲିସର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଭୁବନେଶ୍ୱର ଏସ୍ଡିଜିଏମ୍ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ। ସେମାନେ ଏବେ ଜେଲରେ ଅଛନ୍ତି। ଚେଙ୍ଗ ଗ୍ୟାଙ୍ଗ ମୁଖ୍ୟ କୁହାଯାଉଥିବା ବୁବୁଙ୍କ ଡାହାଣ ହାତ ହୋଇଥିବାରୁ ସେ କେବିଏନ୍ ଗ୍ୟାଙ୍ଗର ସମସ୍ତ ଭିତିରି କଥା ଜାଣିଥିବେ। ହୁଏତ ସେ ବୁବୁଙ୍କ ଠିକଣା ଜାଣିଥିବେ ବୋଲି ପୋଲିସ ସନ୍ଦେହ କରୁଛି। ମାରଣାସ୍ତ୍ର କେଉଁଠୁ ଆସୁଥିଲା, ଗ୍ୟାଙ୍ଗ ପଛରେ ଆଉ କାହାର ସମ୍ପୃକ୍ତି ଅଛି, ବୁବୁ ସମେତ ୨୦ ଜଣ ଗ୍ୟାଙ୍ଗ ସଦସ୍ୟ କେଉଁଠାରେ ଅଛନ୍ତି ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ତେଣୁ ଚେଙ୍ଗ ଓ ସନାତନଙ୍କୁ ରିମାଣ୍ଡରେ ଅଣାଯାଇ ଏସବୁ ତଥ୍ୟ ହାସଲ ପାଇଁ ଚଷ୍ଟା କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି।

#### ଭାଇରାଲ ହେଉଛି ନୂଆ ଭିଡିଓ

ଦିନକୁ ଦିନ କେବିଏନ୍ ଗ୍ୟାଙ୍ଗର ନୂଆ ନୂଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ଗ୍ୟାଙ୍ଗର ସଦସ୍ୟମାନେ ଏକାଠି ନିଶା ସେବନ କରୁଥିବାବେଳେ ଭିଡିଓ ଶୁଟ୍ କରି ସୋସିଆଲ୍ ମିଡିଆରେ ଛାଡୁଛନ୍ତି। ସଦସ୍ୟମାନେ ବନ୍ଧୁକ ଦେଖାଇବା ସହ କାର୍‌ରେ ବୁଲାବୁଲି କରୁଥିବା ଦେଖାଯାଉଛି। ପ୍ରତି ଭିଡିଓରେ ଆତଙ୍କ ସୃଷ୍ଟି କଲାଭଳି ଚିତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ଅପରପକ୍ଷରେ ଏଭଳି ଭିଡିଓ ଦେଖି ଭୟଭୀତ ନ ହେବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।



### ବ୍ଲକସ୍ତରୀୟ ବାଲ୍ୟବିବାହ ବିରୋଧୀ ଟାସ୍କଫୋର୍ସ ବୈଠକ

**ବାଲୁଗାଁ,୧୦।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଚିଲିକା ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ତଥା ବାଲ୍ୟବିବାହ ବିରୋଧୀ ଟାସ୍କଫୋର୍ସର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚିଲିକା ବିଡିଓ ସୁଷମା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଯୋଗଦେଇ ବ୍ଲକ ତଥା ପଞ୍ଚାୟତ ସ୍ତରରେ ଶିଶୁ ଅଧିକାର ଓ ସୁରକ୍ଷା ନିମନ୍ତେ କମିଟିର ଗୁରୁଦାୟିତ୍ୱ ନେଇ ଆଲୋକପାତ କରିଥିଲେ। ଏଥିରେ ତାଲିମଦାତା ଭାବେ ରାଜ୍ୟ ମହିଳା କମିଶନର ସଭ୍ୟା ସ୍ନେହାଞ୍ଜଳି ମହାନ୍ତି, ଚିଲିକା ବ୍ଲକ ମହିଳା ମିଶନ ଶକ୍ତି ସଂଗଠନ ସଭାପତି ସନ୍ତୋଷୀ ବିଶ୍ୱାଳ, ସମ୍ପାଦିକା ସୁଜାତା ପଣ୍ଡାଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଚିଲିକା ବ୍ଲକରେ ଶିଶୁ ଅଧିକାର ସୁରକ୍ଷା ଏବଂ ବାଲ୍ୟବିବାହ ଭଳି ଏକ ନିକୃଷ୍ଟ ପରମ୍ପରାକୁ ସମାଜରୁ କିପରି ଉଚ୍ଛେଦ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ରଞ୍ଜନ ଗୋଚ୍ଛାୟତ ସହଯୋଗ କରିଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୧୮୦ଜଣଙ୍କ ପଞ୍ଜୀକରଣ

**ନିରାକାରପୁର,୧୦।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶାରୀରିକ ବିକଳାଙ୍ଗ ୧୧୨ଜଣ, ଶ୍ରବଣ ବାଧିତ ୨୮, ମାନସିକ ବିକାରଗ୍ରସ୍ତ ୧୬, ଦୃଷ୍ଟିହୀନ ୨୪ ମୋଟ ୧୮୦ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିବା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇଥିଲେ। ସରପଞ୍ଚ ହୃଷିକେଶ ରାଉତରାୟ, ଯୋଗାଣ ସହାୟକ-ପ୍ରଶାନ୍ତ ପଟ୍ଟନାୟକ, ଜିଆର୍ଏସ୍ ସୁବାସଚନ୍ଦ୍ର ଚମ୍ପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଶରଥି ପ୍ରତିହାରୀ, ଜିଆର୍ଏସ୍-ସ୍ୱାଗତିକା ପାହାପାସିଂହ, ଲେଣ୍ଡୋ ଯୋଗାଣ ସହାୟକ-ସମୀର ସାହୁ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଉମେଶ ମହାପାତ୍ର ପ୍ରମୁଖ ପଞ୍ଚାୟତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଏନ୍ଡିଆର୍ସି ସ୍କୁଲ ହେଲା ସ୍ମାର୍ଟ ସ୍କୁଲ

**ଜଟଣୀ,୧୦।୧୧(ଡି.ଏନ୍.ଏ.)**

#### ପୌଷ୍ୟ ଭାବେ ଗ୍ରହଣ କଲେ ଉପଜିଲାପାଳ

ଜଟଣୀ ପୌରାଞ୍ଚଳ ରେତଙ୍ଗ କଲୋନୀସ୍ଥିତ ଏନ୍ଡିଆରସି ସ୍କୁଲ ସ୍ମାର୍ଟ ସ୍କୁଲରେ ପରିଣତ ହୋଇଛି। ପୌରାଞ୍ଚଳର ଦ୍ୱିତୀୟ ସ୍ମାର୍ଟ ସ୍କୁଲ ଭାବେ ବୁଧବାର ଉଦ୍‌ଘାଟିତ ହୋଇଛି। ମୋ ସ୍କୁଲ ଅଭିଯାନ ପରିପ୍ରେକ୍ଷୀରେ ଜଟଣୀ ଏନ୍ଡିଆର୍ସି ସ୍କୁଲର ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଉପଜିଲାପାଳ ମନୋଜ କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହରଞ୍ଜିତା ମିଶ୍ରଙ୍କ ସଭାପତିତ୍ୱରେ ଅତିଥିମାନେ ସ୍କୁଲ ପରିସରରେ ନୂତନ ଭାବେ ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟ ଖେଳପଡିଆ, ଇ-ଲାଇବ୍ରେରି ସହିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ପାଢ଼ୀ ଉକ୍ତ ସ୍କୁଲକୁ ପୌଷ୍ୟଭାବେ ଗ୍ରହଣ କରିଥିଲେ। ଏଥିସହ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ଭୂମିକା ସୁସ୍ଥ ସମାଜ ଗଠନ କରିବାରେ ବେଶ ମହତ୍ତ୍ୱ ବହନ କରିଥାଏ ବୋଲି କହିଥିଲେ। ଉତ୍ସବରେ ବିଡିଓ ସରୋଜ କୁମାର ରାଉତ, ତହସିଲଦାର ତପନ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ଭାବେ ବରିଷ୍ଠ ଖବରଦାତା ଅର୍ଦ୍ଧେନ୍ଦୁ ଦାସ, ଶ୍ରୀକାନ୍ତ ପ୍ରଧାନଙ୍କ ସହିତ ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ସହିତ ବର୍ତ୍ତମାନ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳାକୁ ଉଦ୍‌ଘାଟନ ଅବସରରେ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

## କରୋନା ସଚେତନତା ଶିବିର

**କୃଷ୍ଣପ୍ରସାଦ,୧୦।୧୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ପଣସପଦା ପଞ୍ଚାୟତର ଗୋଲା ଗ୍ରାମରେ ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟ, ସିଆରା ସଂଗଠନର ମିଳିତ ଆନୁକୂଲ୍ୟରେ କରୋନା ସଚେତନତା କରାଯାଇଥିଲା। ଏପରିକି ଜାତିପ୍ରଥା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନତା କରାଯାଇ ବଳରାମ ଦାଶଙ୍କ ରଚିତ ଲକ୍ଷ୍ମୀପୁରାଣ ବହି ପ୍ରଦାନ କରାଯାଇଥିଲା। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀର ୫୦ଜଣ ମହିଳାଙ୍କୁ ମାସ୍କ ଏବଂ ସାନିଟାଇଜର ବଣ୍ଟନ କରାଯାଇଛି। ପରେ ଅଭାବୀ ରୋଗଗ୍ରସ୍ତ ଥିବା ଫକୀର ଚନ୍ଦ୍ର ଦାସ ଓ ଶୁଭାସିନୀ ଦାସଙ୍କ ପରିବାରକୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ମୁଖ୍ୟ ସହଯୋଗୀ ଅନୁଷ୍ଠାନର ସଭାପତି ସତ୍ୟରଞ୍ଜନ ମିଶ୍ର, ପ୍ରତିଷ୍ଠାତା ଆଶିଷ ସ୍ୱାଇଁ, ଦକ୍ଷ ସଂଗଠକ ଓ ସାମାଜିକ କର୍ମୀ ସୁମନ୍ତ ପ୍ରଧାନ, ଗଦାଧର ପ୍ରଧାନ, ରଞ୍ଜନ ପ୍ରଧାନ, ବୀରେନ ପ୍ରଧାନ, ଯୁବରାଜ ପ୍ରଧାନ, ମନୋଜ ପ୍ରଧାନ, ଅବିନାଶ ପ୍ରଧାନ, ସୌରଭ ପ୍ରଧାନ ପ୍ରମୁଖ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ମୃତ ଶିକ୍ଷକଙ୍କ ପରିବାରକୁ ବିଜେଡି ନେତ୍ରୀଙ୍କ ସହାୟତା

**ନିରାକାରପୁର,୧୦।୧୧(ଡି.ଏନ୍.ଏ.)**

ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣେ ଶିକ୍ଷକଙ୍କ ପରିବାରକୁ ବୁଧବାର ଜଣେ ବିଜେଡି ନେତ୍ରୀ ସହାୟତାର ହାତ ବଢ଼ାଇଛନ୍ତି। ଗତ ମାସ ୩୧ ତାରିଖରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଶିକ୍ଷକ ବିଜୟ ପଟ୍ଟନାୟକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସେ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ଅକାଳ ମୃତ୍ୟୁ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଖବରପାଇ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଶିକ୍ଷକ ବିଜୟଙ୍କ ପରିବାରଙ୍କୁ କିଛି ଅର୍ଥରାଶି ପ୍ରଦାନ କରିଛନ୍ତି। ପ୍ରଫୁଲ୍ଲ ଜେନା, ରବୀନ୍ଦ୍ର ରାଉତରାୟ, ରାଧାମୋହନ ସାହୁ, ସଞ୍ଜୟ ଦାଶ, ଦିଲୀପ ମହତରାୟ, ଉପମ ମହାନ୍ତି, ସମୀର ମହାନ୍ତି, ସୁଜିତ ଦାସ ଓ ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହାତେଇବାକୁ ଅଣ୍ଟା ଭିଡ଼ିଲେଣି ଆଶାୟୀ

### ଖୋର୍ଦ୍ଧା ପୌରାଧ୍ୟକ୍ଷ ପଦବୀ

**ଖୋର୍ଦ୍ଧାଅଫିସ,୧୦।୧୧**

ଆଗାମୀ ପୌର ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ଦୀର୍ଘ ଦିନ ପରେ ମହାନଗର ନିଗମ ସମେତ ସମସ୍ତ ସହରାଞ୍ଚଳରେ ନିର୍ବାଚନ ହେବ। ଫଳରେ କର୍ପୋରେଟର ଓ କାଉନସିଲର ଆଶାୟୀଙ୍କ ସଂଖ୍ୟା ବଢିଲାଣି। ପ୍ରତ୍ୟକ୍ଷ ଭୋଟ ହେବାକୁ ଥିବାରୁ ପୌର ନିର୍ବାଚନ ନେଇ ଉଷ୍ମତା ବଢିଲାଣି। ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ମହାନଗର ନିଗମ ସମେତ ଜଟଣୀ ଓ ଖୋର୍ଦ୍ଧା ପୌରାଞ୍ଚଳ ଏବଂ ବାଣପୁର ଓ ବାଲୁଗାଁ ଏନ୍ଏସି ପାଇଁ ନିର୍ବାଚନ ହେବ।

୨୨ଟି ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌରାଞ୍ଚଳ ଅଧ୍ୟକ୍ଷ ପଦବୀ ନେଇ ବିଜେଡି, କଂଗ୍ରେସ ଏବଂ ଭାଜପା ମଧ୍ୟରେ ଟକ୍କର ହେବ। ରାଜଧାନୀ ଭୁବନେଶ୍ୱର ଜିଲା ହୋଇଥିବାରୁ ଖୋର୍ଦ୍ଧା ପୌରାଞ୍ଚଳ ଅଧ୍ୟକ୍ଷ ପଦବୀ ଗୁରୁତ୍ୱପୂର୍ଣ୍ଣ। ଏହି ପଦବୀ କେଉଁ ବର୍ଗ ପାଇଁ ସଂରକ୍ଷିତ ରହିବ, ସେନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲେ ମଧ୍ୟ ଆଶାୟୀଙ୍କ ଲମ୍ବା ଧାଡ଼ି ଲାଗିଲାଣି। ତିନି ପ୍ରମୁଖ ଦଳ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଗଲାଣି। ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେବ, କିଏ କଟିବ, ସେନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ବହୁ ନୂଆ ଓ ପୁରୁଣା ନେତା ଆଶାୟୀ ରହିଥିବା ଜଣାପଡିଛି। ବିଶେଷତଃ ଶାସକ ଦଳରେ ଆଶାୟୀଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ରହିଥିବା ବେଳେ ସଂରକ୍ଷଣ ଉପରେ ସମସ୍ତଙ୍କ ନଜର ରହିଛି।

ଖୋର୍ଦ୍ଧା ପୌରାଧ୍ୟକ୍ଷ ପଦବୀ ଉପରେ ବେଗୁନିଆ ଓ ଖୋର୍ଦ୍ଧା ବିଧାୟକଙ୍କ ନଜର ରହିଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହଧର୍ମିଣୀ ସଞ୍ଜୁକ୍ତା ସାହୁ ପୂର୍ବରୁ ୨ଥର ପୌରାଧ୍ୟକ୍ଷ ଥିଲେ। ଏହି ପଦବୀ ପାଇଁ ପୁଣି ଥରେ ସଞ୍ଜୁକ୍ତା ପୌରାଧ୍ୟକ୍ଷ ପଦବୀ ପାଇଁ ଲଢେଇ କରିବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ପୌରାଧ୍ୟକ୍ଷ ପାଇଁ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ଗୋଟି ଚାଳନାରେ ମାଷ୍ଟର କୁହାଯାଉଥିବା ଜ୍ୟୋତିରୀନ୍ଦ୍ର ନିଜ ଉତ୍ତରାଧିକାରୀ ଭାବେ ପୁତ୍ର ସିଦ୍ଧାର୍ଥଙ୍କୁ ଏହି ଆସନରେ ଛିଡ଼ା କରାଇବା ପାଇଁ ସ୍ଥିର କରିଥିବା ଜଣାପଡିଛି। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପୋଷ୍ଟର ବ୍ୟାନରରେ ବାପା, ପୁଅଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏଥିସହ ବିଧାୟକଙ୍କ ପ୍ରତିନିଧି ଦିଲୀପ ହୋତା, ନିକଟତର ବନ୍ଧୁ ତଥା ପୂର୍ବତନ କାଉନସିଲର ବିଭୂପ୍ରସାଦ ସାହୁ, ନଗର ବିଜେଡି ସଭାପତି ମହମ୍ମଦ ଆରିଫ, ପୂର୍ବତନ କାଉନସିଲର ରିତେଶ ସାହୁ, ରୁପେଶ ବେହେରା ପ୍ରମୁଖ ଦୌଡରେ ରହିଛନ୍ତି। କଂଗ୍ରେସରୁ ନଗର ସଭାପତି ରଣଜିତ ମହାପାତ୍ର ପୌରାଧ୍ୟକ୍ଷ ପଦବୀ ପାଇଁ ଆଶାୟୀ ଥିବା ଜଣାପଡ଼ିଛି। ତେବେ ଭାଜପା ପକ୍ଷରୁ ସେପରି କୌଣସି ନାମ ପଦାକୁ ଆସି ନ ଥିବା ବେଳେ ଭାଜପା ନେତା ଲୋକନାଥ ପ୍ରଧାନ ଦୌଡରେ ରହିଥିବା ଶୁଣିବାକୁ ମିଳୁଛି।

### ବାଲୁଗାଁରେ କାଟୋସ୍ ଜିମ୍ ଉଦ୍‌ଘାଟିତ

**ବାଲୁଗାଁ,୧୦।୧୧(ଡି.ଏନ୍.ଏ.)**

ସାମ୍ପ୍ରତିକ ପରିସ୍ଥିତିରେ ବର୍ତ୍ତମାନ ଯୋଗ ଓ ବ୍ୟାୟାମ ମଣିଷ ସମାଜ ପାଇଁ ଜରୁରୀ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁରେ କାଟୋସ୍ ଜିମ୍‌ର ମୁଖ୍ୟ ଦୀପକ ସାମନ୍ତରାୟଙ୍କ ପ୍ରଚେଷ୍ଟାରେ ନିଉ କାଟୋସ୍ ଜିମ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବାଲୁଗାଁ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ଡ. ମାନସ ମୋହନ ବଳିୟାରସିଂ ଓ ବିଶିଷ୍ଟ ବ୍ୟବସାୟୀ ବିନୋଦ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିମ୍ ମୁଖ୍ୟ ଦୀପକ ଓଡ଼ିଶାର ଖ୍ୟାତନାମା କରାଟେ ଗୁରୁ ସିହାନ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବାବେଳେ ବାଲୁଗାଁରେ କ୍ରୀଡାର ଉନ୍ନତି ପାଇଁ ସର୍ବଦା ଚେଷ୍ଟା ବୋଲି ଦୀପକ କହିଛନ୍ତି। ଏହି ଅନୁଷ୍ଠାନର ପ୍ରଶିକ୍ଷକ ଭାବେ ଅମର ବେହେରା ରହିବେ।




୬ ଦଫା ଦାବି ନେଇ ମିଳିତ ବସ୍ତି ବଞ୍ଚାଓ ଅଭିଯାନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ହଷ୍ଟେଲ ଫି' ହ୍ରାସ ଦାବିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।




ଓଏସ୍ଏସ୍‌ଟିଇଟି ଓ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଥାଳ ଧରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବେକ କାଟି ଲୁଟ୍‌ବେଳେ ଧରାପଡ଼ିଲେ**

ବ୍ରହ୍ମଗିରି,(ଡି.ଏନ୍.ଏ.): ପୁରୀ ସାତପଡ଼ା ଜାତୀୟ ରାଜପଥ କାଠୁଆ ଆରେଡି ଛକରେ ବୁଧବାର ଜଣେ ଯୁବକଙ୍କ ବେକ କାଟି ଚେନ ଛଡ଼ାଇ ନେବାବେଳେ ସ୍ଥାନୀୟ ଲୋକେ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କାଠୁଆଆରେଡି ଗ୍ରାମର କେଦାର ଲେଙ୍କା ଅପରାହ୍ନରେ ଛକରେ ଛିଡାହୋଇଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଆସି କେଦାରଙ୍କ ବେକରୁ ସୁନାଚେନ ଲୁଟ କରିବାକୁ ଉଦ୍ୟମ କରି ଏକ ବ୍ଲେଡରେ ତାଙ୍କର ବେକ କାଟି ଦେଇଥିଲେ। ଦୁର୍ବୃତ୍ତ ସୁନା ଚେନ ନେଇ ଘଟଣାସ୍ଥଳରୁ ଫେରାର ହେଉଥିବା ସମୟରେ ସ୍ଥାନୀୟ ଲୋକେ କାବୁ କରିବା ସହିତ ଉତ୍ତମ ମଧ୍ୟମ ଦେଇଥିଲେ। ଅନ୍ୟପଟେ ଗୁରୁତର ଯୁବକଙ୍କୁ ପ୍ରଥମେ ରେବଣା ନୂଆ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧୧।୨୦୨୧

| | |
|---|---|
| ୭,୮୨,୫୪୧ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

**ପୁରୀ**

- ପୁରୀ ଜିଲା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟରୁ ରାଲିରେ ଆସି ସଡିଏମଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ମଧ୍ୟାହ୍ନ ୧୨ଟା।
- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ୟୁଜସ୍ ଫିଁକୁ ନେଇ ବିକ୍ଷୋଭ, ପୌର କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ବ୍ରହ୍ମଗିରି,୧୦।୧୧(ଡି.ଏନ୍.ଏ.):** ପୁରୀ ସଦର ଥାନା ଅନ୍ତର୍ଗତ କପିଳେଶ୍ୱରପୁର ପଞ୍ଚାୟତ ରାଜବଜାର ଛକରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ପଞ୍ଚାୟତ ସାମନ୍ତରାପୁର ଗ୍ରାମର ସୂର୍ଯ୍ୟନାରାୟଣ ସାହୁ (ସୁର)। ସେ ୪ ଦିନ ତଳେ ନିଖୋଜ ହୋଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସୁର ୪ଦିନ ତଳେ ଘରରୁ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ ହେଁ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ପରେ ପରିବାର ଲୋକ ବହୁ ଖୋଜାଖୋଜି କରି ନ ପାଇବାରୁ ନିଖୋଜ ଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ରାଜାବଜାର ଛକ ନିକଟସ୍ଥ ଏକ ରାସ୍ତାକଡ଼ରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ପରିବାର ଲୋକଙ୍କୁ ଜଣାଇଥିଲା।

## ୪୦ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦେଲା ପୋଲିସ

**ନିମାପଡ଼ା,୧୦।୧୧(ଡି.ଏନ୍.ଏ.):** ପୁରୀ ଜିଲା ପୋଲିସ ପ୍ରଶାସନର ନିର୍ଦ୍ଦେଶକ୍ରମେ ନିମାପଡ଼ା ଥାନାରେ ବୁଧବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ପରିଚୟ ପ୍ରମାଣପତ୍ର ପ୍ରଦାନ ମେଳା ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇଏସ୍‌କେ ଜୁଝାର ସିଂ, ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଆର୍ତ୍ତବନ୍ଧୁ ସେନାପତି ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ଏଥିସହ ସେମାନଙ୍କୁ ସେବା, ସୁରକ୍ଷା ପ୍ରଦାନ, ବରିଷ୍ଠ ନାଗରିକଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ନାଗରିକ ମଞ୍ଚର କୁମୁଦିନୀ ବରାଳ, ନିଶାମଣୀ ଦେଇ, ଦୁଃଖିଦେବୀ, ରାସକୃଷ୍ଣ ମିଶ୍ର, ଆଇନଜୀବୀ ଅଶୋକ ନାୟକ, ଡା.ରବୀନ୍ଦ୍ରନାଥ ଖୁଣ୍ଟିଆ, କୃଷ୍ଣମୋହନ ବେହେରା, ଫକୀରଚରଣ ସାହୁ, ଜୟସୂର୍ଯ୍ୟ ରଥଙ୍କ ସମେତ ମୋଟ ୪୦ଜଣ ବରିଷ୍ଠ ନାଗରିକମାନଙ୍କୁ ଏସ୍‌ଡିପିଓ ମିଶ୍ର ଓ ଆଇଆଇସି ଦଳେଇ ପରିଚୟ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାପୂର୍ବରୁ ଏସ୍‌ପି କନଓ୍ୱର ବିଶାଲ ସିଂ ନିମାପଡ଼ାରେ ୧୭ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଆଉ ଥରେ ପୁରସ୍କାର ଚୟନ ଦାବିକଲା ଓଟା

### ଟେଲି ଚଳଚ୍ଚିତ୍ର ପୁରସ୍କାର ବିବାଦ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

'୮ମ ଟେଲି ଚଳଚ୍ଚିତ୍ର' ପୁରସ୍କାର ଘୋଷଣା ବିବାଦ ଦିନକୁ ଦିନ ବଢିବାରେ ଲାଗିଛି। ପୁରସ୍କାର ଚୟନରେ ବ୍ୟାପକ ବିଭ୍ରାଟ ହୋଇଥିବା ଓଡ଼ିଶା ଟେଲି ଆର୍ଟ୍ସ ଆସୋସିଏଶନ (ଓଟା) ଅଭିଯୋଗ କରିଛି। ବୁଧବାର ଓଟା ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଟେଲି ଚଳଚ୍ଚିତ୍ରରେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରକୁ କିପରି ସାମିଲ କରାଗଲା ସେନେଇ ପ୍ରଶ୍ନ କରାଯାଇଛି। ଟେଲି ଚଳଚ୍ଚିତ୍ର ପାଇଁ ମହାନାଟକ, ଅନାଥର ନାଥ, କଲମ, ଆପଣଙ୍କୁ ମିଛ ମୋତେ ସତ ଏଣ୍ଟ୍ରି ହୋଇଥିଲା। ତେବେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ନିମ୍‌କି ଏବଂ ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ଫୁଲ୍ ଲେନ୍ଥ (୨ଘଣ୍ଟାରୁ ଊର୍ଦ୍ଧ୍ୱ) ଚଳଚ୍ଚିତ୍ର କାଳିଆ କରୁଛି ଲୀଳା, ରଙ୍ଗିଲା ବୋହୂ, ଝିଅଟା ଅଲଗା ପ୍ରକାର, କ୍ୱାଇଁ ନମ୍ବର୧ ଏଣ୍ଟ୍ରିକୁ କିପରି ଆସିଲା। ସେହିପରି ଧାରାବାହିକ ମଧ୍ୟରେ ସରଗମ୍, କସ୍ତୁରୀ, ମୁଁ ବି ଅର୍ଦ୍ଧାଙ୍ଗିନୀ, ଜୀବନସାଥୀ ଓ ତୋ ପାଇଁ ମୁଁ ମୋ ପାଇଁ ତୁ ପ୍ରତିଯୋଗିତାରେ ଭାଗ ନେଇଥିଲା। ତେବେ ଜୁରିମାନେ ୨୦ଟି ପୁରସ୍କାର ମଧ୍ୟରୁ ୧୨ଟି ପୁରସ୍କାର ପୂର୍ଣ୍ଣାଙ୍ଗ ଫିଚର ଫିଲ୍ମକୁ କେଉଁ ଆଧାରରେ ବାଛିଲେ ବୋଲି ଓଟା ସାଧାରଣ ସମ୍ପାଦକ ନରେନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସଂଶୋଧିତ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ ୨୦୧୩ ଅନୁଯାୟୀ ରିମେକ୍ ହୋଇଥିବା ଧାରାବାହିକ ଏବଂ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ ନାହିଁ। ସେହିପରି ଗୋଟିଏ ଟେଲି ଚଳଚ୍ଚିତ୍ରର ଅବଧି ୪୫ ମିନିଟ ଭିତରେ ରହିବା କଥା। ମାତ୍ର ଏଠାରେ ସେହି ନିୟମକୁ ପାଳନ କରାଯାଇ ନାହିଁ। ଜୁରିମାନେ ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଜାଣି ପାରିଲେନି। ଏହାଦ୍ୱାରା 'ଟେଲି ପୁରସ୍କାର' ସମ୍ପୂର୍ଣ୍ଣ ଭାବେ 'ଚଳଚ୍ଚିତ୍ର ପୁରସ୍କାର'ରେ ପରିଣତ ହୋଇଗଲା। ଅପରପକ୍ଷେ ଚୟନ ପ୍ରଣାଳୀରେ ଅଧ୍ୟକ୍ଷଙ୍କ ସହିତ ଜୁରିରେ ୭ଜଣ ସଦସ୍ୟ ରହିବା କଥା, ମାତ୍ର ଏଥର ଅଧ୍ୟକ୍ଷଙ୍କୁ ମିଶାଇ ମୋଟ୍ ୫ଜଣ ସଦସ୍ୟ ଥିଲେ। ବିଶେଷକରି ଜୁରି ଅଧ୍ୟକ୍ଷ ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରବିନାରାୟଣ ସେନାପତି, ସଦସ୍ୟ ରମାକାନ୍ତ ଦାସ ଓ ଜାମ୍‌ସେଦ୍‌ପୁରରେ ରହୁଥିବା ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀଙ୍କର ଓଡ଼ିଆ ଟେଲିଭିଜନ ସହ କୌଣସି ସମ୍ପର୍କ ନାହିଁ। ତେବେ କେଉଁ ବିଶେଷତ୍ୱରେ ସେମାନଙ୍କୁ ଜୁରିରେ ସାମିଲ କରାଯାଇଛି। ତେଣୁ ଟେଲି ପୁରସ୍କାର ଜୁରି କମିଟିକୁ ବରଖାସ୍ତ କରି ନୂତନ ଜୁରିଙ୍କ ଦ୍ୱାରା ଆଉଥରେ ପୁରସ୍କାର ଚୟନ କରାଯାଉ।

ଏହା ବ୍ୟତୀତ ଚଳିତ ବର୍ଷଠାରୁ ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ବର୍ଷଠାରୁ ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା, ଟେଲିଭିଜନରେ ବିଶେଷଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଜୁରି ଚୟନରେ ଗୁରୁତ୍ୱ ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସମ୍ମିଳନୀରେ ଉପସଭାପତି କୀର୍ତ୍ତି ମହାନ୍ତି, ଜଏଣ୍ଟ ସେକ୍ରେଟାରି ଚିନ୍ତାମଣି ବିଶ୍ୱାଳ, ସଦସ୍ୟ ଗୁଡ୍ଡୁ, ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ବୁଧବାର ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ 'ଈଶ୍ୱର ଆମ ସପକ୍ଷରେ' ନାଟକର ଏକ ଦୃଶ୍ୟ।

## ୧୩ରେ ମେଗା ଆଇନ ସଚେତନତା ଶିବିର

**ପୁରୀ ଅଫିସ, ୧୦।୧୧**

ପୁରୀ ଜିଲା ପ୍ରଶାସନ ଓ ଆଇନସେବା ପ୍ରାଧିକରଣ ମିଳିତ ସହଯୋଗରେ ତାଳବଣିଆ ଷ୍ଟାଡିୟମରେ ଆସନ୍ତା ୧୩ତାରିଖରେ ମେଗା ଆଇନ ସଚେତନତା ଶିବିର ହେବ। ଏ ନେଇ ସୋମବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସଚେତନତା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯିବ। ଏହି ଅବସରରେ ଆଇନସେବା ସଂକ୍ରାନ୍ତ ଫଟୋଚିତ୍ର ପ୍ରଦର୍ଶନୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଶିବିରରେ ମୁଖ୍ୟତଃ ଶିଶୁ ଏବଂ ମହିଳାଙ୍କ ଯତ୍ନ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ସହ ସେମାନଙ୍କ ନିମନ୍ତେ ଥିବା ସ୍ୱତନ୍ତ୍ର ଆଇନ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯିବ। ଅକ୍ଟୋବର ୨ରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଡାକସେବକମାନେ ଗାଁ ଗାଁ ବୁଲି ଆଇନ ସେବା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଜିଲା ଶ୍ରମ ଅଧିକାରୀ ଦିଲ୍ଲିପ କୁମାର ପାଣି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପକ୍କା ସଡ଼କ ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ନିମାପଡ଼ା,୧୦।୧୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଚକରୋଡା, ବସନ୍ତପୁର, ବେଗୁନିଆ, କେଉଟଶାଳଦା ସାହି ଏହି ୪ ମୌଜାକୁ ପକ୍କା ରାସ୍ତା ନିର୍ମାଣ ଦାବିରେ ଶତାଧିକ ଗ୍ରାମବାସୀ ବୁଧବାର ଚକରୋଡ଼ା ଛକରେ ରାସ୍ତାରୋକୋ କରିଥିଲେ। ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ରାସ୍ତା ଉପରେ ବସି ପ୍ରଶାସନ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଖବରପାଇ ବିଡିଓ ବସନ୍ତ ମଲ୍ଲିକ, ଚାରିଛକ ଫାଣ୍ଡି ଅଧିକାରୀ ଏଏସ୍‌ଆଇ ଶିଶିର ମହାନ୍ତି ଆନ୍ଦୋଳନସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ରାସ୍ତା ନିର୍ମାଣ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଗ୍ରାମବାସୀ ଆଲୋକ ନାୟକ, ଅଭୟ ନାୟକ, ଅଶୋକ ନାୟକ, ଅଜିତ ନାୟକ, ଅମରେଶ୍ୱର ନାୟକ, ବିଶ୍ୱଜିତ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଚାରିଛକ-ଗୋପ ମୁଖ୍ୟ ରାସ୍ତାରୁ ୪ ମୌଜା ସଂଯୋଗୀକରଣ ରାସ୍ତା ଅବସ୍ଥା ଦୀର୍ଘଦିନ ହେବ ଶୋଚନୀୟ ହୋଇପଡ଼ିଛି। ଫଳରେ ଆଖପାଖ ଗ୍ରାମର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ ପାଇଁ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ମନ୍ତ୍ରୀ, ବିଡିଓ ଓ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଅଭିସନ୍ଧିରୁ ଦୀର୍ଘବର୍ଷ ଧରି ଏହି ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବୁଧବାର ରାସ୍ତାକୁ ଓହ୍ଲାଇଥିଲେ। ରାସ୍ତାରୋକୋ ଦ୍ୱାରା ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିହାରିକା



@ ସରିତା



@ ଏମ୍‌ଡି ତକରିନ



@ ଶୁଭଙ୍କର



@ ସାର୍ଥକ




@ ମାନସ

# ପ୍ରତିଫଳିତ ହେଲା ମହାମାରୀଜନିତ ଭାବାବେଗ

### 'ଈଶ୍ୱର ଆମ ସପକ୍ଷରେ' ମଞ୍ଚସ୍ଥ

**ପୁରୀ ଅଫିସ, ୧୦।୧୧**

ଭୁବନେଶ୍ୱରସ୍ଥିତ ନାଟ୍ୟ ଅନୁଷ୍ଠାନ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ଆନୁକୂଲ୍ୟରେ ବୁଧବାର ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ 'ଈଶ୍ୱର ଆମ ସପକ୍ଷରେ' ମଞ୍ଚସ୍ଥ ହୋଇଛି। ନାଟ୍ୟକାର ପଞ୍ଚାନନ ଦାଶଙ୍କ ରଚିତ ଏବଂ ପ୍ରକାଶ ମହାରଣାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ସାମ୍ପ୍ରତିକ ସମାଜରେ ମହାମାରୀଜନିତ ଗଭୀର ଭାବାବେଗ ପ୍ରତିଫଳିତ ହୋଇଥିଲା। ବିପଦ ପଡ଼ିଲେ ମଣିଷ ଭଗବାନଙ୍କୁ ଡାକେ। କରୋନା ପରି ମହାବିପଦ ପଡ଼ିଲେ ଭଗବାନ ପରିସ୍ଥିତି ପରଖିବା ପାଇଁ ମର୍ତ୍ତ୍ୟମଣ୍ଡଳକୁ ଓହ୍ଲାଇ ଆସନ୍ତି। ମନୁଷ୍ୟ ଯେତେ ପାପ କଲେ ବି ସମସ୍ତ ଜୀବଙ୍କ ମଧ୍ୟରେ ଶ୍ରେଷ୍ଠ। ଆଜି ସେହି ଶ୍ରେଷ୍ଠ ମାନବ ଜାତିର ସ୍ଥିତି ମହାମାରୀ କରୋନା ଯୋଗୁ ଦୋହଲି ଯିବାକୁ ବସିଛି। ଭଗବାନ ନୀରବ ରହିବେ କିପରି? ମହାଭାରତ ଯୁଦ୍ଧର ପରଠାରୁ ଅଧୁନା ଜୀବନ ପ୍ରେକ୍ଷାପଟ୍ଟ ଅଧିକ ସଙ୍ଗିନ, ଭୟଙ୍କର ଓ ସ୍ୱର୍ଶକାତର। ଈଶ୍ୱରଙ୍କ ଦରବାରରେ ତାଙ୍କର ପ୍ରିୟ ମଣିଷ ଜାତି ବିରୋଧରେ ସକଳ ପ୍ରାଣୀଜଗତ, ବୃକ୍ଷଲତା, କୀଟପତଙ୍ଗ ଆଦିଙ୍କର ଘୋର ଅଭିଯୋଗ ମଣିଷ ହିଁ ଏହି ସାରା ପ୍ରାକୃତିକ ସର୍ଜନାର ଶତ୍ରୁ। ମଣିଷର ମୃତ୍ୟୁ ହେଲେ ଯାଇ ପୃଥିବୀ ରକ୍ଷା ହେବ। ପରିବେଶ ଧ୍ୱଂସକାରୀ ହିଂସା ପ୍ରଣୋଦିତ ତଥା ପରମାଣୁ ଅସ୍ତ୍ରରେ ସଜ୍ଜିତ ସ୍ୱାର୍ଥପର ମଣିଷ ତା'ର ଅପକର୍ମ ପାଇଁ ଶାସ୍ତି ପାଇବା ଉଚିତ୍। ତେଣୁ ସମସ୍ତେ କରୋନା ଓ ମଣିଷ ଜାତିର ବିରୋଧରେ ଏକଜୁଟ ହୋଇଛନ୍ତି। ତେବେ ଏପରି ଏକ ସଙ୍କଟମୟ ସ୍ଥିତିରେ ଈଶ୍ୱର କରିବେ କ'ଣ? ସେ ଉଚିତ୍ ନ୍ୟାୟ ପାଇଁ ନିଜେ ବିଷପାନ କରିବେ ନା ପ୍ରାଣୀ ଓ ଉଦ୍ଭିଦ ଜଗତର ଆକୁଳ ନିବେଦନକୁ ଅଗ୍ରାହ୍ୟ କରି ମାନବ ଜାତିକୁ ଏ ମହାମାରୀରୁ ସୁରକ୍ଷା ଦେବେ? ଏପରି ଏକ ପକ୍ଷପାତ ବିଚାର ମଣିଷ ପାଇଁ ପରୋକ୍ଷରେ କ୍ଷତିକାରକ ନୁହେଁ କି? ଉଦ୍‌ଭ୍ରାନ୍ତ ମଣିଷ ପାଇଁ ଈଶ୍ୱରଙ୍କର ଶେଷ ଓ ଚରମ ଚେତାବନୀ କଣ? ଏପରି ଏକ କାହାଣୀଙ୍କୁ ନେଇ ନାଟକ ଈଶ୍ୱର ଆମ ସପକ୍ଷରେ ମଞ୍ଚସ୍ଥ ହୋଇଥିଲା। ନାଟକରେ ସନ୍ତୋଷ କୁମାର ପଟ୍ଟନାୟକ, କରୁଣାକର ସାମଲ, ମାନସ କୁମାର ପରିଡ଼ା, ଜିତେନ୍ଦ୍ର ପଟ୍ଟନାୟକ, ପ୍ରକାଶ ମହାରଣା, ରଘୁନାଥ ବେହେରା, ଯସ୍ମିନ୍ ରାୟ, ଜ୍ୟୋତିରଞ୍ଜନ ରାୟ, ପ୍ରଦୀପ କୁମାର ଦାସ, କେ. ଚନ୍ଦ୍ରଶେଖର ସୁବୁଦ୍ଧି, ତ୍ରିଲୋଚନ ରଥ, ସୁରେନ୍ଦ୍ରନାଥ ଗୌଡ ଏବଂ ନୃତ୍ୟରେ ସୁମିତ୍ରା ଓ ଶୁଭଲକ୍ଷ୍ମୀ ଅଭିନୟ କରିଥିଲେ। ରବି ତ୍ରିପାଠୀ, ବିକ୍ରମ ସାହୁ, ବଳରାମ ତ୍ରିପାଠୀ, ଗୋବିନ୍ଦ ମହାନ୍ତି, ମଧୁସୂଦନ ପୂଜାପଣ୍ଡା, ଦୟାନିଧି ତ୍ରିପାଠୀ, କୃଷ୍ଣଚନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ଜଗଦେବ, ଗଣେଶ୍ୱର ମହାପାତ୍ର, ତୁଳସୀ ଓଝା ଏବଂ ଅନ୍ନପୂର୍ଣ୍ଣାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସତ୍ୟବାଦୀରେ ପୁରୀ ନାମ ପରିବର୍ତ୍ତନ ସ୍ୱର

**ସାକ୍ଷୀଗୋପାଳ,୧୦।୧୧ (ଡି.ଏନ.ଏ/ସ୍ୱ.ପ୍ର)**

### ସଚେତନତା ପାଇଁ ଲାଗିବ ହୋର୍ଡିଂ

ପୁରୀ ନାମ ପରିବର୍ତ୍ତେ ଶ୍ରୀଜଗନ୍ନାଥଧାମ ପୁରୀ କରିବା ନିମନ୍ତେ ଶୁକ୍ରବାର ସତ୍ୟବାଦୀରେ ସ୍ୱର ଉଠିଛି। ଏ ନେଇ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ଏକ ବୈଠକ ବସିଥିଲା। ସୁବାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ମୁରବି, ଆଇନଜୀବୀ, ଖବରଦାତା, ଶିକ୍ଷକ ଓ ବୁଦ୍ଧିଜୀବୀ ସାମିଲ ହୋଇ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ଅଁଳାନବମୀ ସମୟରେ ଏ ନେଇ ସତ୍ୟବାଦୀ ଅଞ୍ଚଳର ବିଭିନ୍ନ ଜାଗାରେ ହୋର୍ଡିଂ ଲଗାଯାଇ ଲୋକମାନଙ୍କୁ ବ୍ୟାପକ ସଚେତନତା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରୀରୁ ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ମଧୁସୂଦନ ମିଶ୍ର, ରାଜେଶ ମହାନ୍ତି, ମନୋଜ ରଥ, ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ଶ୍ୟାମ ପ୍ରକାଶ ସେନାପତିଙ୍କ ସହିତ ସତ୍ୟବାଦୀରୁ ବଦ୍ରିନାରାୟଣ ଖୁଣ୍ଟିଆ, ସତ୍ୟବାଦୀ ଦାସ, ଅମର ଶତପଥୀ, ସୁଶାନ୍ତ ରଥ, ଅଶୋକ ବେହେରା, ପ୍ରଶାନ୍ତ ବାରିକ, ଧୀରେନ୍ଦ୍ର ନାଥ ସେନାପତି, ରାଜକିଶୋର ସେନାପତି, ଭ୍ରମରବର ସ୍ୱାଇଁ, ବିଶ୍ୱମ୍ଭର ମହାପାତ୍ର, ପୂର୍ଣ୍ଣାନନ୍ଦ ତ୍ରିପାଠୀ, ନୀଳକଣ୍ଠ ବାରିକ, ଉପେନ୍ଦ୍ର ବିଶ୍ୱାଳ, ରବି ନାରାୟଣ ଷଡ଼ଙ୍ଗୀ, କିଶୋର ଚନ୍ଦ୍ର ମହାପାତ୍ର ରଶ୍ମି ମହାପାତ୍ର ଓ ପ୍ରଣବ ମହାପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବୁଧବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟପୂଜା ପାଳନ କରୁଛନ୍ତି।



ବୁଧବାର ଭୁବନେଶ୍ୱର ଶହୀଦନଗର ରୂପାଲୀ ଛକସ୍ଥିତ ଏକ ମଲ୍ ଉଦ୍‌ଘାଟନ ଅବସରରେ ବଲିଉଡ୍ ଅଭିନେତା ଅଫ୍‌ତାବ୍ ଶିବ୍‌ଦାଶାନୀ (ଡାହାଣ)।




ଖୋର୍ଦ୍ଧା ବିଜେଡି ସାଙ୍ଗଠନିକ ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସହ ଉପସ୍ଥିତ ନବନିଯୁକ୍ତ କର୍ମକର୍ତ୍ତାମାନେ।

## ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

**ପୁରୀ ଅଫିସ:** ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ସଦାଶିବ ସ୍ୱାଇଁ, ଦାଶରଥି ମହାପାତ୍ର, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଧ୍ରୁବ ଚରଣ ସୁକାରାଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ରାଷ୍ଟ୍ର ବିକାଶରେ ସ୍ୱଦେଶୀର ବ୍ୟବହାର ଆବଶ୍ୟକ

**ପୁରୀ ଅଫିସ,୧୦।୧୧:** ରାଷ୍ଟ୍ର ଋଷି ଦତ୍ତୋପନ୍ତ ଠେଙ୍ଗଡି ଜୀ ଙ୍କ ଜୟନ୍ତୀ ଉପଲକ୍ଷେ ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ତରଫରୁ ବୁଧବାର ଏକ ଆଲୋଚନା ଚକ୍ର ବଡ଼ଦାଣ୍ଡସ୍ଥିତ ଗୋଏଙ୍କା ଧର୍ମଶାଳାରେ ଅନୁଷ୍ଠିତ ହୋଇଛି। ମଞ୍ଚର ନଗର ସଂଯୋଜକ ମନୋଜ କୁମାର ଅଗ୍ରୱାଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ସଙ୍ଘଚାଳକ ମନୋରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ପୁରୀ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ରାଷ୍ଟ୍ରର ବିକାଶରେ ସ୍ୱଦେଶୀର ବ୍ୟବହାର ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଂଘର୍ଷ ବାହିନୀ ପ୍ରମୁଖ ସଚ୍ଚିଦାନନ୍ଦ ଦାଶ ଯୋଗ ଦେଇ ଦେଶର ବିକାଶ ତଥା ଅର୍ଥନୀତିର ସମୃଦ୍ଧି ପାଇଁ ସ୍ୱଦେଶୀର ବ୍ୟବହାର ନିତାନ୍ତ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲେଖକ ସାରଙ୍ଗଧର ଷଡ଼ଙ୍ଗୀ, ବିଶ୍ୱନାଥ ପଣ୍ଡା, ବାମଦେବ ନାୟକ, କମଳିନୀ ମହାପାତ୍ର, ଶୋଭନ ଦାସ, ଉପେନ୍ଦ୍ର ବିଶୋଇ, ଜଗନ୍ନାଥ ଷଡ଼ଙ୍ଗୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅକ୍ଷୟ ଦାସ, ବିଚିତ୍ର ରଞ୍ଜନ ସାହୁ, ସବିତା ବିଶୋଇ, କବିତା ପ୍ରଧାନ, ଜଗନ୍ନାଥ କୁଣ୍ଡୁ, ସୁରେନ୍ଦ୍ର ମହାପାତ୍ର ଏବଂ ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ଯୋଗ ଦଳରେ ଝାଡ଼େଶ୍ୱରୀ କ୍ଲବ୍‌ର ୯

**ପୁରୀ ଅଫିସ,୧୦।୧୧:** ଭୁବନେଶ୍ୱର କିଟ୍ କ୍ୟାମ୍ପସ ପରିସରରେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ପ୍ରତିନିଧିତ୍ୱ କରିବା ଏଥିପାଇଁ ୧୬ ଜଣ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ଝାଡେଶ୍ୱର କ୍ଲବର ୯ ଜଣ ସ୍ଥାନ ପାଇଛନ୍ତି। କନିଷ୍ଠ ବିଭାଗରେ ସୁନିତା ମାଝି, ଦିନେଶ କୁମାର ବେହେରା, ଦିପୁ ଶଙ୍ଖାବର, ଉପକନିଷ୍ଠ ବିଭାଗରେ ସିଞ୍ଜା ଛାଟୋଇ, ସୋନିକା ଦାସ, ଅଲିଭାରାଣୀ ମଲ୍ଲିକ, ଇନକାସି ଛାଟୋଇ, ଏସ୍.ଲଳିତ କୁମାର ରେଡ୍ଡୀ ଏବଂ ରୁଦ୍ର ନାରାୟଣ ମିଶ୍ର ସ୍ଥାନ ପାଇଛନ୍ତି। ଏମାନଙ୍କୁ କ୍ଲବ ସମ୍ପାଦକ ପାର୍ଥ ସାରଥୀ ମହାପାତ୍ର, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ଦାସ, ନାଟ୍ୟ ସମ୍ପାଦକ ନିମେଇ ଦାସ, ଶଙ୍କର ନାରାୟଣ ପ୍ରଧାନ ଏବଂ ବରିଷ୍ଠ କୋଚ ସଞ୍ଜୟ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

### ଚଣ୍ଡେଶ୍ୱରୀ ବିଦ୍ୟାଳୟରେ ଶିଶୁ ସୁରଭି

**ଡେଲାଙ୍ଗ,୧୦।୧୧(ଡି.ଏନ.ଏ):** ଡେଲାଙ୍ଗ ମଣ୍ଡଳର ମାଛପଡା କ୍ଲଷ୍ଟର ପକ୍ଷରୁ ଚଣ୍ଡେଶ୍ୱରୀ ଉପ୍ରା ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଏବିଇଓ ଯୁଧିଷ୍ଠିର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ଶ୍ରୀଧର ପ୍ରଧାନ, ଦିଲୀପ ନାୟକ, ଯାମିନୀକାନ୍ତ ନାୟକ, ଗୋଲଖ ବିହାରୀ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ଅତିଥିମାନେ କହିଥିଲେ। ସୁରଭି କାର୍ଯ୍ୟକ୍ରମରେ ୬ ବିଦ୍ୟାଳୟର ଛାତ୍ରୀଛାତ୍ର ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସଂଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଚାଟୋଇ ମୋତିଲାଲ ରାୟ, ଶିକ୍ଷୟିତ୍ରୀ ସସ୍ମିତା ମହାରଣା, ମମତା ପ୍ରଧାନ, ପ୍ରସାଦିନୀ ପରିଡା, ରିନାରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁଙ୍କୁ ଖୋଜା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କମିଶନରେଟ ପୋଲିସ ଟାର୍ଗେଟରେ ରାଜଧାନୀରେ ଆତଙ୍କ ଖେଳାଇଥିବା କେବିଏନ୍ ଗ୍ୟାଙ୍ଗର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ବୁବୁ ଜେନା। ବୁବୁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋରଦାର ପ୍ରୟାସ ଚଳାଇଛି। ଏଯାବତ୍ ୨୯ ଜଣିଆ କେବିଏନ୍ ଗ୍ୟାଙ୍ଗର ୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦ଜଣ ଫେରାର ଅଛନ୍ତି। ବୁଧବାର ବୁବୁ ରହୁଥିବା ଏୟାରପୋର୍ଟ ଥାନା ପୋଖରୀପୁଟସ୍ଥିତ ଭଡ଼ାଘରେ ପୋଲିସ ଚଢ଼ାଉ କରିଥିଲା। ଭାଇରାଲ୍ ଭିଡିଓରେ ଦେଖାଯାଉଥିବା ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ରଖିଥିବା ସନ୍ଦେହରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଟିମ୍ ବୁବୁଙ୍କ ଘରେ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ବୁବୁ ରହୁଥିବା ଘର ଭିତରେ ଆଲ୍‌ମାରି ଓ ଟ୍ରଙ୍କକୁ ଖୋଲି ପୋଲିସ ଖୋଜାଖୋଜି କରିଥିଲା। ହେଲେ ଯାଞ୍ଚ ସମୟରେ ସେଭଳି କିଛି ମାରଣାସ୍ତ୍ର ପୋଲିସ ହାତରେ ଲାଗି ନାହିଁ। ଅପରପକ୍ଷେ ବୁବୁଙ୍କ ମା' ଗଣମାଧ୍ୟମକୁ କହିଛନ୍ତି, ପୁଅ ଖୁସିରେ ଭିଡିଓ କରିଥିଲା। ହେଲେ ସେ କାହାକୁ ଆକ୍ରମଣ କରେ ନାହିଁ। ବୁବୁଙ୍କ ନାଁରେ ଥାନାରେ ଛୋଟମୋଟ ମାମଲା ରହିଛି। ଗଣ୍ଡଗୋଳ ମାମଲାରେ ବାପା ସବୁବେଳେ ବାରଣ କରନ୍ତି। ଏପରି କି ତାକୁ ତ୍ୟାଜ୍ୟପୁତ୍ର କରିଦେବାକୁ ମଧ୍ୟ କୁହନ୍ତି। ବୁବୁ କେଉଁଠି ଅଛି ଆମେ ଜାଣିନୁ। ସେ ଯେଉଁଠି ବି ଥାଉ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମା' ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।


ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନାଙ୍କ ଘରେ ପୋଲିସ ଯାଞ୍ଚ ସମୟରେ ପଡିରହିଥିବା ସାମଗ୍ରୀ।


ବୁବୁଙ୍କ ଫାଇଲ୍ ଫଟୋ।

■ଭଡ଼ାଘରେ ଯାଞ୍ଚ କଲା ପୋଲିସ ଟିମ୍

■ଆତ୍ମସମର୍ପଣ କରିବାକୁ ନିବେଦନ କଲେ ମା'

### ରିମାଣ୍ଡରେ ଆସିପାରନ୍ତି ଟେଙ୍ଗ, ସନାତନ

କେବିଏନ୍ ଗ୍ୟାଙ୍ଗର ସଦସ୍ୟ ରାଜେଶ ବେହେରା ଓରଫ ଟେଙ୍ଗ ଓ ସନାତନ ବେହେରା ଓରଫ ସନିଆ ପୋଲିସର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ। ସେମାନେ ଏବେ ଜେଲରେ ଅଛନ୍ତି। ଟେଙ୍ଗ ଗ୍ୟାଙ୍ଗ ମୁଖ୍ୟ କୁହାଯାଉଥିବା ବୁବୁଙ୍କ ଡାହାଣ ହାତ ହୋଇଥିବାରୁ ସେ କେବିଏନ୍ ଗ୍ୟାଙ୍ଗର ସମସ୍ତ ଭିତିରି କଥା ଜାଣିଥିବେ। ହୁଏତ ସେ ବୁବୁଙ୍କ ଠିକଣା ଜାଣିଥିବେ ବୋଲି ପୋଲିସ ସନ୍ଦେହ କରୁଛି। ମାରଣାସ୍ତ୍ର କେଉଁଠୁ ଆସୁଥିଲା, ଗ୍ୟାଙ୍ଗ ପଛରେ ଆଉ କାହାର ସମ୍ପୃକ୍ତି ଅଛି, ବୁବୁ ସମେତ ୨୦ ଜଣ ଗ୍ୟାଙ୍ଗ ସଦସ୍ୟ କେଉଁଠାରେ ଅଛନ୍ତି ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ତେଣୁ ଟେଙ୍ଗ ଓ ସନାତନଙ୍କୁ ରିମାଣ୍ଡରେ ଅଣାଯାଇ ଏସବୁ ତଥ୍ୟ ହାସଲ ପାଇଁ ଚଷ୍ଟା କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି।

### ଭାଇରାଲ ହେଉଛି ନୂଆ ଭିଡିଓ



ଦିନକୁ ଦିନ କେବିଏନ୍ ଗ୍ୟାଙ୍ଗର ନୂଆ ନୂଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ଗ୍ୟାଙ୍ଗର ସଦସ୍ୟମାନେ ଏକାଠି ନିଶା ସେବନ କରୁଥିବାବେଳେ ଭିଡିଓ ଶୁଟ୍ କରି ସୋସିଆଲ୍ ମିଡିଆରେ ଛାଡୁଛନ୍ତି। ସଦସ୍ୟମାନେ ବନ୍ଧୁକ ଦେଖାଇବା ସହ କାର୍‌ରେ ବୁଲାବୁଲି କରୁଥିବା ଦେଖାଯାଉଛି। ପ୍ରତି ଭିଡିଓରେ ଆତଙ୍କ ସୃଷ୍ଟି କଲାଭଳି ଚିତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ଅପରପକ୍ଷରେ ଏଭଳି ଭିଡିଓ ଦେଖି ଭୟଭୀତ ନ ହେବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ଆଇନ ସଚେତନତା ଶିବିର

**ପିପିଲି,୧୦।୧୧(ସ୍ୱ.ପ୍ର)**

ପିପିଲି ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅବସରରେ ପିପିଲି ପୌରାଞ୍ଚଳ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲୁକ ଆଇନ ସହାୟତା, ସାକ୍ଷରତା ଓ ସଚେତନତା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପିପିଲି ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ତଥା ପିପିଲି ତାଲୁକ ଲିଗାଲ ସର୍ଭିସ କମିଟିର ଅଧ୍ୟକ୍ଷା ନିବେଦିତା ପଣ୍ଡା ଉକ୍ତ ଶିବିରରେ ଅଧ୍ୟକ୍ଷତା କରିଥିଲେ। ପିପିଲି ବାର୍‌ର ବରିଷ୍ଠ ଆଇନଜୀବୀ ରସାନ୍ତ କିଶୋର ପରିଡ଼ା, ବସନ୍ତ ପରିଡ଼ା, ରସିଦ ଖାନ ପ୍ରମୁଖ ଯୋଗଦେଇଥିଲେ। ଗରିବ, ଅସହାୟ, ନିରାଶ୍ରୟ, ନିଷ୍ପେଷିତ, ଅବହେଳିତ ଓ ନିର୍ଯାତିତା ମହିଳା ଏବଂ ଶିଶୁଙ୍କୁ କିଭଳି ମାଗଣା ଆଇନ ସହାୟତା ମିଳିପାରିବ ସେ ସମ୍ପର୍କରେ ବିଚାରପତି ପଣ୍ଡା ଆଲୋକପାତ କରିଥିଲେ। ଏତଦ୍‌ବ୍ୟତୀତ ପରିବାର ହିଂସା ଓ ପୁରୁଷ ମହିଳା ସମାନତା ଉପରେ ସେ ସଚେତନ କରାଇଥିଲେ। ଶୁଭ୍ରାଲୋକ ଷଡ଼ଙ୍ଗୀ, ବିଭୂତି ଭୂଷଣ ନାୟକ ପ୍ରମୁଖ ଏହି ଶିବିରରେ ସହାୟତା କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ରିଙ୍ଗ୍ ଦ ବେଲ୍ କାର୍ଯ୍ୟକ୍ରମ

**ପିପିଲି,୧୦।୧୧(ସ୍ୱ.ପ୍ର.)**

କ୍ୟାଥୋଲିକ ହେଲ୍‌ଥ ଅସୋସିଏଶନ ଅଫ ଇଣ୍ଡିଆ (ଚାଏ) ସଂସ୍ଥା ଏବଂ 'ବିକାଶ' ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପିପିଲିସ୍ଥିତ ସିଂହବ୍ରହ୍ମପୁର ଉତ୍କଳ ଗୌରବ ବିଦ୍ୟା ନିକେତନ ପରିସରରେ ରିଙ୍ଗ୍ ଦ ବେଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବାଦ୍ୟଯନ୍ତ୍ର ମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପ୍ରବେଶ ପାଇଁ ସ୍ୱାଗତ ଜଣାଇବା ଏବଂ ସେମାନଙ୍କ ମୌଳିକ ଅଧିକାର ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି 'ବିକାଶ' ମୁଖ୍ୟ ସଂଯୋଜିକା ସୁଷମା ଆରୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ। ବିଦ୍ୟାନିକେତନର ୨୫୦ଜଣ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସିଂହବ୍ରହ୍ମପୁର ସରପଞ୍ଚ ଭାଗୀରଥି ପ୍ରଧାନ, ସମିତିସଭ୍ୟ ରୋହିତ ପ୍ରଧାନ, ବିକାଶ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ଆଶୁତୋଷ ହୋତା, 'ବିକାଶ'ର ଏରିଆ ସଂଯୋଜକ ନରେନ୍ଦ୍ର ପ୍ରଧାନ, ଦିପାଳିନ ସ୍ୱାଇଁ, ପୂଜା ବରାଳ, ସୁଭଦ୍ରା ମହାନ୍ତି ଓ ଖବରଦାତା ରାଜକିଶୋର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଯମୁନା ଝାରପଡ଼ାର ୩୨୫ ଏକରରେ ୧୪୪ ଜାରି

**ଡେଲାଙ୍ଗ,୧୦।୧୧(ଡି.ଏନ.ଏ)**

### ବେଆଇନ ପଥର ଖନନକୁ ବିରୋଧ

ଡେଲାଙ୍ଗ ତହସିଲ ପକ୍ଷରୁ ବେଆଇନ ଖଣି ଖନନ ନେଇ ୧୪୪ ଧାରା ଜାରି କରାଯାଇଛି। ଯମୁନା ଝାରପଡ଼ା ମୌଜାର ଅନାବାଦୀ, ଗୋଚର ଓ ଜଙ୍ଗଲକୁ ବେଆଇନ ଭାବେ ଖଣି ମାଫିଆମାନେ ପଥର ଖନନ କରି ଚୋରାରେ ବିକ୍ରୟ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ ଡେଲାଙ୍ଗ ତହସିଲ ପକ୍ଷରୁ ଅନେକଥର ଚଢାଉ କରାଯାଇ ଫାଇନ ଆଦାୟ କରିବା ସହ କଟର ମେଶିନ ଓ ଟ୍ରାକ୍ଟର ଜବତ କରାଯାଇଥିଲା। ତଥାପି ମାଫିଆମାନେ ଏହାକୁ ନ ମାନି ପୁନର୍ବାର ଖଣି ଖୋଳିବାରୁ ଜନଅସନ୍ତୋଷ ଦେଖାଯାଇଥିଲା। ଏଠାରେ ଜଙ୍ଗଲ ଥିବା ପ୍ଲଟକୁ ମାଫିଆମାନେ ଗଛ କାଟି ପଥର ଖନନ କରିବା ପାଇଁ ସମତୁଲ କରିଥିଲେ। ବୁଧବାର ତହସିଲଦାର ନିବେଦିତା ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ରଞ୍ଜନ ନାୟକ, ହରିରାଜପୁର ଆର୍‌ଆଇ ସତ୍ୟବ୍ରତ ମହାପାତ୍ର, ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଢେଙ୍ଗୁରା ଦିଆଯାଇ ନାଲିଧଣ୍ଡି ପୋତାଯାଇ ଆଦେଶପତ୍ର ଲଗାଯାଇଥିଲା। ଖାତା ନମ୍ବର ୬୩୨ର ପ୍ଲଟ ନମ୍ବର ୨୦୪ ,୨୦୬ ଓ ୭୨୨ ଗୋଚର,୨୦୮ ଜଙ୍ଗଲ, ଖାତା ନମ୍ବର୬୩୧ ର ୨୦୫ ଓ ୨୦୭ ର କିସମ ରାସ୍ତା ରହିଛି। ମୋଟ ୩୨୫ ଏକର ଉପରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୪୪ ଜାରି କରାଯାଇଛି। ଏହି ନିୟମକୁ କୌଣସି ବ୍ୟକ୍ତି ଭଙ୍ଗ କଲେ ତାଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ନାୟକ କହିଛନ୍ତି।


କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳାକୁ ଉଦ୍‌ଘାଟନ ଅବସରରେ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

## 'କ୍ଷୀରର ସର୍ବନିମ୍ନ ସହାୟକ ମୂଲ୍ୟ ୫୦ ଟଙ୍କା କରାଯାଉ'

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କ୍ଷୀରର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୫୦ ଟଙ୍କା କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, କରୋନା ପୂର୍ବରୁ ଚୁନି, ଚୋକଡ, କୁଣ୍ଡା ଓ ପିଡ଼ିଆ ଆଦି ଗୋଖାଦ୍ୟର ମୂଲ୍ୟ ଯାହା ଥିଲା, ତାହା କରୋନା ସଂକ୍ରମଣ ପରେ ଦ୍ୱିଗୁଣିତ ହୋଇଛି। କରୋନା ପୂର୍ବରୁ ଦୁଗ୍ଧ ଚାଷୀମାନେ ଗୋଟିଏ ଲିଟର କ୍ଷୀରର ମୂଲ୍ୟ ଯେଉଁ ୨୮ ଟଙ୍କାରୁ ୩୨ ଟଙ୍କା ପାଉଥିଲେ ଏବେ ବି ତାହା ଅପରିବର୍ତ୍ତିତ ରହିଛି। ଏହା ଦୁଗ୍ଧ ଚାଷୀଙ୍କ ପାଇଁ ଅର୍ଥନୈତିକ ଭାବରେ ଆଦୌ ଗ୍ରହଣୀୟ ହୋଇପାରୁ ନାହିଁ। ତେଣୁ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ ଲିଟର ପିଛା ୫୦ ଟଙ୍କା କରାଯାଉ ବୋଲି ବେହେରା କହିଛନ୍ତି।

## ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲା କାର୍ଯ୍ୟକାରୀ କମିଟି ଗଠିତ

**ପୁରୀ ଅଫିସ, ୧୦।୧୧**

ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲା ଶାଖାର ନୂଆ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ଏନେଇ ବୁଧବାର ବଡ଼ଦାଣ୍ଡସ୍ଥିତ ମାଉସୀମା ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟ ମିଶ୍ର ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଭାପତି ଅଶୋକ ନନ୍ଦ ଉପସ୍ଥିତ ଥିଲେ। ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ସର୍ବସମ୍ମତି କ୍ରମେ ବିଜୟ ମିଶ୍ରଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସମ୍ପାଦକ ଭାବେ ସୁଧାଂଶୁ ଶେଖର କର, ଉପସଭାପତି ଭାବେ ବିଶ୍ୱନାଥ ମିଶ୍ର, ସଙ୍ଗଠକ ସମ୍ପାଦକ ଭାବେ ନିରଞ୍ଜନ ମିଶ୍ର, ସହସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦ, ସୁଶାନ୍ତ କୁମାର ସାହୁ ଓ ସଞ୍ଜୟ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ସାଗର ମଦନ ମୋହନ ପ୍ରତିହାରୀ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ସତ୍ୟ ନାରାୟଣ ପଟ୍ଟନାୟକ, ଦିବ୍ୟ ରଞ୍ଜନ ବିଶୋୟୀ ଏବଂ ଅନିମେଶ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂର୍ବତନ ରାଜ୍ୟ ସଭାପତି ସ୍ୱର୍ଗତ ପ୍ରଭାତ ଦାସ ଓ ଜିଲା ସଭାପତି କେଶବ ସେନାପତିଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## 'ଲିଙ୍ଗଭିତ୍ତିକ ଗର୍ଭପାତକୁ ରୋକ'

**ପୁରୀ ଅଫିସ,୧୦।୧୧**

ପ୍ରାକ୍ ଗର୍ଭ ଧାରଣା ପ୍ରାକ୍ ପ୍ରସବ ପରୀକ୍ଷଣ ପଦ୍ଧତି ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ବୁଧବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗର୍ଭଧାରଣା ପୂର୍ବରୁ ଓ ପରେ ଲିଙ୍ଗ ନିରୂପଣ ପଦ୍ଧତିଗୁଡ଼ିକର ବ୍ୟବହାର କରି ଲିଙ୍ଗଭିତ୍ତିକ ଗର୍ଭପାତ କରୁଥିବା ଡାକ୍ତରୀ ସଂସ୍ଥା, କ୍ଲିନିକ୍ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ସମର୍ଥ ବର୍ମା କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୋଗ ଆସିବା କ୍ଷଣି ହିଁ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି। ପୂର୍ବରୁ ନିମାପଡ଼ା ଅଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ସୂଚନା ମିଳିବା ପରେ ହିଁ ତୁରନ୍ତ ପ୍ରସୂତି ବିଭାଗ ଡାକ୍ତର ବାଚସ୍ପତି ଦାଶଙ୍କୁ ଗତ ଜୁନ ମାସରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଗତବର୍ଷ ଜିଲାରେ ଏକ ହଜାର ପୁଅଙ୍କ ତୁଳନାରେ ୯୪୯ ଜଣ ଝିଅ ଜନ୍ମଗ୍ରହଣ କରିଛନ୍ତି। ଲିଙ୍ଗ ଅନୁପାତରେ କମ୍ ରହୁଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଓ ସଂପୃକ୍ତ ଅଞ୍ଚଳରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଆଶାକର୍ମୀ, ଅଙ୍ଗନୱାଡିକର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ମାଧ୍ୟରେ ଅଞ୍ଚଳବାସୀଙ୍କ ମଧ୍ୟରେ ଶିଶୁ କନ୍ୟା ଜନ୍ମକୁ ନେଇ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରାଯିବା ଦରକାର ବୋଲି ଜିଲାପାଳ କହିଛନ୍ତି। ଉକ୍ତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର, ଏଡିଏମ୍‌ଓ ପ୍ରଣବ ପ୍ରକାଶ ଦାଶ, ଦେବୀ ପ୍ରସାଦ ମିଶ୍ର, ରୋଟାରୀ କ୍ଲବ୍‌ର ନାରାୟଣ ଦାଶ, ସାମାଜିକ କର୍ମୀ ସିର୍ଦ୍ଧାର୍ଥ ରାୟ ଏବଂ ଆଇନଜୀବୀ ରମାଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ ମୁଖ୍ୟ ସମସ୍ୟାକୁ ଗୁରୁତ୍ୱ ଦିଆଯିବ

**କଣାସ ୧୦।୧୧ (ସ୍ୱ.ପ୍ର.)**

### ପଞ୍ଚାୟତ ସମିତି ବୈଠକ

କଣାସ ପଞ୍ଚାୟତ ସମିତି ନବମ ବୈଠକ ବୁଧବାର ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପ୍ତିରାଣୀ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସସ୍ମିତା ଭୁଜବଳ, ଜିଲା ପରିଷଦ ସଭ୍ୟା ମିନତୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ପୂର୍ବ ପ୍ରସ୍ତାବ ପଠନ କରାଯାଇ ଗୃହିତ ହୋଇଥିଲା। ବ୍ଲକରେ ପାନୀୟଜଳ ସମସ୍ୟା, ମେଘଜଳ ପ୍ରକଳ୍ପ ପାଇଁ କଂକ୍ରିଟ୍ ରାସ୍ତା ଖୋଳିଥିବାରୁ ବଡ଼ ଖାଲ ସୃଷ୍ଟି ହୋଇ ଯାତାୟାତରେ ଗ୍ରାମବାସୀ ଅସୁବିଧା ସମ୍ମୁଖୀନ ହେଉଥିବା ପାଣ୍ଡିଆକେରା ସରପଞ୍ଚ ଦର୍ଶାଇଥିଲେ। ଫନୀରେ ବାସଗୃହ ହରାଇଥିବା ବହୁଲୋକ ଆଜିସୁଧା କ୍ଷତିପୂରଣ ପାଇ ନ ଥିବା ସିରେଇ ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ କରିଥିଲେ। ବ୍ଲକରେ ୨୧ ଅଙ୍ଗନବାଡି କର୍ମୀ ଓ ୨୨ଟି ସହାୟିକା ପଦବୀ ଖାଲିପଡିଥିବା ଅନେକ ସରପଞ୍ଚ, ସମିତି ସଭ୍ୟ ଅଭିଯୋଗ କରିଥିଲେ। ବହୁ ଲୋକ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପାଇ ନ ଥିବା ଜିଲା ପରିଷଦ ସଭ୍ୟ ନୀଳମଣି ବେହେରା ଅଭିଯୋଗ କରିଥିଲେ। ଦୀର୍ଘଦିନ ହେଲା ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ପଞ୍ଚାୟତକୁ ଦିଆଯାଇ ନ ଥିବା ସିରେଇ ସରପଞ୍ଚ ରାଜକିଶୋର ସମାନ୍ତରାୟ ଅଭିଯୋଗ କରିବାରୁ ବିଡିଓ ସମସ୍ତ ସରପଞ୍ଚଙ୍କୁ ଯିଏ ଅର୍ଥ ପାଇବାର ଅଛି ସେନେଇ ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗ୍ରାମର ମୁଖ୍ୟ ସମସ୍ୟାକୁ ପ୍ରାଥମିକତା ଦିଆଯାଇ ଖୁବଶୀଘ୍ର ସମାଧାନ କରାଯିବ ବୋଲି ବିଡିଓ କହିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଆଚରଣ ବିଧି ଶୀଘ୍ର ଲାଗିଯିବାର ସମ୍ଭାବନା ଥିବାରୁ ତୁରନ୍ତ ଉନ୍ନୟନ କାର୍ଯ୍ୟ କରିବା ପାଇଁ ବିଧାୟକ ସାମନ୍ତରାୟ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଧନ୍ୟବାଦ ଦେଇଥିଲେ।



୬ ଦଫା ଦାବି ନେଇ ମିଳିତ ବସ୍ତି ବଞ୍ଚାଓ ଅଭିଯାନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।


ହଷ୍ଟେଲ ଫି' ହ୍ରାସ ଦାବିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।



ଓଏସ୍‌ଏସ୍‌ଟିଇଟି ଓ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଥାଳ ଧରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଓଡ଼ିଶା ବନ୍ଦକୁ ନେଇ କଂଗ୍ରେସର ପ୍ରସ୍ତୁତି ବୈଠକ**

ଡିଗିରିଆ, (ଡି.ଏନ୍.ଏ.): ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ଉଚିତ ନ୍ୟାୟ ପ୍ରଦାନ ପାଇଁ ଆସନ୍ତା ୧୨ ତାରିଖରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବାକୁ ଡିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ନୂଆସଡ଼କସ୍ଥିତ ମୁଣ୍ଡିପାଗୁଲିଠାରେ ବୁଧବାର ବୈଠକ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମେହେବୁବ ଅହେମ୍ମଦ ଖାଁ, ପୂର୍ବତନ ବ୍ଲକ ସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ସରୋଜ ଦାଶ, ମାନସ ଜେନା, ମନୋରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସଫଳ କରିବାକୁ ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ପରିବାର ଅଦାଲତ ଉଦ୍‌ଘାଟିତ

କଟକ ଅଫିସ,୧୦।୧୧: ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ପରିବାର ଅଦାଲତ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଭର୍ଚୁଆଲରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟ ବିଚାରପତି ବି.ଆର. ଷଡଙ୍ଗୀ, ଆର୍.କେ. ପଟ୍ଟନାୟକ, ଏ.କେ. ମହାପାତ୍ର, ଏସ୍. ପୂଜାହାରୀ, ଅରିନ୍ଦମ ସିଂହ୍ନା, ଏସ୍.କେ. ପାଣିଗ୍ରାହୀ ଓ ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗଦେଇଥିଲେ। ଏଥିରେ ହାଇକୋର୍ଟ ରେଜିଷ୍ଟ୍ରାର ରେଜିଷ୍ଟ୍ରାର(ଭିଜିଲାନ୍ସ) ବିଶ୍ୱଜିତ୍ ମହାନ୍ତି, ଗଜପତି ଜିଲାଜଜ୍ ସତ୍ୟପ୍ରିୟ ମିଶ୍ର, ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି ଜୟରାମ ଶତପଥୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଟଙ୍କା ଲୁଟ୍ ଘଟଣା: ୩ ଗିରଫ

ଚୌଦ୍ୱାର,୧୦।୧୧(ଡି.ଏନ୍.ଏ.)- ହାଇୱା ଚାଳକଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ଚୌଦ୍ୱାର ପୋଲିସ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ନିକିରେଇ ଥାନା ଜଗନ୍ନାଥପୁର ଗ୍ରାମର ଟିଟୁଆ ସେଠୀ, ପ୍ରକାଶ ସେଠୀ ଓ ଚୌଦ୍ୱାର ଅଞ୍ଚଳର ରାଜେନ୍ଦ୍ର ସାହୁ। ପୋଲିସ ସୂଚନାନୁଯାୟୀ, ଗତ ୭ତାରିଖରେ ରାତିରେ ଅଭିଯୁକ୍ତମାନେ ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଚାଳକ ସ୍ଥାନୀୟ କେଦାରେଶ୍ୱର ଅଞ୍ଚଳର ଶିବୁନୀ ବେହେରାଙ୍କଠାରୁ ୫ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୮୧/୨୧) ରୁଜୁ କରିଥିଲା।

### ହାଇକୋର୍ଟ ଓକିଲ ସଂଘର ପୂର୍ବତନ ସଭାପତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ ଅଫିସ,୧୦।୧୧: ହାଇକୋର୍ଟ ଓକିଲ ସଂଘର ପୂର୍ବତନ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବୁଧବାର ସଂଘ ସଭାଗୃହରେ ପାଳିତ ହୋଇଯାଇଛି। ଡ. ଅଶୋକ ମହାପାତ୍ର ସ୍ମୃତି କମିଟି ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ହାଇକୋର୍ଟ ବିଚାରପତି ବି.ଆର୍. ଷଡଙ୍ଗୀ, ଯଶୱନ୍ତ ସିଂ, ଏ.କେ. ମହାପାତ୍ର, ଶଶିକାନ୍ତ ମିଶ୍ର, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ସ୍ମୃତି କମିଟି କାର୍ଯ୍ୟକାରୀ ସଭାପତି ବାସୁଦେବ ପୂଜାରୀ, ବାର୍ କାଉନ୍‌ସିଲ ଅଫ ଇଣ୍ଡିଆର ସଦସ୍ୟ ବି.ପି. ଧଳ, ହାଇକୋର୍ଟ ଓକିଲ ସଂଘ ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଜେ.କେ. ଲେଙ୍କା, ଉପସଭାପତି ଦେବୀପ୍ରସାଦ ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓକିଲ ସଂଘ ସଭାଗୃହରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ର ଉନ୍ମୋଚିତ ହୋଇଥିଲା।

### ଭୋଟର ସଚେତନତା କାର୍ଯ୍ୟକ୍ରମ

କଟକ ସଦର, ୧୦।୧୧(ଡି.ଏନ.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସାରଦା ପ୍ରସନ୍ନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୮ ବର୍ଷ ହୋଇଥିବା ଛାତ୍ରୀଛାତ୍ରମାନେ ଭୋଟର ତାଲିକାରେ ନାମ ଦରଜ କରିବାକୁ ବକ୍ତାମାନେ ଆହ୍ୱାନ ଜଣାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ପ୍ରାଧାପକ ଅଲେଖ ଚନ୍ଦ୍ର ସାହୁ, ବିଜୟ କୁମାର ପଣ୍ଡା, ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଉଥରେ ପୁରସ୍କାର ଚୟନ ଦାବିକଲା ଓଟା

## ଟେଲି ଚଳଚ୍ଚିତ୍ର ପୁରସ୍କାର ବିବାଦ

ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)

'୮ମ ଟେଲି ଚଳଚ୍ଚିତ୍ର' ପୁରସ୍କାର ଘୋଷଣା ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ପୁରସ୍କାର ଚୟନରେ ବ୍ୟାପକ ବିଭ୍ରାଟ ହୋଇଥିବା ଓଡ଼ିଶା ଟେଲି ଆର୍ଟିଷ୍ଟସ ଆସୋସିଏଶନ (ଓଟା) ଅଭିଯୋଗ କରିଛି। ବୁଧବାର ଓଟା ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଟେଲି ଚଳଚ୍ଚିତ୍ରରେ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରକୁ କିପରି ସାମିଲ କରାଗଲା ସେନେଇ ପ୍ରଶ୍ନ କରାଯାଇଛି। ଟେଲି ଚଳଚ୍ଚିତ୍ର ପାଇଁ ମହାନାଟକ, ଅନାଥର ନାଥ, କଲମ, ଆପଣଙ୍କୁ ମିଛ ମୋତେ ସତ ଏଣ୍ଟ୍ରି ହୋଇଥିଲା। ତେବେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ନିମ୍‌କି ଏବଂ ଟେଲିଭିଜନରେ ପ୍ରଦର୍ଶିତ ହୋଇଥିବା ଫୁଲ୍ ଲେନ୍ଥ (୨ଘଣ୍ଟାରୁ ଊର୍ଦ୍ଧ୍ୱ) ଚଳଚ୍ଚିତ୍ର କାଳିଆ କରୁଛି ଲୀଳା, ରଙ୍ଗିଲା ବୋହୂ, ଝିଅଟା ଅଲଗା ପ୍ରକାର, କ୍ୱାଇଁ ନମ୍ବର୧ ଏଣ୍ଟ୍ରିକୁ କିପରି ଆସିଲା। ସେହିପରି ଧାରାବାହିକ ମଧ୍ୟରେ ସରଗମ୍, କସ୍ତୁରୀ, ମୁଁ ବି ଅର୍ଦ୍ଧାଙ୍ଗିନୀ, ଜୀବନସାଥୀ ଓ ତୋ ପାଇଁ ମୁଁ ମୋ ପାଇଁ ତୁ ପ୍ରତିଯୋଗିତାରେ ଭାଗ ନେଇଥିଲା। ତେବେ ଜୁରିମାନେ ୨୦ଟି ପୁରସ୍କାର ମଧ୍ୟରୁ ୧୨ଟି ପୁରସ୍କାର ପୂର୍ଣ୍ଣାଙ୍ଗ ଫିଚର ଫିଲ୍ମକୁ କେଉଁ ଆଧାରରେ ବାଛିଲେ ବୋଲି ଓଟା ସାଧାରଣ ସମ୍ପାଦକ ନରେନ୍ଦ୍ର ପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସଂଶୋଧିତ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ ୨୦୧୩ ଅନୁଯାୟୀ ରିମେକ୍ ହୋଇଥିବା ଧାରାବାହିକ ଏବଂ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବ ନାହିଁ। ସେହିପରି ଗୋଟିଏ ଟେଲି ଚଳଚ୍ଚିତ୍ରର ଅବଧି ୪୫ ମିନିଟ ଭିତରେ ରହିବା କଥା। ମାତ୍ର ଏଠାରେ ସେହି ନିୟମକୁ ପାଳନ କରାଯାଇ ନାହିଁ। ଜୁରିମାନେ ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ର ମଧ୍ୟରେ ଥିବା ପାର୍ଥକ୍ୟ ଜାଣି ପାରିଲେନି। ଏହାଦ୍ୱାରା 'ଟେଲି ପୁରସ୍କାର' ସମ୍ପୂର୍ଣ୍ଣ ଭାବେ 'ଚଳଚ୍ଚିତ୍ର ପୁରସ୍କାର'ରେ ପରିଣତ ହୋଇଗଲା। ଅପରପକ୍ଷେ ଚୟନ ପ୍ରଣାଳୀରେ ଅଧ୍ୟକ୍ଷଙ୍କ ସହିତ ଜୁରିରେ ୭ଜଣ ସଦସ୍ୟ ରହିବା କଥା, ମାତ୍ର ଏଥର ଅଧ୍ୟକ୍ଷଙ୍କୁ ମିଶାଇ ମୋଟ୍ ୫ଜଣ ସଦସ୍ୟ ଥିଲେ। ବିଶେଷକରି ଜୁରି ଅଧ୍ୟକ୍ଷ ଥିବା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରବିନାରାୟଣ ସେନାପତି, ସଦସ୍ୟ ରମାକାନ୍ତ ଦାସ ଓ ଜାମ୍‌ସେଦ୍‌ପୁରରେ ରହୁଥିବା ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀଙ୍କର ଓଡ଼ିଆ ଟେଲିଭିଜନ ସହ କୌଣସି ସମ୍ପର୍କ ନାହିଁ। ତେବେ କେଉଁ ବିଶେଷତ୍ୱରେ ସେମାନଙ୍କୁ ଜୁରିରେ ସାମିଲ କରାଯାଇଛି। ତେଣୁ ଟେଲି ପୁରସ୍କାର ଜୁରି କମିଟିକୁ ବରଖାସ୍ତ କରି ନୂତନ ଜୁରିଙ୍କ ଦ୍ୱାରା ଆଉଥରେ ପୁରସ୍କାର ଚୟନ କରାଯାଉ।

ଏହା ବ୍ୟତୀତ ଚଳିତ ବର୍ଷଠାରୁ ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ବର୍ଷଠାରୁ ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା, ଟେଲିଭିଜନରେ ବିଶେଷଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଜୁରି ଚୟନରେ ଗୁରୁତ୍ୱ ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ସମ୍ମିଳନୀରେ ଉପସଭାପତି କୀର୍ତ୍ତି ମହାନ୍ତି, ଜଏଣ୍ଟ ସେକ୍ରେଟାରି ଚିନ୍ତାମଣି ବିଶ୍ୱାଳ, ସଦସ୍ୟ ଗୁଡ୍ଡୁ, ସୁଶୀଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ବୁଧବାର ପୁରୀ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ 'ଈଶ୍ୱର ଆମ ସପକ୍ଷରେ' ନାଟକର ଏକ ଦୃଶ୍ୟ।

### ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ବଣ୍ଟନ

କଟକ ଅଫିସ, ୧୦।୧୧

ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୮ ନଂ. ୱାର୍ଡ ତଳତେଲେଙ୍ଗା ବଜାରଠାରେ ଷଷ୍ଠ ପର୍ଯ୍ୟାୟରେ ୭୦ରୁ ଊର୍ଦ୍ଧ୍ୱ ପରିବାରକୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମଙ୍ଗଳବାର ମାଗଣାରେ ଗ୍ୟାସ୍ ବଣ୍ଟନ କରାଯାଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାଳୀପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା କ୍ଷିତୀଶ୍ ଜଗତୀ, ଧୀରେନ୍ ସେଠୀ, ମୁକେଶ ଭୂୟାଁ, ଗୌତମ ସିଂ, ରୋସନ ନନ୍ଦୀ, ଏସ୍. ରୁଦ୍ର ଦାସ ଓ ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେକ୍ ପେଟିରେ ନକଲି ବିଦେଶୀ ମଦ ଚାଲାଣ

କଟକ ଅଫିସ,୧୦।୧୧

- ଅବକାରୀ ଅଧିକାରୀ ଗ୍ରାହକ ସାଜି ଧରିଲେ
- ୧୦ ପେଟି ମଦ ଓ ଅଟୋ ଜବତ, ୨ଗିରଫ

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବୁଧବାର ମଧୁସୂଦନ ସେତୁ ନିକଟରେ ଚଢାଉ କରାଯାଇ ୧୦ପେଟି ନକଲି ବିଦେଶୀ ମଦ ସହ ଅଟୋ ଜବତ କରାଯାଇଛି। ଏହି ଘଟଣାରେ ଆଠଗଡ଼ ଅଞ୍ଚଳର ବଦ୍ରିନାରାୟଣ ବାହିନୀପତି ଓ ପ୍ରଭାତ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତମାନେ ନିୟମିତଭାବେ ନକଲି ମଦ ପ୍ରସ୍ତୁତ କରି କଟକ ସହରକୁ ଚାଲାଣ କରୁଥିବା ଅବକାରୀ ଗୋଇନ୍ଦା ବିଭାଗ ଖବର ପାଇଥିଲା। ପରେ ବିଭାଗର ଜଣେ ଅଧିକାରୀ ଗ୍ରାହକ ସାଜିଥିଲେ। ନିଜର ଜଗତ୍‌ପୁରରେ ଏକ ଢାବା ରହିଥିବାରୁ ନକଲି ବିଦେଶୀ ମଦ ଦରକାର ବୋଲି ଦର୍ଶାଇ ୧୦ପେଟି ଅର୍ଡର କରିଥିଲେ। ଦର ଛିଣ୍ଡିବା ପରେ ଅଭିଯୁକ୍ତମାନେ ଆଠଗଡ଼ରୁ ଏକ ଅଟୋରେ କେକ ଭର୍ତ୍ତି ପେଟିରେ ନକଲି ବିଦେଶୀ ମଦ ରଖିଥିଲେ। ଏପଟେ ମଧୁସୂଦନ ସେତୁ ନିକଟରେ ଗୋଇନ୍ଦା ବିଭାଗର ସହକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନେତୃତ୍ୱରେ ଟିମ୍ ଜଗିଥିଲା। ଫୋନ୍‌ରେ ଗାଡି କେଉଁଠି ହୋଇଛି ବୋଲି ପଚାରିବାରୁ ଅଭିଯୁକ୍ତ ମଧୁସୂଦନ ସେତୁ ପାଖାପାଖି ହୋଇଯାଇଥିବା କହିଥିଲେ। ପରେ ଟିମ୍ ସଦସ୍ୟମାନେ ପୂର୍ବାହ୍ନ ସାଢେ ୧୧ଟାବେଳେ ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିବା ସାମଲ ସୂଚନା ଦେଇଛନ୍ତି। ଏହି ଚଢାଉରେ ଏସ୍‌ଆଇ ପୀତାମ୍ବର ମହାପାତ୍ର, ଏଏସ୍‌ଆଇ ନିରଞ୍ଜନ ବେହେରାଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ବୋମାମାଡ଼ ଘଟଣା: ଅନ୍ୟ ଅଭିଯୁକ୍ତ ଗିରଫ

କଣ୍ଟାପଡା,୧୦।୧୧ (ଡି.ଏନ୍.ଏ.)

ବୋମାମାଡ଼ ଘଟଣାରେ ଗୋବିନ୍ଦପୁର ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉରୁଜଙ୍ଗ ଗ୍ରାମର ରାଜା ଓରଫ ସମ୍ବିତ ପଣ୍ଡା(୨୭)। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଗତ ଜୁଲାଇ ୭ତାରିଖ ମଧ୍ୟାହ୍ନରେ ବ୍ରାହ୍ମଣବାଟୀ ଗ୍ରାମର କମଳାକାନ୍ତ ପାତ୍ରଙ୍କ ଘର ଉପରକୁ ଅଭିଯୁକ୍ତମାନେ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୮୩/୨୧) ରୁଜୁ କରିଥିଲା। ଏହି ଘଟଣାରେ ପୂର୍ବରୁ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ନୀହାରିକା



@ ସରିତା



@ ଏମ୍‌ଡି ତକରିନ



@ ଶୁଭଙ୍କର



@ ସାର୍ଥକ



@ ମାନସ

# 'ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ଗଢ଼'

କଟକ ଅଫିସ, ୧୦।୧୧

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ 'ଅଭ୍ୟୁଦୟ-୨୦୨୧' କ୍ୟାମ୍ପସ ପରିସରସ୍ଥିତ ଜୟଶ୍ରୀ ଅଡିଟୋରିୟମ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଧନେଶ୍ୱର ରଥଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶିକ୍ଷାନୁଷ୍ଠାନ ସମୂହ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଅଭିଭାବକଙ୍କୁ ସ୍ୱାଗତ କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏଆଇସିଟିଇର ପୂର୍ବତନ ଚେୟାରମ୍ୟାନ୍ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଯୋଗଦେଇ କହିଥିଲେ, କେବଳ ସାର୍ଟିଫିକେଟ୍ ହାସଲ ଯଥେଷ୍ଟ ନୁହେଁ। ଦକ୍ଷତା ବିକାଶ ଓ ପାରଦର୍ଶିତାକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ଗଢିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଏଆଇସିଟିଇ ନିର୍ଦ୍ଦେଶକ କର୍ଣ୍ଣେଲ ବି. ଭେଙ୍କଟ ଓ ସମ୍ମାନିତ ବକ୍ତା ଭାବେ ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଏବଂ ପ୍ରାଧାପିକା କ୍ରିଷ୍ଣାପ୍ରଦା ଦାସ ଓ ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପାଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଆଲୋକ ରଞ୍ଜନ ବିଶ୍ୱାଳ, ଲୀନା ପଟ୍ଟନାୟକ, ଜୀବନାନନ୍ଦ ମେହେନା, ସଚ୍ଚିକାନ୍ତ ଦାସ, ଦୀପକ ରଞ୍ଜନ ବିଶ୍ୱାଳ, ପ୍ରତାପ ଚନ୍ଦ୍ର ପ୍ରଧାନ, ବିଶ୍ୱଜିତ୍ ଜେନା ଏବଂ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧାପିକା ରୋଜାଲିନ୍ ଦାସ ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଚୌଦ୍ୱାର,୧୦।୧୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ବାପୁଜୀ ପ୍ରାଥମିକ ବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କାଉନ୍‌ସିଲର ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରି ଚକ୍ଷୁ ହସ୍ପିଟାଲର ଡାକ୍ତରମାନେ ଶିବିରରେ ମୋଟ୍ ୧୩୦ଜଣଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ପଦାନ କରିଥିଲେ। ସେଥିମଧ୍ୟରୁ ୨୫ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ କଟକ ରୋଟାରି ହସ୍ପିଟାଲକୁ ନିଆଯାଇଥିଲା। ରାଜେଶ ସ୍ୱାଇଁ, କିଶୋର ମହାନ୍ତି, ରାଜେନ୍ଦ୍ର ପ୍ରଧାନ, ରାଜକିଶୋର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଚାକିରି କରାଇଦେବାକୁ କହି ଠକେଇ, ଯୁବକ ଗିରଫ

କଟକ ଅଫିସ,୧୦।୧୧

ଠକେଇ ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ କିଶନ ନଗର ଥାନା ଅଞ୍ଚଳର ସୌମ୍ୟରଞ୍ଜନ ମିଶ୍ର(୨୯)। ପୋଲିସ ତାଙ୍କଠାରୁ ଗୋଟିଏ କାର, ଗୋଟିଏ ମୋବାଇଲ ଫୋନ ଓ ୩୩,୮୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ମୁତାବକ, ଗତ ଅକ୍ଟୋବର ୨୨ ତାରିଖରେ ମର୍ଚ୍ଚାଣ୍ଟ ନେଭିର ଦ୍ୱିତୀୟ ଶ୍ରେଣୀରେ ଚାକିରି କରାଇଦେବା ସହ ଆମେରିକାର ଭିସା ଯୋଗାଇଦେବାକୁ ନରସିଂହପୁର ଥାନା ସାଗର ଗ୍ରାମର କଳ୍ପନା ସାହୁଙ୍କ ପୁଅ ନିକଟକୁ ସୌମ୍ୟରଞ୍ଜନ ଫୋନ କରିଥିଲେ। ସେହି ମୁତାବକ କଳ୍ପନା ଅଭିଯୁକ୍ତଙ୍କୁ ଅନ୍‌ଲାଇନ୍‌ରେ ୩୩, ୮୦୦ ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଫୋନ ସୁଇଚ୍‌ଅଫ୍ କରିଦେଇଥିଲେ। ଏନେଇ କଳ୍ପନା ଗତ ୮ ତାରିଖରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪୨୪/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ସୌମ୍ୟରଞ୍ଜନ ଜଣେ ପେସାଗତ ଠକ। ସେ ମର୍ଚ୍ଚାଣ୍ଟ ନେଭିର ଜଣେ ଅଧିକାରୀ ବୋଲି ଦର୍ଶାଇ ମିଛ ପ୍ରତିଶ୍ରୁତି ଦେଉଥିଲେ। ପରେ ସରଳ ଲୋକମାନଙ୍କୁ ଚାକିରି ଦେବା ନାଁରେ ଟଙ୍କା ଠକି ନେଉଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା।



ପୁରୀ ନରେନ୍ଦ୍ର ପୁଷ୍କରିଣୀ ପରିସରରେ ବୁଧବାର ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟପୂଜା ପାଳନ କରୁଛନ୍ତି।



ବୁଧବାର ଭୁବନେଶ୍ୱର ଶହୀଦନଗର ରୂପାଲୀ ଛକସ୍ଥିତ ଏକ ମଲ୍ ଉଦ୍‌ଘାଟନ ଅବସରରେ ବଲିଉଡ୍ ଅଭିନେତା ଅଫ୍‌ତାବ୍ ଶିବ୍‌ଦାଶାନୀ (ଡାହାଣ)।



ଖୋର୍ଦ୍ଧା ବିଜେଡି ସାଙ୍ଗଠନିକ ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସହ ଉପସ୍ଥିତ ନବନିଯୁକ୍ତ କର୍ମକର୍ତ୍ତାମାନେ।

**ବି. ସିଂହପୁର ଥାନାର ନୂତନ କୋଠା ଉଦ୍‌ଘାଟନ କଲେ ଡିଜିପି**

କଟକ ଅଫିସ: କୋରାପୁଟ ଜିଲା ବି. ସିଂହପୁର ଥାନାର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଡିଜିପି ଅଭୟ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦକ୍ଷୀଣ-ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମରାଓ, କୋରାପୁଟ ଏସ୍‌ପି ବରୁଣ ଗୁଂଟୁପଲ୍ଲୀଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏସ୍‌ଏଚ୍‌ଜି ମହିଳାଙ୍କୁ ଟ୍ରାକ୍ଟର, ପାୱାର ଟିଲର ବଣ୍ଟନ

**ଚୌଦ୍ୱାର,୧୦।୧୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁରଠାରେ କୃଷି ସାମଗ୍ରୀ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠି(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ଟ୍ରାକ୍ଟର,ପାୱାର ଟିଲର, ମୁଢ଼ି, ଚୂଡ଼ା ଓ ଚାଉଳ କଳ ସହିତ ବିଭିନ୍ନ କୃଷି ଯନ୍ତ୍ରପାତି ବଣ୍ଟନ କରିଥିଲେ। ଏଥି ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିକୁ ଦେଢ଼କୋଟି ଟଙ୍କାର ବ୍ୟାଙ୍କ ଋଣ ସାର୍ଟିଫିକେଟ ସହ ୬୦ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଓ ଜ୍ଞାନବନ୍ଧୁ କିଟ୍ ମଧ ବଣ୍ଟନ କରାଯାଇଥିଲା। ବିଜେଡ଼ି କଟକ ଜିଲା ସମ୍ପାଦକ ସେକ୍ ସହାଜାନ୍‌ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଜୟଶ୍ରୀ ପ୍ରଧାନ, ବିଡ଼ିଓ ଆଶୁତୋଷ ମିଶ୍ର, ପୂର୍ବତନ ବ୍ଲକ୍ ଅଧକ୍ଷା ମଧୁସ୍ମିତା ସେଠୀଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ, ୫ ପଞ୍ଚାୟତର ସରପଞ୍ଚ, ୱାର୍ଡ଼ ମେମ୍ବର ପ୍ରମୁଖ ଯୋଗଦେଇଥିଲେ।

### ଗୋପୀନାଥଦେବ ପୀଠରେ ପଞ୍ଚକ ନତବ୍ରତ ବିଧି ଆରମ୍ଭ

**ବାଙ୍କୀ,୧୦।୧୧( ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ଗାଁର ରାଜ ପ୍ରତିଷ୍ଠିତ ଶ୍ରୀଗୋପୀନାଥଦେବ ପୀଠରେ ବୁଧବାରଠାରୁ ପଞ୍ଚକ ନତବ୍ରତ ବିଧି ଅନୁଯାୟୀ ପାଳନ କରାଯାଇଛି। ବ୍ରତଧାରୀ, କିଶୋର ବାଳକମାନେ ନୀତି, ନିଷ୍ଠାର ସହ ପୂଜା ଓ ବ୍ରତଧାରଣ କରିଥିଲେ। ସକାଳେ ମନ୍ଦିର ପ୍ରାଙ୍ଗଣରେ ପୋଥି ପାଠ ହେବା ସହ ଫୁଙ୍ଗୁଳା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ହରଗୌରୀଙ୍କ ନିକଟରେ ପୂଜା ହୋଇଥିଲା। ଏହାକୁ ଧରଣୀଧର ତ୍ରିପାଠୀ, ସୁବାସ ମହାପାତ୍ର, ଉମାଶଙ୍କର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଶଙ୍କର ସାହୁ, ଗଗନ ଦାସ, ସୌମ୍ୟରଞ୍ଜନ ଦାସ, ଭିକାରି ବେହେରା, ପୁରୁଷୋତ୍ତମ ନିଃଶଙ୍କ ଓ ବ୍ରଜମୋହନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଆଗାମୀ ପଞ୍ଚକରେ ପ୍ରାଚୀନ ପରମ୍ପରା ଅନୁଯାୟୀ କାର୍ତ୍ତିକ ଏକାଦଶୀ ତିଥିଠାରୁ ପୂର୍ଣ୍ଣମୀ ୫ ଦିନ ପଞ୍ଚକ ଯାତ୍ରା ଅନୁଷ୍ଠିତ ହେବ ବୋଲି ଉଦ୍ୟୋକ୍ତାମାନେ ପ୍ରକାଶ କରିଛନ୍ତି।

### ବାଙ୍କୀ କଲେଜ ଶିକ୍ଷା ବିଭାଗର ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ବାଙ୍କୀ,୧୦।୧୧( ସ୍ୱ.ପ୍ର.):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ନାତକ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ କଲେଜରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧାପିକା କଳାବତୀ ଶତପଥୀ ସଭାପତିତ୍ୱ କରି ଭଲ ପାଠ ପଢ଼ିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଧକ୍ଷ ଡ. ଅରୁଣ କୁମାର ବେହେରା ଯୋଗଦାନ କରି ଛାତ୍ରୀଛାତ୍ର ଭଲମଣିଷ ହେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ଉପାଧକ୍ଷ ପ୍ରଧାପକ ମନୋଜ କୁମାର ମହାପାତ୍ର ଯୋଗ ଦେଇ ଛାତ୍ରୀଛାତ୍ରମାନେ ନିଜକୁ ଜଣେ ଜଣେ ଆଦର୍ଶ ନାଗରିକ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅଧାପିକା ଜ୍ୟୋତିର୍ମୟୀ ପାଢ଼ୀ, ଅଧାପିକା ଏଲିଜା ମହାପାତ୍ର, ବୀଣାପାଣି ରାଉତ ଓ ସଂଘମିତ୍ରା ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରୀଙ୍କୁ ଫୁଲତୋଡ଼ା ପ୍ରଦାନ କରାଯାଇଥିଲା। ସଭାଟିକୁ ଅମ୍ବିକା ସେଠୀ ପରିଚାଳନା କରିଥିବା ବେଳେ ସୁଦୀପ୍ତା ବେହେରା ଧନ୍ୟବାଦ ଦେଇଥିଲେ।

# କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁଙ୍କୁ ଖୋଜା

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

କମିଶନରେଟ ପୋଲିସ ଟାର୍ଗେଟରେ ରାଜଧାନୀରେ ଆତଙ୍କ ଖେଳାଇଥିବା କେବିଏନ୍ ଗ୍ୟାଙ୍ଗର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ବୁବୁ ଜେନା। ବୁବୁ ଫେରାର ଥିବାରୁ ତାଙ୍କୁ ଧରିବାକୁ ପୋଲିସ ଜୋରଦାର ପ୍ରୟାସ ଚଳାଇଛି। ଏଯାବତ୍ ୨୯ ଜଣିଆ କେବିଏନ୍ ଗ୍ୟାଙ୍ଗର ୯ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦ଜଣ ଫେରାର ଅଛନ୍ତି। ବୁଧବାର ବୁବୁ ରହୁଥିବା ଏୟାରପୋର୍ଟ ଥାନା ପୋଖରୀପୁଟସ୍ଥିତ ଭଡ଼ାଘରେ ପୋଲିସ ଚଢ଼ାଉ କରିଥିଲା। ଭାଇରାଲ୍ ଭିଡିଓରେ ଦେଖାଯାଉଥିବା ବନ୍ଧୁକ, ଖଣ୍ଡା ଆଦି ମାରଣାସ୍ତ୍ର ରଖିଥିବା ସନ୍ଦେହରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଟିମ୍ ବୁବୁଙ୍କ ଘରେ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ବୁବୁ ରହୁଥିବା ଘର ଭିତରେ ଆଲ୍‌ମାରି ଓ ଟ୍ରଙ୍କକୁ ଖୋଲି ପୋଲିସ ଖୋଜାଖୋଜି କରିଥିଲା। ହେଲେ ଯାଞ୍ଚ ସମୟରେ ସେଭଳି କିଛି ମାରଣାସ୍ତ୍ର ପୋଲିସ ହାତରେ ଲାଗି ନାହିଁ। ଅପରପକ୍ଷେ ବୁବୁଙ୍କ ମା' ଗଣମାଧ୍ୟମକୁ କହିଛନ୍ତି, ପୁଅ ଖୁସିରେ ଭିଡିଓ କରିଥିଲା। ହେଲେ ସେ କାହାକୁ ଆକ୍ରମଣ କରେ ନାହିଁ। ବୁବୁଙ୍କ ନାଁରେ ଥାନାରେ ଛୋଟମୋଟ ମାମଲା ରହିଛି। ଗଣ୍ଡଗୋଳ ମାମଲାରେ ବାପା ସବୁବେଳେ ବାରଣ କରନ୍ତି। ଏପରି କି ତାକୁ ତ୍ୟାଜ୍ୟପୁତ୍ର କରିଦେବାକୁ ମଧ କୁହନ୍ତି। ବୁବୁ କେଉଁଠି ଅଛି ଆମେ ଜାଣିନୁ। ସେ ଯେଉଁଠି ବି ଥାଉ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମା' ଗଣମାଧମ ଜରିଆରେ ନିବେଦନ କରିଛନ୍ତି।



ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନାଙ୍କ ଘରେ ପୋଲିସ ଯାଞ୍ଚ ସମୟରେ ପଡିରହିଥିବା ସାମଗ୍ରୀ।



ବୁବୁଙ୍କ ଫାଇଲ୍ ଫଟୋ।

- ଭଡ଼ାଘରେ ଯାଞ୍ଚ କଲା ପୋଲିସ ଟିମ୍
- ଆତ୍ମସମର୍ପଣ କରିବାକୁ ନିବେଦନ କଲେ ମା'

### ରିମାଣ୍ଡରେ ଆସିପାରନ୍ତି ଟେଙ୍ଗ, ସନାତନ

କେବିଏନ୍ ଗ୍ୟାଙ୍ଗର ସଦସ୍ୟ ରାଜେଶ ବେହେରା ଓରଫ ଟେଙ୍ଗ ଓ ସନାତନ ବେହେରା ଓରଫ ସନିଆ ପୋଲିସର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇ ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିଲେ। ସେମାନେ ଏବେ ଜେଲରେ ଅଛନ୍ତି। ଟେଙ୍ଗ ଗ୍ୟାଙ୍ଗ ମୁଖ୍ୟ କୁହାଯାଉଥିବା ବୁବୁଙ୍କ ଡାହାଣ ହାତ ହୋଇଥିବାରୁ ସେ କେବିଏନ୍ ଗ୍ୟାଙ୍ଗର ସମସ୍ତ ଭିତିରି କଥା ଜାଣିଥିବେ। ହୁଏତ ସେ ବୁବୁଙ୍କ ଠିକଣା ଜାଣିଥିବେ ବୋଲି ପୋଲିସ ସନ୍ଦେହ କରୁଛି। ମାରଣାସ୍ତ୍ର କେଉଁଠୁ ଆସୁଥିଲା, ଗ୍ୟାଙ୍ଗ ପଛରେ ଆଉ କାହାର ସମ୍ପୃକ୍ତି ଅଛି, ବୁବୁ ସମେତ ୨୦ ଜଣ ଗ୍ୟାଙ୍ଗ ସଦସ୍ୟ କେଉଁଠାରେ ଅଛନ୍ତି ତାହା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ତେଣୁ ଟେଙ୍ଗ ଓ ସନାତନଙ୍କୁ ରିମାଣ୍ଡରେ ଅଣାଯାଇ ଏସବୁ ତଥ୍ୟ ହାସଲ ପାଇଁ ଚେଷ୍ଟା କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ ଗଣମାଧମକୁ କହିଛନ୍ତି।

### ଭାଇରାଲ ହେଉଛି ନୂଆ ଭିଡିଓ



ଦିନକୁ ଦିନ କେବିଏନ୍ ଗ୍ୟାଙ୍ଗର ନୂଆ ନୂଆ ଭିଡିଓ ଭାଇରାଲ ହେବାରେ ଲାଗିଛି। ଗ୍ୟାଙ୍ଗର ସଦସ୍ୟମାନେ ଏକାଠି ନିଶା ସେବନ କରୁଥିବାବେଳେ ଭିଡିଓ ଶୁଟ୍ କରି ସୋସିଆଲ୍ ମିଡିଆରେ ଛାଡୁଛନ୍ତି। ସଦସ୍ୟମାନେ ବନ୍ଧୁକ ଦେଖାଇବା ସହ କାର୍‌ରେ ବୁଲାବୁଲି କରୁଥିବା ଦେଖାଯାଉଛି। ପ୍ରତି ଭିଡିଓରେ ଆତଙ୍କ ସୃଷ୍ଟି କଲାଭଳି ଚିତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରୁଛନ୍ତି। ଅପରପକ୍ଷରେ ଏଭଳି ଭିଡିଓ ଦେଖି ଭୟଭୀତ ନ ହେବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ପରମହଂସନାଥ ମନ୍ଦିର ନିକଟରେ ସ୍ଥାୟୀ ନିର୍ମାଣ ହେବନାହିଁ

**କଟକ ସଦର, ୧୦।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ଥିବା ପରମହଂସନାଥ ମନ୍ଦିରଠାରୁ ୧୦୦ ମିଟର ବ୍ୟବଧାନରେ ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ଏ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସହକାରୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ ପତ୍ରସଂଖ୍ୟା ୩୩୭୬/୧।୧୧।୨୦୨୧ରେ ସୂଚନା ଦେଇଛନ୍ତି। ଯଦି ମନ୍ଦିର ପରିସରରେ କୌଣସି ନିର୍ମାଣ କରାଯାଏ ତା'ହେଲେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକଙ୍କ ଅନୁମତି ବାଧ୍ୟତାମୂଳକ। ୧୯୯୮ ଅକ୍ଟୋବର ୫ ତାରିଖରେ ପ୍ରତ୍ନତତ୍ତ୍ୱ ବିଭାଗ ଉକ୍ତ ମନ୍ଦିରକୁ ସଂରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷଣା କରିଛି। ଏହାପରଠାରୁ ଉକ୍ତ ବିଭାଗ ମନ୍ଦିର ଓ ବେଢାର ଉନ୍ନତୀକରଣ ପାଇଁ ୧୯୯୯-୨୦୦୦ ଆର୍ଥିକ ବର୍ଷରେ ୧ଲକ୍ଷ ୮୪ ହଜାର ୬୩୯ ଟଙ୍କା, ୨୦୦୯-୨୦୧୦ ବର୍ଷରେ ୪ଲକ୍ଷ ୬୪ ହଜାର ୬୫୯ ଟଙ୍କା ଓ ୨୦୧୪-୨୦୧୫ ବର୍ଷରେ ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛି। ଏବେ ସୁଦ୍ଧା ମନ୍ଦିର ପରିସରରେ ସ୍ଥାୟୀ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ କୌଣସି ବିଭାଗ ପକ୍ଷରୁ ପ୍ରତ୍ନତତ୍ତ୍ୱ ବିଭାଗକୁ ଅନୁମତି ମଗାଯାଇନାହିଁ ବୋଲି ନନ୍ଦ କହିଛନ୍ତି।

## ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ

**କଟକ ଅଫିସ, ୧୦।୧୧**

ଜଗତପୁର ଥାନା ଅନ୍ତର୍ଗତ ସାତବାଟିଆ ଗ୍ରାମସ୍ଥିତ ସାଇ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ କଟକ ଜିଲା ଶିଳ୍ପକେନ୍ଦ୍ର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଶାନ୍ତି ୱେଲଫେୟାର ଫାଉଣ୍ଡେସନର ମିଳିତ ସହଯୋଗରେ ଏକ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ସଙ୍ଗଠନର ରାଜ୍ୟ ଅଧକ୍ଷ ସୁବ୍ରତ କୁମାର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ରର ସହକାରୀ ପରିଚାଳକ ପ୍ରତାପ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ବେହେରା, ମୁଖ୍ୟବକ୍ତା ବିଭୁରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଳ୍ପଦ୍ୟୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶଶି ଭୂଷଣ ରାଉତରାୟ ଯୋଗଦେଇ ବ୍ୟାଙ୍କର ଉପଯୋଗିତା, ସହଯୋଗ ଓ ପାଣ୍ଠି ପରିଚାଳନା ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ୩୦ ଜଣ ମହିଳାପୁରୁଷ ଉଦ୍ୟୋଗୀଙ୍କୁ ୧୨ ଦିନ ବ୍ୟାପି ପ୍ରଶିକ୍ଷଣ ଦିଆଯିବ। ଅଶୋକ ସାହୁ, ବିଶ୍ୱ ରଞ୍ଜନ ହାତୀ, ସନ୍ଦୀପ କୁମାର ରାଉତ, ରାମକୃଷ୍ଣ ସ୍ୱାଇଁ, ଅନିଲ ଜେନା, ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଙ୍ଗାହେଲା ୫୦ ଘର

**କଟକ ଅଫିସ,୧୦।୧୧**

- ୮ ଦିନ ପାଇଁ ଦିଆଯିବ ରନ୍ଧାଖାଦ୍ୟ, ଔଷଧ
- ଘର ପାଇଁ ଆର୍ଥିକ ସହାୟତା, ଜାଗା ଦିଆଗଲା

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୋବ୍ରା ଟିଣପିଟା ବସ୍ତିରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସେଠାରେ ଥିବା ୫୦ଟି ଘର ଭଙ୍ଗାଯାଇଥିବାବେଳେ ବସ୍ତିବାସିନ୍ଦାଙ୍କୁ ବାଲିସାହିସ୍ଥିତ ବସ୍ତି ଅଞ୍ଚଳରେ ଥଇଥାନ କରାଯାଇଛି। ସେମାନଙ୍କୁ ୮ ଦିନ ପାଇଁ ରନ୍ଧାଖାଦ୍ୟ ଓ ଔଷଧ ସିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ। ଏଥିସହ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା, ୧୫/୧୫ରେ ଘର ପାଇଁ ଜାଗା ଦିଆଯାଇଛି ବୋଲି ସିଏମ୍‌ସି ଅଧିକାରୀ ପଞ୍ଚାନନ ପାଲ୍ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୨ ତାରିଖରେ ରାଣୀହାଟସ୍ଥିତ ହିନ୍ଦ ସିନେମା ହଲ୍ ଓ ମାର୍କେଟ କମ୍ପ୍ଲେକ୍ସ ଏବଂ ୧୫ ତାରିଖରେ ରାଜେନ୍ଦ୍ରନଗର ଅଞ୍ଚଳରୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଏହି ବସ୍ତି ଉଚ୍ଛେଦବେଳେ ଏଠାକାର ବାସିନ୍ଦା ବିରୋଧ କରି ମାଲଗୋଦାମ ଥାନା ଘେରାଉ କରିଥିଲେ। ବହୁ ସମୟ ଧରି ବିରୋଧ ଜାରି ରହିବାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ସିଏମ୍‌ସି ଡେପୁଟି କମିଶନର ଅଭିନାଶ ରାଉତ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଥାନା ଘେରାଉ ପ୍ରତ୍ୟାହୃତ ହୋଇଥିଲା।



କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳାକୁ ଉଦ୍‌ଘାଟନ ଅବସରରେ ଉଚ୍ଚଶିକ୍ଷା, କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ୧୩ କୃଷି ପ୍ରୟୋଗଶାଳା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)/ କଟକ ଅଫିସ**

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ବୁଧବାର ୧୩ଟି କୃଷି ପ୍ରୟୋଗଶାଳା ଉଦ୍‌ଘାଟିତ ହୋଇଛି। କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ନବନିର୍ମିତ ପ୍ରୟୋଗଶାଳାଗୁଡ଼ିକୁ ଉଦ୍‌ଘାଟନ କରିବା ସହିତ କେତେକ ବିଭାଗ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟ କୃଷି ବିଭାଗର କୀର୍ତ୍ତି ବ୍ଲକ୍‌ରେ ଖୋଲିଥିବା ନୂତନ ଜ୍ଞାନକୌଶଳରେ ପରିପୁଷ୍ଟ ପ୍ରୟୋଗଶାଳାରେ ଶସ୍ୟ ବିଜ୍ଞାନ ଓ ପାଣିପାଗ ବିଜ୍ଞାନ, ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ, ଉଦ୍ଭିଦ ରୋଗ ବିଜ୍ଞାନ ଓ କୀଟାଣୁ ବିଜ୍ଞାନ, ଫସଲ କ୍ରିୟା ବିଜ୍ଞାନ, ଖାଦ୍ୟ, ପୋଷଣ ଓ ଖାଦ୍ୟପେୟ, ଆନୁବଂଶିକ ଏବଂ ଉଦ୍ଭିଦ ପ୍ରଜନନ, ଉଦ୍ୟାନ କୃଷି, କୀଟ ବିଜ୍ଞାନ, ପରିବେଶ ବିଜ୍ଞାନ ଓ ବନ ବିଭାଗ, ପ୍ରାଣୀ ବିଜ୍ଞାନ, କୃଷି ବୈଷୟିକ ଶିକ୍ଷା, କୃଷି ଅର୍ଥନୀତିସମ୍ପ୍ରସାରଣ ଶିକ୍ଷା ଓ ଯୋଗାଯୋଗ ଆଦି ରହିଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟର କୃଷି ବିଭାଗରେ କୃଷି, ଉଦ୍ୟାନ କୃଷି, କୃଷି ବ୍ୟବସାୟ, ଖାଦ୍ୟ ପୋଷଣ ଓ ଆହାର ବିଜ୍ଞାନ ବିଷୟରେ ସ୍ନାତକ ପାଠ୍ୟକ୍ରମ ଚାଲୁଛି। ଆଗକୁ ସ୍ନାତକୋତ୍ତର ଓ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ କହିଛନ୍ତି।

ସେ କହିଛନ୍ତି, ମହାମାରୀ ସମୟରେ ବୈଷୟିକ ଜ୍ଞାନକୌଶଳର ସର୍ବୋକୃଷ୍ଟ ବିନିଯୋଗ କରି ପାଠପଢ଼ାକୁ ଆଗେଇ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିଲା। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କୃଷି ବିଭାଗରେ ଆବଶ୍ୟକ ଦକ୍ଷ ଅଧାପିକାଅଧାପକଙ୍କ ସହ ସହଯୋଗୀ କର୍ମଚାରୀ ମଧ ରହିଛନ୍ତି। ଏହି ବିଭାଗ ଆଗକୁ ଗ୍ରାମାଞ୍ଚଳର ଯୁବ ଗୋଷ୍ଠୀ ବିଶେଷକରି ମହିଳାଙ୍କ ମଧ୍ୟରେ ଔଦ୍ୟୋଗିକ ଦକ୍ଷତା ବିକାଶ ନିମନ୍ତେ କାର୍ଯ୍ୟ କରିବ ବୋଲି କୁଲକର୍ଣ୍ଣୀ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଜୟ କୁମାର ସିଂ ଶିକ୍ଷାକ୍ଷେତ୍ରରେ ଅନନ୍ୟ ପ୍ରକାରର ପଦ୍ଧତି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉତ୍କର୍ଷତା ଓ ସାମଗ୍ରିକ ଅଭିବୃଦ୍ଧିକୁ ନିଶ୍ଚିତ କରିବା ଲାଗି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟନିର୍ବାହୀ ରେଜିଷ୍ଟ୍ରାର ପ୍ରଫେସର ବି. ଆର ଶର୍ମା, ବିଭାଗୀୟ ମୁଖ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ଶ୍ରୀ ଆୟୁର୍ବେଦିକ ବିଜ୍ଞାନ ଓ ଅନୁସନ୍ଧାନ ମେଡିକାଲ ପରିଦର୍ଶନରେ ଯାଇ ସେଠାରେ ଉପଲବ୍ଧ ସମସ୍ତ ସୁବିଧା ବାବଦରେ ପଚାରି ବୁଝିଥିଲେ। ଚଳିତବର୍ଷରୁ କଲେଜରେ ଆୟୁର୍ବେଦ ବିଜ୍ଞାନ ଶିକ୍ଷାରେ ସ୍ନାତକ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି।

## ସୁରଭିରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଆଠଗଡ଼/ ବାଙ୍କୀ/ତିଗିରିଆ, ୧୦।୧୧ ( ସ୍ୱ.ପ୍ର./ ଡି.ଏନ.ଏ.)**

କଟକ ଜିଲା ଆଠଗଡ, ତିଗିରିଆ, ଡମପଡ଼ାରେ ବୁଧବାର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବ୍ଲକର ଶିଶୁ ମହୋତ୍ସବ ସୁରଭି ରାସରସିକପୁର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଯାଇଛି। ଶିବ ଶଙ୍କର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଠଗଡ ବ୍ଲକ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ସାମଲ ଓ ସମ୍ମାନିତ ଅତିଥି ବିଆରସିସି ନବକିଶୋର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ବ୍ଲକର ୧୭୦ ଜଣ ଛାତ୍ରୀଛାତ୍ର ଗୀତ, ପେଣ୍ଟିଂ, ପ୍ରବନ୍ଧ, ତର୍କ ଓ ସାମୁହିକ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାଏକଙ୍କ ସଂଯୋଜନାରେ ଆୟୋଜିତ ସଭାରେ, ଶିକ୍ଷକ ପ୍ରକାଶ ମହାପାତ୍ର, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ସେହିପରି ଡମପଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୁରଭି କାର୍ଯ୍ୟକ୍ରମ ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟରେ ହୋଇଥିଲା। ଡମପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ପ୍ରଧାନଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବି.କେ.ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବାଶିଷ ହାଜେରା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ପଟ୍ଟନାୟକ ଓ ପ୍ରଫୁଲ୍ଲ ବେହେରା, ସିଆରସିସି ବଳରାମ ପାଇକରାୟ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୧୦୮ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ତିଗିରିଆ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ କୁମ୍ଭୀପୁଟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ସହ ଶିକ୍ଷାଧିକାରୀ ରସାନନ୍ଦ ଲେଙ୍କା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ପ୍ରିୟ ରଞ୍ଜନ ହୋତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର ଯୋଗ ଦେଇଥିଲେ।

## ହଷ୍ଟେଲ ଫି' ହ୍ରାସ ଦାବିରେ ଧାରଣା

**କଟକ ଅଫସ, ୧୦।୧୧**

ହଷ୍ଟେଲ ଫି' ହ୍ରାସ ଦାବିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୧୩ଟି ହଷ୍ଟେଲର ଅନ୍ତେବାସୀ ଫି' ହ୍ରାସ ପାଇଁ ଦାବି କରିଥିଲେ। କରୋନା ସମୟରେ ହଷ୍ଟଲରେ ରହି ନ ଥିବାରୁ ଦେୟ ୫୦ ପ୍ରତିଶତ ହ୍ରାସ କରାଯାଉ ବୋଲି ଛାତ୍ରୀଛାତ୍ରମାନେ ମୁଖ୍ୟ ୱାଡେନ ପ୍ରୀତିରେଖା ଦାସ ପଟ୍ଟନାୟକଙ୍କୁ ଗତ ୩ ତାରିଖରେ ଲିଖିତ ଆକାରରେ ଜଣାଇଥିଲେ। ହେଲେ ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ଖବରପାଇ ମୁଖ୍ୟ ୱାଡେନ୍ ପ୍ରୀତିରେଖା ଦାସ ପଟ୍ଟନାୟକ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ହଷ୍ଟେଲ ରି-ଆଡ୍‌ମିଶନ ଫି' ୫୦ ପ୍ରତିଶତ ହ୍ରାସ କରାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆଇନ ସଚେତନତା ଶିବିର

**କଟକ ଅଫିସ, ୧୦।୧୧**

କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜଗତପୁର ଆଞ୍ଚଳିକ ସାମାଜିକ ସେବା ସଙ୍ଗଠନ ସହଯୋଗରେ ୪୮ ନଂ. ୱାର୍ଡସ୍ଥିତ ସିଏମ୍‌ସି ୱାର୍ଡ ଅଫିସଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶାନ୍ତିନଗର ବସ୍ତିଠାରୁ ଏକ ସଚେତନତା ପଦଯାତ୍ରା ବାହାରି ୱାର୍ଡ ଅଫିସଠାରେ ପହଞ୍ଚିଥିଲା। ଏହି ଶିବିରକୁ ପୂର୍ବତନ କର୍ପୋରେଟର ନୀରୋଦ ଚନ୍ଦ୍ର ପଣ୍ଡା ସଞ୍ଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ଯୋଗଦେଇ ସାଧାରଣ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ ଆଇନ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହି ଶିବିରରେ ସାମାଜିକ କର୍ମୀ ମାନସ ପରିଡ଼ା, ତୀର୍ଥାନନ୍ଦ ପଣ୍ଡା, ବନବିହାରୀ ଦଳାଇଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।




୬ ଦଫା ଦାବି ନେଇ ମିଳିତ ବସ୍ତି ବଞ୍ଚାଓ ଅଭିଯାନ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ହଷ୍ଟେଲ ଫି' ହ୍ରାସ ଦାବିରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।




ଓଏସ୍‌ଏସ୍‌ଟିଇଟି ଓ ସିବିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଥାଳ ଧରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।